DIGITAL EDITION

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ODISHA BHASKAR ଯାହା ଆପଣଙ୍କ କଥା କହେ

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୦ Vol. 22 No-20 20 APRIL 2025 SUNDAY BHUBANESWAR ରବିବାର, ୨୦ ଏପ୍ରିଲ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

Odisha's No.1 Digital

ଓଡ଼ିଶା ଭାସ୍କର LIVE

PRESENTS

THE VOICE

CONCLAVE OF IDEAS

ON 27TH APRIL 2025

Bringing together

- Visionaries
- Policymakers
- Academicians
- Industry Leaders

and thought Leaders
for transformative dialogue across

Corporate Investment | Media | Health
Education | Real Estate | Spiritual

www.odishabhaskar.com
www.odishabhaskar.in

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ମୁଁ ଆଉ ଇନସୁ୍ୟଲିନ୍ ନେଉନାହିଁ | ୬



ଭାରତ ଆସିବେ ମସ୍କ | ୬


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୨୦ Vol. 22 No-20 20 APRIL 2025 SUNDAY BHUBANESWAR ରବିବାର, ୨୦ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୯ମ ଥର ପାଇଁ ନବୀନ ବିଜେଡି ସଭାପତି



ଭୁବନେଶ୍ୱର, ୧୯।୪ (ଭାସ୍କର ନ୍ୟୁଜ): ନବୀନ ପଟ୍ଟନାୟକ ୯ମ ଥରପାଇଁ ବିଜେଡିର ରାଜ୍ୟ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏ ନେଇ ବିଜେଡିର ନିର୍ବାଚନ ଅଧିକାରୀ ପ୍ରତାପ ଦେବ ଘୋଷଣା କରିଛନ୍ତି। ଶନିବାର ଶଙ୍ଖ ଭବନରେ ଦଳୀୟ ନେତାମାନଙ୍କର ଭିଡ଼ ପରିଲକ୍ଷିତ ହୋଇଥିଲା। ଏଥିପୂର୍ବରୁ ଶ୍ରୀ ପଟ୍ଟନାୟକ ସଭାପତି ପଦପାଇଁ ଏକମାତ୍ର ପ୍ରାର୍ଥୀଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ। ଅନ୍ୟକେହି ନାମାଙ୍କନ କରିନଥିବାରୁ ଶ୍ରୀ ପଟ୍ଟନାୟକ ନିର୍ଦ୍ୱନ୍ଦ୍ୱରେ ସଭାପତି ହେବା ନେଇ ଏକ ପ୍ରକାର ନିଶ୍ଚିତ ହୋଇଯାଇଥିଲା। ଗତ ୧୭ ତାରିଖରେ ଶ୍ରୀ ପଟ୍ଟନାୟକ ନାମାଙ୍କନପତ୍ର ଦାଖଲ କରିଥିଲେ। ୧୮ ତାରିଖରେ ଯାଞ୍ଚ ହୋଇଥିଲା ଏବଂ ୧୯ ତାରିଖ ଶନିବାର ଶ୍ରୀ ପଟ୍ଟନାୟକ ସଭାପତି ନିର୍ବାଚିତ ହୋଇଥିବା ନେଇ ବିଧିବଦ୍ଧ ଭାବେ ଘୋଷଣା କରାଯାଇଥିଲା। ନିର୍ବାଚିତ ହେବାପରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ● ପୃଷ୍ଠା ୫ ଦେଖନ୍ତୁ

## ରାଜ୍ୟସ୍ତରୀୟ ପୋଷଣ ପକ୍ଷ ସମାରୋହରେ ମୁଖ୍ୟମନ୍ତ୍ରୀ

# କୁପୋଷଣ ମୁକ୍ତ ଓଡ଼ିଶା ଲକ୍ଷ୍ୟ



- ନୂତନ ପ୍ରଶିକ୍ଷାର୍ଥୀ ନିବାସ, ତାଲିମ ଗୃହ ଉଦ୍‌ଘାଟିତ
- ୮ଟି ବିଲ୍ଡିଂ ୮ଜଣ ମହିୟସୀ ମହିଳାଙ୍କ ନାମରେ ନାମିତ
- ପୁଷ୍ଟି ନିରାପତ୍ତା ପାଇଁ ସାମୂହିକ ସଚେତନତା ଜରୁରି
- ସୁସ୍ଥ ମାନବ ସମ୍ବଳ ତିଆରି ପାଇଁ ଆହ୍ୱାନ

ଭୁବନେଶ୍ୱର, ୧୯।୪ (ଭାସ୍କର ନ୍ୟୁଜ): ସମୃଦ୍ଧ ଓଡିଶା ଗଠନ ପାଇଁ ଓଡିଶାକୁ କୁପୋଷଣ ମୁକ୍ତ କରିବା ଆମର ପ୍ରାଥମିକତା । ଏଥିପାଇଁ ଅନେକ ଫଳପ୍ରଦ ଯୋଜନା କରାଯାଇଛି। ତେବେ ଏହାର ସଫଳତା ପାଇଁ ସାମୂହିକ ସଚେତନତା ଖୁବ୍ ଜରୁରି । ଶନିବାର ସ୍ଥାନୀୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଆୟୋଜିତ ରାଜ୍ୟ ସ୍ତରୀୟ ପୋଷଣ ପକ୍ଷ-୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୋଷଣ ଅଭିଯାନକୁ ସଫଳ କରି ସୁସ୍ଥ ମାନବ ସମ୍ବଳ ତିଆରି କରିବାକୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଲକ୍ଷ୍ମୀସାଗର-ଝାରପଡା ସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଂସ୍ଥାରେ ୮୪ ଶଯ୍ୟା ବିଶିଷ୍ଟ ଏକ ନୂତନ ହଷ୍ଟେଲ ଉଦ୍‌ଘାଟନ କରିବା ସହିତ ଏକ ଲାଇବ୍ରେରୀ ହଲ ଏବଂ ଅଙ୍ଗନବାଡି ଟ୍ରେନିଙ୍ଗ୍ ସେଣ୍ଟର ମଧ୍ୟ ଶୁଭ ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ପୂଜ୍ୟପୂଜା ପରମ୍ପରାକୁ ଆଗେଇ ନେଇ ମୁଖ୍ୟମନ୍ତ୍ରୀ ଏହି ପ୍ରତିଷ୍ଠାନର ୮ଟି ବିଲ୍‌ଡିଙ୍ଗକୁ ଓଡିଶାର ମହିୟସୀ ମହିଳାଙ୍କ ନାମରେ ନାମିତ କରିବା ପାଇଁ ଘୋଷଣା କରିବା ସହିତ ପ୍ରତିଷ୍ଠାନର କନଫରେନସ୍ ହଲ୍‌କୁ ରମାଦେବୀ ସମ୍ମିଳନୀ କକ୍ଷ ନାମରେ ନାମିତ କରି ଏହାର ପରିଧିକୁ ବୃଦ୍ଧି କରିବା ପାଇଁ ମଧ୍ୟ ଘୋଷଣା କରିଛନ୍ତି। ସୂଚନାଥାଉ କି, ଏହି ପ୍ରତିଷ୍ଠାନର ଅଡିଟୋରିଅମ୍ ହଲ୍‌କୁ ସରଳା ଦେବୀ ପ୍ରେକ୍ଷାଳୟ, ଲାଇବ୍ରେରୀ ହଲ୍‌କୁ କମଳା ପୂଜାରୀ ଗ୍ରନ୍ଥାଗାର, ଅଙ୍ଗନବାଡି ଟ୍ରେନିଙ୍ଗ ସେଣ୍ଟରକୁ ଶୈଳବାଳା ଦାସ ପ୍ରଶିକ୍ଷଣ କକ୍ଷ, ନୂଆ ହଷ୍ଟେଲକୁ ମାଳତୀ ଚୌଧୁରୀ ନିବାସ, ଅଙ୍ଗନବାଡି କର୍ମୀ ହଷ୍ଟେଲକୁ ବାଙ୍ଗରା ଦେବୀ ନିବାସ ଏବଂ ଗେଷ୍ଟ ହାଉସ୍‌କୁ ଗୁରୁବାରୀ ଜାନୀ ଅତିଥି ଭବନ ନାମରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ସୁସ୍ଥ ଶିଶୁ ହିଁ ଉତ୍ତମ ଛାତ୍ର ହୋଇପାରିବ ଓ ଭବିଷ୍ୟତରେ ଏକ ଆଦର୍ଶ ନାଗରିକ ହୋଇପାରିବ। ସୁସ୍ଥ ଶିଶୁ, ସୁସ୍ଥ ଭବିଷ୍ୟତର ପ୍ରତୀକ। ପୋଷଣ ପକ୍ଷ ● ପୃଷ୍ଠା ୫ ଦେଖନ୍ତୁ


SIKSHA 'O' ANUSANDHAN

SAAT-2025

Empowering students for a brighter future

COMPUTER APPLICATIONS PROGRAMMES
- Bachelor of Computer Applications (BCA)
- Master of Computer Applications (MCA)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in




ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର




କଟକ(ଭାସ୍କର ନ୍ୟୁଜ): କଟକ ଚୌଧୁରୀ ବଜାର ସ୍ଥିତ ଗୋରୀଶଙ୍କର ପାର୍କ ଠାରେ ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ନେସନାଲ୍ ହେରାଲ୍ଡ ଦୁର୍ନୀତି ମାମଲାରେ ଅଭିଯୁକ୍ତ ଥିବା ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀଙ୍କ ବିରୋଧରେ ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ତଥା କଟକ ମହାନଗର ନିଗମର କର୍ପୋରେଟର ଗଗନ ଓଝାଙ୍କ ତତ୍ତ୍ୱାବଧାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ କୁଶପୁତଳିକା ଦାହ କରାଯାଇଥିଲା। ଉକ୍ତ ବିକ୍ଷୋଭ ପ୍ରଦର୍ଶନରେ ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ନାରାୟଣ ନାୟକ, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ରାମ ଛାପୋଲିଆ, ସଞ୍ଜୟ ଦାସ, କେଶବ କୁଣ୍ଡୁ, ଅଜିତ ସିଂ, ସୁଶାନ୍ତ ମହାରଣା, ସମୀର ସେନ୍, ରାଜୁ ଗୁଇ, ରାଜେଶ ମହାରଣା, ଜ୍ଞାନରଞ୍ଜନ ବେହେରା, ଶେଖ୍ ନସିମ୍, ଶିବା ରାଓ, ପର୍ଶୁରାମ ସିଂ, ଶ୍ୟାମପ୍ରସାଦ ବେହେରାଙ୍କ ସମେତ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।



### ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି

## ଓଆଇଏସ୍‌ଏଫ୍ ପାଇଁ ଆଉ ଏକ ବାଟାଲିଅନ ଗଠନକୁ ମଞ୍ଜୁରି

**୧୦୪୦ ନୂତନ ପଦବୀ ସୃଷ୍ଟି**

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ରାଜ୍ୟରେ 'ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ'ର ଆଉ ଏକ ବାଟାଲିଅନ ଗଠନ କରାଯିବ। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମଞ୍ଜୁର କରିଛନ୍ତି। ଏହି ନୂତନ ବାଟାଲିଅନ ପାଇଁ ସମୁଦାୟ ୧୦୪୦ ଟି ପଦବୀ ମଧ୍ୟ ସୃଷ୍ଟି କରାଯାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟରେ ଓଆଇଏସଏଫ୍ ରେ ଗୋଟିଏ ବାଟାଲିଅନ କାର୍ଯ୍ୟରତ ଅଛି। ଏହାର ସମୁଦାୟ ପଦବୀ ସଂଖ୍ୟା ୧୮୦୭। ନୂଆ ବାଟାଲିଅନ ସୃଷ୍ଟି ହେବା ପରେ ଏଥିରେ ସମୁଦାୟ ୨ଟି ବାଟାଲିଅନ କାର୍ଯ୍ୟ କରିବ। ୨ଟି ବାଟାଲିଅନର ପଦବୀ ସଂଖ୍ୟା ୨୮୪୭ ହେବ। ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରି ପଦକ୍ଷେପ ନେଉଛନ୍ତି। ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା ହେବା ସହିତ ଆଗାମୀ ଦିନରେ ଏହି କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଶିଳ୍ପ ପ୍ରତିଷ୍ଠାନ ଓ ବାଣିଜ୍ୟିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକର ସୁରକ୍ଷା ଜରୁରୀ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୂଆ ବାଟାଲିଅନ ଗଠନକୁ ମଞ୍ଜୁରୀ ଦେଇଛନ୍ତି।

## ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକାଶିଳ୍ପୀ ସୁଦର୍ଶନଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ୟୁନାଇଟେଡ କିଙ୍ଗଡମର ସମ୍ମାନଜନକ ସ୍ୟାଣ୍ଡ ମାଷ୍ଟର ଆୱାର୍ଡରେ ସମ୍ମାନିତ ହୋଇଥିବାରୁ ଶନିବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଯୋଗ୍ୟ ଯେ, ସଂଯୁକ୍ତ ରାଷ୍ଟ୍ରର ଡୋରସେଟ୍ ଅଞ୍ଚଳର ୱେମାଉଥ ଠାରେ ଆୟୋଜିତ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବରେ ଶ୍ରୀ ପଟ୍ଟନାୟକ ପ୍ରଥମ ଭାରତୀୟ ଭାବେ ଏହି ସମ୍ମାନ ପାଇଛନ୍ତି। ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ପଦକ, ସାର୍ଟିଫିକେଟ୍ ଓ ବାଲୁକା କଳାର ଫଟୋଚିତ୍ର ଦେଖାଇଥିଲେ। ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରି ତାଙ୍କୁ ଓଡ଼ିଶାର ଆସେଟ୍ ବୋଲି କହିଥିଲେ ଏବଂ ଆଗାମୀ ଦିନରେ ଓଡ଼ିଶା ଓ ଦେଶ ପାଇଁ ଆହୁରି ଗୌରବ ଆଣିବେ ବୋଲି ଆଶା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳତା ପାଇଁ ଶ୍ରୀ ପଟ୍ଟନାୟକଙ୍କୁ ପୂର୍ବରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।

## ହତ୍ୟା ମାମଲାରେ ଆସାମୀକୁ ଆଜୀବନ ଦଣ୍ଡାଦେଶ

କଟକ(ଭାସ୍କର ନ୍ୟୁଜ୍): ଟାଙ୍ଗୀ ଥାନା ଅଂଚଳରେ ହୋଇଥିବା ଏକ ହତ୍ୟା ମାମଲାରେ କଟକର ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତ ଆସାମୀ ବିପିନ ବେହେରାକୁ ଆଜୀବନ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଏଥିସହିତ କୋର୍ଟ ତାକୁ ୫ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ଦାଖଲ ନ କରିପାରିଲେ ଆସାମୀକୁ ଆଉ ଅଧିକ ୩ ମାସ ସଶ୍ରମ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ମୃତକ ଅଶୋକ ମହାନ୍ତି ନିର୍ଗୁଣ୍ଡି ଅଞ୍ଚଳରେ ଏକ ବ୍ୟବସାୟିକ ପ୍ରତିଷ୍ଠାନରେ ରହି କାର୍ଯ୍ୟ କରୁଥିବାବେଳେ ଆସାମୀ ବିପିନ ବେହେରା ସ୍ଥାନୀୟ ଏକ ହୋଟେଲ୍‌ରେ ରୋଷେୟା ଭାବେ କାର୍ଯ୍ୟ କରନ୍ତି । ତେବେ ୨୦୨୧ ମସିହା ଜୁଲାଇ ୧୫ ତାରିଖ ଦିନ ମୃତକ ଅଶୋକ ନିଶାଶକ୍ତ ଅବସ୍ଥାରେ ବିପିନକୁ ଖାଦ୍ୟ ମାଗିବା ସହ ଉଭୟଙ୍କ ମଧ୍ୟ ପାଟିତୁଣ୍ଡ ହୋଇଥିଲା । ଏହା ପରେ ପାନ ଦୋକନ ପାଖରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଅଶୋକ ନିଶାଶକ୍ତ ଅବସ୍ଥାରେ ପିପିନକୁ ଚାପୁଡା ମାରିଥିଲା। ଏଥିରେ ବିପିନ ରାଗିଯାଇ ହୋଟେଲ୍‌ରେ ଥିବା ପରିବା କଟା ଛୁରିରେ ଅଶୋକର ତଂଟିକୁ ଭୁଷି ଦେଇ ସେଠାରୁ ଫେରାର ହୋଇଯାଇଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଶୋକ ସାହାଯ୍ୟ ପାଇଁ ଚିତ୍କାର କରିବା ସହ ସେଠାରେ ପଡିଯାଇଥିଲା । ତେବେ ଘଟଣା ସ୍ଥଳରେ ହିଁ ଅଶୋକର ମୃତ୍ୟୁ ହୋଇଥିଲା। ଏ ନେଇ କଟକର ଟାଙ୍ଗୀ ଥାନାରେ ଏତଲାକାରୀ ଆର୍. ଭେଙ୍କଟ ରାଓ ଅଭିଯୋଗ କରିଥିଲେ । କୋର୍ଟ ମାମଲାର ଶୁଣାଣିବେଳେ ୨୫ଟି ପ୍ରାମାଣିକ ନଥିପତ୍ର ଓ ୧୩ ଜଣଙ୍କ ସାକ୍ଷ୍ୟ ଆଧାରରେ ଆସାମୀକୁ ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସ୍ପେନର ରାଷ୍ଟ୍ରଦୂତ ଜୁଆନ୍ ଆଣ୍ଟୋନିଓ ମାର୍ଚ୍ଚ ପୁଜୋଲ

## ବାଣିଜ୍ୟ, ଶିଳ୍ପ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ କରିବା ଉପରେ ଗୁରୁତ୍ୱ



ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଲୋକସେବା ଭବନ ଠାରେ ଭାରତରେ ଅବସ୍ଥାପିତ ସ୍ପେନର ରାଷ୍ଟ୍ରଦୂତ ଜୁଆନ୍ ଆଣ୍ଟୋନିଓ ମାର୍ଚ୍ଚ ପୁଜୋଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ବୈଠକରେ ସ୍ପେନ ଏବଂ ଓଡିଶା ମଧ୍ୟରେ ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କକୁ ଆହୁରି ସୁଦୃଢ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ସ୍ପେନର ରାଷ୍ଟ୍ରଦୂତ କହିଥିଲେ ଯେ, ରିନିୱେବଲ୍ ଏନର୍ଜି, ମେଟାଲର୍ଜି, ବୟନଶିଳ୍ପ ଏବଂ ଅଟୋମୋବାଇଲ ଭଳି ପ୍ରମୁଖ କ୍ଷେତ୍ରରେ ଓଡିଶା ଓ ସ୍ପେନ ମଧ୍ୟରେ ଅଧିକ ସହଯୋଗ ହୋଇପାରିବ । ଆଲୋଚନାରୁ ଜଣା ଯାଇଛି ଯେ, ସ୍ପେନ ସହିତ ଅଧିକ ସହଭାଗୀତା ପାଇଁ ଦୁଇ ଦେଶ ମଧ୍ୟରେ ଶିଳ୍ପ, ପ୍ରଯୁକ୍ତିବିଦ୍ୟା ଏବଂ ସାଂସ୍କୃତିକ ସହଯୋଗର ଏକ ନୂତନ ଅଧ୍ୟାୟ ଆରମ୍ଭ କରାଯିବ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟପାଳଙ୍କ ସହ ପୁରୀ ଜିଲ୍ଲା ପ୍ରଶାସନର ସମୀକ୍ଷା ବୈଠକ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ରାଜ୍ୟପାଳ ଡକ୍ଟର ହରିବାବୁ କୁମ୍ଭମପାଟିଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲା ପ୍ରଶାସନ ସହ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୁରୀ ସାଂସଦ ସମ୍ବିତ ପାତ୍ର, ସ୍ଥାନୀୟ ବିଧାୟକ ଏବଂ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଜଳସମ୍ପଦ, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ମତ୍ସ୍ୟପାଳନ, ଆଇନ ଏବଂ ଶୃଙ୍ଖଳା, ଉଦ୍ୟାନ କୃଷି, କୃଷି ଏବଂ ବିଭିନ୍ନ ପ୍ରମୁଖ ସରକାରୀ ଯୋଜନା ଉପରେ ଆଲୋଚନା ହୋଇଥିଲା।

## ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ପରଲୋକ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ପରଲୋକ ହୋଇଯାଇଛି। ଶନିବାର ଭୋର ସମୟରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ୭୦ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ସେ ବିଭିନ୍ନ ଆଞ୍ଚଳିକ ଓ ଜାତୀୟ ଗଣମାଧ୍ୟମର ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ଦୀର୍ଘ ୪ ଦଶନ୍ଧି ଧରି ସ୍ୱଚ୍ଛ ଓ ନିରପେକ୍ଷ ସାମ୍ବାଦିକତା କରିଥିଲେ ରତିକାନ୍ତ ମହାନ୍ତି। ତାଙ୍କ ବିୟୋଗରେ ସାମ୍ବାଦିକ ମହଲରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ରତିକାନ୍ତଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି। ଭାଇ ଶୁଭକାନ୍ତ ମହାନ୍ତି ମୁଖାଗ୍ନି ଦେଇଛନ୍ତି। ସ୍ୱର୍ଗତ ମହାନ୍ତିଙ୍କ ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା, ବରିଷ୍ଠ ସାମ୍ବାଦିକମାନେ ଖାରବେଳ ନଗରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେହିପରି ସ୍ୱର୍ଗଦ୍ୱାରରେ ମଧ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଏପ୍ରିଲ ୨୪ରେ ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଆସନ୍ତା ୨୪ ତାରିଖରେ ଯୋଗ୍ୟ ହିତାଧିକାରୀଙ୍କୁ 'ସୁଭଦ୍ରା' ଯୋଜନାର ଷଷ୍ଠ ପର୍ଯ୍ୟାୟ ଟଙ୍କା ଦିଆଯିବ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ମାର୍ଚ୍ଚ ୩୧ ସୁଦ୍ଧା ଆବେଦନ କରିଥିବା ଯୋଗ୍ୟ ନୂତନ ହିତାଧିକାରୀଙ୍କୁ ଏପ୍ରିଲ ୨୪ରେ ସୁଭଦ୍ରା ଟଙ୍କା ମିଳିବ । ପୁରୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଏହି ଟଙ୍କା ପ୍ରଦାନ କରାଯିବ। ପଂଚାୟତିରାଜ ଦିବସରେ ୧ ଲକ୍ଷ ୭୦ ହଜାର ହିତାଧିକାରୀଙ୍କ ଆକାଉଣ୍ଟକୁ ଦୁଇଟି କିସ୍ତିରେ ଟଙ୍କା ଆସିବ। ସେମାନେ ଏକ ସମୟରେ ୧୦ ହଜାର ଟଙ୍କା ପାଇବେ।

## ପୋଷଣ ଅଭିଯାନରେ ଓଡ଼ିଶାର ପ୍ରମୁଖ ସଫଳତା

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ପୋଷଣ ଅଭିଯାନରେ ଓଡ଼ିଶାକୁ ସଫଳତା ମିଳିଛି। ହିତାଧିକାରୀଙ୍କ ଆଧାର ଯାଂଚ ୯୯.୯୮% ପ୍ରତିଶତ ହୋଇଥିବା ବେଳେ ସର୍ବଭାରତୀୟ ସ୍ତରରେ ଲଗାତାର ଭାବରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଆସୁଛି । ୦-୬ ବର୍ଷର ଶିଶୁଙ୍କ ଅଭିବୃଦ୍ଧି ନିରୀକ୍ଷଣ ରେ ୯୯.୮୯% କରାଯାଇଛି। ଚଳିତ ପୋଷଣ ପକ୍ଷରେ ୩୦.୯୮ ଲକ୍ଷରୁ ଉର୍ଦ୍ଧ୍ୱ ସଚେତନତା କାର୍ଯ୍ୟକ୍ରମ ଆଜି ପର୍ଯ୍ୟନ୍ତ କରାଯାଇଛି। ଜନଆନ୍ଦୋଳନ ଓ ଗୋଷ୍ଠୀ ଭିତିକ କାର୍ଯ୍ୟକ୍ରମରେ ଏକ କୋଟି ୧୬ ଲକ୍ଷରୁ ଉର୍ଦ୍ଧ୍ୱ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସମଗ୍ର ରାଜ୍ୟରେ ୮୪୦୦ ରୁ ଉର୍ଦ୍ଧ୍ୱ ଅଙ୍ଗନୱାଡ଼ି କେନ୍ଦ୍ର ଜ୍ଞାନକେନ୍ଦ୍ର ଭାବରେ କାର୍ଯ୍ୟ କରୁଛି। ସେଇପରି ସୁପୋଷିତ ଗ୍ରାମ ପଞ୍ଚାୟତ ଅଭିଯାନରେ ୬୭୪ ଗୋଟି ଗ୍ରାମ ପଞ୍ଚାୟତ ଯାଞ୍ଚ ପାଇଁ ବିବେଚିତ ହୋଇ ସର୍ବଭାରତୀୟ ସ୍ତରରେ ପ୍ରମୁଖ ରାଜ୍ୟ ଭିତରେ ଓଡ଼ିଶା ପ୍ରଥମରେ ଅଛି ।

## ଫାୟାର ଷ୍ଟେସନ ପରିସରରେ ସହିଦ ପରେଡ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ଅଗ୍ନିଶମ ସପ୍ତାହ ପାଳନ ଅବସରରେ ଭୁବନେଶ୍ୱର ସ୍ଥିତ ଫାୟାର ଷ୍ଟେସନ ପରିସରରେ ସହିଦ ପରେଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଯୋଗଦେଇ ଅଭିବାଦନ ଗ୍ରହଣ କରିଛନ୍ତି। ପରେ ପରେ ଅଗ୍ନିଶମ ବାହିନୀର ୭ଟି ଟ୍ରୁପ ପରେଡ ପରିବେଷଣ କରିଥିଲେ। ଏହି ଅବସରରେ ସହିଦ ହୋଇଥିବା ଯବାନଙ୍କୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଅଗ୍ନିଶମ କର୍ମଚାରୀ ବିଭିନ୍ନ ପ୍ରକାର ରଣକୌଶଳ ପ୍ରଦର୍ଶନ କରିଥିଲେ।

## ଶ୍ରୀଦୁର୍ଗା ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର

କଟକ(ଭାସ୍କର ନ୍ୟୁଜ୍): ଓଡିଆ ସାହିତ୍ୟ ଓ କବିତାର ଅବୟବ ବୃଦ୍ଧି ଦିଗରେ ସାହିତ୍ୟ ଆସର ଓ ଆଲୋଚନା ସଭାର ଭୂମିକା ଅତୁଳନୀୟ। ତେଣୁ ସାହିତ୍ୟ ଓ ସଂପର୍କ ତିଆରି କରିବାରେ ଏଭଳି ଆସରମାନେ ସତତ ଚେଷ୍ଟିତ ବୋଲି ଶ୍ରୀଦୁର୍ଗା ସାହିତ୍ୟ ସଂସଦ ସଭାପତି ପଣ୍ଡିତ ଡଃ ଚୈତନ୍ୟ କୁମାର ସାହୁଙ୍କ ସଭାପତିତ୍ୱରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିରେ ଉଦଘାଟକ ଓ ମୁଖ୍ୟଅତିଥି ଭାବେ ପୃଷ୍ଠଭୂମିର ସଂପାଦକ କୈଳାଶ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ପଣ୍ଡିତ ଡଃ ଅଭୟ କୁମାର ଦାସ, ସମ୍ମାନିତ ଅତିଥି ଚୈତନ୍ୟ ରାଉତ ଓ ଉତ୍କଳ ସାହିତ୍ୟ ସମାଜର ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଓ ବରେଣ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର କାର୍ଯ୍ୟନିର୍ବାହୀକା ସଦସ୍ୟ ଦିଲିପ କୁମାର ଦାସ ପ୍ରମୁଖ ଯୋଗଦେଇ ଓଡିଆ କବିତାର ବିଭିନ୍ନ ଦିଗକୁ ଆଲୋଚନା କରିଥିଲେ। ଏହି ଅବସରରେ କବି ଗୀତାଞ୍ଜଳି ପୃଷ୍ଟି ଓ ଡଃ ବସନ୍ତ କୁମାରୀ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବାବାଜୀ ଜେନା, ପ୍ରମୋଦ କୁମାର ସାହୁ, କମଳାକାନ୍ତ ନାୟକ, ବିଧୁଭୂଷଣ ମହାନ୍ତି, ଆଦିତ୍ୟ ରଞ୍ଜନ ଦାଶ, ସଚ୍ଚିଦାନନ୍ଦ କର, ଅନ୍ନପୂର୍ଣ୍ଣା ସାହୁ, ଜୟନ୍ତୀ ପତି, ଅନ୍ନପୂର୍ଣ୍ଣା ସାହୁ, ଗଗନ ବିହାରୀ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ ।

## 'ସନ୍ତୁଳିତ ରାଷ୍ଟ୍ରଗଠନ ପାଇଁ ୱାକଫ ବିଲରେ ସଂଶୋଧନ ଆବଶ୍ୟକତା ଥିଲା'

ଭୁବନେଶ୍ୱର,(ଭାସ୍କର ନ୍ୟୁଜ): ଗରୀବଙ୍କ ହକ୍ କେବଳ ଗରୀବଙ୍କୁ ହିଁ ମିଳିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ'କୁ ପାଥେୟ କରି ଗରିବକଲ୍ୟାଣ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଦେଶର ସମସ୍ତ ଗରୀବବର୍ଗର ଉତ୍ଥାନ ପାଇଁ ପ୍ରଧାନମନ୍ତ୍ରୀ ମୋଦଜୀ ସଂକଳ୍ପ ନେଇଛନ୍ତି । ୨୦୨୫ ମସିହା ଏପ୍ରିଲ ୨ ଏକ ବଡ ଐତିହାସିକ ଦିନ ଅଟେ। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ସଂସଦରେ ସଂଶୋଧିତ ୱାକଫ ବିଲ୍ ପାରିତ ହୋଇଛି ବୋଲି ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ଦୁଷ୍ୟନ୍ତ ଗୌତମ କହିଛନ୍ତି। ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ 'ୱାକଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳା'ରେ ଯୋଗଦେଇ ଶ୍ରୀ ଗୌତମ କହିଛନ୍ତି ଯେ, 'ୱାକଫ'ର ଅର୍ଥ ହେଉଛି 'ଦାନ' । ମାତ୍ର ଦାନ ସୂତ୍ରରେ ମିଳୁଥିବା ସଂପତିକୁ କୌଣସି ଦାତବ୍ୟ କାର୍ଯ୍ୟରେ ବ୍ୟବହାର କରା ନଯାଇ ବ୍ୟକ୍ତିଗତ ସ୍ୱାର୍ଥ ଚରିତାର୍ଥ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା । ମୁସଲମାନ ସମ୍ପ୍ରଦାୟର ଲୋକମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଆର୍ଥିକ ସ୍ଥିତିରେ କୌଣସି ସୁଧାର ଆସୁନଥିଲା । ବିଶେଷ ଭାବେ ମୁସଲମାନ ସମ୍ପ୍ରଦାୟର ଗରୀବ ମା' ଓ ଭଉଣୀମାନଙ୍କୁ ବଞ୍ଚିତ ରଖାଯାଉଥିଲା । ଦେଶର ତୃତୀୟ ସର୍ବାଧିକ ଜମିର ମାଲିକାନା ଥିବା 'ୱାକଫ ବୋର୍ଡ'ର ସଂପତିକୁ ମାତ୍ର କେଇଜଣ ଉପଭୋଗ କରୁଥିବାବେଳେ ଗରୀବ ଏବଂ ମୁସଲମାନ ସମ୍ପ୍ରଦାୟର ମା' ଓ ଭଉଣୀମାନେ କେବଳ କଷ୍ଟ ଭୋଗୁଥିଲେ। କେବଳ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିବିଶେଷ 'ୱାକଫ' ସଂପତିକୁ ହଡପ କରିନେଉଥିଲେ । ଅନେକ ସ୍ଥାନରେ ୱାକଫ୍ ଜାଗାରେ ବଡ଼ ବଡ ହୋଟେଲ ଓ ମଲ୍ ଆଦି ତିଆରି ହୋଇଥିବା ନେଇ ଅନେକ ପ୍ରମାଣ ରହିଛି । 'ୱାକଫ' ସଂପତିର ଦୁରୁପଯୋଗକୁ ରୋକାଯାଇ ସନ୍ତୁଳିତ ରାଷ୍ଟ୍ରଗଠନ ପାଇଁ ୱାକଫ ବିଲ ସଂଶୋଧନ ନିହାତି ଆବଶ୍ୟକତା ଥିଲା ବୋଲି ଶ୍ରୀ ଗୌତମ କହିଛନ୍ତି। ଏହି କର୍ମଶାଳାରେ ରାଜ୍ୟ ସଭାପତି ମନମୋହନ ସାମଲ, ୱାକଫ ବୋର୍ଡ ସଂଶୋଧନ ବିଲ୍ ରାଜ୍ୟ ସଂଯୋଜକ ଅଶୋକ ମିଶ୍ର, ସହ ସଂଯୋଜକ ଶିବାଜୀ ମହାନ୍ତି, ଲଲାଟେନ୍ଦୁ ବଡ୍ତୁ, ସଂଖ୍ୟା ଲଘୁମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲି ପ୍ରମୁଖଙ୍କ ସମେତ ବିଭିନ୍ନ ଜିଲ୍ଲାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## 'ରାଜା କୃଷ୍ଣସିଂହଙ୍କ ପ୍ରଣୀତ ମହଭାରତ' ଲୋକାର୍ପିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱରଠାରେ ଜ୍ଞାନଯୁଗ ପବ୍ଲିକେଶନ୍ ଭୁବନେଶ୍ୱର ଦ୍ୱାରା ପ୍ରକାଶିତ 'ରାଜା କୃଷ୍ଣସିଂହଙ୍କ ପ୍ରଣୀତ ମହାଭାରତ' ପୁସ୍ତକ ଲୋକାର୍ପିତ ହୋଇଛି । 'ଚିନ୍ତା ଓ ଚେତନା' ତରଫରୁ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଓଡ଼ିଆ ନବବର୍ଷର ଶୁଭ ଉତ୍ସବ ସମାରୋହର ଉଦଯାପନୀ ଦିବସରେ ଗତକାଲି ଏହି ପୁସ୍ତକ ଉନ୍ମୋଚନ ହୋଇଥିଲା । ପ୍ରଥମେ ଓଡ଼ିଆ ଜାତିର ଆରାଧ୍ୟ ଦେବତା କୋଟି ଓଡ଼ିଆର ପ୍ରାଣ ଶ୍ରୀଜଗନ୍ନାଥଙ୍କ ପହଣ୍ଡିବିଜେ କରାଯାଇଥିଲା । ବାଦ୍ୟ ନୃତ୍ୟ ସଂଗୀତ ସହ ଘଣ୍ଟମର୍ଦ୍ଦଳ ବଜାଇ ଶ୍ରୀଜଗନ୍ନାଥଙ୍କୁ ମଞ୍ଚ ଉପରେ ସ୍ଥାପିତ କରାଯାଇଥିଲା । ତା'ପରେ ମହାଭାରତ ଲୋକାର୍ପଣ ଉତ୍ସବ ଆରମ୍ଭ ହୋଇଥିଲା । ଏହି ସମାରୋହରେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଡ଼ଃ ପ୍ରଫୁଲ୍ଲ କୁମାର ମହାନ୍ତି, ସଂଗୀତଜ୍ଞ ଲକ୍ଷ୍ମୀକାନ୍ତ ପାଳିତ ଏବଂ ସିଆରପିଏଫ ଡ଼ି.ଜି. ଭାରତ ଭୁଷଣ, ପ୍ରଦ୍ୟୁମ୍ନ ଶତପଥି, ଭାରତ ସରକାରଙ୍କ ସୂଚନା ପ୍ରସାରଣ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ପ୍ରଦୀପ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ସୁରେନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ। ମହାଭାରତ ଉପରେ ଆଲୋଚନା କରି ଡ଼ଃ ପ୍ରଫୁଲ୍ଲ କୁମାର ମହାନ୍ତି କହିଥିଲେ ଯେ ମହାଭାରତ କେବଳ ଏକ ମହାକାବ୍ୟ ନୁହେଁ, ଏହା ବୈଦିକ ଭାରତୀୟ ସଭ୍ୟତାର ସଂସ୍କୃତି, ଦର୍ଶନ, ଜୀବନଧାରା ଓ ଜୀବନାଭିମୁଖ୍ୟର ଏକ ଅମର ଗ୍ରନ୍ଥ । ମହାଭାରତ ସର୍ବଭାରତୀୟ ସଭ୍ୟତାର ବିବିଧତା ଗ୍ରହଣ କରି ମଧ୍ୟ ଏକ ଓ ଅନନ୍ୟ । ଓଡ଼ିଶାରେ ବ୍ୟାସଦେବଙ୍କ ମହାଭାରତର ପ୍ରଭାବରେ ପ୍ରଥମେ ସାରଳା ଦାସ ୧୫ ଶହ ଶତାବ୍ଦୀରେ ତାଙ୍କର ବିରାଟ କାବ୍ୟ ମହାଭାରତ ରଚନା କରିଥିଲେ । ପରେ ରୀତି ଯୁଗର କବିମାନେ ଓ ଅନ୍ୟମାନେ ମହାଭାରତ ଓ ରାମାୟଣର ଉପାଖ୍ୟାନ ମାନଙ୍କର କବିତା କାବ୍ୟ, ଗଳ୍ପ-ଉପନ୍ୟାସ ଲେଖିଛନ୍ତି । ଓଡ଼ିଆ ସାହିତ୍ୟ ବିଶେଷ ଭାବେ ରାମାୟଣ ଓ ମହାଭାରତ ଦ୍ୱାରା ପ୍ରଭାବିତ । ଶ୍ରୀ ମହାନ୍ତି କହିଥିଲେ ଯେ କୃଷ୍ଣସିଂହ ଧରାକୋଟର ରାଜା ଥିଲେ। ତାଙ୍କର ମହାଭାରତ ସାରଳା ମହାଭାରତ ଠାରୁ ଅଲଗା । ସାରଳାଙ୍କ କୃତି ଏକ ମୌଳିକ । କିନ୍ତୁ କୃଷ୍ଣସିଂହଙ୍କ କାବ୍ୟ ଏକ ଅନୁସୃଜନ । ବ୍ୟାସଙ୍କ ପ୍ରତ୍ୟେକ ପଂକ୍ତିକୁ ପଦ୍ୟରେ ଛନ୍ଦାୟିତ କରାଯାଇଛି । ରୀତି ଯୁଗର କାବ୍ୟଛନ୍ଦ ସହ ବର୍ଣ୍ଣନା ଓ ଚରିତ୍ର ଚିତ୍ରଣରେ କିଛି ଆଞ୍ଚଳିକ ଛାୟା ନିଶ୍ଚୟ ରହିଛି । କିନ୍ତୁ ଏହା ଓଡ଼ିଆ ଶବ୍ଦ ଭଣ୍ଡାରକୁ ଏହା ସମୃଦ୍ଧ କରେ । ଆଜିର ପିଢ଼ି ଏହି ମହାଭାରତ ପଢ଼ି ଭାରତୀୟ ସନାତନୀୟ ପରମ୍ପରାର ଆନନ୍ଦ ନେବା ଉଚିତ୍ । ସାରଳା ଓ କୃଷ୍ଣସିଂହ ମହାଭାରତର ତୁଳନାତ୍ମକ ବିଚାର ଗବେଷଣା ଲାଗି ପ୍ରଚୁର ତଥ୍ୟ ଯୋଗାଇ ଦେବ । ଏହି ଛନ୍ଦ ଚିତ୍ରକଳା - ରପକ ଓ ନୂତନ ମାର୍ଗ ସମ୍ପର୍କିତ ଗ୍ରନ୍ଥ ବର୍ତ୍ତମାନର ପିଢ଼ିମାନେ ନିଶ୍ଚୟ ଉପଭୋଗ କରିବେ ବୋଲି ଶ୍ରୀ ମହାନ୍ତି କହିଥିଲେ । ଶେଷରେ ସୁରେନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ସଭା ସାଙ୍ଗ କରି ପରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ ।

## ବରିଷ୍ଠ ସାମ୍ବାଦିକ ଏସ୍.ଏ.କଲିମ୍‌ଙ୍କ ପରଲୋକ

ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ବରିଷ୍ଠ ସାମ୍ବାଦିକ ଏସ୍.ଏ.କଲିମଙ୍କର ଶୁକ୍ରବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଛି । ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ନିକଟ କଡ଼ବ ଗାଁରେ ଜନ୍ମିତ ସେକ୍ କଲିମ୍ ୯୦ଦଶକରୁ ସାମ୍ବାଦିକ ଭାବେ କାର୍ଯ୍ୟ କରିଆସୁଥିଲେ । ଉତ୍କଳିକା, ଦୀନଲିପି, ଦର୍ଶନ ଏବଂ ଏସ୍.ଟିଭିରେ କାର୍ଯ୍ୟ କରିବା ପରେ ସେ ସମ୍ପ୍ରତି ସମ୍ବାଦ କଳିକାର ବାର୍ତ୍ତା ସମ୍ପାଦକ ଦାୟିତ୍ୱ ତୁଲାଉଥିଲେ । ତାଙ୍କ ମରଶରୀରକୁ ଜନ୍ମମାଟିକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ତାଙ୍କ ବିୟୋଗରେ ଭୁବନେଶ୍ୱରର ସାମ୍ବାଦିକ ମହଲ ତଥା ବିଭିନ୍ନ ବ୍ୟକ୍ତିବିଶେଷ ଗଭୀର ଶୋକପ୍ରକାଶ କରିଛନ୍ତି ।

## ପଞ୍ଜାବରେ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଶଂସା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପଞ୍ଜାବ ଲଳିତ କଳା ଏକାଡେମୀ ଦ୍ୱାରା ଆୟୋଜିତ ଜାତୀୟ କଳା ପ୍ରଦର୍ଶନୀରେ ୪ଜଣ ଓଡ଼ିଆ ଶିଳ୍ପୀଙ୍କ କଳାକୃତି ଉଚ୍ଚ ପ୍ରଶଂସିତ ହେବା ସହ ଏକାଡେମୀ ଦ୍ୱାରା ଶିଳ୍ପୀ ମାନେ ପୁରସ୍କୃତ ହୋଇଛନ୍ତି। ସେମାନେ ହେଲେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ପଞ୍ଚାନନ ସାମଲ, ଜାତୀୟ ପୁରସ୍କାର ପ୍ରାପ୍ତ ଭାସ୍କର୍ଯ୍ୟ ଶିଳ୍ପୀ ଚନ୍ଦନ କୁମାର ସାମଲ, ଜାତୀୟ ପୁରସ୍କାର ପ୍ରାପ୍ତ ଭାସ୍କର୍ଯ୍ୟ ଶିଳ୍ପୀ ନରୋତ୍ତମ ଦାସ ଓ ରାଜ୍ୟ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ସୋଫିଆ ଜସ୍ମିନ। ଏହି ପ୍ରଦର୍ଶନୀରେ ଭାରତର ବିଭିନ୍ନ ରାଜ୍ୟରୁ ମୋଟ ୧୫ ଜଣ ଶିଳ୍ପୀଙ୍କ ୬୫ ଟି ଚିତ୍ର ଓ ୧୨ଟି ଭାସ୍କର୍ଯ୍ୟ କଳା ପ୍ରଦର୍ଶିତ ହୋଇଛି। ପଞ୍ଚାନନ ସାମଲଙ୍କ ୪ଟି ଏବଷ୍ଟ୍ରାକ ପେଣ୍ଟିଂ ଏହି ପ୍ରଦର୍ଶନୀରେ ସ୍ଥାନିତ ହୋଇଛି। ଚିତ୍ର ଗୁଡିକରେ ସାଂପ୍ରତିକ ସମୟରେ ଆଧୁନିକତାର ନାଁରେ କିପରି ଆମେ ପ୍ରକୃତିକୁ ନଷ୍ଟ କରି ଚାଲୁଛୁ ଏବଂ ତାର ଭୟାବହତା ପ୍ରଦର୍ଶିତ ହୋଇଛି। ଚନ୍ଦନ ସାମଲଙ୍କ ଦ୍ୱାରା ମୁଗୁନି ପଥର ତଥା ମାର୍ବଲରେ ନିର୍ମିତ ସମସାମୟିକ ଭାସ୍କର୍ଯ୍ୟ କଳା ଦର୍ଶକଙ୍କୁ ବିମୋହିତ କରୁଥିଲା। ଭାସ୍କର୍ଯ୍ୟ ଗୁଡିକରେ ଆଧୁନିକ ସମୟରେ ମଣିଷ କିପରି ଧୈର୍ଯ୍ୟ ହରା ହୋଇଯାଉଛି ଏବଂ ଖୁବ୍ କମ୍ ସମୟରେ କିପରି ସବୁକିଛି ହାସଲ କରିବାକୁ ବ୍ୟଗ୍ର ତାହାକୁ ନିଛକ ଭାବେ ପ୍ରଦର୍ଶିତ କରିଛନ୍ତି । ଶିଳ୍ପୀ ନରୋତ୍ତମ ଦାସଙ୍କ 'ମିଲକ କାର୍ଟ' ଓ 'ରାସ କେଳି' ଶୀର୍ଷକ ଦୁଇଟି ସେରାମିକ୍ସ ଭାସ୍କର୍ଯ୍ୟ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଥିଲା। ନରୋତ୍ତମଙ୍କ ଭାସ୍କର୍ଯ୍ୟରେ ଓଡ଼ିଶାର ପରମ୍ପରା ଓ ଆଧୁନିକତାର ମିଶ୍ରଣ ଏକ ନୂତନ ସୌନ୍ଦର୍ଯ୍ୟ ବୋଧର ପ୍ରଦର୍ଶନ ଥିଲା । ସେହିପରି ଶୋଫିଆ ଜସ୍ମିନ୍‌ଙ୍କ ରୂପାନ୍ତରଣ ବିଷୟ ବସ୍ତୁ ଆଧାରିତ ୫ଟି ସମସାମୟିକ ଚିତ୍ରକଳା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରୁଥିଲା। ଶୋଫିଆଙ୍କ ଚିତ୍ରଗୁଡିକରେ ଆମ ନିତ୍ୟ ବ୍ୟବହୃତ ଜିନିଷ ଗୁଡ଼ିକର ଅତି ବାସ୍ତବବାଦୀ ଚିତ୍ରଣ ଖୁବ୍ ପ୍ରଶଂସନୀୟ ହୋଇଥିଲା। ଏହି ପ୍ରଦର୍ଶନୀ ଏପ୍ରିଲ ୨୨ ତାରିଖ ପର୍ଯ୍ୟନ୍ତ ଚଣ୍ଡିଗଡ ସ୍ଥିତ ଶୋଭା ସିଂ ଆର୍ଟ ଗ୍ୟାଲେରୀରେ ଦର୍ଶକଙ୍କ ପାଇଁ ଖୋଲା ରହିବ।

## ସିଏମ୍‌ସି ୮ ନମ୍ବର ୱାର୍ଡ ଅଞ୍ଚଳ ପରିଦର୍ଶନ କଲେ ବିଧାୟିକା ସୋଫିଆ



କଟକ(ଭାସ୍କର ନ୍ୟୁଜ୍): ଶନିବାର ପୂର୍ବାହ୍ନରେ ବରିଷ୍ଠ କଂଗ୍ରେସ ନେତା ଇଂ ମହମ୍ମଦ ମୋକିମଙ୍କ ନେତୃତ୍ୱରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ପୂର୍ବତନ ମେୟର ପ୍ରାର୍ଥିନୀ ଗିରିବାଳା ବେହେରା, କର୍ପୋରେଟର ପ୍ରାର୍ଥୀ ଅଜିତ କୁମାର ବେହେରା ଓ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ କଟକ ମହାନଗର ନିଗମ ୮ ନମ୍ବର ୱାର୍ଡ ଅନ୍ତର୍ଗତ ଚହଟା ଲେନ-୧, ୨, ୩, ୪, ମଠସାହି, ବାଉରୀସାହି, ବୁଢୀଚଣ୍ଡୀ ଲେନ ତୁଳସୀପୁର ଆଦି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ । ସ୍ଥାନୀୟ ମୁରବୀ, ବରିଷ୍ଠ ନାଗରିକ, ଯୁବକ ଓ ମହିଳାମାନେ ୱାର୍ଡର ବିଭିନ୍ନ ସମସ୍ୟା ସଂପର୍କରେ ବିଧାୟିକା ଓ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ ଏବଂ ଏହି ସବୁ କାର୍ଯ୍ୟଗୁଡ଼ିକ ପ୍ରତି ଧ୍ୟାନ ଦିଆଯାଇ ତୁରନ୍ତ ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ କହିଥିଲେ । ଏହି ଅବସରରେ ବିଧାୟିକା ଉନ୍ନୟନ ପାଣ୍ଠିରୁ ୱାର୍ଡ ଅଞ୍ଚଳରେ ଥିବା ବିଭିନ୍ନ ମନ୍ଦିର, କ୍ଲବ, ଅଙ୍ଗନବାଡି ଘର ଗୁଡ଼ିକର ପୁନଃରୁଦ୍ଧାର କାର୍ଯ୍ୟ ଗୁଡିକ ପାଇଁ ବିଧାୟିକାଙ୍କୁ ସାହି ମୁରବିମାନେ ଅନୁରୋଧ କରିଥିଲେ ଏବଂ ଏହି କାର୍ଯ୍ୟ ଗୁଡିକୁ ତୁରନ୍ତ ମଞ୍ଜୁରୀ କରାଯିବ ବୋଲି ବିଧାୟିକା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ତୃପ୍ତି ଦାସ, ରଞ୍ଜିତ କୁମାର ନାୟକ, ନେତ୍ରମଣି ସାହୁ, ଏସ କେ ରଥ, ରମେଶ ଚନ୍ଦ୍ର ମଲ୍ଲିକ, ଅଜୟ ନାୟକ, କୁମାର ସାହୁ, ସଂଗ୍ରାମ କୁମାର ମହାନ୍ତି, ବିମଲ କୁମାର ମହାନ୍ତି, ବୁଲ ବେହେରା, ଲୀନା ଦାସ, ଦମୟନ୍ତୀ ବେହେରା, ଜିତେନ୍ଦ୍ର ସାହୁ, ଗଣେଶ ଦାସ, ପ୍ରସନ୍ନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଜେଇଇ ମେନ୍‌ରେ କିସ୍‌ର ୧୨ ଛାତ୍ରଛାତ୍ରୀ କୃତକାର୍ଯ୍ୟ

କଟକ(ଭାସ୍କର ନ୍ୟୁଜ୍): ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପକ୍ଷରୁ ଶନିବାର ଯୁଗ୍ମ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ କିସର ୧୨ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୭ଜଣ ଛାତ୍ରୀ ଥିବା ବେଳେ ୫ଜଣ ଛାତ୍ର ରହିଛନ୍ତି। ଏମାନେ ଜେଇଇ ଆଡଭାନସ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ଜଣ ଝାଡ଼ଖଣ୍ଡରୁ ଆସି କିସ୍‌ରେ ପାଠପଢ଼ି ଜେଇଇରେ ସଫଳତା ହାସଲ କରିପାରିଛନ୍ତି। ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ଶ୍ରୀ ସାମନ୍ତ କହିଛନ୍ତି ପ୍ରତିବର୍ଷ କିସର ଛାତ୍ରଛାତ୍ରୀ ଜେଇଇ ପରୀକ୍ଷାରେ ସଫଳତା ହାସଲ କରିଆସୁଛନ୍ତି। କେବଳ ଜେଇଇ ନୁହେଁ ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କିସ୍ ଛାତ୍ରଛାତ୍ରୀମାନେ ସଫଳତା ଲାଭ କରିଆସୁଛନ୍ତି।

## ଇଡି ଅଫିସ୍ ଘେରିଲା ଯୁବ କଂଗ୍ରେସ




ଭୁବନେଶ୍ୱର,(ଭାସ୍କର ନ୍ୟୁଜ୍): ନ୍ୟାସନାଲ ହେରାଲ୍ଡ ମାମଲାରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱର ସ୍ଥିତ ଇଡି କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଶ୍ରୀ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସର କର୍ମୀମାନେ ଏକ ରାଲିରେ ଯାଇ ଇଡି ଅଫିସ ସମ୍ମୁଖରେ ଥିବା ପୋଲିସ ବାରିକେଡ ଭାଙ୍ଗିଥିଲେ। ପୋଲିସ ଯୁବ କଂଗ୍ରେସ କର୍ମୀଙ୍କ ମଧ୍ୟରେ ପ୍ରାୟ ଦୁଇଘଣ୍ଟା ଧରି ଧସ୍ତାଧସ୍ତି ହୋଇଥିଲା। ଏହାପରେ ଯୁବ କଂଗ୍ରେସ କର୍ମୀମାନେ ଇଡି ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଅବସରରେ ରଣଜିତ ପାତ୍ର କହିଛନ୍ତି ଯେ ଇଡି ବିଜେପିର ଏକ ଛାମୁଆ ସଂଗଠନ ଭାବେ କାର୍ଯ୍ୟକରୁଛି। ଯେଉଁ ଅଣ କଂଗ୍ରେସ ଦଳର ନେତୃତ୍ୱ ବିଜେପିର ଭ୍ରଷ୍ଟାଚାର, ଦୁର୍ନୀତି, ଦରଦାମ ବୃଦ୍ଧି, ମହିଳା ନିର୍ଯ୍ୟାତନା, ଚାଷୀ ପ୍ରସଙ୍ଗ ଓ ବେକାରୀ ସମସ୍ୟା ଏବଂ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରସଙ୍ଗରେ ସଂସଦ ଭିତରେ ଏବଂ ବାହାରେ ଶାଣିତ ସ୍ୱର ଉତୋଳନ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ ମୋଦି ସରକାର ଅଗଣତାନ୍ତ୍ରିକ ଭାବେ ଇଡିର କାର୍ଯ୍ୟାନୁଷ୍ଠାନ ପ୍ରୟୋଗ କରୁଛନ୍ତି। ଲୋକସଭାର ବିରୋଧ ଦଳର ନେତା ରାହୁଲ ଗାନ୍ଧୀ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏବଂ କଂଗ୍ରେସ ନେତୃତ୍ୱଙ୍କ ବିରୁଦ୍ଧରେ ଇଡି ଯେଉଁ ଚାର୍ଜସିଟ ଦାଖଲ କରିଛି ଏହା ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ରାଜନୈତିକ ପ୍ରତିହିଂସା ପରାୟଣତାର ନଗ୍ନ ନମୂନା । ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ତାରା ପ୍ରସାଦ ବାହିନୀପତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କର ହିଟଲରୀ ଶାସନର ତୀବ୍ର ନିନ୍ଦା କରିଥିଲେ । ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ମନୋଜ ରାଉତ, ମନୋଜ ବିଶ୍ୱାଳ, ଅଭିଳାଷ ମାଣିଆ, ଉଦିତ ପ୍ରଧାନ, ସୁଦିପ ସାମଲ, ନିହାର ବେହେରା, ପ୍ରମୁଖ ଏହି ଘେରାଉ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

इस्पात मंत्रालय
MINISTRY OF STEEL
सत्यमेव जयते

# ଆତ୍ମନିର୍ଭର ଏବଂ ବିଶ୍ୱ ନେତୃତ୍ୱର ବିକାଶ କରୁଥିବା ଭାରତର ଇସ୍ପାତ ଯାତ୍ରାରେ ସାମିଲ ହୁଅନ୍ତୁ

ଆମନ୍ତ୍ରଣ

୬ତମ
ଇସ୍ପାତ ଉଦ୍ୟୋଗ ପାଇଁ ଅନ୍ତରାଷ୍ଟ୍ରୀୟ ସମ୍ମିଳନୀ ସହ ପ୍ରଦର୍ଶନୀ

INDIA STEEL 2025

୨୪-୨୬ ଏପ୍ରିଲ, ୨୦୨୫
ବମ୍ବେ ପ୍ରଦର୍ଶନୀ କେନ୍ଦ୍ର (ନେସ୍କୋ), ମୁମ୍ବାଇ



"ଆତ୍ମନିର୍ଭର ହେବାପାଇଁ ଇସ୍ପାତ ମହତ୍ୱପୂର୍ଣ୍ଣ। ମଜବୁତ ଇସ୍ପାତ କ୍ଷେତ୍ର ସୁଦୃଢ ଭିତ୍ତିଭୂମିର ଆଧାର। ଆମେ ଇସ୍ପାତ କ୍ଷେତ୍ରର ପରିବର୍ତ୍ତନ ପାଇଁ ଦୀର୍ଘକାଳୀନ ଦୃଷ୍ଟିକୋଣ ସହ କାର୍ଯ୍ୟ କରୁଛୁ।"

## କାର୍ଯ୍ୟକ୍ରମର ମୁଖ୍ୟ ବିଶେଷତ୍ୱ

- ୧୨୦୦୦+ ପରିଦର୍ଶକ
- ୧୦୦+ବକ୍ତା
- ୧୨୦୦+ ପ୍ରତିନିଧି
- ୨୦୦+ ପ୍ରଦର୍ଶକ
- କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ଭାଗିଦାରୀ
- ଲୁହା ଏବଂ ଇସ୍ପାତ ଉତ୍ପାଦନ ଏବଂ ପ୍ରୋସେସିଂରେ ସାମିଲ ଉଦ୍ୟୋଗ ଜଗତର ପ୍ରମୁଖଙ୍କ ସହ ସାମ୍ନାସାମ୍ନି ଆଲୋଚନା
- ରୁଷ,ଇଟାଲି, ଜର୍ମାନ, ୟୁଏଇ, ୟୁକେ, ଅଷ୍ଟ୍ରେଲିଆ, ୟୁଏସ୍‌ଏ ଆଦି ଦେଶର କମ୍ପାନୀଗୁଡ଼ିକର ପ୍ରଦର୍ଶନୀରେ ଅଂଶଗ୍ରହଣ
- ପ୍ଲାଣ୍ଟ ପରିଦର୍ଶନ
- ସମ୍ମିଳନୀ ପର୍ଯ୍ୟାୟ
- ସିଇଓଙ୍କ ଫୋରମ୍
- ବ୍ୟବସାୟିକ ବୈଠକ
- ରାଜ୍ୟ/ ଦେଶ ରାଉଣ୍ଡଟେବୁଲ
- ପ୍ରଦର୍ଶନୀ

www.indiasteelexpo.in

CBC 40101/13/0003/2526

ଓଡ଼ିଶା ଭାସ୍କର

ଦୃଷ୍ଟିପାତ



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଡେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ



# ବିଶ୍ୱର ପ୍ରଥମ ଷ୍ଟକ୍ ଏକ୍ସଚେଞ୍ଜ୍ ଏବଂ ଭାରତ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

୨୦୨୫ ମସିହା ଜାନୁଆରୀ ମାସରେ ଡୋନାଲ୍ଡ ଟ୍ରମ୍ପ୍ ଆମେରିକାର ୪୭ତମ ରାଷ୍ଟ୍ରପତି ଭାବରେ କ୍ଷମତାକୁ ଆସୁଆସୁ ନିଜ ଦେଶର ବାଣିଜ୍ୟ ସ୍ୱାର୍ଥକୁ ସୁରକ୍ଷିତ ରଖିବା ପାଇଁ ଆମେରିକାର ମୁଖ୍ୟ ବାଣିଜ୍ୟିକ ସମ୍ପର୍କ ଥିବା ଦେଶମାନଙ୍କ ଉପରେ ଟାରିଫ୍ ବୃଦ୍ଧି ଘୋଷଣା କଲେ ଏବଂ ଏପ୍ରିଲ୍ ମାସ ଦୁଇତାରିଖରୁ ବିଭିନ୍ନ ଦେଶ ଉପରେ ଭିନ୍ନଭିନ୍ନ ହାରରେ ଟାରିଫ୍ ବସାଇଲେ। ଚୀନ୍ ଉପରେ ସବୁଠୁ ବେଶୀ। ବର୍ତ୍ତମାନ ପୃଥିବୀର ଦୁଇ ବୃହତ୍ତମ ଅର୍ଥନୈତିକଶକ୍ତି - ଚୀନ୍ ଏବଂ ଆମେରିକା ବାଣିଜ୍ୟିକଯୁଦ୍ଧରେ ଅବତୀର୍ଣ୍ଣ। ରାଷ୍ଟ୍ରପତି ଟ୍ରମ୍ପଙ୍କର ଏହି ଅନାବଶ୍ୟକ ପଦକ୍ଷେପ ଯେ ବିଶ୍ୱ ଅର୍ଥନୀତିର ଅନ୍ୟକ୍ଷେତ୍ରକୁ ବ୍ୟାପିବ ଟ୍ରମ୍ପ୍ ଭାବି ନଥିବେ। ବିଚିତ୍ରଖିଆଲର ବଶବର୍ତ୍ତୀ ଟ୍ରମ୍ପଙ୍କର ଏହି ପଦକ୍ଷେପ ଆମେରିକା ସହିତ ବିଶ୍ୱ ଅର୍ଥନୀତିକୁ ଅତି ମାନ୍ଦାବସ୍ଥା ଆଡ଼କୁ ଠେଲି ଦେଇଛି। ବିଶ୍ୱ ଷ୍ଟକ୍ ମାର୍କେଟ୍ ଧରାଶାୟୀ। ନିବେଶକ ଦଶ ଟ୍ରିଲିଅନ୍ ଡଲାର ହରେଇ ସାରିଛନ୍ତି। ଭାରତୀୟ ଷ୍ଟକ୍ ବଜାର ମଧ୍ୟ ଏଥିରୁ ବାଦ୍ ଯାଇନି।

ଏ ଷ୍ଟକ୍ ବା ଅଂଶଧନ କାରବାର କେବେଠାରୁ ଆରମ୍ଭ ହେଲା ?

ସପ୍ତଦଶ ଶତାବ୍ଦୀରେ ଆମଷ୍ଟଡାମ୍ ଏକ ବୃହତ ଉତ୍ପାଦନସ୍ଥଳୀ ସହିତ ପ୍ରସିଦ୍ଧ ବ୍ୟବସାୟନଗର ଥିଲା। ଏସିଆ ସହିତ ବାଣିଜ୍ୟ କାରବାରରେ ପର୍ତ୍ତୁଗାଲ, ଇଂଲଣ୍ଡ, ଫ୍ରାନ୍ସ ଆଦି ଦେଶକୁ ପଛକୁ ଠେଲି ଡଚ୍ ଆଗକୁ ଚାଲି ଯାଇଥିଲେ। ଏସବୁ ପଛରେ ଥିଲା ଭାରତୀୟ ସାମଗ୍ରୀ। ଗରମ ମସଲା, ସୁନା-ରୂପା-ହୀରା ଆଦି ଧାତୁ, ରେଶମ ଏବଂ ଉନ୍ନତମାନର ଅତି ସୂକ୍ଷ୍ମ ସୂତାବସ୍ତ୍ର ୟୁରୋପୀୟ ବଜାରକୁ ଅକ୍ତିଆର କରିଥିଲେ। ବିଶେଷ କରି ଭାରତୀୟ ମସଲା ୟୁରୋପୀୟ ଖାଦ୍ୟର ସ୍ୱାଦ ବୃଦ୍ଧି କରିବା ସହିତ ସେସବୁକୁ ସଂରକ୍ଷିତ ରଖିବାରେ ବ୍ୟବହୃତ ହେଉଥିଲା ? ଭାରତକୁ ସମୁଦ୍ରପଥର ଆବିଷ୍କାରର ପ୍ରାୟ ଏକ ଶତାବ୍ଦୀ ପୂର୍ବରୁ ଇରାନ ଓ ତୁର୍କୀ ଦେଇ ସ୍ଥଳପଥରେ ଭାରତୀୟ ସାମଗ୍ରୀ ୟୁରୋପ ଯାଉଥିଲା। ଜଳପଥର ଆବିଷ୍କାର ପରେ ମାଲମାଲ ୟୁରୋପୀୟ ଜାହାଜ ଭାରତରେ ପହଞ୍ଚିଲେ।

୧୪୮୮ ମସିହା। ପର୍ତ୍ତୁଗାଲ ଆବିଷ୍କାରକ ବାର୍ତ୍ତୋଲୋମିଉ ଦାଏସ୍ ଭାରତକୁ ଆବିଷ୍କାର କରିବାର ଆଶାରେ ପଶ୍ଚିମ ଆଫ୍ରିକାର କେପ୍ ଅଫ୍ ଗୁଡ୍ ହୋପ୍ ଆବିଷ୍କାର କଲେ। ପର୍ତ୍ତୁଗାଲର ଭାରତରେ ପହଞ୍ଚିବାର ସ୍ୱପ୍ନ ସାକାର ହେବାକୁ ଯାଉଥିଲା। ସାମୁଦ୍ରିକଝଡ଼ପ୍ରବଣ ଏହି ପଥକୁ ପୂର୍ବରୁ ସମୁଦ୍ରଯାତ୍ରୀମାନେ 'କେପ୍ ଅଫ୍ ଷ୍ଟର୍ମ' ବୋଲି କହୁଥିଲେ। ସୁନାର ଦେଶ ଭାରତକୁ ପହଞ୍ଚିବାକୁ ଏହି ପଥ ଆଶା ସଞ୍ଚାର କରିଥିବାରୁ ପର୍ତ୍ତୁଗୀଜ୍ ସମ୍ରାଟ ଜନ୍ ଦ୍ୱିତୀୟ ଏହି ପଥକୁ 'କେପ୍ ଅଫ୍ ଗୁଡ୍ ହୋପ୍' ଭାବରେ ନାମକରଣ କରିଥିଲେ। ଭାରତକୁ ଆସିବାକୁ ଅତ୍ୟନ୍ତ ଆଗ୍ରହୀ ସ୍ପେନ୍, ବ୍ରିଟେନ, ନେଦରଲାଣ୍ଡ ଏବଂ ପର୍ତ୍ତୁଗାଲ ଆଦି ଦେଶ ଭାରତରେ ପହଞ୍ଚି ଉପନିବେଶ ସ୍ଥାପନ କଲେ। ଭାରତୀୟ ମସଲା ସହଜ ଓ ଶୀଘ୍ର ସେ ଦେଶରେ ପହଞ୍ଚିଲା। ଯାହା ପାଖରେ ଯେତେ ଅଧିକ ଜାହାଜ ଥିଲା ସେ ଦେଶ ଭାରତରୁ ମସଲା ନେଇ ବାଣିଜ୍ୟିକ ପ୍ରାଧାନ୍ୟ ହାସଲ କଲା।

ଡଚ୍ ବେପାରୀ ଜାହାଜର ସଂଖ୍ୟା ବୃଦ୍ଧି ପାଇଁ ଆବଶ୍ୟକ ଧନ ଏବଂ ସମୁଦ୍ରରେ ଆତଯାତ ସମ୍ବନ୍ଧୀୟ କ୍ଷତିଭରଣା କରିବାର ଉପାୟ ଖୋଜୁଥିଲେ। ଏଥିପାଇଁ ଆବଶ୍ୟକ ଥିଲା ବଡ଼ ନିବେଶର। ଏହି ଆବଶ୍ୟକତାରୁ ଜନ୍ମ ନେଇଥିଲା ଇଣ୍ଟରନ୍ୟାସନାଲ୍ ଜଏଣ୍ଟ୍ ଷ୍ଟକ୍ କମ୍ପାନୀ। ବିଶ୍ୱରେ ଷ୍ଟକ୍ ଏକ୍ସଚେଞ୍ଜ୍ ବ୍ୟବସ୍ଥାର ମୂଳଦୁଆ ପଡ଼ିଲା।

**ମୁଦ୍ରା କାହାଣୀ**

ଷୋଡ଼ଶଶତାବ୍ଦୀ ବେଳକୁ ଡଚ୍ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଅଧୀନରେ ଛଅଟି ଅସ୍ଥାୟୀ କମ୍ପାନୀ ଭାରତରୁ ମସଲା ଏବଂ ଅନ୍ୟ ସାମଗ୍ରୀ ନେଇ ବ୍ୟବସାୟ କରୁଥିଲେ। ପ୍ରତିଥର ଭାରତକୁ ଆସିବା ପୂର୍ବରୁ ସେମାନେ ଜଏଣ୍ଟ୍ ଷ୍ଟକ୍ କମ୍ପାନୀରୁ ଟଙ୍କା ଆଣୁଥିଲେ ଏବଂ ଏକାଠି କେତେଗୁଡ଼ିଏ ଜାହାଜ ଭାରତ ଅଭିମୁଖେ ବାହାରୁଥିଲେ। ଫେରିବା ପରେ ନିଜର ଲାଭରୁ ସୁଧ ସହିତ ନିବେଶକଙ୍କୁ ଫେରାଇ ଦେଉଥିଲେ।

ଭାରତରୁ ଡଚ୍ ବ୍ୟବସାୟୀ ଜିନିଷ ନେଉଥିଲେ ମଧ୍ୟ ସ୍ପେନ୍ ଓ ପର୍ତ୍ତୁଗାଲ୍ ବେପାରୀଙ୍କ ଅପେକ୍ଷା ସଂଖ୍ୟାରେ କମ୍ ଏବଂ କମ୍ ସଂଗଠିତ ଥିଲେ। କାରଣ ଏହି ଦୁଇଦେଶର ସାମୁଦ୍ରିକବାଣିଜ୍ୟର ପୃଷ୍ଠପୋଷକ ସେ ଦେଶର ରାଜା ଥିଲେ। ତେଣୁ ବାଣିଜ୍ୟିକ ପ୍ରତିଯୋଗିତାରେ ତିଷ୍ଠି ରହିବା ପାଇଁ ନେଦରଲାଣ୍ଡସ୍ ସଂସଦ ଷ୍ଟେଟ୍ସ୍ ଜେନେରାଲ୍ ଏକ ନୂତନ ପଦକ୍ଷେପ ଗ୍ରହଣ କଲେ। ଏହା ପରେ ଡଚ୍ ଉପନିବେଶର କଳେବର ଦ୍ରୁତଗତିରେ ବୃଦ୍ଧି ପାଇଲା। ୧୬୦୨ ମସିହାରେ ସଂସଦର ଆଦେଶ କ୍ରମେ ସବୁ ଡଚ୍ କମ୍ପାନୀ ଏକାଠି ହୋଇ ୟୁନାଇଟେଡ୍ ଡଚ୍ ଚାଟାର୍ଡ ଇଷ୍ଟ ଇଣ୍ଡିଆ କମ୍ପାନୀ (ଭି. ଓ. ସି.) ଗଠନ କଲେ। ଏହା ପୃଥିବୀ ଇତିହାସରେ ପ୍ରଥମ ଆଧୁନିକ ଜଏଣ୍ଟ୍ ଷ୍ଟକ୍ କମ୍ପାନୀ ଥିଲା। ଏଥିରେ ପ୍ରାୟ ୧୧୪୩ ଅଂଶଧାରୀ ଥିଲେ। ସମାଜର ସମସ୍ତବର୍ଗର ଲୋକ କମ୍ପାନୀର ଅଂଶଧନ କିଣିବାକୁ ଲାଗିଲେ। କମ୍ପାନୀ ବହୁତ ପରିମାଣର ପୁଞ୍ଜି ସଂଗ୍ରହ ହୋଇପାରିଲା। ଫଳରେ ଡଚ୍ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ବ୍ରିଟିଶ୍ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଠାରୁ ବଡ଼ ହୋଇଗଲା। ଅଳ୍ପଦିନ ଭିତରେ ଭାରତ ସହିତ ମସଲା କାରବାରରେ ଡଚ୍ ଭି.ଓ.ସି. ପର୍ତ୍ତୁଗାଲକୁ ଟପିଗଲା।

ଷ୍ଟେଟ୍ସ୍ ଜେନେରାଲ ଅଫ୍ ନେଦରଲାଣ୍ଡସ୍ ଏହି ଷ୍ଟକ୍ ଏକ୍ସଚେଞ୍ଜ୍‌କୁ ଏସିଆ ସହିତ ସମସ୍ତ ପ୍ରକାରର ବାଣିଜ୍ୟ କାରବାର, ପ୍ରତିରକ୍ଷା, ଯୁଦ୍ଧ ଉପକରଣ ଏବଂ ରାଜନୈତିକ ସମ୍ପର୍କ ବିଷୟରେ ୨୧ ବର୍ଷିଆ ଏକଚାଟିଆ ଅଧିକାର ପ୍ରଦାନ କରିଥିଲେ। ଏହା ସହିତ ଅର୍ଦ୍ଧ-ସରକାରୀ କ୍ଷମତା ପ୍ରଦାନ କରିଥିଲା। ଷ୍ଟକ୍ ଏକ୍ସଚେଞ୍ଜର ଏସିଆ ମହାଦେଶର ସଫଳତାକୁ ଦେଖି ଷ୍ଟେଟ୍ସ ଜେନେରାଲ୍ ୱେଷ୍ଟ ଇଣ୍ଡିଜ୍‌ରେ ସମାନପ୍ରକାରର କାରବାର ପାଇଁ ଅନୁମତି ପ୍ରଦାନ କରିଥିଲେ। ଭି.ଓ.ସି.କୁ ଯୁଦ୍ଧ ସମୟରେ କ୍ଷମତା ପ୍ରଦାନ ସହିତ ନିଜର ସେନା ରଖିବା ଏବଂ ଗଡ଼ ନିର୍ମାଣ କରିବା ଇତ୍ୟାଦି ପାଇଁ ଅନୁମତି ଦେଇଥିଲେ। ଏହା ଇଣ୍ଡୋନେସିଆରେ ଉପନିବେଶ ପ୍ରଦେଶ ଗଠନ କରି ୟୁରୋ-ଏସୀୟ ବାଣିଜ୍ୟରେ ସଂପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରିଥିଲା। ୧୬୦୩ ମସିହାରୁ ୧୬୦୭ ମସିହା ଭିତରେ ୨୨ଟି ବଡ଼ ଜାହାଜ ଏସିଆକୁ ପଠେଇଲା। ବଙ୍ଗୋପସାଗର କୂଳରେ ମଛଲିପଟ୍ଟନମ୍ ଠାରେ କମ୍ପାନୀ ନିଜର ବସତି ଗଢ଼ିଲା। ଏଠାରେ ସ୍ଥାପିତ କମ୍ପାନୀର ପ୍ରଶାସନିକ ଅଞ୍ଚଳକୁ ଡଚ୍ କରମଣ୍ଡଳ କୁହାଗଲା। କମ୍ପାନୀର କାରବାର ବଢ଼ିଲା, ଏହାର ଅଂଶଧନର ମୂଲ୍ୟ ମଧ୍ୟ ବଢ଼ିଲା। ନୂଆହଗ୍ରାହକଙ୍କ ସୁଅ ଛୁଟିଲା।

ସପ୍ତଦଶ ଶତାବ୍ଦୀର ମଧ୍ୟଭାଗରେ ଆମଷ୍ଟରଡାମ୍ ଷ୍ଟକ୍ ଏକ୍ସଚେଞ୍ଜର ଦ୍ରୁତଉତ୍ଥାନ ଅନେକ ବ୍ୟବସାୟ ସଂଘ ପ୍ରତିଷ୍ଠାରେ ମୁଖ୍ୟଭୂମିକା ଗ୍ରହଣ କରିଥିଲା। ବେପାରୀମାନେ ବହୁ ସମୟରେ କଫି ସପ୍ ବା ଛୋଟ ହୋଟେଲ୍‌ରେ ଏକାଠି ହୋଇ ଆର୍ଥିକ ଦେଣନେଣ ବିଷୟରେ ଆଲୋଚନା କରୁଥିଲେ। ଏହା ଅନେକ ଉପବଜାର ସୃଷ୍ଟିରେ ସାହାଯ୍ୟ କରିଥିଲା। କ୍ଷୁଦ୍ର ବ୍ୟବସାୟୀ ପ୍ରତିଷ୍ଠିତ ବଡ଼ ବ୍ୟବସାୟୀମାନଙ୍କ ସହିତ ମିଶିବାର ସୁଯୋଗ ପାଇବା ସହିତ ବ୍ୟବସାୟ ଏବଂ ଷ୍ଟକ୍ କାରବାର ସମ୍ବନ୍ଧରେ ଜ୍ଞାନ ପାଇ ପାରୁଥିଲେ। ସେଫାର୍ଡିକ୍ ଇହୁଦୀ ଲେଖକ ଜୋସେଫ ଦା ଲ ଭେଗା 'କନଫ୍ୟୁଜନ୍ ଅଫ୍ କନ ଫ୍ୟୁଜନ୍ସ' ନାମକ ନିଜ ପୁସ୍ତକରେ ଏହି ଷ୍ଟକ୍ ଏକ୍ସଚେଞ୍ଜ୍‌ର ସଦସ୍ୟ, କାର୍ଯ୍ୟକାରିତା ଏବଂ ଅଂଶଧାରୀଙ୍କ ବିଷୟରେ ବିଶଦ ବିବରଣୀ ଦେଇଛନ୍ତି।

ଆମଷ୍ଟରଡାମର ଷ୍ଟକ୍ କାରବାର ପ୍ରଥମେ ଖୋଲାଆକାଶ ତଳେ ହେଉଥିଲା। ତା' ପରେ ଟାଉନ୍ ହଲ୍ ପାଖରେ ନୂଆ ବଜାର ସୃଷ୍ଟି କରାଗଲା ଯାହା ବିଶ୍ୱର୍ ପ୍ରଥମ ଆଧୁନିକ ଷ୍ଟକ୍ ଏକ୍ସଚେଞ୍ଜ୍ ଥିଲା। ଏଠାରେ ଭାରତ ସହିତ କାରବାର କରୁଥିବା ମେଗା ଟ୍ରେଡିଙ୍ଗ୍ କର୍ପୋରେସନର ସେଆର୍ କାରବାର ହେଉଥିଲା। ପ୍ରଥମେ ଗୋଟିଏ ଡଚ୍ ବ୍ୟାଙ୍କ୍ ଭି.ଓ.ସି.ର ଅଂଶଧନ ବଦଳରେ ଋଣ ଦେବା ଆରମ୍ଭ କଲା। କମ୍ପାନୀ, ସେଆର୍ ବଜାର ଏବଂ ବ୍ୟାଙ୍କ୍ ଭିତରେ ତ୍ରିକୋଣୀୟ ସମ୍ପର୍କ ସ୍ଥାପନ ହେଲା।

ଆମଷ୍ଟରଡ଼ମ ଷ୍ଟକ୍ ଏକ୍ସଚେଞ୍ଜ୍ ବା ଡଚ୍ ଭାଷାରେ ଆମଷ୍ଟରଡାମ୍ ବୋର୍ସ ୧୫୩୦ ମସିହାରେ ୱାର୍ମୋଷ୍ଟ୍ରିଟ୍‌ର ଏକ ଖୋଲାଜାଗାରେ ଆରମ୍ଭ ହୋଇଥିଲା। ୧୫୬୦ ମସିହାରୁ ୧୬୧୧ ମସିହା ପର୍ଯ୍ୟନ୍ତ ଏହା ଆମଷ୍ଟରଡାମ୍ ବନ୍ଦର ନିକଟସ୍ଥ 'ନିଉ ବ୍ରିଜ୍' ଠାରେ କାମ କରୁଥିଲା। ୧୬୧୧ ମସିହାରେ ହେନେରିକ୍ ଦ କିସରଙ୍କ ଦ୍ୱାରା ଡ୍ୟାମ୍‌ସ୍କୋୟାର୍ ଠାରେ ନିର୍ମିତ ହେଲା। ୧୮୪୫ ମସିହାରେ ଡ୍ୟାମ୍‌ରାକ୍ ଠାରେ ଜାଁ ଡେଭିଡ୍ ଯୋର୍ଚ୍ଚଙ୍କ ଦ୍ୱାରା ନିର୍ମିତ ନୂଆକୋଠାରେ କାର୍ଯ୍ୟ ଆରମ୍ଭ କଲା। ବିଅର୍ସ ଭାନ୍ ବର୍ଲେଜ୍ ନାମକ ଅନ୍ୟ ଏକ ନୂଆ ଅଟ୍ଟାଳିକାକୁ ଏହା ୧୯୦୩ ମସିହାରେ ସ୍ଥାନାନ୍ତରିତ ହେଲା। ୧୯୧୪ ମସିହାରେ ଏହାକୁ ସେହି ପାଖରେ ବିଅର୍ସପ୍ଲେନ୍ ୫ ଠାରେ ଅନ୍ୟ ଏକ ଅଟ୍ଟାଳିକାକୁ ନିଆଗଲା। ବର୍ତ୍ତମାନ ଏହା ସେହିଠାରେ କାମ କରୁଛି।

ପୃଥିବୀର ପ୍ରଥମ ଆଧୁନିକ ଷ୍ଟକ୍ ଏକ୍ସଚେଞ୍ଜ୍ ପ୍ରତିଷ୍ଠା ପଛରେ ଥିଲା ଭାରତ, ଭାରତୀୟ ମସଲା ଏବଂ ଅନ୍ୟ ମୂଲ୍ୟବାନ ସାମଗ୍ରୀ। ଦେଶ କେବଳ ମସଲାର ରପ୍ତାନୀକେନ୍ଦ୍ର ନଥିଲା। ଏହା ବେପାର ବଣିଜରେ ଉତ୍କର୍ଷତା ହାସଲ କରି ସାରିଥିଲା। ପୃଥିବୀରେ ଷ୍ଟକ୍ ଏକ୍ସଚେଞ୍ଜ ବ୍ୟବସ୍ଥା ଯେତେଦିନ ପର୍ଯ୍ୟନ୍ତ ଥିବ, ଏହାର ଆରମ୍ଭ ପଛରେ ଯେ ଭାରତ ତାହା ପୃଥିବୀ ମନେରଖିଥିବ।

# ଓଡ଼ିଆ ରଙ୍ଗମଞ୍ଚର ସଫଳ ନାଟ୍ୟକାର ଗୋପାଳ ଛୋଟରାୟ

ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ଗୋପାଳ ଛୋଟରାୟଙ୍କୁ ଆଧୁନିକ ଓଡ଼ିଆ ରଙ୍ଗମଞ୍ଚର ଜଣେ ମୁଖ୍ୟ ସ୍ଥପତି ଭାବେ ଗଣନା କରାଯାଏ। ଓଡ଼ିଆ ନାଟକର କଥାବସ୍ତୁ ଓ ଗଠନରୀତିର ଅଧ୍ୟୟନରେ ସେ ଏକ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଆଣିଥିଲେ। ୧୯୧୬ ମସିହା ଏପ୍ରିଲ ୨୦ ତାରିଖ ଜଗତସିଂହପୁର ଜିଲ୍ଲାର ପୁରାଣଗଡ଼ରେ ଗୋପାଳ ଛୋଟରାୟ ଜନ୍ମଗ୍ରହଣ କରିଥିଲେ, ତେବେ ସେ ତାଙ୍କ ପୂରା ଜୀବନ କଟକରେ ଅତିବାହିତ କରିଥିଲେ। ପିଲାବେଳୁ ସେ ବିଭିନ୍ନ ପ୍ରକାର ବହି ପଢୁଥିଲେ ଓ ପାଲା, ନାଟକ, ଯାତ୍ରା ଆଦିରେ ଅଧିକ ରୁଚି ରଖୁଥିଲେ। ପ୍ରଥମେ ଦଶମ ଶ୍ରେଣୀରେ ପଢୁଥିବା ବେଳେ 'ମାମୁ ମାଇଁ ଫାର୍ସ' ନାଟକରେ ସେ ଅଭିନୟ କରିଥିଲେ। ଘରର ଆର୍ଥିକ ଅବସ୍ଥା ଭଲ ନଥିବାରୁ ଉଚ୍ଚଶିକ୍ଷାରେ ଆଗ୍ରହ ଥାଇ ମଧ୍ୟ ଗୋପାଳ ଛୋଟରାୟ କଟକରେ ଏକ ସଂସ୍ଥାରେ କିରାଣୀ ଭାବେ ଚାକିରି କରିଥିଲେ। ଆଠ ବର୍ଷ ଚାକିରି କରିବା ପରେ ହଠାତ୍ ସମ୍ବଲପୁର ଆସି ରାଜବୋଡ଼ାସମ୍ବର ଓ ପଦ୍ମପୁରରେ ରହିଥିଲେ ଓ ସେଠାରେ ନାଟକ ଲେଖିବା ଆରମ୍ଭ କରିଥିଲେ। ତାଙ୍କ ନାଟକରେ ଏତେ ପ୍ରଭାବ ଥିଲା ଯେ, କଟକର ଅନ୍ନପୂର୍ଣ୍ଣା-ଏ ଓ ବିରେ ତାଙ୍କ ଲିଖିତ ନାଟକ ପରିବେଷଣ କରାଯାଉଥିଲା ଓ ଲୋକଙ୍କୁ ଖୁବ ଆକର୍ଷିତ କରୁଥିଲା। ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ତାଙ୍କ ନାଟକ ଓଡ଼ିଶାର ଅଧିକାଂଶ ରଙ୍ଗମଞ୍ଚ ଗୁଡ଼ିକର ପ୍ରମୁଖ ଆକର୍ଷଣ ସାଜିଥିଲା। ୧୯୪୮ ମସିହାରେ କଟକର ଆକାଶବାଣୀ କେନ୍ଦ୍ର ଆରମ୍ଭ ହେବା ପରଠାରୁ ସେ ସେଠାରେ ଜଡିତ ଥିଲେ। ୧୯୪୬ ମସିହାର 'ଫେରିଆ'ଠାରୁ ଆରମ୍ଭ କରି ୧୫ରୁ ଅଧିକ ମୌଳିକ ନାଟକ ଏବଂ କିଛି ପ୍ରସିଦ୍ଧ ଓଡ଼ିଆ ଉପନ୍ୟାସକୁ ଆଧାର କରି ୮ଟି ନାଟକ ଲେଖିଥିଲେ। ସେଥିମଧ୍ୟରୁ ଅଧିକାଂଶ ସଫଳତାର ସହିତ ରଙ୍ଗମଞ୍ଚରେ ଅଭିନୀତ ହୋଇସାରିଛି। ସମୟ ଥିଲା, ଯେତେବେଳେ କଟକର ଦୁଇଟିଯାକ ପେଶାଦାର ରଙ୍ଗମଞ୍ଚରେ ଏକସମୟରେ ପ୍ରତ୍ୟେକ ଦିନ ତାଙ୍କର ନାଟକ ହିଁ ଅଭିନୀତ ହେଉଥିଲା। ଏହି ଭାବରେ ପ୍ରାୟ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଗୋପାଳ ଛୋଟରାୟ ଓଡ଼ିଶାର ପେଶାଦାର ରଙ୍ଗମଞ୍ଚଗୁଡ଼ିକ ଉପରେ ପ୍ରଭାବ ବିସ୍ତାର କରିଥିଲେ। ୧୯୪୮ ମସିହାରେ କଟକରେ ଆକାଶବାଣୀ କେନ୍ଦ୍ର ଆରମ୍ଭ ହେଲା ଏବଂ ଗୋପାଳ ଛୋଟରାୟ ସେହି ସମୟରୁ ହିଁ ତା ସହିତ ଯୋଡ଼ା ହୋଇଗଲେ। ଆକାଶବାଣୀରେ କାମ କରୁଥିଲା ସମୟରେ ଗୋପାଳ ଛୋଟରାୟ ଗ୍ରାମୀଣ ନାଟକ ବା ଗୀତିନାଟ୍ୟର ପୁନରୁତ୍ଥାନ କରି ଓଡ଼ିଆ ସଙ୍ଗୀତର ପରମ୍ପରାକୁ ଅନନ୍ୟ ଅବଦାନ ଦେଇଯାଇଛନ୍ତି। ତାଙ୍କ ନିଜ କାମର ପ୍ରାୟ ୨୦ଟି ଏଲ୍ପି ରେକର୍ଡ ଓ କ୍ୟାସେଟ୍ ପ୍ରସ୍ତୁତ ହୋଇଛି। ତା ଭିତରୁ ସବୁଠାରୁ ଲୋକପ୍ରିୟ ହେଉଛି ଫକୀରମୋହନ ସେନାପତିଙ୍କର କ୍ଷୁଦ୍ରଗଳ୍ପ 'ପେଟେଣ୍ଟ୍ ମେଡିସିନ୍'ର ନାଟ୍ୟରୂପ 'ଶ୍ରୀମତୀ ସମାର୍ଜ୍ଜନୀ'। ରାଜ୍ୟ ଦୂରଦର୍ଶନ ପାଇଁ ସେ ପ୍ରାୟ ୧୦୦ ଟି ନାଟକ ଓ ଫିଚର୍ ଲେଖିଛନ୍ତି। ସେଥିମଧ୍ୟରେ ଅନେକଗୁଡ଼ିଏ ଧାରାବାହିକ ଓ 'ଦେବୀ ଦୁର୍ଗା' ନାମକ ଏକ ସ୍ମରଣୀୟ ପୌରାଣିକ କାହାଣୀ ମଧ୍ୟ ରହିଥିଲା। ଓଡ଼ିଆ ନାଟ୍ୟଜଗତକୁ ଗୋପାଳ ଛୋଟରାୟଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ।

ଓଡ଼ିଆ ଗୀତିନାଟ୍ୟକୁ ନୂଆ ଜୀବନ ଦେଇଥିଲେ ଛୋଟରାୟ ଓ ସେ ଶ୍ରୀଗଣେଶ, ମହିଷମର୍ଦ୍ଦିନୀ, ଜନ୍ମାଷ୍ଟମୀ, ଶ୍ରୀଜଗନ୍ନାଥ, କପଟପାଶା, ଘରବରା ଦେଖା, ନ ପାହୁ ରାତି ନ ମରୁ ପତି, ଶ୍ରୀମତୀ ସମାର୍ଜନୀ, ଶ୍ରୀହରିଙ୍କ ସଂସାର, ପୂରାପୂରୀ ପାରିବାରିକ, ବିଭ୍ରାଟ, ଡାକ୍ତର ବାବୁ ଆଦି ନାଟକ ଓ ଗୀତିନାଟ୍ୟ ଲେଖିଥିଲେ, ଯାହା ଆଜି ମଧ୍ୟ ଲୋକାଦୃତ। ଦୂରଦର୍ଶନ ପାଇଁ ସେ ପ୍ରାୟ ୧୦୦ଟି ନାଟକ ଓ ଫିଚର୍ ଲେଖିଥିବାବେଳେ ଅନେକ ଧାରାବାହିକ ଓ 'ଦେବୀ ଦୁର୍ଗା' ନାମକ ଏକ ସ୍ମରଣୀୟ ପୌରାଣିକ କାହାଣୀ ରଚନା କରିଥିଲେ। ତାଙ୍କ ରଚିତ ନାଟକ ଅନେକ ମଞ୍ଚ, ବେତାର, ଅପେରା, ଚିତ୍ରନାଟ୍ୟର କାହାଣୀ ହିନ୍ଦୀ, ଇଂରାଜୀ ଓ ତେଲୁଗୁରେ ଅନୁବାଦ ହୋଇଛି । ୧୯୪୧ ମସିହାରେ ତାଙ୍କ ଲିଖିତ ପ୍ରଥମ ଏକାଙ୍କିକା ସହଧର୍ମିଣୀ ବେଶ ପ୍ରଶଂସିତ ହେବାପରେ ସେ ୧୯୭୧ରେ ନପାହୁ ରାତି ନମରୁ ପତି, ୧୯୮୧ରେ ହାସ୍ୟରସ ନାଟକ, ୧୯୮୯ରେ କପଟପଶା, ୧୯୯୨ରେ ବାବୁ ଚନ୍ଦ୍ରମଣି, ୧୯୯୩ରେ ପଞ୍ଚନାଟିକା ଆଦି ରଚନା କରିଥିଲେ । ଶ୍ରୀଜଗନ୍ନାଥ, ଅମଡ଼ା ବାଟ, ଅଭିନେତ୍ରୀ, ମାଟିର ମଣିଷ ଓ ଅଦିନ ମେଘ ଭଳି ଚଳଚ୍ଚିତ୍ର ସହ ମଧ୍ୟ ସେ ସଂପୃକ୍ତ ଥିଲେ। ତାଙ୍କ ଆତ୍ମଜୀବନୀ ପଥିକ ମଧ୍ୟ ଖୁବ ପ୍ରସିଦ୍ଧ, ଯେଉଁଥିରେ ସେ ତାଙ୍କ ଜୀବନ କାହାଣୀ ପ୍ରକାଶ କରିଛନ୍ତି। ୧୯୭୬ ମସିହାରେ ଗୋପାଳ ଛୋଟରାୟ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ସେହିପରି ୧୯୮୨ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ୧୯୯୨ରେ ବିଷୁବ ପୁରସ୍କାର, ୨୦୦୦ରେ ଶାରଳା ପୁରସ୍କାର ଓ ୨୦୦୨ରେ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ। ୨୦୦୩ ମସିହା ଜାନୁଆରୀ ମାସ ୨୨ ତାରିଖରେ ସେ ଶେଷ ନିଶ୍ୱାସ ଛାଡ଼ିଥିଲେ। ସେ ଆମ ଗହଣରେ ନାହାନ୍ତି ସତ, କିନ୍ତୁ ତାଙ୍କ କୃତି ତାଙ୍କୁ ସବୁଦିନ ଅମର କରିଛି ଆଉ ରଖିଥିବ ମଧ୍ୟ।

# ଟ୍ରେଣ୍ଡର ମାୟାଜାଲ : ହର୍ଡ୍ ମେଣ୍ଟାଲିଟିର ଅନ୍ତହୀନ ପ୍ରବଣତା



ଡା. ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ
ଦି'ବ୍ରେନ୍, ପୁରୀଘାଟ ରୋଡ଼୍, କଟକ
ମୋ : ୯୧୩୨୪୩୩୩୩୩

ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ଅଳ୍ପଦିନ ତଳେ ରିଲିଜ ହୋଇଥିବା ମିନି ସିରିଜ 'ଆଡ଼ୋଲ ସେନ୍ସ'କୁ ନେଇ ତମାମ ଚର୍ଚ୍ଚା। ଏହି ସିରିଜ କେବଳ ଭାରତୀୟ ଦର୍ଶକମାନଙ୍କୁ ଖୁବ ପସନ୍ଦ ଆସିନାହିଁ ବରଂ ଏକଥା ବି କୁହାଯାଇଛି ଏହି ୱେବସିରିଜ୍ କାଳେ ଭାରତୀୟ ଅଭିଭାବକମାନଙ୍କ ଆଖି ଖୋଲି ଦେଇଛି। ଚଳଚ୍ଚିତ୍ର ସହ ଜଡ଼ିତ ଥିବା ତ୍ରିନାଥ ବାବୁ ସେ ଦିନ ଏଇ କଥା ମୋତେ କହିବାବେଳେ ମୁଁ ତାଙ୍କୁ ଆଲୋଚନା ଆରମ୍ଭରୁ ବର୍ତ୍ତମାନର ଜିବିଲି ଟ୍ରେଣ୍ଡ କଥା ଉଦାହରଣରେ ଦର୍ଶାଇ ଥିଲି। ଦିନ ଥିଲା ଆମକୁ କେହି ଜଣେ କାର୍ଟୁନ କଲେ ଆମେ ଉତ୍ତେଜିତ ହେଉଥିଲି ଏପରିକି ବିରକ୍ତ ହୋଇ କ୍ରୋଧ ପ୍ରକଟ କରୁଥିଲୁ କିନ୍ତୁ ସେସବୁ ଏବେ ତଥାକଥିତ ନୂଆ ଟ୍ରେଣ୍ଡିଂରେ ପୁରୁଣା ହୋଇଗଲାଣି। ଜିବିଲି ଟ୍ରେଣ୍ଡ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ରାଗିବା ବଦଳରେ ନିଜକୁ କାର୍ଟୁନ କରି ଦେଖିବାକୁ ପସନ୍ଦ କରୁଛନ୍ତି ସାଧାରଣ ଲୋକଙ୍କ ଠାରୁ ସେଲିବ୍ରେଟି। ବର୍ତ୍ତମାନ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ସାମାଜିକ ଗଣମାଧ୍ୟମରେ ଦିନକୁ ଦିନ ବଢ଼ି ଚାଲିଛନ୍ତି। ସାମାଜିକ ଗଣମାଧ୍ୟମର ଟ୍ରେଣ୍ଡ ନଈବଢ଼ିର ସୁଅ ପରି ଆସେ, ମାଡ଼ି ଯାଏ ଆଉ ପୁଣି କେଉଁ ମୁହୂର୍ତ୍ତରେ ଉଭେଇ ଯାଏ।

ସୋସିଆଲ ମିଡ଼ିଆ ଟ୍ରେଣ୍ଡକୁ ନେଇ ଯିଏ ଯେଉଁଭଳି ମନ୍ତବ୍ୟ ଦିଅନ୍ତୁ ପଛେ ଏକଥା ଅନସ୍ୱୀକାର୍ଯ୍ୟ ଯେ ଏହି ଟ୍ରେଣ୍ଡଗୁଡ଼ିକ ଯେତେ ଜଲଦି ଆସେ, ତା ଠାରୁ ଅଧିକ ଜଲଦି ଚାଲିଯାଏ। ସୋସିଆଲ ମିଡ଼ିଆ ଆମ ସୃଜନଶୀଳ ଅନୁପ୍ରେରଣା ଏବଂ ସଂଯୋଗ ସ୍ଥାପନର ସୁଯୋଗ ଦିଏ ସତ। ତେବେ ପ୍ରାସଙ୍ଗିକ ରହିବା ପାଇଁ ଅବିରାମ ଚେଷ୍ଟା ନିଶ୍ଚିତ ଭାବେ ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଛି। ଏକଥା ମନସ୍ତତ୍ତ୍ୱ ଚିକିତ୍ସା କ୍ଷେତ୍ର ଅତି ସୁସ୍ପଷ୍ଟ ଭାବେ ଉଲ୍ଲେଖ କରିଛି। ସେମାନଙ୍କ ସହ ସମାଜବିତ ଓ ଶିକ୍ଷାବିତମାନେ ମଧ୍ୟ ଏକମତ। କାରଣ କ୍ଷଣସ୍ଥାୟୀ ଖୁସିର ମୁହୂର୍ତ୍ତଗୁଡ଼ିକ ସରିଗଲା ପରେ ଯେଉଁ ଅବଶିଷ୍ଟାଂଶ ରହିଯାଏ ତାହା ହେଉଛି ଏକ କ୍ରମବର୍ଦ୍ଧିଷ୍ଣୁ ମାନସିକ କ୍ଲାନ୍ତି। ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୁଡ଼ିକ ଦ୍ରୁତ ଗୀତିଶୀଳ ହେବା ଉଦ୍ଦେଶ୍ୟରେ ହିଁ ଡିଜାଇନ କରାଯାଇଛି। ଆଲଗୋରିଦିମ ଗୁଡ଼ିକ ତାଜା, ଆକର୍ଷଣୀୟ କଣ୍ଟେଣ୍ଟକୁ ଅଗ୍ରାଧିକାର ଦିଏ, ଯାହାର ଅର୍ଥ ନୂଆ ନୂଆ ଟ୍ରେଣ୍ଡ ତିଆରି କରିବାର ଚାପ ସୃଷ୍ଟି କରିଥାଏ। ଗୋଟିଏ ନାଚର ଟ୍ରେଣ୍ଡ ଅତି ବେଶିରେ ଦୁଇ ସପ୍ତାହ ଯାଏ ଫେସବୁକ, ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡ଼ିଆରେ ଆଧିପତ୍ୟ ବିସ୍ତାର କରିପାରେ। ତାହାପରେ ହୁଏତ କିଛି ରୋଷେଇ ହକ୍ୟା ଅଥବା ଗୋଟିଏ ଅଦ୍ଭୁତ ମିମ ଦ୍ୱାରା ସେହି ନାଚର ଟ୍ରେଣ୍ଡଟି ପ୍ରତିସ୍ଥାପିତ ହୋଇପାରେ। ମନୋବିଜ୍ଞାନୀଙ୍କ ମତରେ ସୋସିଆଲ ମିଡ଼ିଆର ଟ୍ରେଣ୍ଡ ଗୋଟିଏ ନୁହେଁ। କିଛି କିଛି ଟ୍ରେଣ୍ଡ ଲୋକମାନଙ୍କୁ ବିଶେଷ କରି ଯୁବପିଢ଼ିଙ୍କୁ ଏମିତି ଆକ୍ରାନ୍ତ କରିଦେଇଥାଏ ଯାହାଦ୍ୱାରା ସେମାନେ ହତାଶାବୋଧର ଶିକାର ହୋଇଥାନ୍ତି। ଉଦାହରଣ ସ୍ୱରୂପ ଗୋଟିଏ ଫେସ ଆପ କଥା ଉଲ୍ଲେଖ କରାଯାଇପାରେ। ଫେସ ଆପ ସହାୟତାରେ ଅନେକେ ନିଜ ଚେହେରାକୁ ସୁନ୍ଦର କରି ସୋସିଆଲ ମିଡ଼ିଆରେ ଅପଲୋଡ଼୍ କରିବା ପରେ ଲାଇକ, କମେଣ୍ଟ ଦେଖି ଖୁସି ହେଉଛନ୍ତି। କଳ୍ପିତ ଲାଇକ କି କମେଣ୍ଟ ନ ମିଳିଲେ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ପୁଣି ଟ୍ରେଣ୍ଡ ଅନୁସରଣ ନକଲେ ଫୋମେ (ଫିଅର ଅଫ କମିସିଂ ଆଉଟ)ର ଶିକାର ହେଉଛନ୍ତି। ସୋସିଆଲ ମିଡ଼ିଆ ଟ୍ରେଣ୍ଡ ଅନୁସରଣ କରୁନଥିବା ଲୋକ ବି ଅନେକ ସମୟରେ ସମାଲୋଚିତ ହେଉଛନ୍ତି। ସେମାନେ ଯୁଗୋପଯୋଗୀ ନୁହଁନ୍ତି, ସମୟ ସହିତ ତାଳ ମିଳାଇ ଶିଖିବା ଜାଣିନାହାନ୍ତି। ଟ୍ରେଣ୍ଡ ଅନୁସରଣ କରୁନାହାନ୍ତି ମାନେ ପୁରୁଣାକାଳିଆ ଚିନ୍ତାଧାରାର ବୋଲି ମଧ୍ୟ ଅନେକ ସମୟରେ ଶୁଣିବାକୁ ପଡୁଛି। ଏଭଳି ମନ୍ତବ୍ୟ ଅନେକ ସମୟରେ ସୋସିଆଲ ମିଡ଼ିଆ ପ୍ରତି ଢ଼ଳିବାକୁ ପରୋକ୍ଷରେ ଇନ୍ଧନ ଯୋଗାଉଛି। ମନୋବିଜ୍ଞାନୀଙ୍କ ଯୁକ୍ତି ହେଉଛି, ଏଭଳି ଟ୍ରେଣ୍ଡ କାରଣରୁ ଅନେକ ବର୍ନଆଉଟ ସିଣ୍ଡ୍ରୋମରେ ପୀଡ଼ିତ ହେଉଛନ୍ତି। ନୂଆ ପିଢ଼ି ମଧ୍ୟରେ ହର୍ଡ଼ ମେଣ୍ଟାଲିଟି ବିକଶିତ ହେଉଛି। ମନସ୍ତାତ୍ତ୍ୱିକ ବିଜ୍ଞାନ ଅନୁସାରେ ଆଲଗୋରିଦିମ ଏବଂ ବାସ୍ତବ ଜୀବନ ମଧ୍ୟରେ ଚାଲିଥିବା ପ୍ରତିଯୋଗିତା କାରଣରୁ ଲୋକଙ୍କ ମଧ୍ୟରୁ ସୃଜନଶୀଳତା କ୍ରମାଗତ ଭାବେ କମି ଚାଲିଛି। ଲୋକମାନେ ଡୁମ ସ୍କ୍ରୋଲିଂରେ ବ୍ୟସ୍ତ ରହି ବାସ୍ତବ ଜଗତରୁ ନିଜକୁ ବିଚ୍ଛିନ୍ନ କରିଦେଉଛନ୍ତି। ଲାଇକ, କମେଣ୍ଟ, ଫଲୋଅର୍ସଙ୍କ ସଂଖ୍ୟା ହିସାବ କରି ନିଜର ଆତ୍ମ ମୂଲ୍ୟାୟନ କରୁଛନ୍ତି। ଏହା ଏକ ବିରକ୍ତିକର ପ୍ରକ୍ରିୟା, ଯାହା ଅନେକଙ୍କ ମଧ୍ୟରେ ଉଦବେଗ ବିଷର୍ଣ୍ଣତା ଏବଂ ନୈରାଶ୍ୟ ଭରିଦେଉଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମାଜିକ ଗଣମାଧ୍ୟମରେ ପ୍ରଚଳିତ ଟ୍ରେଣ୍ଡର ପ୍ରଭାବ ଆମ ମାନଙ୍କ ନିତିଦିନିଆ ଜୀବନ ଉପରେ ଏତେ ଅଧିକ ମାତ୍ରାରେ ପଡୁଛି ଯେ ସତେ ଯେପରି ଏହି ଟ୍ରେଣ୍ଡ ନଥିଲେ ଆମ ଖାଦ୍ୟ ଶୈଳୀ ଓ ପୋଷାକ ପରିଧାନର ଶୈଳୀ ବୋଧ ହୁଏ ଭିନ୍ନ ହୋଇଥାନ୍ତା। ଅନେକ ତଥାକଥିତ ପ୍ରଚାରଧର୍ମୀ ଫାଷ୍ଟ ଫେସନ ଗୁଡ଼ିକ ଏପରି ଲୋକମାନଙ୍କ ଭିତରେ ଛାଇ ହୋଇଯାଉଛି ଯେ ସେଥିରୁ ବର୍ତ୍ତିବା ସହଯେ ସମ୍ଭବ ହେଉନାହିଁ। ଉଦାହରଣ ବଶତଃ ଫାଷ୍ଟ ଫେସନ ଧାରା ସହ ସାମାଜିକ ଗଣମାଧ୍ୟମ ଯୋଗୁଁ ଟ୍ରେଣ୍ଡ କରୁଛି ଇଭିଲ ଆଇ ଫ୍ୟାସନ। ଇଭିଲ ଆଇ ବା ଖରାପ ନଜର ଯାହାକି ଏକ ପ୍ରକାର ନୀଳ ରଙ୍ଗର ମାଳି। ଯେଉଁଥିରେ କଳା ରଙ୍ଗର ଏକ ବିନ୍ଦୁ ରହିଥାଏ। ବିଶ୍ୱାସ ରହିଛି ଆଖି ପରି ଦେଖାଯାଉଥିବା ଏହି ମାଳିଟି କୁ-ନଜରରୁ ରକ୍ଷା କରିଥାଏ। ଇଭିଲ ଆଇର ଟ୍ରେଣ୍ଡ ଏବେ ଏତେ ବ୍ୟାପିଗଲାଣି ଯେ ଏହି ଟ୍ରେଣ୍ଡର ମାୟାରେ ସାଧାରଣ ଜନତା ଠାରୁ ସେଲିବ୍ରେଟିଙ୍କ ପର୍ଯ୍ୟନ୍ତ ବି ବାୟା ହୋଇଗଲେଣି। ସାମାଜିକ ଗଣମାଧ୍ୟମ ଅନେକ ଜ୍ଞାନ ସୂଚୀତ କରେ ଓ ଅନେକ ଅଜଣା ତଥ୍ୟ ମଧ୍ୟ ଆମ୍ଭ ମାନଙ୍କୁ ଜଣାଇଥାଏ। ତେବେ ଘଣ୍ଟା ଘଣ୍ଟା ଧରି ଏହି ଟ୍ରେଣ୍ଡ ଭିତରେ ବିଶେଷକରି ସୋସିଆଲ ମିଡ଼ିଆ ଭିତରେ ଜଡ଼ିତ ରହିବା ଦ୍ୱାରା ଜଣଙ୍କର ସୃଜନଶୀଳତା କେବଳ ନଷ୍ଟ ହେଉନି ଏହାର ଗୁରୁତର ପ୍ରଭାବ ତାଙ୍କର ଜୀବନଚର୍ଯ୍ୟା ଉପରେ ପଡୁଛି। ଖାଇବା, ପିଇବା, ବସିବା-ଉଠିବା, ଅନ୍ୟମାନଙ୍କ ସହ ଯୋଡ଼ି ହେବା ଓ ନିଜର ତମାମର ଧରାବନ୍ଧା ରୁଟିନ ମଧ୍ୟ ବାଧାପ୍ରାପ୍ତ ହେଉଛି। ନିଜେ ସୋସିଆଲ ମିଡ଼ିଆରେ ପଠାଇଥିବା ଟ୍ରେଣ୍ଡଟି ଲାଇକ କି କମେଣ୍ଟ ନଆସିଲେ ଅନେକଙ୍କ ଭିତରେ ଏପରି ବିରକ୍ତି ଓ ହତାଶ ଭାବ ସହ ଉତ୍ତେଜନା ସୃଷ୍ଟି କରିଥାଏ ଯେ ସେମାନେ ମାନସିକ ଭାରସାମ୍ୟ ମଧ୍ୟ ହରାଇଥାନ୍ତି। ତେଣୁ ଏ କ୍ଷେତ୍ରରେ ସବୁଠାରୁ ବଡ଼ କଥା ହେଉଛି ନିଜର ସମୟର ମୂଲ୍ୟାୟନ ସହ ଦୈନନ୍ଦିନ ରୁଟିନ ବନ୍ଧା ଜୀବନଟିକୁ ମଧ୍ୟ ଦେଖନ୍ତୁ। କାରଣ ଭାବ ପ୍ରବଣତାର ଅନ୍ତହୀନ ବାସ୍ତବତାକୁ ଛୁଇଁବା ଅନେକଙ୍କ ପାଇଁ କେବଳ କଷ୍ଟକର ହୋଇନଥାଏ ବରଂ ବିଷାଦ ଓ ଅବସାଦର କାରଣ ହୋଇଥାଏ। ତେଣୁ ଜଣେ ଏହିପରି ଫିୟର ଅଫ ମିସିଂ ଆଉଟ ବା ହର୍ଡ଼ ମେଣ୍ଟାଲିଟିର ଶିକାର ହୋଇଥିଲେ ପୀଡ଼ିତର ପାଖ ଲୋକମାନେ ଆଦୌ ଅଧୈର୍ଯ୍ୟ ନହୋଇ ବରଂ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ତାଙ୍କ ପାଇଁ ଏକ ଭଲ ରୁଟିନଟି ତିଆରି କରନ୍ତୁ ଏବଂ ସର୍ବୋପରି ତାଙ୍କ ସହିତ ଗଭୀର ଆତ୍ମୀୟତା ବଢ଼ାଇ କିଛି ସମୟ ଏକାଗ୍ରତାର ଲୟ ଶିଖାନ୍ତୁ। ସୋସିଆଲ ମିଡ଼ିଆକୁ ନେଇ ତାଙ୍କ ଭିତରେ ରହିଥିବା ଅହେତୁକ ଦୁର୍ବଳତାକୁ ପ୍ରଶମିତ କରିବା ପାଇଁ ପରିବାରର ଲୋକ ଓ ଆତ୍ମୀୟ ମାନଙ୍କର ଗୁରୁ ଦାୟିତ୍ୱ ରହିଛି।

# ସର୍ବଦେବତା ସ୍ୱରୂପ ସତ୍ୟସାଇ

କିଶୋର କୁମାର ଜେନା
ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ : ୭୩୭୭୪୩୯୦୭୭

ଆଜିକାଲି ଅଧିକାଂଶ ଲୋକ ଧନ, ସମ୍ପତ୍ତି ପାଇଁ ଲାଳାୟିତ। ପ୍ରକୃତ ଧନ କ'ଣ କେଉଁ ସମ୍ପଦ ଆମ ସହ ଜନ୍ମ ଜନ୍ମାନ୍ତର ସାହା ହେବ ତାହା ଅଧିକାଂଶ ଜାଣୁ ନାହାନ୍ତି। ଧନ, ମାନ, ଶିକ୍ଷା, ଗାରିମା ଓ ଖ୍ୟାତି ପ୍ରଭୃତି ମଣିଷ ପାଇଁ ବଡ଼ କଥା ହୋଇଛି। କୌଣସି ନା କୌଣସି ମାର୍ଗରେ କିଛି ନା କିଛି ଗୋଟାଏ ହାସଲ କରି ବଡ଼ ପଣ ଦେଖେଇ ହେବାରେ ଆଜିକାଲି ଖୁବ ପ୍ରଶଂସା ମିଳୁଛି। ଲୋକ ନିଜେ ବି ନିଜକୁ ଧନ୍ୟ ମନେକରୁଛି। ଶାନ୍ତି ରୂପକ ସୁଗନ୍ଧିତ ପୁଷ୍ପ ନିର୍ମଳ ପ୍ରେମରୁ ହିଁ ଜାତ ହୋଇଥାଏ। ଶାନ୍ତି ଦ୍ୱାରା ସବୁ କିଛି ହାସଲ କରାଯାଇପାରେ। ଘୃଣା ଭାବ ଉଦ୍‌ବିଗ୍ନତା ବା ଦୈନ୍ୟ ଭିତରେ ଶାନ୍ତି ହାସଲ କରାଯାଇ ପାରିବ ନାହିଁ। ପ୍ରକୃତରେ ଏସବୁ ଦ୍ୱାରା ଆମେ ସମାଜର କ୍ଷତି କରିବା। ଆଜିର ଦୁନିଆରେ ଏହି ଶାନ୍ତି ଭାବ କୁଆଡ଼େ ହଜିଗଲାଣି, ଯେଉଁଥି ପାଇଁ ଚାରିଆଡ଼େ ବିଶୃଙ୍ଖଳା, ବିଭ୍ରାନ୍ତ ଦେଖାଯାଉଛି। ଯୁଦ୍ଧର ଭୟ, ଦୁର୍ଭିକ୍ଷ ଭୟ ଓ ଅନ୍ୟାନ୍ୟ ମର୍ମନ୍ତୁଦ ଘଟଣାର ଆଶଙ୍କା ଦେଖାଯାଉଛି। କ୍ଷମତା ଲାଭ କରିବାର ପ୍ରବଳ ଆକାଂକ୍ଷା ସହ ସ୍ୱାର୍ଥପର ଚିନ୍ତାଧାରାର ଆଧିକ୍ୟ ଅନୁଭୂତ ହେଉଛି। ଏ ସବୁର କାରଣ କ'ଣ ? ଏହାର କାରଣ ଆମର ପ୍ରକୃତ ସ୍ୱଭାବ ଶାନ୍ତିକୁ ଆମେ ଜାଣି ନାହୁଁ। ଶାନ୍ତି ସର୍ବଶ୍ରେଷ୍ଠ ମୂଲ୍ୟବୋଧ ଅଟେ ଯାହାକୁ ଅହଂଭାବ ଓ କାମନା ବାସନା ତ୍ୟାଗ କରି ହାସଲ କରାଯାଇପାରେ। ଜୀବନରେ ପ୍ରେମଭ୍ୟାସ କରିପାରିଲେ ତାହାର ପୁରସ୍କାର ସ୍ୱରୂପ ଶାନ୍ତି ପାଇବ। ସେତେବେଳେ ଆମର ସବୁଯାକ କାମ ଠିକ୍ ଠିକ୍ ହୋଇପାରିବ।

ପୁଟ୍ଟପର୍ତ୍ତୀ ଆନ୍ଧ୍ରପ୍ରଦେଶ ଅନନ୍ତପୁର ଜିଲ୍ଲାର ଗୋଟିଏ ଛୋଟିଆ ଗାଁ। ସେଇ ଗାଁରେ ଜନ୍ମ ନେଇଥିଲେ ଭଗବାନ ଶ୍ରୀସତ୍ୟସାଇ ବାବା। ୧୯୨୬ ମସିହା ନଭେମ୍ବର ୨୩ ତାରିଖ କାର୍ତ୍ତିକ ମାସ ସୋମବାର ଦିନ। ପାରମ୍ପିକ ସତ୍ୟନାରାୟଣ ପୂଜା ସରିବା ପରେ ମାତା ଈଶ୍ୱରାମ୍ମା ସତ୍ୟନାରାୟଣଙ୍କ ପ୍ରସାଦ ଗ୍ରହଣ କରିଥିଲେ ଏବଂ ତାପରେ ଜନ୍ମ ନେଇଥିଲେ ସତ୍ୟସାଇ ବାବା; ସତ୍ୟନାରାୟଣଙ୍କ ପ୍ରସାଦରୁ ଜନ୍ମ ନେଇଥିବାରୁ ନାମ ଦିଆହେଲା ସତ୍ୟ ନାରାୟଣ ରାଜୁ, ଜନ୍ମ ହେବା ପୂର୍ବରୁ ଏବଂ ଜନ୍ମ ହେବା ପରେ ବହୁ ଅଲୌକିକ ଘଟଣା ଘଟି ଚାଲିଥିଲା। ସାତବର୍ଷ ବୟସରେ ସେ ସ୍କୁଲରୁ ଫେରି ଗୃହତ୍ୟାଗ କରି ନିଜକୁ ସତ୍ୟସାଇ ବୋଲି ଘୋଷଣା କରିଥିଲେ, ସେ ଆଜି ମର ଶରୀରରେ ନାହାନ୍ତି ସତ, କିନ୍ତୁ ପୃଥିବୀରେ ବର୍ତ୍ତମାନ ଏପରି କୌଣସି ଦେଶ ନାହିଁ, ଯେଉଁଠି ଭକ୍ତମାନେ ତାଙ୍କ ଅନୁଗ୍ରହ ଉପକାର ଅନୁଭବ କରୁନାହାନ୍ତି। ଦୈବସତ୍ତା ସବୁବେଳେ ଭକ୍ତମାନଙ୍କୁ ଡାକରାକୁ କାନ ଦେଇ ବସିଥାଏ। ଆବଶ୍ୟକତା ଅନୁଯାୟୀ ଯୁଗାବତାରମାନେ ନିଜର ସ୍ୱଭାବ ପ୍ରକଟ କରନ୍ତି।

ଯୋଗୀରାଜ ଶ୍ରୀ ଅରବିନ୍ଦଙ୍କ ମତରେ 'ସବୁଯୁଗରେ ଅବତାରଙ୍କର କର୍ମ କୌଶଳ ସମାନ ରହିବ ବୋଲି ଆଶା କରାଯାଇ ନପାରେ।' ଆଜିର ସଂଶୟାତ୍ମକ ଯୁଗରେ ଦୈବଶକ୍ତିର ପ୍ରତ୍ୟକ୍ଷ ନିଦର୍ଶନ ନ ଦେଖିଲେ, ଲୋକମାନେ ତାଙ୍କ ଠାରେ ଆତ୍ମସମର୍ପଣ କରନ୍ତି ନାହିଁ। ଅଲୌକିକତାର ଏକ ଅଂଶ ଆରୋଗ୍ୟ ପ୍ରଦାନ, ଅଲୌକିକ ଭାବେ ସାଇବାବା ଯେ, କେତେ ବ୍ୟକ୍ତିଙ୍କୁ ଆରୋଗ୍ୟ କରିଛନ୍ତି, ସେ କଥା ଗଣନା କରି କହି ହେବନାହିଁ। ଯିଏ ଯେତେବେଳେ ଭଗବାନଙ୍କର ଶରଣାପନ୍ନ ହୋଇ ପ୍ରାର୍ଥନା କରିଛନ୍ତି, ଏହା ନିଶ୍ଚିତ ଯେ, ସେମାନେ ବାବାଙ୍କ ଦ୍ୱାରା ଉପକୃତ ହୋଇଛନ୍ତି। ଏହିଭଳି ଗୋଟିଏ ଘଟଣା ଘଟିଲା ଜଣେ ଗୁଜୁରାଟୀ ଭଦ୍ର ଲୋକ ଏମ.ଜେ. ଯୋଗାନନ୍ଦ ମୁଦାଲିଆଙ୍କ ଜୀବନରେ। ଯଦିଓ ମୁଦାଲିଆ ଜଣେ ଆଧ୍ୟାତ୍ମମାର୍ଗୀ ଥିଲେ, ମାତ୍ର ମତଭେଦ ଅନୁଯାୟୀ ସେ ଜଣେ ତାନ୍ତ୍ରିକଙ୍କର କ୍ରୁରଦୃଷ୍ଟି ଏଡ଼ାଇ ପାରିଲେ ନାହିଁ। ତନ୍ତ୍ର ପ୍ରୟୋଗରେ ସେ ହୋଇଗଲେ ପାଗଳ, ପାଗଳାମିରେ ସେ ନିଜ ପାଇଁ ଓ ତାଙ୍କ ପରିବାର ପାଇଁ ଭୟଙ୍କର ହୋଇ ଉଠିଲେ। ଅସହ୍ୟ ହେଲା ତାଙ୍କ ପାଗଳାମି, ତାଙ୍କର ଆରୋଗ୍ୟ କାମନା କରି, ତାଙ୍କ ସ୍ତ୍ରୀ ଏବଂ ଝିଅ ଆକୁଳ ପ୍ରାର୍ଥନା ଜଣାଇଲେ ଈଶ୍ୱରଙ୍କ ପାଖରେ। ପ୍ରାର୍ଥନା ତାଙ୍କର ବ୍ୟର୍ଥରେ ଗଲା ନାହିଁ। ଶନିବାର ରାତି ଏବଂ ରବିବାର ପ୍ରତ୍ୟୁଷରେ ଶ୍ରୀଯୁକ୍ତ ମୁଦାଲିଆ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲେ। ସ୍ୱପ୍ନ ଅନୁଯାୟୀ ଜଣେ ଯୁବକ ସନ୍ନ୍ୟାସୀ ତାଙ୍କ ପାଖକୁ ଆସି, ତାଙ୍କ ଗୋଟିଏ ପାତ୍ରରେ ଥିବା ଜଳ ତୁଳସୀ ପ୍ରଦାନ କରି ଏବଂ ତାଙ୍କ ଆରୋଗ୍ୟ ପାଇଁ ଆଶୀର୍ବାଦ ଦେଇ ଅଦୃଶ୍ୟ ହୋଇଗଲେ। ଶ୍ରୀଯୁକ୍ତ ମୁଦାଲିଆ ସ୍ୱପ୍ନରେ ଜଳ ତୁଳସୀ ଗ୍ରହଣ କରି ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ ଲାଭ କଲେ।

ତାଙ୍କ କହିବା ଅନୁଯାୟୀ, ଏହି ଯୁବକ ସନ୍ନ୍ୟାସୀ ଏକ ଲାଲରଙ୍ଗର ଗାଉନ ପରିଧାନ କରିଥିଲେ। ତାଙ୍କ ମୁଣ୍ଡରେ ଥିଲା ଗହଳ କେଶ, ଏହି ଘଟଣାର ଠିକ ସାତଦିନ ପରେ, ବାବା ତାଙ୍କ ଅନୁଗ୍ରହ ପ୍ରଦାନ ପାଇଁ ସ୍ୱଦେହରେ ପହଞ୍ଚିଲେ, ମୁଦାଲିଆଙ୍କର ବାସଭବନରେ, ସ୍ୱପ୍ନରେ ଦେଖିଥିବା ସନ୍ନ୍ୟାସୀଙ୍କୁ ସ୍ୱଦେହରେ ଦେଖି ଶ୍ରୀଯୁକ୍ତ ମୁଦାଲିଆ ଓ ତାଙ୍କର ପରିବାରବର୍ଗମାନେ ଆନନ୍ଦରେ ଉଚ୍ଛୁଳି ପଡ଼ିଲେ, ଯୁବକ ସନ୍ନ୍ୟାସୀଙ୍କର ପରିଚୟ ଦରକାର ପଡ଼ିଲା ନାହିଁ। ଆନନ୍ଦ ଉତ୍କଣ୍ଠାରେ ଝରି ପଡ଼ିଲା ଆଖିରୁ ସେମାନଙ୍କର ଆନନ୍ଦାଶ୍ରୁ।

ବାବା ଶୂନ୍ୟରୁ ସୃଷ୍ଟି କଲେ ଏକ କବଚ ଏବଂ ପକାଇ ଦେଲେ ଯୋଗାନନ୍ଦଙ୍କ ଗଳାରେ ରକ୍ଷା କବଚ କରି। ବାବାଙ୍କର ଏହି ସ୍ୱତନ୍ତ୍ର ଅନୁଗ୍ରହରେ ଯୋଗାନନ୍ଦ ଏବଂ ତାଙ୍କ ପରିବାର କୃତଜ୍ଞତା ସହିତ କହିଉଠିଲେ 'ଆପଣ ଭଗବାନ'। ୧୯୬୩ ମସିହା ଜୁନ ମାସ ୨୮ ତାରିଖ ସନ୍ଧ୍ୟାରେ ବାବା କସ୍ତୁରୀଙ୍କୁ କହିଲେ, ଏକ ସପ୍ତାହ ଧରି ତାଙ୍କର ସାକ୍ଷାତକାର ବନ୍ଦ କରିବା ପାଇଁ, ଠିକ୍ ତା' ପରଦିନ ଜୁନମାସ ୨୯ ତାରିଖ ଶନିବାର, ସମୟ ପ୍ରାୟ ସକାଳ ୬ଟା ୩୦ ମି. ହେବ, ବାବା ଅଚେତ ହୋଇଗଲେ। ପୂର୍ବରୁ ଅଧିକାଂଶ ସମୟରେ ଭକ୍ତଙ୍କୁ ରକ୍ଷା କରିବା ପାଇଁ ସେ ସୂକ୍ଷ୍ମ ଶରୀରରେ ଭ୍ରମଣ କଲାବେଳେ ଏହିପରି ଅବସ୍ଥା ଦେଖା ଯାଉଥିଲା। କିନ୍ତୁ ଏହା ସେପରି ନଥିଲା। ଅନେକ ସମୟ ଧରି ବାବା ଅଚେତ ହୋଇ ରହିବା ପରେ, ଭକ୍ତମାନେ ଶଙ୍କିତ ହୋଇ ଡାକ୍ତରମାନଙ୍କ ସାହାଯ୍ୟ ନେଲେ, କିନ୍ତୁ ତାହା ବାବାଙ୍କୁ ଠିକ କରିପାରି ନଥିଲା। ମହୀଶୂର ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଡାକ୍ତର ନରସିଂହ ରାଓ ଚିକିତ୍ସାର ଦାୟିତ୍ୱ ଗ୍ରହଣ କଲେ। ସମସ୍ତ ପ୍ରକାର ଡାକ୍ତରୀ ଚିକିତ୍ସା ପରେ ମଧ୍ୟ ବାବାଙ୍କର ସ୍ୱାସ୍ଥ୍ୟର କୌଣସି ଉନ୍ନତି ଘଟି ନଥିଲା। ପାଞ୍ଚଦିନ ଧରି ବାକ ଶକ୍ତି ରୁଦ୍ଧ ଥାଇ ପଡ଼ି ରହିଲେ। ଏହି ପାଞ୍ଚଦିନ ମଧ୍ୟରେ ସେ ହୃଦରୋଗରେ ମଧ୍ୟ ଆକ୍ରାନ୍ତ ହେଲେ। ତାଙ୍କ ବାମ ପାର୍ଶ୍ୱରେ ପକ୍ଷାଘାତ ହେଲା, ତାଙ୍କର ବାମପାର୍ଶ୍ୱଟି ଅଚଳ, ଅଦରକାରୀ ଏବଂ କଠିନ ହୋଇଗଲା। ବାମ ଚକ୍ଷୁ ଏବଂ ବାକ ଶକ୍ତି ମଧ୍ୟ ସାଂଘାତିକ ଭାବରେ ଆକ୍ରାନ୍ତ ହେଲା। ଜୁଲାଇ ୪ ତାରିଖ ଗୁରୁବାର ଦିନ ସ୍ୱାମୀ ସାମାନ୍ୟ ଅରୋଗ୍ୟ ଲାଭ କଲେ। ମାତ୍ର ତାଙ୍କ କଣ୍ଠସ୍ୱର ଦୁର୍ବଳ ଥିଲା। ଗୁରୁ ପୂର୍ଣ୍ଣିମା ନିକଟ ହୋଇଥିବାରୁ ଆଶ୍ରମରେ ଲୋକଭିଡ଼ ବଢ଼ି ଚାଲିବା ସଙ୍ଗେ ସଙ୍ଗେ ଭକ୍ତମାନଙ୍କ ଭିତରେ ବିଷାଦର ଛାୟା ସଙ୍ଗେ ସଙ୍ଗେ ଗୁଜବ ମଧ୍ୟ ବଢ଼ି ଚାଲିଲା। ଗୁରୁ ପୂର୍ଣ୍ଣିମାର ପୂର୍ବଦିନ ସେବାରେ ଥିବା ଜଣେ ଭକ୍ତକୁ କ୍ଷୀଣ କଣ୍ଠରେ ବାବା କହିଲେ, ସେ ଗୁରୁପୂର୍ଣ୍ଣିମା ଦିନ ଭକ୍ତମାନଙ୍କୁ ଦେଖା ଦେବେ। ଜଣେ ଭକ୍ତର ରକ୍ଷା ପାଇଁ ତାର ରୋଗକୁ ସେ ନିଜ ଦେହକୁ ଆଣିବା ପାଇଁ ବାଧ ହୋଇଛନ୍ତି।

ଜୁଲାଇ ୬ ତାରିଖ ଗୁରୁପୂର୍ଣ୍ଣିମା ସନ୍ଧ୍ୟାରେ ବାବାଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରାର୍ଥନା ଗୃହର ଏକ ଚଉକିରେ ଶୂନ୍ୟରେ ଉଠାଇ ଆଣି ତାଙ୍କୁ ବସାଇ ଦିଆଗଲା। ବାବାଙ୍କର ଏପରି ଅବସ୍ଥା ଦେଖି ଭକ୍ତମାନଙ୍କର କାନ୍ଦରେ ପ୍ରାର୍ଥନା ଗୃହଟି ଫାଟି ପଡ଼ିଲା। ପରିସ୍ଥିତିକୁ ଆୟତ୍ତ କରିବା ପାଇଁ କସ୍ତୁରୀ ତାଙ୍କ ଭାଷଣ ମାଧ୍ୟମରେ ନୀରବତା ରକ୍ଷା କରିବାକୁ ଅନୁରୋଧ କରିବା ସଙ୍ଗେ ସଙ୍ଗେ ବାବାଙ୍କର ସମ୍ପୂର୍ଣ୍ଣ ଆରୋଗ୍ୟ ପାଇଁ ଆଉ ଏକମକାସ ସମୟ ଦରକାର ବୋଲି ପ୍ରକାଶ କଲେ। ତାଙ୍କର ଅଭିଭାଷଣ ସରିବା ପୂର୍ବରୁ ବାବା ଚଉକି ପାଖକୁ ଜଣେ ଭକ୍ତଙ୍କୁ ହାତ ଠାରି ଡାକିଲେ ଏବଂ ପାଣି ଗ୍ଲାସ ଆଣିବାକୁ ନିର୍ଦ୍ଦେଶ ଦେଲେ। ସେ ସଙ୍ଗେ ସଙ୍ଗେ ପାଣି ଗ୍ଲାସ ଆଣିଲେ। କେତେ ଟୋପା ପାଣି ବାବାଙ୍କ ପାଟିରେ ଢ଼ାଳି ଦିଆଗଲା। ତାପରେ ବାବା ସେ ପାଣିଗ୍ଲାସରୁ କେତେ ଟୋପା ପାଣି ଡାହାଣ ହାତରେ ନେଇ ବାମ ହାତରେ ଛିଞ୍ଚିଲେ। ତାପରେ ଡାହାଣ ହାତରେ ବାମ ହାତକୁ ବାଡ଼େଇଲେ ଏବଂ ନିଷ୍ପ୍ରାଣ ବାମ ପାଦକୁ ଦୁଇ ହାତରେ ବାଡ଼େଇଲେ। ଏହି ଦୃଶ୍ୟ ଦର୍ଶକ ମାନଙ୍କ ଭିତରେ କୌତୁହଳ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଆଶାର ସଞ୍ଚାର ସୃଷ୍ଟି କରି ଚାଲିଥିଲା। କସ୍ତୁରୀଙ୍କ ଭାଷଣ ଶେଷ ହେବା ପୂର୍ବରୁ ବାବା ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ଲାଭ କରିସାରିଥିଲେ। ସେ ତାଙ୍କ ଆସନ ଛାଡ଼ି ଉପସ୍ଥିତ ଭକ୍ତମାନଙ୍କୁ ଗୁରୁପୂର୍ଣ୍ଣିମାର ତାତ୍ପର୍ଯ୍ୟ ବୁଝାଇଲେ, ଭକ୍ତମାନେ ନିଜର ଆଖି ଓ କାନକୁ ବିଶ୍ୱାସ କରିପାରିଲେ ନାହିଁ। କିନ୍ତୁ ଯେତେବେଳେ ଉପଲବ୍ଧି କଲେ ଯେ, ବାବା ସେମାନଙ୍କ ସାମ୍ନାରେ ଠିଆ ହୋଇ ଭାଷଣ ଦେଉଛନ୍ତି, ସେମାନେ ଆନନ୍ଦରେ ନାଚି ଉଠିଲେ। ମନ ସେମାନଙ୍କର କୃତଜ୍ଞତାରେ ଭରିଗଲା, ବାବାଙ୍କର ଗୁରୁପୂର୍ଣ୍ଣିମା ଭାଷଣ ଏକ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା। ତାପରେ ବାବା ନିଜେ ଭଜନ ଗାଇ ବିନା ସାହାଯ୍ୟରେ ସିଡ଼ି ଆରୋହଣ କରି, ତାଙ୍କର କୋଠରୀକୁ ଯାଇଥିଲେ।

ବାବା ଆଜି ମରଶରୀରରେ ନାହାନ୍ତି ସତ, କିନ୍ତୁ ତାଙ୍କର ଅନୁଗ୍ରହ ଏବେ ମଧ୍ୟ ଭକ୍ତମାନଙ୍କ ନିକଟରେ ଜୀବିତ ହୋଇ ରହିଛି। ଶ୍ରୀସତ୍ୟଇ ବାବା ଯେ, ଅବତାର ତାର ଅବିସମ୍ବାଦି ପ୍ରମାଣ ହେଲା, ତାଙ୍କର ଶକ୍ତି, ଯାହାବଳରେ ସେ ସାରା ସଂସାରରେ ଲକ୍ଷ ଲକ୍ଷ ଲୋକଙ୍କୁ ଆକୃଷ୍ଟ କରି ଧର୍ମମାର୍ଗରେ ନିୟୋଜିତ କରିଛନ୍ତି, ସେହି ଶକ୍ତି ହିଁ ପ୍ରମାଣ କରି ସେ 'ସର୍ବଦେବତା ସ୍ୱରୂପ'।



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ାର ଟାଇକଣ୍ଡୋ ଖେଳାଳୀଙ୍କ କୃତିତ୍ୱ ନିମାପଡ଼ା ପାଇଁ ଆଣିଲେ ଗୌରବ । ସେମାନଙ୍କୁ ଚାରିଆଡୁ ମିଳୁଛି ଶୁଭେଚ୍ଛା । ଚଳିତ ମାସ ୧୮ ତାରିଖ ଭୁବନେଶ୍ୱର ବୁଦ୍ଧ ମନ୍ଦିର ଇନ୍ଦୋର ହଲ୍ ଠାରେ ରାଜ୍ୟସ୍ତରୀୟ ମାଷ୍ଟୋଗି ଦୋ ପ୍ରତିଯୋଗୀତାରେ ଅମି୍ ଟାଏକଣ୍ଡୋ ଆସୋସିଏସନ୍ ତରଫରୁ ୬ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଛଅ ଜଣ ପ୍ରତିଯୋଗୀମାନଙ୍କ ମଧ୍ୟରୁ ୫ ଜଣ ସ୍ୱର୍ଣ୍ଣ ପଦକ ସହିତ ଗୋଟିଏ ରୌପ୍ୟ ପଦକ ପ୍ରାପ୍ତ କରିଛନ୍ତି। ତାନିଷ୍ମା ଦାସ, ସୌମ୍ୟଶ୍ରୀ ବାରିକ, ସି ମାନ୍ୟତା ଏ ପ୍ରିୟଦର୍ଶନୀ, ବୈଶାଖୀ ପଲେଇ, ସୌମ୍ୟ ରଂଜନ ପଳତାଙ୍କୁ ସ୍ୱର୍ଣ୍ଣ ପଦକ ସହିତ ପ୍ରତିକ୍ ରଂଜନ ପତି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ସଫଳତା ଲାଗି ପଦକ ବିଜେତାଙ୍କ ମୁଖ୍ୟ ପ୍ରଶିକ୍ଷକ ଅମିତ କୁମାର ରାଉତଙ୍କୁ ଓଡ଼ିଶା ରୟାଲ ଟାଏକଣ୍ଡୋର ସଭାପତି ମିମାଂଶୁ ଶେଖର ପ୍ରଧାନ, ସଦସ୍ୟ ପାର୍ଥ ସାରଥୀ ରାଉତ, କୃଷ୍ଣଚନ୍ଦ୍ର ଦାସ, ସୁରେଶ ଚନ୍ଦ୍ର ଦାସ, ନିର୍ମଳ କୁମାର ମିଶ୍ର, ମୃତ୍ୟୁଞ୍ଜୟ ଦାସ, ପ୍ରଶାନ୍ତ କୁମାର ସାହୁ, ସମ୍ବିତ ସେଠୀ ଶୁଭେଚ୍ଛା ଜଣାଇଛନ୍ତି।

## ନୂଆସାହି କୈବର୍ତ୍ତ ସଂଘର ଚଇତି ଉତ୍ସବ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ଼ ଅନ୍ତର୍ଗତ ନୂଆସାହିରେ ଚଇତି ପୂର୍ଣ୍ଣିମା ପର୍ବ ପାଳିତ ହୋଇଯାଇଛି। ନୂଆସାହି ବାସୁଲେଇ କୈବର୍ତ୍ତ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ବିଜେଡ଼ି ନଗର କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ନାରୀନେତ୍ରୀ କବିତାରାଣୀ ଲେଙ୍କା, ହଂସ ଚରଣ ସାହୁ ପ୍ରମୁଖ ଅତିଥି ଭାବେଯୋଗଦେଇ କୈବର୍ତ୍ତ ସମାଜକୁ ଏକତ୍ରିତ କରିରଖିବା ସହିତ ସେମାନଙ୍କ ବିକାଶ ପାଇଁ ପାରମ୍ପରିକ ଚଇତି ପର୍ବର ଆୟୋଜନ ମାଧ୍ୟମରେ ସ୍ଥାନୀୟ କୈବର୍ତ୍ତ ସଂଘର ପ୍ରୟାସକୁ ପ୍ରଶଂସା କରିଥିଲେ। ସଭାପତି ଅଲେଖ ଚନ୍ଦ୍ର ବେହେରା, ପୂର୍ବତନ କାଉନସିଲର ଗିରିଧାରୀ ଦଳାଇ, ଯଦୁମଣି ଦଳାଇଙ୍କ ସମେତ ସଂଘର କର୍ମକର୍ତ୍ତା ଓ ସ୍ଥାନୀୟ ଯୁବବର୍ଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସାଲେପୁର ପାଗା ଅଞ୍ଚଳର ମୋହନ ଚନ୍ଦ୍ର ବେହେରା ଓ ସାଥୀ ମାନଙ୍କଦ୍ୱାରା ପାରମ୍ପରିକ ଘୋଡ଼ାନାଚ ପରିବେଷଣ କରାଯାଇଥିଲା।

## ଲକ୍ଷ୍ମୀ ବସ୍ ସେବାରୁ ନୂଆଖୋଲମରା ଓ ଅଣ୍ଡରା ଇଚ୍ଛାପୁର ବାଦ୍

ଗୋପ, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀ ବସ୍ ଏବେ ଘରେ ଘରେ ପରିଚିତ ଏକ ସୁପରିଚିତ ବସ୍ ସେବା । ନିଜ ଘର ଦୁଆର ମୁହଁରୁ ଯାତ୍ରୀଙ୍କୁ ଆଣିବା ସହିତ ବ୍ଲକର ମୁଖ୍ୟାଳୟରେ ଛାଡିବା ଏବଂ ପୁନଃ ବ୍ଲକ ମୁଖ୍ୟାଳୟରୁ ନେଇ ନିଜ ଘର ଦୁଆର ମୁହଁରେ ଛାଡିବା ଯୋଗୁଁ ଏବେ ଲକ୍ଷ୍ମୀ ବସ୍ ସେବା ସମସ୍ତ ଲୋକଙ୍କ ନିକଟରେ ଆଦୃତ ହୋଇପାରିଛି। ସରକାରଙ୍କ ଲକ୍ଷ୍ୟ ରହିଥିଲା ପ୍ରତ୍ୟେକ ବ୍ଲକରେ ପଞ୍ଚାୟତରୁ ବ୍ଲକକୁ ଏହି ଲକ୍ଷ୍ମୀ ବସ୍ ସେବା ଦ୍ୱାରା ସଂଯୋଗୀକରଣ କରାଯିବ ଏବଂ ବିଶେଷ କରି ମହିଳମାନେ ମାତ୍ର ୫ ଟଙ୍କାରେ ସେମାନେ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ। ମାତ୍ର ଏପରି ଜନହିତକର ବସ୍ ସେବାରୁ ବାଦ୍ ପଡିଛି ଗୋପ ବ୍ଲକ ନୂଆଖୋଲମରା ପଂଚାୟତ। ଆରମ୍ଭରୁ ଦୁଇ ଦିନ ଚଳାଇବା ପରେ ହଠାତ୍ କାହିଁକି ବନ୍ଦ ହୋଇଗଲା । ଏହି ବସ୍‌ଟି ନୂଆଖୋଲମରା ପଂଚାୟତ ଠାରୁ ରାହାଙ୍ଗରଡା ପଂଚାୟତ, ଅଣ୍ଡରା ଇଚ୍ଛାପୁର ପଂଚାୟତ ଦେଇ ଗୋପ ପରେ ପଂହଚିବ । ଏବଂ ଉକ୍ତ ରାସ୍ତା ଦେଇ ମଧ୍ୟ ଫେରିବ। ଅଣ୍ଡରା ଇଚ୍ଛାପୁର ପଂଚାୟତର ରେ ଏ ନେଇ ରାସ୍ତା କାର୍ଯ୍ୟ ପ୍ରଶସ୍ତିକରଣ ମଧ୍ୟ ଚାଲିଛି ଯଦ୍ଦ୍ୱାରା ଏହି ରାସ୍ତା ଦେଇ ବସ୍ ଚାଲିପାରୁନାହିଁ। ଏହି ବସଟି ନୂଆ-ଖୋଲମରା ପଂଚାୟତର ଶେଷଭାଗରୁ ଡଭାର ପଂଚାୟତ ଓ ଗଣେଶ୍ୱରପୁର ପଂଚାୟତ ଦେଇ ଯିବା ଆସିବା କରୁଛି। ଫଳରେ ନୂଆଖୋଲମରା ପଂଚାୟତ ଓ ଅଣ୍ଡରା ଇଚ୍ଛାପୁର ପଂଚାୟତ ଏହି ବସ୍ ସେବାରୁ ବାଦ୍ ପଡିଛି। ଯଦିଓ ଅଣ୍ଡରା ଇଚ୍ଛାପୁର ପଂଚାୟତ ରେ ରାସ୍ତା କାର୍ଯ୍ୟ ଯୋଗୁଁ ବସ୍‌ଟି ଚାଲିପାରୁ ନାହିଁ। ମାତ୍ର ନୂଆଖୋଲମରା ପଂଚାୟତ ରେ ସେପରି ସମସ୍ୟା ନଥିବା ସତ୍ତ୍ୱେ କାହିଁକି ବସ୍ ସେବା ଯୋଗାଇ ଦିଆଯାଉନାହିଁ ତାହାକୁ ନେଇ ସାଧାରଣରେ ଅସନ୍ତୋଷ ଲାଗିରହିଛି। ସୂଚନାନୁଯାୟୀ ଘୋଡା ଛଅଟଙ୍କାକୁ ଦାନା ନଅ ଟଙ୍କା ନ୍ୟାୟରେ ଏବେ ଲକ୍ଷ୍ମୀ ବସ୍ ୯୫ ପ୍ରତିଶତ କ୍ଷତିରେ ଚାଲୁଛି। ରାଜ୍ୟ ସରକାରଙ୍କ ଯଦିଓ ଏହି ଯୋଜନା ସେବା ନିମନ୍ତେ ଉଦ୍ଦିଷ୍ଟ ମାତ୍ର ଏହି ସେବା ସ୍ଥାୟୀ ଭାବେ ଦେବା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏ ନେଇ ନୂଆଖୋଲମରା ପଂଚାୟତର ସରପଂଚ ଉପେନ୍ଦ୍ର କାନୁନଗୋ କହିଛନ୍ତି ଯେ ମାତ୍ର ଦୁଇଦିନ ଚାଲିବା ପରେ ଲକ୍ଷ୍ମୀ ବସ୍ ଆମ ପଂଚାୟତରୁ ବିଦା ନେଇଛି। ବାରମ୍ବାର ଅଭିଯୋଗ ଦେବା ସତ୍ତ୍ୱେ ମଧ୍ୟ ଆମ ପଂଚାୟତକୁ ବସ୍‌ଟି ଆସୁନାହିଁ। ଆସନ୍ତା ଦିନରେ ଏହାର ଜୋରଦାର ବିରୋଧ କରାଯିବା ସହିତ ଲକ୍ଷ୍ମୀ ବସ୍ ଯଦି ଚାଲିବ ସବୁ ପଂଚାୟତରେ ନଚେତ୍ କେଉଁଆଡେ ମଧ୍ୟ ଚଲାଇ ଦିଆଯିବ ନାହିଁ।

# ବିପର୍ଯ୍ୟୟକୁ ସାମ୍ନା କରିବ ହେନ୍ତାଳ ବନ

## ୨୦୩୦ ସୁଦ୍ଧା ୧୦ଲକ୍ଷ ହେନ୍ତାଳ ବୃକ୍ଷ ଲଗାଇବାକୁ ପ୍ରୟାସ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷା ଅନିୟମିତତା ଦେଖାଯାଉଛି। ବର୍ଷାଦିନେ ଗରମ ଅନୁଭୂତ ହେବା, ଶୀତଋତୁରେ ଥଣ୍ଡା ହ୍ରାସ ହେବାରୁ ଜଳବାୟୁରେ ଅସମାନତା ସୃଷ୍ଟି ହେଉଛି। ଏହାର କାରଣ ନିରାକରଣ ପାଇଁ ବିଶ୍ୱର ପରିବେଶବିତ ଓ ପାଣି ପାଗ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ତାପମାତ୍ରା ବୃଦ୍ଧି ଯୋଗୁଁ ସାମୁଦ୍ରିକ ବାତ୍ୟା ସୃଷ୍ଟି ହୋଇ ୩ ଶହ କିମି ପର୍ଯ୍ୟନ୍ତ ପବନ ବହିବାର ଦେଖାଦେଇଛି। ୧୯୯୯ ମହାବତ୍ୟା, ୨୦୧୩ ଫାଇଲିନ, ୨୦୧୪ ହୁଡହୁଡ, ୨୦୧୮ ତିତିଲ, ୨୦୧୯ ଫନି ଭଳି ସାମୁଦ୍ରିକ ବାତ୍ୟା ଯୋଗୁଁ ଉପକୂଳ ଅଞ୍ଚଳରେ ନାହିଁ ନଥିବା କ୍ଷତି ହେଉଛି। ଏହି ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ ହେଲେ ପ୍ରଚୁର ପରିମାଣରେ ହେନ୍ତାଳ ଜଙ୍ଗଲ ଆବଶ୍ୟକ। ଏହି ଗଛ ଉପକୂଳ ଅଂଚଳରେ ସୁରକ୍ଷା ପାଚେରୀ ଭାବେ ଉଭା ହେବ ବୋଲି ପରିବେଶବିତ ମତ ଦେଇଛନ୍ତି। ଏ ନେଇ ଶନିବାର ଦିନ ଯୁବ ପରିବେଶବିତ ସୌମ୍ୟରଞ୍ଜନ ବିଶ୍ୱାଳଙ୍କ ପୌରୋହିତରେ




ପୂର୍ବାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଭଉଁରିଆ ସେତୁ ପାର୍ଶ୍ୱବର୍ତ୍ତୀ ଅଂଚଳରେ ଓଡ଼ିଶା ପର୍ଯ୍ୟାବରଣ ସଂଗଠନ, ଅସ୍ତରଙ୍ଗ ସବୁଜ ଶାଖା ଓ ଧରିତ୍ରୀ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ଧରିତ୍ରୀ ସିଇଓ ଆଦ୍ୟାଶା ଶତପଥୀ, ସମ୍ପାଦକ ତଥାଗତ ଶତପଥୀ, ଶିକ୍ଷାବିତ୍ କାଳନ୍ଦୀଚରଣ ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସମାଜସେବୀ ଦୁଷ୍ମନ୍ତ କୁମାର ପରିଡା, ବିଚିତ୍ରାନନ୍ଦ ବିଶ୍ୱାଳ, ଚାରୁ ଲତା ବିଶ୍ୱାଳ, ସବୁଜଶାଖା ସଭାପତି ରମାକାନ୍ତ ବସ୍ତିଆ ପ୍ରମୁଖ ଉପସ୍ଥିତ ଥିବା ବେଳେ ଆଗାମୀ ୨୦୩୦ମସିହା ସୁଦ୍ଧା ୧୦ଲକ୍ଷ ହେନ୍ତାଳ ବୃକ୍ଷ ରୋପଣ ପାଇଁ ପ୍ରୟାସ ଜାରି ରହିବ। ସମ୍ପ୍ରତି ସବୁଜ ଗୃହ ବାଷ୍ପ ନିର୍ଗମନରେ ବୃଦ୍ଧି ହେତୁ ପୃଥିବୀ ପୃଷ୍ଠରେ ଉତ୍ତାପରେ ବୃଦ୍ଧି ଘଟୁଛି, ଯାହା ଜଳବାୟୁରେ ଘୋର ଅନିୟମିତତାର କାରଣ ହେଉଛି। ୨୦୧୯ରେ ଫନି ଏବଂ ୨୦୨୦ରେ ଆମ୍ପାନ ହୋଇଥିଲା। ଏହିଭଳି ସାମୁଦ୍ରିକ ଝଡ଼ର ସଂଖ୍ୟାବୃଦ୍ଧି ପାଉଥିବାରୁ ସମୁଦ୍ର ତଟରେ ଲୁଣା ଜଙ୍ଗଲର ଗୁରୁତ୍ୱ ବୃଦ୍ଧି ପାଇଛି। ଅନୁଧ୍ୟାନରୁ ଜଣାଯାଇଛି ଭିତରକନିକାରେ ଲୁଣା ଜଙ୍ଗଲ ହେତୁ ଏକ ବିସ୍ତୃତ ଅଞ୍ଚଳ ୧୯୯୯ ମହାବାତ୍ୟାର ପ୍ରକୋପରୁ କେତେକାଂଶ ରକ୍ଷା ପାଇବାରେ ସମର୍ଥ ହୋଇଥିଲା। ସାମୁଦ୍ରିକ ଝଡ଼ରୁ ସୁରକ୍ଷା ଦେବା ସହିତ ଲୁଣା ଜଙ୍ଗଲର ଅନେକ ବିଶେଷତା ରହିଛି। ଏହା ଜୈବବିବିଧତାର ଗନ୍ତାଘର। ଏଠାରେ ବିଭିନ୍ନ ପ୍ରକାରର ଉଦ୍ଭିଦ, ଶୈବାଳ, ପ୍ଲାଙ୍କଟନ ଠାରୁ ଆରମ୍ଭ କରି ଅନେକ ପ୍ରଜାତିର ମତ୍ସ୍ୟ, ସରୀସୃପ, ସ୍ତନ୍ୟପାୟୀ ପ୍ରାଣୀ, ଜାତିଜାତିକା ପକ୍ଷୀ ବାସ କରନ୍ତି। ଲୁଣା ଜଙ୍ଗଲରେ ମାଛ, ଚିଙ୍ଗୁଡ଼ି, କଙ୍କଡା ଆଦିର ଏନ୍ତୁଡ଼ିଶାଳ ରୂପେ ପରିଗଣିତ। ଲୁଣା ଜଙ୍ଗଲର ଚେରରେ ସାମୁଦ୍ରିକ ଜୀବର ଶାବକମାନେ ଲୁଚିରହି ତତସଂଲଗ୍ନ କାଦୁଆ ଭୂମିରୁ ସେମାନେ ଖାଦ୍ୟ ସଂଗ୍ରହ କରିଥାନ୍ତି। ବଡ଼ ହେଲେ ଏହି ଜୀବଜନ୍ତୁମାନେ ସମୁଦ୍ର ଗର୍ଭକୁ ଚାଲିଯାଆନ୍ତି। ଏଥିପାଇଁ ଲୁଣା ଜଙ୍ଗଲର ଅବସ୍ଥିତି ସାମୁଦ୍ରିକ ପରିସଂସ୍ଥା ପାଇଁ ଅତ୍ୟନ୍ତ ଅନିବାର୍ଯ୍ୟ। ଅଙ୍ଗାରକାମ୍ଳ ତଥା ଅନ୍ୟାନ୍ୟ ସବୁଜଗୃହ ବାଷ୍ପକୁ ଶୋଷିବାରେ ଅନ୍ୟ ଜଙ୍ଗଲ ତୁଳନାରେ ଲୁଣା ଜଙ୍ଗଲ ଅଧିକ ସମର୍ଥ। ଏହିସବୁ କାରଣରୁ ଲୁଣା ଜଙ୍ଗଲର ସୃଷ୍ଟି, ସୁରକ୍ଷା ଏବଂ ସମୃଦ୍ଧି ଏକାନ୍ତ କାମ୍ୟ। ଶନିବାର ମଧ୍ୟାହ୍ନରେ ଉପସ୍ଥିତ ଅତିଥି, ସ୍ଥାନୀୟ ଅଞ୍ଚଳ ମହିଳା, ଯୁବ ବନ୍ଧୁମାନେ ଭଉଁରିଆ ବ୍ରିଜ ଠାରୁ ଦେବୀ ମୁହାଁଣ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ଚାରାରୋପଣ କରିଛନ୍ତି।

# ବେଲଗୁଣ୍ଠା ଏନ୍ଏସି, ବ୍ଲକ୍ ଓ ସୋରଡା ବ୍ଲକ ଏନ୍ଏସିରେ ଏସ୍ଏଚ୍‌ଜିର ନେତୃତ୍ୱ ପରିବର୍ତ୍ତନ

ସୋରଡ଼ା, (ଭାସ୍କର ନ୍ୟୁଜ୍): ରାଜ୍ୟରେ ସରକାର ବଦଳିବା ପରେ ଶକ୍ତି ହରାଇଛି ମିସନ ଶକ୍ତି ବିଭାଗ। ସ୍ୱାବଲମ୍ବୀ ମହିଳାଙ୍କ ଧନବଳ ମନବଳ ସରକାର ଭାଙ୍ଗୁଛନ୍ତି। ଶୁଦକ୍ଷ ୫୦ପ୍ରତିଶତ ମହିଳା ଏବଂ ନୂତନ ମହିଳା ମାନେ ନେତୃତ୍ୱ ନେବେ। ଆର୍ଥିକବର୍ଷ ଶେଷ ସୁଦ୍ଧା ବିଭିନ୍ନ ଏନଏସି ଓ ଗ୍ରାମ ପଞ୍ଚାୟତରେ ସୁଧମୁକ୍ତ ଋଣଲଗାଣ ଲକ୍ଷ ୫୦ପ୍ରତିଶତ ପୂରଣ ହୋଇପାରିଲା ନାହି। ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଅବସ୍ଥା ମଧ୍ୟ ଅନୁରୂପ। ବିଡ଼ମ୍ବନା ହେଉଛି ଚଳିତ ମାସରେ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ନେତୃତ୍ୱ ପରିବର୍ତ୍ତନ ନିମନ୍ତେ ଜାରିକରିଥିବା ନିର୍ଦ୍ଦେଶ ନାମା ଘରେ ଘରେ କଳି ପୁରାଇଛି। ସୋରଡା ବ୍ଲକ ଓ ଏନଏସି, ବେଲଗୁଣ୍ଠା ବ୍ଲକ, ଏନଏସିରେ ହଜାର ହଜାର ପଦରେ ନିଜ ମନଲାଖି ମହିଳାଙ୍କୁ ଏସଏଚଜିରେ ସଭାନେତ୍ରୀ, ସମ୍ପାଦିକା ପଦବୀରେ ବସାଇବା ପାଇଁ ଶାସକଦଳର ମସୁଧା ଆରମ୍ଭ ହୋଇଛି। ସରକାରଙ୍କ ମନ୍ଦ ବିଚାରଧାର ଯୋଗୁଁ ମହିଳା ଏସଏଚଜିର ଧନବଳ ଉଜୁଡିଯାଇଛି। ମହିଳା ସଶକ୍ତିକରଣ ପାଇଁ ମନବଳ ଭାଙ୍ଗି ଯାଇଥିବା ମନେହଉଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତି ସ୍ୱୟଂ ସହାୟକ ଗୋଷ୍ଠୀ, ଆଞ୍ଚଳିକ ମଞ୍ଚ, ମହାସଂଘର ପୁର୍ନଗଠନ ପକ୍ରିୟାକୁ ଚଳିତମାସରେ ସମ୍ପୂର୍ଣ୍ଣ କରାଯିବ। ନେତୃତ୍ୱ ପରିବର୍ତ୍ତନକୁ ବାଧ୍ୟତା ମୂଳକ କରାଯାଇଛି। ପୂର୍ବରୁ ଯେଉଁମାନେ ଲଗାତର ୨ଥର ସଭାନେତ୍ରୀ କିମ୍ବା ସମ୍ପାଦକ ରହିଥିବେ ସେମାନେ ଏସଏଚଜି ପଦାଧିକାରୀ ହୋଇପାରିବେ ନାହିଁ ବୋଲି ସରକାରୀ ସର୍ତ୍ତରେ ଉଲ୍ଲେଖ ଅଛି। ସରକାରଙ୍କ ଏସଏଚଜି ସଭାନେତ୍ରୀ ଓ ସମ୍ପାଦିକା ଜାତୀୟ ଗ୍ରାମୀଣ ଜୀବିକା ମିସନ ଓ ମିଶନ ଶକ୍ତି ବିଭାଗ ଦ୍ୱାରା ପ୍ରୋତ୍ସାହିତ ହୋଇଥିବା ବିଭିନ୍ନ ଗୋଷ୍ଠୀ ଭିତିକ ଅନୁଷ୍ଠାନରେ ପାରଦର୍ଶିତା ପ୍ରଦର୍ଶନ କରୁଛନ୍ତି। ଅନ୍ୟପଟେ ଦେଖିବାକୁ ଗଲେ ପୁରୁଣା ଏସଏଚଜିର ମହିଳାମାନେ ପ୍ରାୟ ୭୦ପ୍ରତିଶତ। ସେମାନେ କୌଣସି ଆତ୍ମ ସହାୟକ ହୋଇ କାମ କରିବାକୁ ଇଚ୍ଛା ନକରି ପ୍ରାୟତଃ ପୁରୁଷ ମାନେ ସେମାନଙ୍କ କାର୍ଯ୍ୟମାନ କରିଥିବାରୁ ଏସଏଚଜି ମହିଳା ସଂଗଠନ ଗୁଡିକ ଆତ୍ମ ନିର୍ଭରଶୀଳ ହୋଇପାରୁ ନଥିବାରୁ ସେମାନଙ୍କ ଗୋଷ୍ଠୀ ମଧ୍ୟରେ ଗୋଷ୍ଠୀକନ୍ଦଳ ମାନ ମୁଣ୍ଡ ଟେକୁଛି। ସୋରଡା ବ୍ଲକ, ଏନଏସି, ବେଲଗୁଣ୍ଠା ବ୍ଲକ ଏନଏସିରେ କୋଟି କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପମାନ ମହିଳା ଏସଏଚଜି ମାନଙ୍କ ନାମରେ କାର୍ଯ୍ୟାଦେଶ ହେଉଛି କିନ୍ତୁ ଗୃପର ସଭାନେତ୍ରୀ, ସମ୍ପାଦିକାମାନେ ସୁବିଧା ପାଇବା ବେଳେ ଅନ୍ୟ ସଭ୍ୟାମାନେ କିନ୍ତୁ ଜାଣିବାକୁ ପାଉନାହାନ୍ତି କି କୌଣସି ସୁବିଧା ପାଇପାରୁ ନାହାନ୍ତି। ସେମାନଙ୍କ ନାମରେ ପ୍ରାୟତଃ ପୁରୁଷ ଓ ଅନ୍ୟମାନେ ଏ ସମସ୍ତ କାର୍ଯ୍ୟ ରେ ହସ୍ତକ୍ଷପ କରିବା ଏବଂ କାର୍ଯ୍ୟାଦେଶ ବିକ୍ରି କରି କମିଶନ ପାଇବା ପାଇଁ ବ୍ୟବସ୍ଥା କରି ନୀରବ ରହିଥାନ୍ତି। ପ୍ରକଳ୍ପରେ ଭାଗବଣ୍ଟା ବେଳେ ମୋଟା ଅଙ୍କ ଠିକାଦାର ନେବା ବେଳେ ସେଥିରୁ ଖୁଲମ ଖୁଲା କମିଶନ, ବ୍ଲକମାନଙ୍କର ପିଇଓ, ଜେଇ ଆସିଷ୍ଟାନ୍ଟ ଏଞ୍ଜିନେଆର, ବଡ ବାବୁ, ବିଡିଓ, ଚେୟାରମେନ ଓ କୁଜି ନେତା ମାନଙ୍କ ଭାଗ ନେବା ପରେ ଏସ.ଏଚ.ଜି କୁ ମିଳିଥାଏ ଭାଗକୁ ମାତ୍ର ୧୦ ହଜାର ରୁ ୧୨ ହଜାର ମଧ୍ୟରେ ସେପରି ଏନ.ଏ.ସି ରେ ଜେଇ ଓ ଆସିଷ୍ଟାଣ୍ଟ ଏଞ୍ଜିନେଆର, ଚେୟାରମ୍ୟାନ, ବଡବାବୁ ସେମାନଙ୍କର ଭାଗ ପାଇବାପରେ ଆଉ ବାକି ୧୦ହଜାରରୁ ୧୫ ହଜାର ମଧ୍ୟରେ ଏସଏଚଜିକୁ ନାମକୁ ମାତ୍ର ମିଳିଥାଏ। କାଉନସିଲର ମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ୱାର୍ଡରେ କିଛିକିଛି ପ୍ରକଳ୍ପ ସେମାନଙ୍କ ଚୟନ ଏସଏଚଜିକୁ ପ୍ରକଳ୍ପ କାର୍ଯ୍ୟାଦେଶ ଦେଇ ସନ୍ତୁଷ୍ଟ କରିଥାନ୍ତି। କେତେଜଣ କାଉନ୍ସିଲରମାନଙ୍କୁ ତାଙ୍କ ୱାର୍ଡୟରେ କିପ୍ରକାର ପ୍ରକଳ୍ପରେ କେତେଟଙ୍କା ଖର୍ଚ୍ଚ ତାହା ମଧ୍ୟ ଜାଣିବାକୁ ସୁବିଧା ଦିଆଯାଇ ନଥିବା କ୍ଷୋଭ ପ୍ରକାଶ କରି ଆମ ପ୍ରତିନିଧି ପ୍ରକାଶ କରିଛନ୍ତି। ସଭା ମଞ୍ଚ ବହୁମାସ ଧରି ହେଉପାରୁନଥିବା ଏବଂ କୋଟିକୋଟି ଟଙ୍କା ଗୃହ ଓ ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ପ୍ରକଳ୍ପ ପାଇଁ ମଞ୍ଜୁର କରିଥିଲେ ମଧ୍ୟ ତାର ସଠିକ ହିସାବ ଦେଇପାରୁ ନଥିବା ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବାରମ୍ବାର ଏନଏସି ଅଫିସକୁ ଚିଠି କରୁଥିଲେ ମଧ୍ୟ ତା'ର ଉତ୍ତର ଦେଇପାରୁ ନାହାନ୍ତି। ଷ୍ଟାଫ ନଥିବାର ହିସାବ କାଗଜପତ୍ର ଦେଇପାରୁ ନଥିବା ଜଣାଉଛନ୍ତି। ଏସଏଚଜି ନାମରେ ସହରଗୁଡିକ ଓ ବ୍ଲକର ଗ୍ରାମପଞ୍ଚାୟତ ଗୁଡିକର ବିଭିନ୍ନ ପ୍ରକଳ୍ପମାନ କୋଟିକୋଟି ଟଙ୍କା ଖର୍ଚ୍ଚରେ ଚାଲିଥିବା ବେଳେ ସେଗୁଡିକ ହିସାବ ଦେବାରେ ହେଉନଥିବାରୁ ଜନସାଧାରଣ ରେ ଅସନ୍ତୋଷ ଦେଖାଦେଇଛି। ତେଣୁ ଅନ୍ୟପଟରେ ଦେଖିବାକୁ ଗଲେ ରାଜ୍ୟ ସରକାର ଏସଏଚଜି ମାନଙ୍କ ଉପରେ ଗ୍ରହଣ କରିଥିବା ପଦକ୍ଷେପକୁ ସ୍ୱାଗତ ଜଣାଇବା ସହିତ ଅଧିକାଂଶ ଏସ.ଏଚ.ଜି ମାନଙ୍କ ପକ୍ଷରୁ ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ ପରିଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପୂର୍ବରୁ ଏସଏଚଜି ମାନଙ୍କ ନାମରେ କାର୍ଯ୍ୟାଦେଶ ନେଇ ଦୁର୍ନୀତି ଚଳାଇଥିବା ଏବଂ ମାଲାମାଲ ହୋଇଥିବା କୁଜି ନେତାଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏନଜିଓ ଶଶିଭୂଷଣ ଯୁବକ ସଂଘର ସଭାପତି ଆର ପଲି ସାରଥି ଦାବି କରିଛନ୍ତି।

## ଲିଟିଲ୍ ଷ୍ଟାର ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା




ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଗ୍ରଣୀ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ପିଲାମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ କରି ସେମାନଙ୍କ ବ୍ୟକ୍ତିତ୍ୱର ପରାକାଷ୍ଠାକୁ ବଢ଼ାଇବା ଲକ୍ଷ୍ୟରେ ୨୩ ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଶନିବାର ସ୍ଥାନୀୟ ଦକ୍ଷିଣେଶ୍ୱରୀ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ପିଲାମାନେ ଗୀତ, ବକ୍ତୃତା, ଗଳ୍ପ କଥନ, କବିତା ଆବୃତି ଆଦି କ୍ଷେତ୍ରରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ସ୍ୱାଇଁ, ଶିକ୍ଷକ ନିର୍ମଳ ମିଶ୍ର, ପୂର୍ଣ୍ଣଚନ୍ଦ୍ର ରାଉତ, ଶିକ୍ଷାବିତ୍ ପ୍ରକାଶ ଖଟୋଇ, ଫାର୍ମାସିଷ୍ଟ ଆଇ ତ୍ରିନାଥ ପାତ୍ର ପ୍ରମୁଖ ଯୋଗଦେଇ ପିଲାମାନେ ଜୀବନରେ ନିଜର ବ୍ୟକ୍ତିତ୍ୱ ବଳରେ ସାଧୁତା ଓ ସଚ୍ଚୋଟତା ବଜାୟ ରଖି ବଡ଼ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରକାଶ ପାଇଥିବା ସାହିତ୍ୟ ପତ୍ରିକା 'ମୋ ଆଶା'ର ଗ୍ରୀଷ୍ମ ସଂଖ୍ୟା ଉନ୍ମୋଚନ କରାଯାଇ ପିଲାମାନଙ୍କ ଦ୍ୱାରା ସମୀକ୍ଷା କରାଯାଇଥିଲା। ଉତ୍ସବରେ ପିଲାମାନଙ୍କ ସହ ସେମାନଙ୍କ ଅଭିଭାବକ ଓ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିବା ବେଳେ ପିଲାମାନଙ୍କ ପ୍ରତିଭାର ବିକାଶ ପାଇଁ ଏକ ସପ୍ତାହ ଧରି ଏହି କାର୍ଯ୍ୟକ୍ରମ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅନୁଷ୍ଠିତ ହେବ ବୋଲି ଗ୍ରୁପ୍ ସୂତ୍ରରୁ ପ୍ରକାଶ। ଏହି କାର୍ଯ୍ୟକ୍ରମକୁ ଗ୍ରୁପ୍ ପକ୍ଷରୁ ଅଜୟ ମିଶ୍ର, ଅମିୟ ମିଶ୍ର ଓ ଉର୍ମିଳା ମହାରଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମୃତ ଯୁବକଙ୍କ ପରିବାର ପ୍ରତି ମନ୍ତ୍ରୀଙ୍କ ସମବେଦନା



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ମୀନାବଜାର ଅଂଚଳର ୧୫ନଂ ୱାର୍ଡରେ ରହି ଚାଟ୍ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ସ୍ୱର୍ଗତ ଭୂପତ ତନ୍ନାଙ୍କ ଏକମାତ୍ର ପୁଅ ହିତ୍ରିକ ତନ୍ନା (ଗୁଲୁ)ଙ୍କର ଗତ ୧୭ ତାରିଖ ଦିନ ଟାଉନ ଥାନା ଅଧୀନ ଜବାହର ଚୌକ ନିକଟରେ ଟ୍ରାକ୍ଟର ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଥିଲା। ଏହି ଦୁଃଖଦ ଘଟଣାର ଖବର ପାଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ମୀନାବଜାର ସ୍ଥିତ ସ୍ୱର୍ଗତ ହିତ୍ରିକ ତନ୍ନାଙ୍କ ବାସଭବନରେ ପହଂଚି ଶୋକସନ୍ତପ୍ତ ବିଧବା ମାଆ' ଓ ସାନ ଭଉଣୀଙ୍କୁ ଭେଟି ସମ୍ବେଦନା ଜ୍ଞାପନ କରିଥିଲେ। ଦୈନିକ ଜୀବନ ନିର୍ବାହ ପାଇଁ ମାସିକ ସରକାରୀ ଭତା, ଅନ୍ତ୍ୟୋଦୟ ଖାଉଟି କାର୍ଡ ପ୍ରଦାନ ଓ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ତୁରନ୍ତ ଆର୍ଥିକ ସହାୟତା ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ପାତ୍ର ବ୍ୟକ୍ତିଗତ ଭାବେ ମଧ୍ୟ ଶୋକ ସନ୍ତପ୍ତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ୱକଫ୍ ଆଇନକୁ ବିରୋଧ କରି କାକଟପୁରରେ ପ୍ରତିବାଦ

କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁରରେ ୱାକଫ୍ ଆଇନ ପ୍ରତ୍ୟାହାର ଦାବି ନେଇ ନିମାପଡା ଏସଡିପିଓ,କାକଟପୁର ଥାନା ଆଇଆଇସି ଙ୍କ ମାଧ୍ୟମରେ ରାଷ୍ଟ୍ରପତି, ରାଜ୍ୟପାଳ,ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଜି ମେମୋରେଣ୍ଡମ (ସ୍ମାରକପତ୍ର) ପ୍ରଦାନ କରାଯାଇଛି। ହିନ୍ଦୁ ମୁସଲିମ୍ ଏକତା ସମାଜ, କାକଟପୁରର ଆହ୍ୱାନକ୍ରମେ ଭଣ୍ଡାଘର ବଙ୍ଗଳାଠାରେ ଆଖପାଖ ଗ୍ରାମର ୧୨ଶହରୁ ଉର୍ଦ୍ଧ ମୁସଲିମ୍ ଓ ହିନ୍ଦୁ ଯୁବକ, ବୁଦ୍ଧିଜୀବୀ ଓ ଶିକ୍ଷାବିତମାନଙ୍କୁ ନେଇ ଏକ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ସମସ୍ତେ ୱକଫ୍ ଆଇନ୍ ୨୦୨୫କୁ ଏକ କଳା ଆଇନ୍ ଆକ୍ଷେପ କରି ମୁଣ୍ଡରେ କଳା ପଟି ବାନ୍ଧି ଜାତୀୟ ପତାକା ହାତରେ ଧରି ଏହାର ବିରୋଧ ପ୍ରଦର୍ଶନ କରିଥିଲେ। ଏହି ଶୋଭାଯାତ୍ରାରେ ନବନିର୍ମାଣ ଯୁବ ଛାତ୍ର ସଂଗଠନର ରାଜ୍ୟ ସଭାପତି ମନ୍ନୱର୍ ଅଲ୍ଲି, ହିନ୍ଦୁ ମୁସିଲିମ ଏକତା ସମାଜର ସଭାପତି ସେହଜାଦା କୁରେଶି ଓ ସମ୍ପାଦକ ମୁସ୍ତାକ ଖାଁ ଏବଂ କାର୍ଯ୍ୟକାରି ସଭାପତି ଅତିକୁର ରେହେମନ୍ (ରାକେଶ) ପ୍ରମୁଖ ଯୋଗଦେଇ ଶୋଭାଯାତ୍ରାକୁ ଶାନ୍ତି ପୂର୍ଣ୍ଣ ଭାବେ ସଫଳ କରିଥିଲେ।



## କଲମଛାଡ ଅନଶନରୁ ଓହରିଲେ ରଘୁନାଥପୁର ବ୍ଲକ କର୍ମଚାରୀ



ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ତରିକୁନ୍ଦ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଆୟୁଷ୍ମାନ କାର୍ଡ ବଣ୍ଟନକୁ ନେଇ ମହିଳାଯନ୍ତ୍ରୀଙ୍କୁ ମାଡ ମରାଯାଇଥିବା ଘଟଣାରେ ଆସାମୀମାନଙ୍କୁ ଗିରଫ ଦାବି କରି ରଘୁନାଥପୁର ବ୍ଲକ କର୍ମଚାରୀ ଗତ ୧୬ ତାରିଖରୁ ବ୍ଲକ ପରିଷରରେ କଲମଛାଡ ଆନ୍ଦୋଳନରେ ବସିଥିଲେ। ତେବେ ଜିଲ୍ଲା ପ୍ରଶାସନ ଦୁଇ ଆସାମୀକୁ ଗିରଫ କରି ଚୁପ ହୋଇ ବସି ପଡିଥିଲା। ମୁଖ୍ୟ ଆସାମୀ ମାନେ ଖୁଲମଖୁଲା ବୁଲୁଥିଲେ। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଜିଲ୍ଲାପାଳ ଶନିବାର ଧାରଣାରେ ବସିଥିବା କର୍ମଚାରୀମାନଙ୍କୁ ପ୍ରତିଶୃତି ଦେବାପରେ କର୍ମଚାରୀମାନେ ଧାରଣାରୁ ଓହରି ଥିବାର ସୂଚନା ମିଳିଛି।

## ବିଜେପିର ଦୁଇ ଗୋଷ୍ଠୀ ମଧ୍ୟରେ ସଙ୍ଘର୍ଷ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରପାଳିକା ଅଞ୍ଚଳରେ ଥିବା ଟାଉନ ହୋଲରେ ଗତକାଲି (ଶୁକ୍ରବାର) ବିଜେପିର ସକ୍ରିୟ ସଦସ୍ୟ ସମ୍ମିଳନୀ କାର୍ଯ୍ୟକ୍ରମ ବୈଠକ ଡାକାଯାଇଥିଲା। ସମ୍ମିଳନୀରେ ଶହଶହ ବିଜେପି ସଦସ୍ୟମାନେ ଯୋଗ ଦେଇଥିଲେ। ତେବେ ଏହି ଶୋଭାଯାତ୍ରାରେ କେନ୍ଦୁଝର ଜିଲ୍ଲା ସଭାପତି ସୁକଦେବ ମହାନ୍ତ, ଜିଲ୍ଲା ଉପସଭାପତି ଅଗନୁ ମହାନ୍ତ ଏବଂ ଦେବପ୍ରସାଦ ମିଶ୍ର, ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମିଶ୍ର, ସାଂସଦ ପ୍ରତିନିଧି ନୀଳମଣୀ ମହାନ୍ତ, ଓବିସି ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଚନ୍ଦ୍ରଗୁପ୍ତ ପ୍ରସାସ ମଞ୍ଚାସିନ ଥିଲେ। ବୈଠକର କିଛି ସମୟ ଆଲୋଚନା ପରେ ସେଠାରେ ମଞ୍ଚାସିନ ଥିବା ଦେବୀପ୍ରସାଦ ମିଶ୍ରଙ୍କ ଉପସ୍ଥିତିକୁ କିଛି ବିଜେପି ସଦସ୍ୟମାନେ ବିରୋଧ କରି ଶୋଭାରୁ ଉଠି ବାହାରକୁ ପଳେଇ ଆସିଥିଲେ। ତେବେ ତାଙ୍କୁ ବୁଝା ସୁଝା କରିବା ପାଇଁ ସଭାପତି ସୁକଦେବ ମହାନ୍ତ ଏବଂ ଅନ୍ୟମାନେ ଆସିଥିବା ବେଳେ ଉଭୟ ଗୋଷ୍ଠି ମଧ୍ୟରେ ଯୁକ୍ତିତର୍କ ହୋଇ ହାତା ହାତୀ ହୋଇଥିଲେ। ଯାହାଫଳରେ କିଛି ସଦସ୍ୟ ଆହତ ହୋଇଥିବା ବେଳେ ଥାନାରେ ଲିଖିତ ଅଭିଯୋଗ ହୋଇଥିବାର ସୂଚନା ମିଳିଛି। ତେବେ ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାର ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତି। ଏହି ଘଟଣାକୁ କେନ୍ଦ୍ରକରି ଖଣି ଅଞ୍ଚଳ ଯୋଡ଼ାରେ ମଧ୍ୟ ଚର୍ଚ୍ଚା ଧରିଛି ଯେ ବଡ଼ବିଲରେ ଯଦି ୨ ଗୋଷ୍ଠୀ ତେବେ ଯୋଡ଼ାରେ ୪ଗୋଷ୍ଠୀ ହେଲାଣି ଯାହାର ଫାଇଦା ବିରୋଧୀ ଦଳମାନେ ଭବିଷ୍ୟତରେ ନେଇପାରନ୍ତି।

## ଖରାଦିନିଆ ପ୍ରିୟ ଖାଦ୍ୟ ତରଭୁଜ

ଉମରକୋଟ, (ଭାସ୍କର ନ୍ୟୁଜ୍): ଦିନକୁ ଦିନ ବଢି ଚାଲିଛି ଗ୍ରୀଷ୍ମ ପ୍ରବାହ। ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇବା ପାଇଁ ଲୋକେ ବିଭିନ୍ନ ମୃଦୁ ପାନୀୟ ବ୍ୟବହାର କରୁଛନ୍ତି। କିଛି ଲୋକ ଏହି ଗ୍ରୀଷ୍ମ ପ୍ରବାହରୁ ଫଳରସ, ଆଖୁରସ ମଧ୍ୟ ବ୍ୟବହାର କରୁଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଜି ଉମରକୋଟ ବଜାରରେ ବାହାର ଅଞ୍ଚଳରୁ ତରଭୁଜ ଆସି ଥିବାରୁ ଏହାର ଚାହିଦା ଗିକେ ରହିଛି। ଆଜି ଛୋଟ ତରଭୁଜ ଗୋଟାକୁ ୪୦ରୁ ୫୦ଟଙ୍କା ବିକ୍ରି ହେଉଥିବା ବେଳେ ମଧ୍ୟମ ଆକାରର ତରଭୁଜ ୭୦ରୁ ୮୦ଟଙ୍କା ଓ ବଡ ଆକାରର ୧୦୦ରୁ ୧୨୦ ଟଙ୍କା ବିକ୍ରି ହେଉଛି। ଆଉ କିଛିଦିନ ପରେ ଉମରକୋଟ ଓ ରାଇଘର ଅଞ୍ଚଳରୁ ପ୍ରଚୁର ପରିମାଣରେ ତରଭୁଜ ବଜାରକୁ ଆସିବ। ଯାହାଫଳରେ ଅନ୍ୟ ଅଞ୍ଚଳରୁ ଆସୁଥିବା ତରଭୁଜର ଚାହିଦା କମିଯିବ। ଆଖପାଖ ଅଞ୍ଚଳରୁ ତରଭୁଜ ଆସିବା ଫଳରେ ଦରଦାମ ମଧ୍ୟ କମିଯିବ। ଆଖପାଖ ଅଞ୍ଚଳରୁ ତରଭୁଜ ଆସିଲେ ଏହା କିଲୋ ୨୦ ରୁ ୩୦ ଟଙ୍କା ହିସାବରେ ବିକ୍ରି ହେବ। ଯାହା ଫଳରେ ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ତରଭୁଜ ମିଳିପାରିବ। ଖରାଦିନିଆ ପ୍ରିୟ ଖାଦ୍ୟ ତରଭୁଜ ବଜାରରେ ଚାହିଦା ଥିବାବେଳେ ଆଗକୁ ଏହାର



ଚାହିଦା ଅଧିକ ବଢିଯିବ। ଉଦୁଉଦିଆ ଖରାରେ ତରଭୁଜ ଖାଇବାକୁ ସମସ୍ତେ ଭଲ ପାଆନ୍ତି। ତରଭୁଜ କେବଳ ପାଟିକୁ ସୁଆଦିଆ ନୁହେଁ ବରଂ ଶରୀର ପାଇଁ ମଧ୍ୟ ଲାଭ ଦାୟକ। ଏଥିରେ ୯୨ ପ୍ରତିଶତ ଜଳୀୟ ଅଂଶ ରହିଥିବାରୁ ଏହାକୁ ଖାଇଲେ ଶରୀରର ଜଳୀୟ ଅଂଶ ନିୟନ୍ତ୍ରିତ ହୋଇଥାଏ। ଏହି ତରଭୁଜ ମଞ୍ଜିରେ ମାଇକ୍ରୋ-ନିଉଟ୍ରିଏଣ୍ଟସ, ପ୍ରୋଟିନ, ଆଇରନ, ଫାଇବର, ଜିଙ୍କ ଭରପୁର ମାତ୍ରାରେ ରହିଛି। ମଧୁମେହ, ହୃଦୟ ଜନିତ ସମସ୍ୟା ରୋଗୀଙ୍କ ପାଇଁ ଏହି ମଞ୍ଜି ବେଶ ଲାଭଦାୟକ। ଏଥିସହ କେଶ ଓ ତ୍ୱଚାକୁ ସୁସ୍ଥ ରଖିବାରେ ସହାୟକ ହେଉଥିବା ବିଶେଷଜ୍ଞ ମାନେ କହନ୍ତି।

## ଆଲୋଚନା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ

ଉମରକୋଟ, (ଭାସ୍କର ନ୍ୟୁଜ୍): ବିଗତ ୩ ବର୍ଷ ମଧ୍ୟରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦରେ ୫ ରୁ ୬ ଜଣ କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗ ଦେଲେଣି। ପୌର ପରିଷଦ ନିର୍ବାଚନ ପରେ ସହର ସ୍ୱଚ୍ଛ, ନିର୍ମଳ, ପରିଷ୍କାର ଓ ଜିଲ୍ଲାର




ଏକ ନମ୍ବର ସହର ହେବ ବୋଲି ନିର୍ବାଚିତ ସଭ୍ୟ ମାନେ ପ୍ରତିଶୃତି ଦେଇଥିଲେ। କିନ୍ତୁ ଆଜିପର୍ଯ୍ୟନ୍ତ ଉମରକୋଟ ସହରର କିଛି ସମସ୍ୟା ଦୂର ହୋଇପାରୁ ନାହିଁ। ବାରମ୍ବାର ସହରର ବୁଦ୍ଧିଜୀବୀଙ୍କ ସହ ସହରର ବିଭିନ୍ନ ସମସ୍ୟାକୁ ନେଇ ବୈଠକ କରି ଆଲୋଚନା କରୁଛନ୍ତି କିନ୍ତୁ କୌଣସି ସୁଫଳ ମିଳିପାରୁ ନାହିଁ। ଆଜି ମଧ୍ୟ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆଙ୍କ ଉପସ୍ଥିତିରେ ସହରର ବୁଦ୍ଧିଜୀବୀଙ୍କ ସହ ଏକ ବୈଠକର ଆୟୋଜନ ହୋଇଥିଲା। ସହରର ମୁଖ୍ୟ ସମସ୍ୟା ହେଲା ଟ୍ରାଫିକ, ସ୍ୱଚ୍ଛତା, ସିସି ଟିଭିର ତ୍ରୁଟି। ସକାଳ ୭ ଘଂଟିକାରୁ ୧୧ ଘଂଟିକା ପର୍ଯ୍ୟନ୍ତ ସହରର ପୁରୁଣା ବସ ଷ୍ଟାଣ୍ଡରେ ରାସ୍ତା ଉପରେ ପନିପରିବା ବିକ୍ରି ହେଉଥିବା ବେଳେ ଶହଶହ ଗାଡି ରାସ୍ତା ଉପରେ ଅଟକି ରହୁଥିବା ଦେଖିବାକୁ ମିଳିଛି। ପୁଣି ବଡ଼ବଡ଼ ଦୋକାନୀ ରାସ୍ତା ଉପରେ ଥିବା ଡ୍ରେନ ଉପରେ ପ୍ଲେଟ ପକାଇ ନିଜର ଦୋକାନ ଆଗକୁ ବଢେଇବା ଯୋଗୁଁ ଟ୍ରାଫିକର ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳିଛି। ରାସ୍ତା ଉପରେ ବଡ଼ବଡ଼ ଟ୍ରକ ରଖି ବ୍ୟବସାୟୀମାନେ ଲୋଡିଂ ଅନଲୋଡିଂ କରିବା ଦ୍ୱାରା ରାସ୍ତା ଯାମ ରହୁଥିବା ଦେଖିବାକୁ ମିଳୁଛି। ସହରର ଅଧିକାଂଶ ୱାର୍ଡରେ ଅଳିଆ ଆବର୍ଜନା ରାସ୍ତା ଉପରେ ପଡିରହିଥିବା ଦେଖିବାକୁ ମିଳିଛି, ବ୍ଲିଚିଙ୍ଗ ଓ ଫିନାଇଲ ନାଳ ନେର୍ଦ୍ଦମାରେ ପକେଇବା ତ ଦୂରର କଥା, ସେପଟେ ସହରରେ ଗତ କିଛିମାସ ପୂର୍ବେ ସିସିଟିଭି କେମେରା ସହରରେ ବଢୁଥିବା କ୍ରାଇମକୁ ରୋକିବା ପାଇଁ ଲଗାଯାଇଥିଲା, କିନ୍ତୁ ବର୍ତ୍ତମାନ ସେହି ସିସିଟିଭି କେମେରା ନଷ୍ଟ ହେଲାଣି, ଯାହାଫଳରେ ଦିନକୁଦିନ କ୍ରାଇମ ବଢ଼ିବାରେ ଲାଗିଛି। ଏସବୁ ସମସ୍ୟା ନିମନ୍ତେ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ଦୂର ହୋଇପାରୁ ନାହିଁ। ବିଗତ ଦିନରେ ଜିଲ୍ଲାପାଳଙ୍କ ଜନ ଶୁଣାଣିରେ କିଛି ସାମ୍ବାଦିକ ସିସିଟିଭି କେମେରା ବିଷୟରେ ଜିଲ୍ଲାପାଳଙ୍କୁ ଆବେଦନ କରିଥିଲେ। ଶନିବାର ପୁଣି କାର୍ଯ୍ୟନିର୍ବାହୀ ଅଧିକାରୀ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଥିବା ବେଳେ ଆଗାମୀ ସାତଦିନ ମଧ୍ୟରେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ବର୍ତ୍ତମାନ ଦେଖିବାକୁ ବାକି ରହିଲା ପ୍ରତିଶୃତି କେବଳ କାଗଜ କଲମରେ ସୀମିତ ରହିବ ନା କାର୍ଯ୍ୟରେ ପରିଣତ ହେବ?

## ଯୁବକଙ୍କୁ ମାରଣାନ୍ତକ ଆକ୍ରମଣ, ଜଣେ ଅଟକ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଚାରିଛକ ଥାନା ଜୁଣୁପୁର ଗ୍ରାମର ସୁକାନ୍ତ ଦାସଙ୍କୁ ମାରଣାତ୍ମକ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଖବରରୁ ଜଣାଯାଇଛି ଯେ, ଏହି ଥାନା ଅନ୍ତର୍ଗତ ଜୁଣୁପୁର ଗ୍ରାମର ସୁକାନ୍ତ ଦାସ ଶୁକ୍ରବାର ରାତିରେ ଘରେ ଶୋଇଥିବା ସମୟରେ ଏକ ଅଜଣା ନମ୍ବରରୁ ଫୋନ୍ କଲ୍ ଆସିଥିଲା। ଫୋନ୍ କଲ୍ ପାଇ ସୁକାନ୍ତ ସେହି ରାତି ୧୦ଟା ସମୟରେ ଏହି ଥାନା ଅନ୍ତର୍ଗତ ଅଗରାଶାସନ ଗ୍ରାମକୁ ଯାଉଥିବା ସମୟରେ ପୂର୍ବରୁ ସେଠାରେ ଯୋଜନାବଦ୍ଧ ଭାବେ ପ୍ରସ୍ତୁତ ଥିବା କେତେକ ଯୁବକ ସୁକାନ୍ତକୁ ବିଭିନ୍ନ ମାରଣା ଅସ୍ତ୍ରରେ ଶରୀରର ବିଭିନ୍ନ ସ୍ଥାନକୁ ହାଣି ପକାଇଥିଲେ। ମୁର୍ମୁଷୁ ଅବସ୍ଥାରେ ସୁକାନ୍ତ ସେଠାରେ ପଡ଼ିଥିବା ଖବର ପାଇ ଚାରିଛକ ପୋଲିସ ଘଟଣାସ୍ଥଳରେ ପହଂଚି ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ମାତ୍ର ସୁକାନ୍ତଙ୍କର ଅବସ୍ଥା ସଂକଟାପନ୍ନ ଥିବାରୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇ ଦିଆଯାଇଛି। ସୁକାନ୍ତର ମା' ଗୁରୁବାରୀ ଦାସଙ୍କ ଅଭିଯୋଗ କ୍ରମେ ପୋଲିସ ଏହି ଘଟଣାରେ ଅଗରାଶାସନ ଗ୍ରାମର ଭରତ ଭୋଇଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ସକାଳୁ ଗଡ଼ଅମରପ୍ରସାଦ ଗ୍ରାମର ଅଜୟ ଭୋଇ ଜୁଣୁପୁର ଗ୍ରାମରେ ସୁକାନ୍ତଙ୍କ ଘରେ ପହଂଚି ସୁକାନ୍ତଙ୍କ ମାଆ ଗୁରୁବାରୀଙ୍କୁ ଗାଳି ଗୁଲଜ କରିବା ସହ ଘରର ଆସବାବ ପତ୍ର ଫୋପଡ଼ା ଫୋପଡ଼ି କରି ତାଙ୍କୁ ଅସଦାଚରଣ କରିଥିବା ନେଇ ଗୁରୁବାରୀ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରୁ ଏକ ବାଇକ୍ ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି।



ଫୁଲନଖରା(ଭାସ୍କର ନ୍ୟୁଜ): କଟକ ମହାନଗର ନିଗମ ୫୮ନଂ ୱାର୍ଡ ନୂଆଗଡ ଗ୍ରାମର ମା'ପରମବୈଷ୍ଣବୀ ଦେବୀ ହାଡବାଇ ଯାତ୍ରା ମହୋତ୍ସବ ୪ଦିନ ଧରି ଅନୁଷ୍ଠିତ ହୋଇ ୧୭ ତାରିଖ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋଷ, ମୁଖ୍ୟଅତିଥି ଭାବେ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, କର୍ପୋରେଟର ଜନାର୍ଦନ ପରିଡା, ବରିଷ୍ଠ ନାଗରିକ ପୀତବାସ ମହାପାତ୍ର, ଶିଳ୍ପପତି ଗିରିଶ ପଟ୍ଟାଡିଆ, ଜୋନ-୪ ଏ.ସି.ପି ଅମିତାଭ ମହାପାତ୍ର, ସଦର ଥାନା ଆଇ.ଆଇ.ସି ଓମ୍‌ପ୍ରକାଶ ମହାନ୍ତି, ଅନିତାବେହେରା, ଅନିଲ କୁମାର ବେଉରା, ଯାତ୍ରା ପରିଚାଳନା କମିଟି ଚେୟାରମ୍ୟାନ ଶିଶିର କୁମାର ରାଉତରାୟ, ଶରତ ଜେନା ପ୍ରମୁଖ ଯୋଗଦେଇ ମା'ହାଡବାଇ ଯାତ୍ରା ମହୋତ୍ସବ ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ରାଜ୍ୟ ବିଜେପି ଉପସଭାପତି ଗୋଲେଖ ମହାପାତ୍ର, ସ୍ମୃତି ପଟ୍ଟନାୟକ, ନିହାର ରଞ୍ଜନ ପଣ୍ଡା, ସ୍ୱାଧୀନଚେତା ମହାନ୍ତି, ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, କଟକ ଅତିରିକ୍ତ ଡ଼ି.ସି.ପି ଦେବଦତ୍ତ କର, ଲାଲବାଗଥାନା ଆଇ.ଆଇ.ସି ସୁଧାଂଶୁ ଭୂଷଣଜେନା, କଂଗ୍ରେସ ନେତା ମହମ୍ମଦ ମୁକିମ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସଭାରେ ସମ୍ପାଦକ ସନ୍ତୋଷ କୁମାର ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଭାରେ ସଭାପତିତ୍ୱ କରିଥିଲେ ବିକ୍ରମକୁମାର ଶତପଥି। ପ୍ରତ୍ୟେକ ସନ୍ଧ୍ୟାରେ ଗୋପାଳପୁର ଠାରୁ ଫୁଲନଖରା ଅଞ୍ଚଳ ହାଇସ୍କୁଲର ମାଟ୍ରିକ ପରୀକ୍ଷାରେ ପ୍ରଥମ ସ୍ଥାନ ଅର୍ଜନ କରି ରଖିଥିବା କୃତି ଛାତ୍ରଛାତ୍ରୀଙ୍କୁ ଓ ଅଞ୍ଚଳର ସାମ୍ବାଦିକମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇ ଥିଲା। ସବୁଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଚିତାକର୍ଷଣ ହୋଇଥିବା ଦେଖିବାକୁ ମିଳିଥିଲା।

# ରାମଲୀଳା ଯାତ୍ରା: ମଞ୍ଚସ୍ଥ ହେଲା ନାଟକ ତରଣୀସେନ ବଧ



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଗଡ଼ଯାତର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରାରେ ଶୁକ୍ରବାର ତରଣୀସେନ ବଧ ନାଟକ ମଞ୍ଚସ୍ଥ ହୋଇଛି। କୁମ୍ଭକର୍ଣ୍ଣ ଭଳି ଭାଇକୁ ହରାଇ ଲଙ୍କପତି ରାବଣ ଦୁଃଖରେ ଭାଙ୍ଗି ପଡିବା ସହିତ ଲଙ୍କାଗଡରେ ଉଠିଥିଲା କ୍ରନ୍ଦନର ଲହରି। ରାବଣର ଦୁଃଖ ଦେଖି ସାନଭାଇ ବିଭୀଷଣର ଏକମାତ୍ର ପୁତ୍ର ବିଷ୍ଣୁଭକ୍ତ ତରଣୀସେନ ଶ୍ରୀରାମ ଲକ୍ଷ୍ମଣଙ୍କ ସହ ଯୁଦ୍ଧ କରିବାକୁ ଯୁଦ୍ଧଭୂମିକୁ ଯିବାକୁ ପ୍ରସ୍ତୁତ ହୋଇଛି। ରାକ୍ଷସ ସେନା ପକ୍ଷରୁ ଯୁଦ୍ଧ କରୁଥିଲେ ମଧ୍ୟ ତରଣୀସେନ ମନରେ ରହିଛି ଅଭିଳାଷା ଆରାଧ୍ୟ ଦେବତା ବିଷ୍ଣୁଙ୍କ ଅବତାର ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରିବ। ମାତାଙ୍କ ଠାରୁ ଶିକ୍ଷା କରିଥିବା ଯୁଦ୍ଧ କଳା ସହିତ ପିତା ବିଭୀଷଣ ଓ ପୁତ୍ର ତରଣୀସେନ ମଧ୍ୟରେ ଘମାଘୋଟ ଯୁଦ୍ଧରେ ପରାଜିତ ହୁଅନ୍ତି ବିଭୀଷଣ। ଶେଷରେ ପ୍ରଭୁଙ୍କୁ ମଧ ପରାଜିତ କରି ତରଣୀସେନ ମାଗନ୍ତି ମୁକ୍ତି। ହେଲେ ଭକ୍ତର ଭଗବାନ ତରଣୀସେନଙ୍କୁ ବଧ କରି ମୁକ୍ତି ଦେବାକୁ ନାସ୍ତି ବାଣି ଶୁଣାନ୍ତି। ବହୁ ଅନୁରୋଧ ପରେ ଶ୍ରୀରାମ ତରଣୀସେନଙ୍କୁ ବଧ କରି ବୈକୁଣ୍ଠରେ ସ୍ଥାନ ଦିଅନ୍ତି। ତରଣୀସେନ ବଧ ନାଟକକୁ ନିଖୁଣ ଭାବେ ଅନୁଷ୍ଠାନର କଳାକାରମାନେ ପ୍ରଦର୍ଶିତ କରିଥିଲେ। ନାଟକକୁ ହୃଦାନନ୍ଦ ମେହେର ରଚନା କରିଥିବାବେଳେ ଭବାନିଶଙ୍କର ମହାପାତ୍ର ନିର୍ଦ୍ଦେଶନା ଓ ତୁଷାରକାନ୍ତ ପଟ୍ଟନାୟକ ସଙ୍ଗିତ ନିର୍ଦ୍ଦେଶନା ଦେଇଛନ୍ତି। ତରଣୀସେନ ବଧ ଦେଖିବାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ହଜାର ହଜାର ଦର୍ଶକଙ୍କ ଭିଡ ଲାଗିରହିଥିଲା। ନାଟକରେ ରାମ ଭୂମିକାରେ ଶିରିଶ ବେହେରା, ଲକ୍ଷ୍ମଣ-ଜନାର୍ଦ୍ଦନ ମିଶ୍ର, ତାରଣୀସେନ-ରଂଜନ ବାରିକ,ପଦ୍ମା-ଜିତେନ୍ଦ୍ର ମହାନ୍ତି,ରାବଣ-ଟିଙ୍କୁ ବେହେରା, ମନ୍ଦୋଦରୀ ଜଗଦୀଶ ବାରିକ, କାଳନେମୀ-ଚକ୍ରଧର ସାହୁ ଅଭିନୟ କରିଥିଲେ।

# କାର୍ଯ୍ୟ ଶେଷର ୩ ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇପାରିଲାନି ପ୍ରାଣୀ ଚିକିତ୍ସାକେନ୍ଦ୍ର

## ୫ ଲକ୍ଷ ଟଙ୍କା ପାଣିରେ ପଡ଼ିଲା




ଗୋପ (ଭାସ୍କର ନ୍ୟୁଜ୍): କାର୍ଯ୍ୟ ଶେଷର ୩ ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇପାରିଲାନି ପ୍ରାଣୀ ଚିକିତ୍ସା କେନ୍ଦ୍ର। ପୁରୀ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ୍ନ ସଂସ୍ଥା ପକ୍ଷରୁ ପଞ୍ଚାୟତ ସମିତି ଗୋପ ତତ୍ତ୍ୱାବଧାନରେ ନିର୍ମିତ ଏହି ପ୍ରାଣୀ ଚିକିତ୍ସା କେନ୍ଦ୍ରର କାର୍ଯ୍ୟ ପ୍ରାୟ ୩ ବର୍ଷ ହେବ ଶେଷ ହୋଇଥିଲେ ମଧ୍ୟ ଏଯାବତ୍ ତାହା ଖୋଲା ଯାଉନଥିବାରୁ ଏହି ନୂତନ ଗୃହ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଲାଣି । ଭୂତକୋଠି ସଦୃଶ ଏହି ଗୃହ କେତେବେଳେ ଯେ ଭୁଶୁଡି ପଡିବ ତାହା ସମୟ ସାପେକ୍ଷ। ଫଳରେ ୫ ଲକ୍ଷ ଟଙ୍କା ପାଣିରେ ପଡିବା ଆଶଙ୍କା ଦେଖାଦେଇଛି। ସୂଚନାମୁତାବକ ଗତ ୨୦୨୧୪-୧୫ ଆର୍ଥିକ ବର୍ଷରେ ଗୋପ ପଞ୍ଚାୟତ ସମିତି ପକ୍ଷରୁ ନୂଆଖୋଲମରା ପଞ୍ଚାୟତ ଲଳିତାପହଣ୍ଡି ହାଟ ନିକଟରେ ୫ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟ ବରାଦରେ ଏକ ପ୍ରାଣୀ ଚିକିତ୍ସା କେନ୍ଦ୍ର ନିର୍ମାଣ କରାଯାଇଥିଲା। ଦୀର୍ଘ ବର୍ଷ ପରେ ଗତ ପ୍ରାୟ ୩ ବର୍ଷ ତଳେ ଏହି ଗୃହ କାର୍ଯ୍ୟ ସମାପ୍ତ ହୋଇଥିଲେ ମଧ୍ୟ ତାହା ପ୍ରାଣୀ ଚିକିତ୍ସା ବିଭାଗକୁ ହସ୍ତାନ୍ତର କରାଯାଇନାହିଁ। ଫଳରେ ଏହି ଗୃହ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଥିବା ବେଳେ ସାପ ବେଙ୍ଗଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ସେପଟେ ଚିକିତ୍ସା ପାଇବାରୁ ବଞ୍ଚିତ ହୋଇ ହଜାର ହଜାର ସଂଖ୍ୟାରେ ଗୃହପାଳିତ ପଶୁ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେବା ସହ ଚିକିତ୍ସା ଅଭାବରୁ ବିଭିନ୍ନ ସମୟରେ ମୃତ୍ୟୁମୁଖରେ ପଡୁଛନ୍ତି। ସେହିପରି ଦାୟିତ୍ୱରେ ଥିବା ପ୍ରାଣୀ ଚିକିତ୍ସକ ଚିକିତ୍ସା କରିବାକୁ ସ୍ଥାନ ନପାଇ ବାର ଦୁଆର ଘୁଣ୍ଟିପିଣ୍ଡା ହେଉଛନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ଏନେଇ ଗୋପ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ରଞ୍ଜନ କୁମାର ସାହୁଙ୍କୁ ପଚାରିବରେ ସେ କହିଛନ୍ତି ପ୍ରାୟ ୩ ବର୍ଷ ହେବ ଏହି କେନ୍ଦ୍ର କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ ଆମକୁ ହସ୍ତାନ୍ତର କରାଯାଇ ନାହିଁ । ଏ ନେଇ ମୁଁ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଅବଗତ କରିଛି। ସେହିପରି ଗୋପ ବିଡିଓ ଛବିରାଣି ସାହୁଙ୍କୁ ପଚାରିବାରେ ସେ କହିଥିଲେ ଖୁବ୍‌ଶୀଘ୍ର ତଦନ୍ତ କରାଯାଇ ଉକ୍ତ ଗୃହକୁ ପ୍ରାଣି ଚିକିତ୍ସା ବିଭାଗକୁ ହସ୍ତାନ୍ତର କରାଯିବ। ମାତ୍ର ଏ ସମ୍ପର୍କରେ ଉକ୍ତ ପଞ୍ଚାୟତର ସରପଞ୍ଚ ଉପେନ୍ଦ୍ର କାନୁନ୍‌ଗୋଙ୍କୁ ପଚାରିବରେ ସେ କହିଛନ୍ତି ଉକ୍ତ ଗୃହ କାର୍ଯ୍ୟ ସଂପୂର୍ଣ୍ଣ ହୋଇନାହିଁ, ଆଉ କେତକ କାର୍ଯ୍ୟ ବାକି ଅଛି, ତାହା ସଂପୂର୍ଣ୍ଣ ହେଲେ ଗୃହ ହସ୍ତାନ୍ତର କରାଯିବ। ମାତ୍ର ସେଥି ନିମନ୍ତେ ଅର୍ଥ ନାହିଁ । ହେଲେ ଏହି ଗୃହକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରି ଗୃହପାଳିତ ପଶୁମାନଙ୍କର ଚିକିତ୍ସା କରିବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି।

# ଥଣ୍ଡା ପାନୀୟଜଳ ପାଇଁ ଫିଲ୍ଟର ମେସିନ୍ ଲଗାଇଲେ ଯୁବକ




ମାଲକାନଗିରି (ଭାସ୍କର ନ୍ୟୁଜ): ଏପ୍ରିଲ ମାସ ଦ୍ୱିତୀୟ ସପ୍ତାହରୁ ହେଉଥିବା ଖରାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ସୀମାବର୍ତ୍ତୀ ପଡିଆ ବ୍ଲକ ସଦର ମହକୁମାରେ ଜଣେ ଯୁବକ ଲୋକଙ୍କ ପାଇଁ ବ୍ୟୟ ବହୁଳ ଥଣ୍ଡା ଫିଲ୍ଟର ମେସିନ ଲଗାଇ ଚର୍ଚ୍ଚାକୁ ଆସିଛନ୍ତି। ଏହା ତାଙ୍କ ସ୍ୱର୍ଗୀୟ ପିତାଙ୍କ ଉଦ୍ଦେଶ୍ୟରେ ଲୋକଙ୍କୁ ସ୍ୱଚ୍ଛ ଓ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବାକୁ ଲାଗିଥିବା ଯୁବକ ଜଣକ କହିଛନ୍ତି। ସୂଚନା ମୁତାବକ ପଡିଆ ମୁଖ୍ୟ ବଜାରରେ ରହୁଥିବା କୁମେର ଶ୍ରୀନିବାସ ନାମକ ଯୁବକ ଜଣକ ପ୍ରାୟ ୨୯ ହଜାର ଟଙ୍କା ବ୍ୟୟରେ ଏହି ଥଣ୍ଡା ପାନୀୟ ଜଳ ପାଇଁ ଫିଲ୍ଟର୍ ମେସିନ୍ କିଣି ନିଜର ଛୋଟ କମ୍ପ୍ୟୁଟର ଦୋକାନ ସମ୍ମୁଖରେ ଲାଗିଛନ୍ତି। ଗରମ ଅନୁଭୂତ ହେଉଥିବା ସମୟରେ ଏହି ମେସିନରୁ ଗ୍ରାହକ ଠାରୁ ଆରମ୍ଭ କରି ପଥିକ ଓ ଜନସାଧାରଣ ସମସ୍ତେ ଥଣ୍ଡା ପାନୀୟ ଜଳ ପିଉଥିବା ଦେଖିବାକୁ ମିଳିଛି। ମଧ୍ୟମ ବର୍ଗର ପରିବାରର ହୋଇ ସୁଦ୍ଧା କମ୍ପ୍ୟୁଟର ଜେରକ୍ସ ଦୋକାନ କରି ଉପାର୍ଜିତ ଅର୍ଥରେ ଶ୍ରୀନିବାସଙ୍କ ଏଭଳି କାର୍ଯ୍ୟ ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶଂସା ସାଉଁଟି ପାରିଛନ୍ତି। ଅନ୍ୟପଟେ ସେବା ମନୋବୃତ୍ତି ରହିଲେ ଛୋଟ ଛୋଟ ପଦକ୍ଷେପ ବି ସମାଜରେ ବଡ ପ୍ରଭାବ ପକାଇଥାଏ ବୋଲି ଶ୍ରୀନିବାସ କହିଛନ୍ତି।

# ଆକ୍ରମଣରେ ଜନସେବା କେନ୍ଦ୍ର ମାଲିକ ଗୁରୁତର

ପରଜଙ୍ଗ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ସରାଙ୍ଗ ଫାଣ୍ଡି ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ସାଢ଼େ ୧ ଘଟିକାରେ ଏକ ଅଭାବନୀୟ ଘଟଣା ଘଟିଥିବା ଜଣାପଡିଛି। ସରାଙ୍ଗ ଫାଣ୍ଡି ନିକଟବର୍ତ୍ତୀ ତଥା ସରାଙ୍ଗ ଆଇଜିଆଇଟି ପାର୍ଶ୍ୱବର୍ତ୍ତୀ ୫୩ ନମ୍ବର ଜାତୀୟ ରାଜପଥକୁ ଲାଗି ସରାଙ୍ଗ ଗ୍ରାମର ରାଜକିଶୋର ସାହୁ ଓ ତାଙ୍କ ପତ୍ନୀ ଦମୟନ୍ତୀ ସାହୁ ଉଭୟ ଏହି କେନ୍ଦ୍ରକୁ ଦୀର୍ଘଦିନ ହେବ ପରିଚାଳିତ କରି ଲୋକଙ୍କୁ ସେବା ଯୋଗାଇ



ଆସୁଥିବାବେଳେ ଶୁକ୍ରବାର ଅପରାହ୍ନରେ ଅଣଓଡିଆ ଅସାମାଜିକ ୩ଜଣ ଯୁବକ ଏହି କେନ୍ଦ୍ର ଭିତରେ ପଶି ଟଙ୍କା ଲୁଟ କରିବା ଉଦ୍ଦେଶ୍ୟରେ ବନ୍ଧୁକ, ଭୁଜାଲି ଦେଖାଇ ଉଭୟଙ୍କୁ ଆକ୍ରମଣ କରିଥିଲେ। ଏମାନଙ୍କ ଆକ୍ରମଣରେ ଦେହସାରା ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାଜ ରହିଥିଲେ ମଧ ନିଜକୁ ସାହସର ସହିତ ରହି ଦୁର୍ବୃତ୍ତମାନଙ୍କ ମଧ୍ୟରୁ ଜଣକୁ କାବୁ କରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ୨ଜଣ ଚମ୍ପଟ ମାରିଥିବା ଜଣାପଡିଛି। ଧରା ପଡ଼ିଥିବା ଯୁବକକୁ ସ୍ଥାନୀୟ ଲୋକମାନେ ଥାନାରେ ଦେଇଥିଲେ। ଗୁରୁତର ରାଜକୁ ପ୍ରଥମେ ତାଳଚେର ମଣ୍ଡାପାଳ ମେଡ଼ିକାଲକୁ ନେଇ ଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। କାବୁ ହୋଇଥିବା ଅଣ ଓଡ଼ିଆର ପରିଚୟ ମିଳିନଥିବା ବେଳେ ବର୍ତ୍ତମାନ ପୋଲିସ ହେପାଜତରେ ପରଜଙ୍ଗ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ରହିଛି। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଅଧିକ ତଦନ୍ତ ଜାରି ରଖିଛି।

# ଗୀତା ଜ୍ଞାନ ଯଜ୍ଞ ଉତ୍ସବ ଉଦ୍‌ଯାପିତ

ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଁଳୋ ପଞ୍ଚାୟତର ପରମହଂସପୁର ଗ୍ରାମରେ ତିନିଦିନ ଧରି ଚାଲିଥିବା ଗୀତାଜ୍ଞାନ ଯଜ୍ଞ ଓ ଭଗବତ ପ୍ରବଚନ କାର୍ଯ୍ୟକ୍ରମ ଶୁକ୍ରବାର ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ୩୦ବର୍ଷର ଏହି ଆଧାତ୍ମିକ ଅନୁଷ୍ଠାନରେ ୧୩ବର୍ଷ ଧରି ଭାଗବତ ପଠନ, ୧୨ବର୍ଷ ରାମାୟଣ ପଠନ ଅତିବାହିତ ହୋଇଥିବାବେଳେ ୫ବର୍ଷ ଧରି ଅଦ୍ୟାବଧି ଗୀତା ଜ୍ଞାନ ଯଜ୍ଞ ଚାଲୁ ରହିଅଛି। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଗ୍ରାମର ପୁରୁଷ ଓ ମହିଳାମାନେ ଗତ ୧୫ ତାରିଖ ମଙ୍ଗଳବାର ଦିନ ଗାଁ ପୋଖରୀରୁ କଳସ ଯାତ୍ରା ବାହାରି ଘଣ୍ଟ ବାଦ୍ୟ ଓ ନାମ ସଂକୀର୍ତ୍ତନରେ ଗୀତାଜ୍ଞାନ ଯଜ୍ଞସ୍ଥଳରେ ଜଳପୂର୍ଣ୍ଣ କଳସୀ ସ୍ଥାପନ କରିଥିଲେ। ଏହି ଉତ୍ସବରେ ତିନୋଟି ମୌଜାର ସଭାପତି ଅନିଲ ଭୁତିଆ ଓ ଏଲିନା ଭୁତିଆ କର୍ତ୍ତା ରୂପେ କାର୍ଯ୍ୟ ନିର୍ବାହ କରିଥିଲା ବେଳେ, ପୂଜକ ଭାଗିରଥି



ପଣ୍ଡା, ପ୍ରଭାତ ଚାନ୍ଦ ଓ ଜିତେନ୍ ପଣ୍ଡା ପୂଜାର୍ଚ୍ଚନା ଦାୟିତ୍ୱରେ ନିୟୋଜିତ ଥିଲେ। ଚଳିତ ମାସ ୧୬ ତାରିଖ ଠାରୁ ୧୮ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା, ହୋମ ଯଜ୍ଞ କରାଯାଇ ପୂର୍ଣ୍ଣାହୁତି ଦିଆଯାଇଥିବା ବେଳେ, ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ଗାଁ ଚଉପାଢ଼ୀ ମଣ୍ଡପରେ କଣିହାଁ ଅଞ୍ଚଳର ବ୍ରହ୍ମଚାରୀ ପ୍ରବଚକ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ମହାରାଜ ଓ ତାଳଚେର ଥର୍ମାଲର ବ୍ରହ୍ମଚାରୀ ଶିବ ପ୍ରସାଦ ମହାରାଜଙ୍କ ଦ୍ୱାରା ଭାଗବତ ପ୍ରେମୀମାନଙ୍କୁ ପ୍ରବଚନବାଣୀ ଶୁଣାଇଥିଲେ। ତିନିଦିନ ଧରି ପୂଜାର୍ଚ୍ଚନା ଓ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ରହିଥିବା ବେଳେ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ଓ ଶ୍ରୋତାଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ରହିଥିଲା। ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ନାୟକ, ପରମହଂସପୁର ଗ୍ରାମ୍ୟ କମିଟି ସଭାପତି ଗୌତମ ସାହୁ, ଅବସର ପ୍ରାପ୍ତ ଶିକ୍ଷକ ମହେଶ୍ଚନ୍ଦ୍ର ନାୟକ, ଯୁବ ଉଦ୍ୟୋକ୍ତା ଚିତ୍ତରଞ୍ଜନ ସାହୁ, ସନତ କୁମାର ବିଶ୍ୱାଳ, ଦେବରାଜ ସାହୁ, ପୁନ୍ଦରି ବିଶ୍ୱାଳ, ଯତୀନ୍ଦ୍ର କୁମାର ସାହୁ, ଦୁର୍ଗା ଚରଣ ବିଶ୍ୱାଳଙ୍କ ସମେତ କମିଟିର ସମସ୍ତ ସଦସ୍ୟ, ଭାଗବତ ପ୍ରେମୀ ଓ ଗ୍ରାମବାସୀଙ୍କ ସହଯୋଗରେ ବାର୍ଷିକ ଗୀତା ଜ୍ଞାନଯଜ୍ଞ ସମାପନ ହୋଇଥିଲା।

# ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ସ୍ଥିତ ସଙ୍କଟମୋଚନ ମହାବୀରଙ୍କ ମନ୍ଦିରର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ସାଲା ପ୍ରଦକ୍ଷଣ ମଣ୍ଡଳପୂଜା, ଅଗ୍ନିସ୍ଥାପନ, କରାଯିବା ସହ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ରାତ୍ରର ବିଳମ୍ବିତ ପ୍ରହରରେ ପୂର୍ଣ୍ଣାହୁତି ହୋଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଯୋଗଦାନ କରି ମହାବୀରଙ୍କ ପୂଜାର୍ଚ୍ଚନା କରିବ ସହ ଆଶିଷ ଭିକ୍ଷା କରିଥିଲେ। ଏଥିରେ ସ୍ଥାନୀୟ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

# ବିଜେପିର ସକ୍ରିୟ ସଦସ୍ୟ ସମ୍ମିଳନୀ



କରଞ୍ଜିଆ(ଭାସ୍କର ନ୍ୟୁଜ): ବିଜେପିର ପଶ୍ଚିମ ମୟୂରଭଞ୍ଜ ସାଙ୍ଗଠନିକ ଜିଲ୍ଲା ଅନ୍ତର୍ଗତ କରଞ୍ଜିଆ ବିଧାନସଭା କ୍ଷେତ୍ରର ବିଜେପିର ମଣ୍ଡଳସ୍ତରୀୟ ସକ୍ରିୟ ସଦସ୍ୟଙ୍କ ସମ୍ମିଳନୀ କରଞ୍ଜିଆ ଏନଏସି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି ଝୁରିଲାଲ ମହାନ୍ତଙ୍କ ଅଧକ୍ଷତା ଓ ଜିଲ୍ଲା ସାଧାରଣ ସମ୍ପାଦକ ଆଶିଷ କୁମାର ମହାନ୍ତଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୭ଟି ମଣ୍ଡଳର ଦଳୀୟ ପଦାଧିକାରୀଙ୍କ ସମେତ ସକ୍ରିୟ ସଦସ୍ୟମାନେ ଯୋଗ ଦେଇଥିଲେ। କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ଜିଲ୍ଲା ସଭାପତି ଝୁରିଲାଲ ମହାନ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୃପାସିନ୍ଧୁ ମହାନ୍ତ, ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ବରିଷ୍ଠ ନେତା ନବକିଶୋର ପଣ୍ଡା, ପୂର୍ବତନ ଜିଲ୍ଲା ସଭାପତି ବାଞ୍ଛାନିଧି ପୃଷ୍ଟି, ଜିଲ୍ଲା କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ମଦନ ମୋହନ ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ଆଶିଷ କୁମାର ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଭାରତମାତା, ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ଓ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ଓ ସମବେତ ବନ୍ଦେ ମାତାରମ ଗାନ ସହିତ ସମ୍ମିଳନୀର ଶୁଭାରମ୍ଭ ହୋଇଥିଲା। ଜିଲ୍ଲା ସମ୍ପାଦକ ବିମଳ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ । ଦଳର ସଙ୍ଗଠନକୁ ପ୍ରତ୍ୟେକ ମଣ୍ଡଳରେ କିଭଳି ମଜଭୁତ କରାଯିବ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ବିକାଶ ମୂଳକ ଓ ଲୋକାଭିମୁଖୀ ଯୋଜନା କିଭଳି ତୃଣମୂଳସ୍ତରରେ ପ୍ରତ୍ୟେକ ଯୋଗ୍ୟ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବ ସେ ବାବଦରେ ସକ୍ରିୟ କର୍ମୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କରଞ୍ଜିଆ ନଗର, ତାଟୋ, କରଞ୍ଜିଆ ଗ୍ରାମୀଣ, ଶରତ, ଠାକୁରମୁଣ୍ଡା, ମହୁଲଡିହା, ମଣ୍ଡଳର ସଭାପତିଙ୍କ ସମେତ ଦଳର ବିଭିନ୍ନ ପଦାଧିକାରୀ ଓ ତିନିଶହରୁ ଊର୍ଦ୍ଧ୍ୱ ସକ୍ରିୟ କର୍ମୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କରଞ୍ଜିଆ ଗ୍ରାମୀଣ ମଣ୍ଡଳ ସଭାପତି ସୁନାମଣୀ ହୋ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଜିଲ୍ଲା ସମ୍ପାଦକ ବିମଳ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ମହେଶ୍ୱର ସାହା, କରଞ୍ଜିଆ ନଗର ମଣ୍ଡଳ ସଭାପତି ସମ୍ବିଧାନ ମହାପାତ୍ର, ତାଟୋ ମଣ୍ଡଳ ସଭାପତି ଦିଲ୍ଲୀପ ମହାନ୍ତ, କବାଦ ଅଲ୍ଲୀ, ଜିଲ୍ଲା ଅଳ୍ପସଂଖ୍ୟକ ମୋର୍ଚ୍ଚା ସଭାପତି ଅବଦୁଲ ଲତିଫ, ଉମେଶ ବେହେରା, କରୁଣା କର ବାରିକ, ଲୁନା ମିଶ୍ର, ମନୋଜ ମହାନ୍ତ, ଦେବେନ୍ଦ୍ର ମହାନ୍ତ, ଇଏନଏସ ପ୍ରିୟଙ୍କା, କଳ୍ପନା ପାତ୍ର, ସୁଲୋଚନା ପୁଥାଳ, ନାରୀନେତ୍ରୀ ଲକ୍ଷ୍ମୀ ଝା, ଗତିକୃଷ୍ଣ ପଣ୍ଡା, ତାରାକାନ୍ତ ପଟ୍ଟନାୟକ, ଜ୍ୟୋସ୍ନାରାଣୀ ମହାନ୍ତ, ମାଧବ ଦେହୁରୀ, ଲକ୍ଷ୍ମୀକାନ୍ତ ରାମ ପ୍ରମୁଖଙ୍କ ସମେତ ତିନିଶହରୁ ଊର୍ଦ୍ଧ୍ୱ ସକ୍ରିୟ କର୍ମୀ ଯୋଗ ଦେଇଥିଲେ।

## ରାଣା ପ୍ରତାପ ସ୍କୁଲରେ 'ଶିକ୍ଷା ସମ୍ପର୍କ ସେତୁ ବୈଠକ'

# ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ




ବରଗଡ଼ (ଭାସ୍କର ନ୍ୟୁଜ୍): ଶିକ୍ଷକ ଓ ଅଭିଭାବକ ମଧ୍ୟରେ ସମ୍ପର୍କର ଆବଶ୍ୟକତା ରହିଥିବା ବେଳେ ଶନିବାର ଅଭିଭାବକ ଶିକ୍ଷକ ସଂଘ ଆନୁକୂଲ୍ୟରେ 'ଶିକ୍ଷା ସମ୍ପର୍କ ସେତୁ' ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଶିକ୍ଷାବିତ୍ କପିଳ ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭ ଉଦ୍ଘାଟନ କରିଥିବା ବେଳେ ପର୍ଯ୍ୟବେକ୍ଷକ ଭାବେ ଅନୁସୂଚିତ ଜାତି ଓ ଜନଜାତି ସଂଯୋଜକ ସମଗ୍ର ଶିକ୍ଷା ମିଥୁନ ପ୍ରଧାନ ଯୋଗ ଦେଇ ବିଦ୍ୟାଳୟ ସହିତ ଅଭିଭାବକଙ୍କ ସମ୍ପର୍କ ଶିକ୍ଷାର ପ୍ରଗତିରେ ସେତୁ ସଦୃଶ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ତପସ୍ୱିନୀ ତ୍ରିପାଠୀ, ଗୀତା ଜାଲ, ଜ୍ୟୋସ୍ନା ତ୍ରିପାଠୀ, ସୁନୀତା ମିଶ୍ର, ବବିତା ନାଏକ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗର ଗାଇଡ ଲାଇନ୍ ଅନୁସାରେ ସ୍କୁଲର ବାର୍ଷିକ କ୍ୟାଲେଣ୍ଡର ଆକ୍ଟିଭିଟିଜ୍, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ମାଗଣା ପୁସ୍ତକ ବଣ୍ଟନ, ଡ୍ରପ ଆଉଟ୍ ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ଆଣିବା ଏବଂ ବିଶେଷ କରି ଗ୍ରୀଷ୍ମ ଅବକାଶରେ ଛାତ୍ରଛାତ୍ରୀଙ୍କୁ ଦିଆଯିବାକୁ ଥିବା ହୋମ୍‌ୱର୍କର ତଦାରଖ କିପରି ହେବ ସେ ବିଷୟରେ ଆଲୋଚନା କରାଯାଇଥିଲାବେଳେ ଅଭିଭାବକ ମାନେ ଅତିରିକ୍ତ ଶ୍ରେଣୀ କୋଠରୀ ଓ ସ୍କୁଲ ଖେଳ ପଡିଆକୁ ତୁରନ୍ତ ବ୍ୟବହାର ଉପଯୋଗୀ କରିବା ପାଇଁ ଗଠନ ମୂଳକ ପ୍ରସ୍ତାବ ପ୍ରଦାନ କରିଥିଲେ। ତେବେ ଏହିସବୁ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ସଠିକ୍ ଭାବେ କରାଯାଇ ଶିକ୍ଷା ସମ୍ପର୍କ ସେତୁ ମଜବୁତ୍ ହୋଇପାରିବ ବୋଲି ପ୍ରଧାନଶିକ୍ଷକ ଶ୍ରୀ ରଥ ମତ ବ୍ୟକ୍ତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# କେ.ଆର ଲାଇନରେ ପୁଣି ଅଚଳ ହେଲା ପେଣ୍ଟୋଗ୍ରାଫ

## ଅଟକିଛି ଇଣ୍ଟରସିଟି ଏକ୍ସପ୍ରେସ ଓ ହୀରାଖଣ୍ଡ ଏକ୍ସପ୍ରେସ



କଲ୍ୟାଣସିଂହପୁର (ଭାସ୍କର ନ୍ୟୁଜ): ରାୟଗଡା ରାଉରକେଲାରୁ ଜଗଦଲପୁର ଯାଉଥିବା ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ ଇଞ୍ଜିନର ପେଣ୍ଟୋଗ୍ରାଫ କାଶୀପୁର ବ୍ଲକର ଲେଲିଗୁମ୍ମା ରାଉଳି ନିକଟରେ ଅଚଳ ହେବା ଯୋଗୁଁ କେ.ଆର ଲାଇନରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି। ଆଜି ଭୋରରୁ ଏପରି ହୋଇଥିବା ଜଣାପଡିଛି। ଇଣ୍ଟରସିଟି ଏକ୍ସପ୍ରେସ ଲେଲିଗୁମ୍ମା ରାଉଳି ମଧ୍ୟରେ ଅଟକି ରହିଥିବା ବେଳେ ଭୁବନେଶ୍ୱରରୁ ଜଗଦଲପୁର ଯାଉଥିବା ଲେଲିଗୁମା ଠାରେ ଅଟକି ରହିଥିବା ସୂଚନାରୁ ଜଣାପଡିଛି। ଏହି ଅଞ୍ଚଳରେ ମୋବାଇଲ ନେଟୱର୍କ ଠିକରେ କାର୍ଯ୍ୟ କରୁନଥିବାରୁ ସଠିକ ତଥ୍ୟ ମିଳିପାରିନାହିଁ। ୩ଘଣ୍ଟାରୁ ଊର୍ଦ୍ଧ୍ୱ ହେଲାଣି ଏହି ରୁଟ୍‌ରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇ ପଡିଛି। ସକାଳୁ ସକାଳୁ ଏଭଳି ଘଟଣା ହୋଇଥିବାରୁ ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡିଛି। ଟ୍ରେନ ଇଞ୍ଜିନକୁ ବିଦ୍ୟୁତ୍ ଯୋଗାଣ ନହେବା ଯୋଗୁଁ ଟ୍ରେନ ଆଗକୁ ଆଉ ଗଡି ପାରିନଥିଲା ବୋଲି ଜଣେ ରେଳୱେ କର୍ମଚାରୀ ପ୍ରକାଶ କରିଛନ୍ତି। ବିଦ୍ୟୁତ ଲାଇନ ସହ ଟ୍ରେନକୁ ସଂଯୋଗ କରୁଥିବା ପେଣ୍ଟୋଗ୍ରାଫ ଅଚଳ ହୋଇପଡିବା ଯୋଗୁଁ ଇଞ୍ଜିନ ଅଚଳ ହୋଇପଡ଼ିଥିବା ଜଣାପଡିଛି। ଓଭର ହେଡଡ ଇଲେକ୍ଟ୍ରିକାଲ ଇକ୍ୟୁପମେଣ୍ଟ ଜରିଆରେ ବିଦ୍ୟୁତ୍ ଲାଇନରୁ ଟ୍ରେନ ଇଞ୍ଜିନକୁ ବିଦ୍ୟୁତ୍ ଯୋଗାଉଥିବା ପେଣ୍ଟୋଗ୍ରାଫ ଅଚଳ ହୋଇପଡିବାରୁ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଯିବା ଫଳରେ ଏଭଳି ହୋଇଥିବା ରାୟଗଡା ଷ୍ଟେସନ ପ୍ରବନ୍ଧକ ପ୍ରକାଶ କରିଛନ୍ତି। ରେଳୱେ ବିଭାଗର ଟେକ୍ନିକାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଏହାକୁ ମରାମତି କରୁଥିବା ସୂଚନାରୁ ଜଣାପଡିଛି। ଗତକାଲି ସନ୍ଧ୍ୟାରେ ଜୟପୁର କୋରାପୁଟ ରୁଟରେ ଥିବା ଜରଟି ନିକଟରେ ଏକ ମାଲବାହି ଟ୍ରେନର ପେଣ୍ଟୋଗ୍ରାଫ ଅଚଳ ହେବାରୁ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇ ଟ୍ରେନ ଚଳାଚଳ ବିଳମ୍ବିତ ହୋଇଥିଲା। ୧୨ ଘଣ୍ଟା ମଧ୍ୟରେ ଏହି ରୁଟ୍‌ରେ ଦୁଇ ଦୁଇଟି ଟ୍ରେନର ପେଣ୍ଟୋଗ୍ରାଫ ଅଚଳ ହେବା ଘଟଣା ରେଳ ବିଭାଗକୁ ଚିନ୍ତାରେ ପକାଇବା ସହ ଯାତ୍ରୀମାନେ ଭୟଭିତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଏହି ରୁଟ୍‌ରେ ପେଣ୍ଟୋଗ୍ରାଫ କାହିଁକି ଅଚଳ ହେଲା ସେନେଇ ବିଭାଗ ତରଫରୁ ତଦନ୍ତ ଚାଲିଛି ବୋଲି ରାୟଗଡା ଷ୍ଟେସନ ପ୍ରବନ୍ଧକ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଖବର ଲେଖିବା ବେଳକୁ ଟ୍ରେନ ଚଳାଚଳ ସ୍ୱାଭବିକ ହୋଇନଥିବା ଇଣ୍ଟରସିଟି ଏକ୍ସପ୍ରେସରେ ଯାତ୍ରା କରୁଥିବା ଯାତ୍ରୀ ପ୍ରକାଶ କରିଛନ୍ତି।

## ୧୨ ଘଣ୍ଟାରେ ଏହି ରୁଟ୍‌ରେ ଦ୍ୱିତୀୟ ଘଟଣା

# ଉଦୀୟମାନ ମହିଳା ସଙ୍ଗଠନ ପକ୍ଷରୁ ପଥଚାରୀଙ୍କୁ ସୁଆଦିଆ ଦହିପଣା




ବଡ଼ଚଣା (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ ଛକ ଓଭରବ୍ରିଜ ତଳେ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ମହିଳା ସଙ୍ଗଠନ ମିଳିତ ଉଦ୍ୟମରେ ପଥଚାରୀ ପଥିକମାନଙ୍କ ତୃଷା ମେଣ୍ଟାଇବା ପାଇଁ ଏକ ଜଳଦାନ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଜଳଦାନ କେନ୍ଦ୍ରକୁ ଆନୁଷ୍ଠାନିକ ଭାବରେ ସମାଜସେବିକା ମାଧୁରୀ ଶତପଥୀ, ଆଇନଜୀବୀ ସବିତା ମିଶ୍ର ବିଜୟପାଲ ଯାଦବ, ସଂଜୟ କୁମାର ମାହାଲା, ବାବୁଲି କୁମାର ସ୍ୱାଇଁ, ନୃସିଂହ ଚରଣ ମିଶ୍ର ପ୍ରମୁଖ ଉଦ୍‌ଘାଟନ କରି ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରି କହିଲେ ଏହି ଜଳଦାନ କେନ୍ଦ୍ର ଚଣ୍ଡିଖୋଲ ଛକରେ କରିବାର ଆବଶ୍ୟକତା ଥିଲା କାରଣ ଓଡ଼ିଶାର ଏକ ପ୍ରମୁଖ ସ୍ଥଳ ବା ତ୍ରିଭୁଜ କ୍ଷେତ୍ର ହେଉଛି ଏହି ଚଣ୍ଡିଖୋଲ ଛକ, ବିଭିନ୍ନ ରାଜ୍ୟରୁ ବହୁ ଗାଡିଘୋଡ଼ା ଏହି ତ୍ରିଭୁଜ କ୍ଷେତ୍ର ଦେଇ ଯାତାୟତ କରୁଥିବା ହେତୁ ବହୁ ଯାତ୍ରୀ ଏଠାକୁ ଆସି ଥାଆନ୍ତି ଏବଂ ବର୍ତ୍ତମାନ ସମୟରେ ଯେଉଁଭଳି ଭାବରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେଉଛି ସେମାନଙ୍କ ତୃଷା ମେଣ୍ଟାଇବା ପାଇଁ ଉଦୀୟମାନ ପରିବାର ଯେଉଁ ସାଧୁ ପଦକ୍ଷେପ ନେଇଛନ୍ତି ସେମାନଙ୍କୁ ଈଶ୍ୱର ସହାୟ ହୁଅନ୍ତୁ ବୋଲି ମତପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଂପାଦିକା ଅରୁଣୀ ନନ୍ଦ, ସଂଯୋଜିକା ଗାୟତ୍ରୀ ରାଉତ, ସବିତା ମିଶ୍ର, ରଶ୍ମିତା ଓଝା, ଚଣ୍ଡିତଳ ଶାଖା ସଭାପତି ସୁଜାତା ସାମଲ, ସଂପାଦିକା ସାଗରିକା ମହାନ୍ତି, କୋଷାଧ୍ୟକ୍ଷା ପାର୍ବତୀ ସାହୁ, ପରିଚାଳନା ସମ୍ପାଦିକା ବିନୋଦିନୀ ଦାସ, ସ୍ୱେଚ୍ଛାସେବୀ ମୋନାଲିସା ପ୍ରଧାନ, ତୁଳସୀ ଭଞ୍ଜ, ଶର୍ମିଷ୍ଠା ଜେନା ଗୌରାଙ୍ଗ ସାହୁ ,ଜମୁନା ଜେନା, ମମତା ରାଉତ ପ୍ରମୁଖ ପଥଚାରୀଙ୍କୁ ଦହିପଣା, ଲେମ୍ବୁପାଣି ଥଣ୍ଡା ପାନୀୟ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ ରଜ ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନର ସଭାପତି ଅବିନାଶ ଜେନା, ସଂପାଦକ କାର୍ତ୍ତିକ ଚନ୍ଦ୍ର ଜେନା କହିଛନ୍ତି।



ତିହିଡ଼ି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅଧିନ ଗନ୍ଧର୍ବପୋଖରୀ ଗାଁରେ ମହାବୀରଙ୍କ ବାର୍ଷିକ ଉତ୍ସବ ମହାସମାରୋହରେ ସମାହିତ ହୋଇଯାଇଛି। ଏହି ଅବସରରେ ଗ୍ରାମଦେବତୀ ଜାଡି ଠାକୁରାଣୀଙ୍କ ଠାରୁ ଆରମ୍ଭ ହୋଇଥିବା କଳସ ଶୋଭାଯାତ୍ରା ଗନ୍ଧର୍ବପୋଖରୀ ଓ ଆରୁହା ଗ୍ରାମ ପରିକ୍ରମା କରି ଲକ୍ଷ୍ମୀନାରାୟଣ ପୋଖରୀରେ କଳସ ବୁଡ଼ା ଯାଇଥିଲା। ପରେ ଜଳଯାତ୍ରା ଓ ଘଟଉତ୍ତୋଳନ, ମଣ୍ଡପରେ ସୂର୍ଯ୍ୟାଦି ପୂଜା, ଗୁରୁଧରିତ୍ରୀ ପୂଜା ଓ ଯଜ୍ଞ ମଣ୍ଡପରେ ଅୟମ ଆରମ୍ଭ ହୋଇଥିଲା। ପରେ ମାରୁତିନନ୍ଦନଙ୍କ ମହାସ୍ନାନ, ଶୋଡଷ ଉପଚ଼ର ପୂଜା ଓ ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ କରାଯାଇଥିଲା। ମଙ୍ଗଳବାର ପ୍ରାତଃ ସମୟରେ ସୂର୍ଯ୍ୟ ପୂଜା, ମଣ୍ଡପ କାର୍ଯ୍ୟ, ଲକ୍ଷ୍ମୀନାରାୟଣ ପୂଜା, ଗୀତା ପାଠ କରାଯାଇ ଗୋଧୂଳି ଲଗ୍ନେ ପୂର୍ଣ୍ଣାହୂତି ହୋଇଥିଲା। କର୍ତ୍ତାଭାବେ ଗଙ୍ଗାଧର ଦାସ, ମନ୍ଦିରର ନୀତି ପୂଜକ କିଶୋର ପଣ୍ଡାଙ୍କ ସମେତ ଶ୍ୟାମସୁନ୍ଦର ମିଶ୍ର, ସିଦ୍ଧାନ୍ତ ମିଶ୍ର, ମଙ୍ଗରାଜ ମିଶ୍ର, ଶ୍ରୀଧର ମିଶ୍ର ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ୟାମସୁନ୍ଦର ଦାସ, କୈଳାସ ଦାସ, ରବିନ୍ଦ୍ର ଦାସ, ପ୍ରହ୍ଲାଦ ବଳ, ଗୟାଧର ବଳ, ଜିତେନ୍ଦ୍ର ବଳ, ସୌମ୍ୟ ଦାସ, ଶ୍ରୀକାନ୍ତ ଦାସ, ପ୍ରଶାନ୍ତ ମହାନ୍ତି, ରାକେଶ ଦାସ, ରାଜେନ୍ଦ୍ର ବଳ, ମୁକୁନ୍ଦ ଦାସ, ପ୍ରକାଶ ବଳ, ବାବୁଲି ଦାସ, ଦେବେନ୍ଦ୍ର ଦାସ, ସୌମେନ୍ଦ୍ର ଦାସ, ବସନ୍ତ ଦାସ, ବାସୁଦେବ ଦାସ, ଅରୁଣି ବଳ, ଅଶ୍ୱିନୀ ଦାସ, ଅଜୟ ଦାସ, ଶରତ ଦାସ, ସାଇରାମ ବଳ, କୈଳାସ ବଳ, ଗଣେଷ ବଳ, ପାଗଳା ବଳ ଓ କୁନା ବଳ ପ୍ରମୁଖ ସମସ୍ତ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

# ବାହାଘର ଚାଲିଥିବା ବେଳେ ଉତ୍ତେଜନା, ଫୁଟିଲା ଗୁଳି

ବଡ଼ଚଣା (ଭାସ୍କର ନ୍ୟୁଜ୍) : ଶୁକ୍ରବାର ଏକ ବିଳମ୍ବିତ ରାତିରେ ବାହାଘର ଚାଲିଥିବାବେଳେ ସାମାନ୍ୟ କାରଣରୁ ବନ୍ଧୁକରୁ ଗୁଳି ଫୁଟିବାରୁ ଏଥିଲେ ଦୁଇ ଜଣ ଆହାତ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ବଡ଼ଚଣା ବ୍ଲକ ପବିତ୍ର ମହାବିନାୟକ ପୀଠରେ ଧର୍ମଶାଳା ଥାନା ଅନ୍ତର୍ଗତ ବାଜବାଟି ଗାଁର ଦୁର୍ଯ୍ୟୋଧନ ବେହେରାଙ୍କ ସହିତ କିଛି ଲୋକେ ମହାବିନାୟକ ପୀଠକୁ ଏକ ବିବାହ ଭୋଜିରେ ଯୋଗଦେବାକୁ ଯାଇଥିଲେ। ଏହି ସମୟରେ ରାଜନୈତିକ ଆକ୍ରୋଶକୁ ନେଇ ଧର୍ମଶାଳା ଥାନା ତରଞ୍ଜିଆ ଗ୍ରାମର ପୂର୍ବତନ ଜିଲ୍ଲାପରିଷଦ ନିରଞ୍ଜନ ରାଉତ ସମେତ ବିଜେଡିର ସମର୍ଥକ ହଠାତ ମାରଣାସ୍ତ୍ର ଧରି ସେମାନଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ନିରଞ୍ଜନ ରାଉତ ତାଙ୍କ ବନ୍ଧୁକରୁ ଗୁଳି ଫୁଟାଇଥିବା ବଡ଼ଚଣା ଥାନାରେ ଅଭିଯୋଗ ହୋଇଛି। ଏହି ଆକ୍ରମଣକୁ ନେଇ ଦୁର୍ଯ୍ୟୋଧନ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ବଡ଼ଚଣା ପୋଲିସ ଖବର ପାଇ ଘଟଣାସ୍ଥଳରେ

**ଦୁଇ ଆହତ**
**୨ କୋର୍ଟ ଚାଲାଣ**

ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରି ଫେରିଛନ୍ତି ଏବଂ ପୋଲିସ ଘଟଣାସ୍ଥଳରୁ ଦୁଇଟି ଫୁଟିଥିବା ଖାଲି ଖୋଟା ଜବତ କରିଛି। ଅପରପକ୍ଷରେ ଗତକାଲି ବିଳମ୍ବିତ ରାତିରେ ବଡ଼ଚଣା ପୋଲିସ ଜଣଙ୍କୁ ଘରୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ପ୍ରକାଶ ଥାଉକି ନିରଞ୍ଜନ କିଛି ଦିନ ହେବ କୌଣସି କାରଣରୁ ଜେଲ୍ ଯାଇଥିଲେ ଏବଂ ସେ ଗତକାଲି ଜେଲ୍‌ରୁ ବାହାରି ମନ୍ଦିର ଦର୍ଶନ କରିବାକୁ ଯାଉଥିଲା ବେଳେ ଏପରି ଘଟଣା ଘଟିଥିବା ଶୁଣିବାକୁ ମିଳୁଛି। ତେବେ ଏହି ଘଟଣାରେ ବଡ଼ଚଣା ପୋଲିସ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଆରୁହା ଗ୍ରାମର ଦୁଇଜଣ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ଜେନା (୪୫) ଏବଂ ପ୍ରଶାନ୍ତ ସାମଲ (୩୨)ଙ୍କୁ ପୋଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଏବେ ଏହି ଘଟଣାଙ୍କୁ ନେଇ ଆଗାମୀ ଦିନରେ ଧର୍ମଶାଳାର ଅଞ୍ଚଳରେ ରାଜନୈତିକ ଉତ୍ତେଜନା ଲାଗି ରହିବ ବୋଲି ସାଧାରଣରେ ଆଲୋଚନା ହେଉଛି।

## କାଜୁ ଜଙ୍ଗଲରୁ କାଜୁ ତୋଳିବାକୁ ନେଇ ବିବାଦ

# ଦୁଇ ଗାଁ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ; ୨୭ ଆହତ, ୩ ଗୁରୁତର






ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : କାଜୁ ଜଙ୍ଗଲରୁ କାଜୁ ତୋଳିବକୁ ଶନିବାର ଯାଇଥିବା ବେଳେ ଦୁଇ ଜିଲ୍ଲାର ଦୁଇ ଗାଁ ମଧ୍ୟରେ ଗୋଷ୍ଠୀ ସଘର୍ଷ, ୨୭ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବାଲିଡିଆ ଗ୍ରାମର ଦେବୀନଦୀର ଅପରପାର୍ଶ୍ୱ ସୁନେଇଡିଆ ନାମକ ସ୍ଥାନରେ ଦୀର୍ଘ ବର୍ଷ ହେବ କାଜୁଜଙ୍ଗଲ ସୃଷ୍ଟି ହୋଇଛି। କିନ୍ତୁ ସୁନେଇଡିଆରେ ବାଲିଡିଆ ଗ୍ରାମବାସୀ ଓ ତରାସାହି ଗ୍ରାମବାସୀ କାଜୁ ବୃକ୍ଷ ରୋପଣ କରିଥିଲେ। କିନ୍ତୁ ଦୀର୍ଘ ଦୁଇ ବର୍ଷ ତଳେ କାଜୁ ଜଙ୍ଗଲ ସମସ୍ୟାକୁ ନେଇ ପୂର୍ବରୁ ଦୁଇଗ୍ରାମ ମଧ୍ୟରେ ବିବାଦ ହୋଇଥିଲା। ପୁନର୍ବାର ଶନିବାର ସକାଳୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବାଲିଡିଆ ଗ୍ରାମର କିଛି ବ୍ୟକ୍ତି ବିଶେଷ ଦେବୀନଦୀର ଅପରପାର୍ଶ୍ୱ ସୁନେଇଡିଆକୁ କାଜୁ ତୋଳିବାକୁ ଯାଇଥିବା ବେଳେ ଅନ୍ୟପଟେ ଜଗତସିଂହପୁର ଜିଲ୍ଲା ତରାସାହି ଗ୍ରାମର ଲୋକେ ମଧ କାଜୁ ତୋଳିବାକୁ ଆସିଥିଲେ। କିନ୍ତୁ ଉଭୟଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ କାଜୁ ତୋଳାକୁ ନେଇ ବଚସା ଆରମ୍ଭ ହୋଇ ଉଗ୍ରରୂପ ନେଇଥିଲା। ସୁନେଇଡିଆ କାଜୁ ଜଙ୍ଗଲରେ ୨ଟି ଜିଲ୍ଲାର ମଧ୍ୟରେ ଜଗତସିଂହପୁର ଜିଲ୍ଲାର ତରାସାହି ଗ୍ରାମ ଓ ପୁରୀ ଜିଲ୍ଲାର ବାଲିଡିଆ ଗ୍ରାମର ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ଶହ ଇଟା ମରାମରି, ମାରଣାସ୍ତ୍ରରେ ପରସ୍ପର ମଧ୍ୟରେ ଆକ୍ରମଣ ହୋଇଥିଲେ। ଯାହା ଫଳରେ ଉଭୟ ଗ୍ରାମର ୨୭ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବାଲିଡିଆ ଗ୍ରାମର ୧୭ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ, ଗୁରୁତର ୩ଜଣଙ୍କୁ ଅନ୍ୟତ୍ର ମେଡିକାଲ ସ୍ଥାନାନ୍ତର ହୋଇଥିଲେ ଶନିବାର ସକାଳ ୮ଘ ୩୦ମିନିଟ ସମୟରେ। ଅନେକ ଆହତ ବ୍ୟକ୍ତିଙ୍କ ମୁଣ୍ଡ, ଗୋଡ଼, ମୁହଁ ଶହ ଶରୀର ଅନେକ ସ୍ଥାନରେ ଶକ୍ତ ଆଘାତ ଲାଗିବା ଶହ ରକ୍ତସ୍ରାବ ହୋଇଥିଲା। ଅନ୍ୟପଟେ ଜଗତସିଂହପୁର ଜିଲ୍ଲା ତରାସାହି ଗ୍ରାମର ୧୧ଜଣ ବ୍ୟକ୍ତି ଆହତ ହୋଇଥିବା ବେଳେ ଜଣେ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର ହୋଇଥିବାବେଳେ ଅନ୍ୟ ଦଶଜଣ ବାଲିକୁଦା ମେଡିକାଲରେ ଚିକିତ୍ସା ହୋଇଥିଲେ। ଗୋଷ୍ଠୀ ସଂଘର୍ଷ ଖବର ପାଇଁ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ଆହତଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରି ଦେବୀ ନଦୀର ଅପରପାର୍ଶ୍ୱ ସୁନେଇଡିଆ କାଜୁ ଜଙ୍ଗଲକୁ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାର ସିଂ, ବାଲିକୁଦା ଥାନା ଅଧିକାରୀ ସୁଶାନ୍ତ ସାହୁ ଓ ବାଲିକୁଦା ତହସିଲଦାର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଯାହା ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ କହିଛନ୍ତି ଉକ୍ତ କାଜୁ ଜଙ୍ଗଲଟି ବାଲିକୁଦା ଥାନା ଅଞ୍ଚଳରେ ଯାଉଛି ଏହାସହ ସୁନେଇଡିଆରେ ସୃଷ୍ଟି ହୋଇଥିବା କାଜୁ ଜଙ୍ଗଲ ଜଗତସିଂହପୁର ଜିଲ୍ଲାର। ଏ ନେଇ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ କହିଛନ୍ତି ଜିରୋ ମାମଲା ରୁଜୁ ହୋଇଛି। ଏହି ଘଟଣା ବାଲିକୁଦା ଥାନା ଅଞ୍ଚଳରେ ହୋଇଥିବାରୁ ଏହି ଅଭିଯୋଗ ସ୍ଥାନାନ୍ତର ହେବ। ଗୋଷ୍ଠୀ ସଙ୍ଘର୍ଷରେ ବାଲିଡିଆ ଗ୍ରାମର ଆହତଙ୍କ ମଧ୍ୟରେ ବାଇଧର ବେହେରା (୬୦), ନରେନ୍ଦ୍ର ବେହେରା (୫୫), ଇନ୍ଦ୍ରମଣି ବେହେରା, ଚହଲି ବେହେରା (୭୨), ଚନ୍ଦ୍ରମଣି ବେହେରା (୭୫), ରବୀନ୍ଦ୍ର ବେହେରା (୬୦), ରଞ୍ଜନା ବେହେରା (୫୦), କାଳୁ ବେହେରା (୨୩)ଙ୍କ ସହ ଅନ୍ୟମାନେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହୋଇଥିଲେ।

# କୋରେଇରେ ଜଳଛତ୍ର ପାଲଟିଛି ପ୍ରହସନ !

କୋରେଇ (ଭାସ୍କର ନ୍ୟୁଜ୍): ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ କରି ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରତ୍ୟେକ ଗ୍ରାମ ପଞ୍ଚାୟତସ୍ତରୀୟ ଜଳଛତ୍ର ଖୋଲାଯାଇଛି କିନ୍ତୁ ଦୁଃଖ କୌଣସି ଜାଗାରେ ଏହା ସଠିକ୍ ଭାବରେ ଚାଲୁଥିବା ପରିଲକ୍ଷିତ ହେଉଛି ! କୋରେଇ ବ୍ଲକ ଅନ୍ତର୍ଗତ ୨୮ ଗୋଟି ଗ୍ରାମ ପଞ୍ଚାୟତର ଅନେକ ଛକ ବଜାର ଭଳି ପ୍ରମୁଖ ସ୍ଥାନରେ ପଣା ସଂକ୍ରାନ୍ତି ଦିନ ଜଳଛତ୍ର ଖୋଲା ଯାଇଛି କିନ୍ତୁ କେବଳ ଏକ ଦୁଇ ହାତିଆ ବ୍ୟାନରରେ ଜଳଛତ୍ର ଲେଖାରେ ସୀମିତ ହୋଇ ରହିଛି। ଧାର୍ମିକ ମାସ ଭାବରେ ବୈଶାଖ ମାସରେ ଅନେକ ଲୋକ ଜଳଦାନ କରି ପୁଣ୍ୟ ଅର୍ଜ୍ଜନ କରୁଥିବା ବେଳେ ଜଳଛତ୍ର ନା ପ୍ରତ୍ୟେକ ପଞ୍ଚାୟତକୁ ଆସୁଥିବା ୫୦,୦୦୦ ଟଙ୍କାର ସରକାରୀ ଅର୍ଥକୁ କିଛି ଅସାଧୁ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀ ମିଳିମିଶି ହଡ଼ପ କରୁଥିବା ଅଭିଯୋଗ ହେଉଛି। ସରକାରଙ୍କ ପ୍ରକୃତ ଉଦ୍ଦେଶ୍ୟ ତୃଣମୂଳ ସ୍ତରରେ ସଫଳ ହେଉନଥିବା ଦେଖିବାକୁ ମିଳୁଛି। ଏହିଭଳି ମହତ୍ କାର୍ଯ୍ୟକୁ ଯେଉଁ ସରକାରୀ ବାବୁମାନେ ଏହାର ଦାୟିତ୍ୱରେ ରହି ନିଜ କର୍ତ୍ତବ୍ୟରେ ଅବହେଳା କରି ସରକାରୀ ଅର୍ଥକୁ ଲୁଟ୍‌ରେ ସହଯୋଗ କରୁଥିବା ଶୁଣିବାକୁ ମିଳୁଛି। ଏହି ବ୍ଲକ ୨୮ ଗୋଟି ପଞ୍ଚାୟତକୁ ଯଦି ଆକଳନ କରିବା ତେବେ ୧୪ ଲକ୍ଷ ଜଳଛତ୍ର ନାଁରେ ବାଟବଣା ହେଉଥିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏହି ଜଳଛତ୍ର ଗୁଡିକରେ ସତରେ ଜଳଦାନ ହେଉଛି କି ନାହିଁ ତା'ର ସଫଳତା ପାଇଁ ପ୍ରତିଦିନର ଜିପିଏସ୍ ଫଟୋ ସଂଗ୍ରହ କରିବା ପାଇଁ ବ୍ଲକସ୍ତରରେ ଜଣକୁ ଦାୟିତ୍ୱ ରଖିଲେ ଏହା ସଫଳ ହେବ ବୋଲି ବ୍ଲକର ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଅନ୍ୟପଟେ ଯେଉଁ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀମାନେ କାର୍ଯ୍ୟରେ ଅବହେଳା କରି ସରକାରୀ ଅର୍ଥକୁ ହଡ଼ପରେ ସଂପୃକ୍ତ ସେମାନଙ୍କ ଉପରେ କୋରେଇ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଅବନୀକାନ୍ତ ସାହୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଯୁବକଙ୍କ ଅକାଳ ମୃତ୍ୟୁ



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ସ୍ଥାନୀୟ ରେମଜା ପାୱାରହାଉସ୍ ପଡାର ୨୩ବର୍ଷୀୟ ଯୁବକଙ୍କ ଅକାଳ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଘଟଣାରୁ ପ୍ରକାଶ ଯେ ସନ୍ନ୍ୟାସୀ ଭୋଇଙ୍କ ପୁଅ ଅଜିତ ଭୋଇ ଗତ ସୋମବାର ସକାଳେ ହଠାତ୍ ଚେତାଶୂନ୍ୟ ହେବାରୁ ପ୍ରଥମେ କେନ୍ଦ୍ରୀୟ ଚିକିତ୍ସାଳୟ ମଣ୍ଡଳିଆ ତା'ପରେ ଝାରସୁଗୁଡା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ପରେ ଭଲ ନହେବାରୁ ବୁର୍ଲାକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ଅତି ଗୁରୁତର ହେବାରୁ ପରେ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ଶୁକ୍ରବାର ରାତି ପ୍ରାୟ ୧୦ଟାରେ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ଆଜି ସକାଳେ ଅଜିତଙ୍କ ମରଶରୀର ରେମଜା ପାୱାରହାଉସ୍ ପଡାରେ ପହଞ୍ଚିବା ପରେ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି। ଇବ ନଦୀକୂଳ ରେମଜା ମୁହାଁଣରେ ଶବ ସତ୍କାର କରାଯାଇ ଥିବାବେଳେ ତାଙ୍କ ପୁତୁରା ପିଣ୍ଟୁ ଭୋଇ ମୁଖାଗ୍ନି ଦେଇଥିଲେ।

# ବାଜପେୟୀଙ୍କ ଜନ୍ମ ଶତବାର୍ଷିକ ସମାରୋହରେ ବିଜେପି ବରିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ପାରାଦୀପ/ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକ ସମାରୋହ ପାଳନ କାର୍ଯ୍ୟକ୍ରମ ଜଗତସିଂହପୁର ଜିଲ୍ଲା ସଂସ୍କୃତି ଭବନ ଠାରେ ଶନିବାର ଦିନ ଆୟୋଜିତ ହୋଇଯାଇଛି। ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ରଙ୍କ ଅଧ୍ୟକ୍ଷତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ବରିଷ୍ଠ ବିଜେପି ନେତା ସଞ୍ଜୟ ମହାନ୍ତି, ରାଜକିଶୋର ବେହେରା, ସତ୍ୟ ସାରଥୀ ମହାନ୍ତି, ନୃସିଂହ ସାହୁ ପ୍ରମୁଖ ଯୋଗଦେଇ ବାଜପେୟୀଙ୍କ ସ୍ମୃତି ଚାରଣ କରିଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ଜିଲ୍ଲା ଉପ ସଭାପତି ସୌଭାଗ୍ୟ ମହାନ୍ତି। ଏହି ଅବସରରେ ବିଜେପି ଦଳର ବାଜପେୟୀଙ୍କ ସମୟରେ କାର୍ଯ୍ୟ କରିଥିବା କର୍ମକର୍ତ୍ତା ବୀରେନ୍ଦ୍ର ବିଶ୍ୱାଳ, ଶଶାଙ୍କ ଶେଖର ଆଚାର୍ଯ୍ୟ, ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ପାରାଦୀପ ନଗର ମଣ୍ଡଳ ସଭାପତି ସୁବ୍ରତ କୁମାର ପ୍ରଧାନ, ପୁରାତନ କାର୍ଯ୍ୟକର୍ତ୍ତା କୈଳାସ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସମେତ ବହୁ ଦଳୀୟ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# କାଳ ସାଜିଲା କାଳବୈଶାଖୀ

ନାରାୟଣପାଟଣା (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ତିନି ଗୋଟି ପଞ୍ଚାୟତ ଯଥା ତଳଗୁମାଣ୍ଡି, ତେନ୍ତୁଳିପଦର, ପୋଡ଼ାପଦର୍ ଠାରେ ଶୁକ୍ରବାର ଦେଖିବାକୁ ମିଳିଛି କାଳବୈଶାଖୀର ଅତି ଭୟାନକ ତାଣ୍ଡବ। ଏହି ତାଣ୍ଡବର ପ୍ରଭାବରେ ପାଖାପାଖି ପନ୍ଦରରୁ ଉର୍ଦ୍ଧ୍ୱ ଘରର ଛପର ଉଡ଼ିଯିବା ସହ ଘର ଭାଙ୍ଗିଯାଇଛି ଏବଂ ପାଖାପାଖି ଆଠ ଘଣ୍ଟା ଖଣ୍ଡେ ବିଦ୍ୟୁତ୍ ବନ୍ଦ ରହିଥିବା ଶୁଣିବାକୁ ମିଳିଥିଲା। ସନ୍ଧ୍ୟାରେ ଘଡ଼ଘଡି ସହ ପବନ, ବର୍ଷା ଏବଂ କୁଆପଥର ବର୍ଷା ହୋଇଥିବା ବେଳେ ପବନର ବେଗ ଅସମ୍ଭାଳ ହେବା ଦ୍ୱାରା ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିରହିଛି। ଯାହାଫଳରେ ଗାଡ଼ି ଚଳାଚଳରେ ବାଧା ଦେଖିବାକୁ ମିଳିଛି। ଏହି କାଳବୈଶାଖୀରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରର ଲୋକଙ୍କୁ ରାତ୍ରୀଯାପନ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। କ୍ଷତିଗ୍ରସ୍ତ ହୋଇଥିବା ପରିବାରଙ୍କ ମଧ୍ୟରୁ ତଳଗୁମାଣ୍ଡିର ଦଶାଇ ତାଡିଙ୍ଗି, ସିଲେୟା ତାଡିଙ୍ଗି, ରାଜନା ତାଡିଙ୍ଗି, ଇନା ତାଡିଙ୍ଗି, ମଦୟେ ତାଡିଙ୍ଗୀ, ଲାସୁ ଶିରିକା ଏବଂ ଉପର ଗୁମାଣ୍ଡିର ଘାଇ ତାଡିଙ୍ଗି, ରଙ୍ଗ ତାଡିଙ୍ଗି, କୈଳାଶ ତାଡିଙ୍ଗି, ଯୋଗି ସିରିକା ଏବଂ ତେନ୍ତୁଳିପଦର୍ ପଞ୍ଚାୟତ ସ୍ଥିତ ଟାଙ୍ଗୀନୀ ପଦରରୁ ଟୁବୁରି ବିଙ୍ଗୋଡ଼ିକା, ବୁଟୁନା ବିଙ୍ଗୋଡିକା, ଟିମ୍ବୁରୁ, ବାଲାଜୀ, ଗାଜିଲି, ସିରମା, ଯୁନେଶ ଖୋସଲା ଆଦି ସମସ୍ତଙ୍କ ଘର ଛପର ଉଡ଼ିବା ସହିତ ଘର ଭାଙ୍ଗି ଯାଇଛି। ଏହି ଖବର ପାଇ ନାରାୟଣପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଗୋଲାଡି ତ୍ରିନାଥ ତିନୋଟି ଯାକ ପଞ୍ଚାୟତ ଭ୍ରମଣ କରି କ୍ଷତିଗ୍ରସ୍ତ ପରିବାରଙ୍କୁ ସମବେଦନା ଜଣାଇବା ସହ କିଛି ଚାଉଳ ଏବଂ ପରିବା ବଣ୍ଟନ କରିଥିଲେ। ଠିକ୍ ଏତିକିବେଳେ ନାରାୟଣପାଟଣା ତହସିଲ୍ ଦାୟିତ୍ୱରେ ଥିବା ତହସିଲଦାର ସୋନାଲି ପାତ୍ର ଏବଂ ନାରାୟଣପାଟଣା ଏଆରଆଇ ଅଜବିନ କୁଲେଶିକା କ୍ଷତିଗ୍ରସ୍ତ ପଞ୍ଚାୟତକୁ ପରିଭ୍ରମଣ କରି ତହସିଲ ପ୍ରଶାସନ ତରଫରୁ ପଲିଥିନ ବଣ୍ଟନ କରିଥିଲେ ଏବଂ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ଜିଲ୍ଲାପାଳଙ୍କ ତରଫରୁ ସହାୟତା ଯୋଗାଇ ଦେବା କହି ସମବେଦନା ଜଣାଇଥିଲେ।

# ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି କାର୍ଯ୍ୟକ୍ରମ




ଡେରାବିଶ (ଭାସ୍କର ନ୍ୟୁଜ୍) : ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା (ଓସ୍‌ଡମା) ଓ କେନ୍ଦ୍ରାପଡ଼ା ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ଅଧିକାରୀ (ଡିଡିଏମ୍‌ଏ)ଙ୍କ ଆନୁକୂଲ୍ୟରେ ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟଭାରତୀ ସାଥି ସମାଜ ଦ୍ୱାରା ଡେରାବିଶ ବ୍ଲକ ଅନ୍ତର୍ଗତ ୧୧ଟି ପଞ୍ଚାୟତର ୫୧ଟି ଗାଁରେ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଏହି କ୍ରମରେ ଆଜି ଇନ୍ଦାଲୋ ପଞ୍ଚାୟତର ବାଗୋଡ଼ିଆ ଓ ପୁରୁଷୋତ୍ତମପୁର ଗ୍ରାମରେ ଦୁଇଟି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାଥିସମାଜର ସ୍ୱେଚ୍ଛାସେବୀ ମନୋରମା ରାଉତ ଓ ମନ୍ଦାକିନୀ ବେହେରା ଯୋଗ ଦେଇ ଗ୍ରାମ୍ୟରେ ଘଟୁଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଉପସ୍ଥିତ ଲୋକମାନଙ୍କୁ ବୁଝାଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ଏହାକୁ ମୁକାବିଲା କରାଯିବ, ସତର୍କତା ଅବଲମ୍ବନ କରାଯିବ ଓ କିପରି ଲୋକମାନଙ୍କୁ ଏହି ବିପଦରୁ ଉଦ୍ଧାର କରାଯାଇପାରିବ ସେ ସମ୍ପର୍କରେ ଲୋକମାନଙ୍କୁ କହିଥିଲେ। ବିପର୍ଯ୍ୟୟ ସମୟରେ ଲୋକମାନଙ୍କର ଧନ, ଜୀବନ, ଜୀବିକାକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ। ଏଥିସହିତ ସମ୍ପୃକ୍ତ ଗ୍ରାମମାନଙ୍କରେ ଗ୍ରାମ୍ୟ ପରିଚାଳନା କମିଟି ଗଢ଼ାଯାଇ ସେଥିରେ ଗ୍ରାମବାସୀଙ୍କୁ ସଦସ୍ୟ କରିଥିଲେ। ଏଥିରେ ସୂଚନାପ୍ରଦାନ କାରୀ, ଉଦ୍ଧାର ଓ ଥଇଥାନ, ସ୍ୱାସ୍ଥ୍ୟ ଓ ପ୍ରାଥମିକ ଚିକିତ୍ସା, ମାନସିକ ବିଶାଦଗ୍ରସ୍ତ ପରାମର୍ଶକାରୀ, ଆଶ୍ରୟସ୍ଥଳୀ ପରିଚାଳନା, ଜଳ ପରିମଳ, ରିଲିଫ୍ ଓ ସଂଯୋଜନା, କ୍ଷୟକ୍ଷତି ଆକଳନ ଓ ଶବନିକାଶ ଆଦି ୯ ଗୋଟି ଟ୍ୟାକ୍ସଫୋର୍ସ କମିଟି ଗଠନ କରାଯାଇଥିଲା।

## ୨୪ରୁ ଡଙ୍ଗରପଡ଼ା ଆଞ୍ଚଳିକ ପଲ୍ଲୀ ମହୋତ୍ସବ

ବୋଲଗଡ (ଭାସ୍କର ନ୍ୟୁଜ୍) : ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡ଼ା ଆଞ୍ଚଳିକ ପଲ୍ଲୀ ମହୋତ୍ସବ ସରପଞ୍ଚ ଅକ୍ଷୟ କୁମାର ରାଉତରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ହେବ। ଏହି ମହୋତ୍ସବ ଚଳିତ ମାସ ୨୪ତାରିଖରୁ ଆରମ୍ଭ ହୋଇ ୨୭ ରିଖରେ ଉଦ୍‌ଯାପିତ ହେବ। ଏଥିରେ ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁ, ଉପସଭାପତି ବିଜୟା ନନ୍ଦ ରାଉତରାୟ, ଉପଦେଷ୍ଟା ଶିକ୍ଷାବିତ୍ ପବିତ୍ର ମୋହନ ଖାଡଙ୍ଗା ଓ ସମ୍ପାଦକ ଦିବ୍ୟ ଲୋଚନ ବିଶ୍ୱାଳଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ରହି ମହୋତ୍ସବର ଚୂଡାନ୍ତ ରୂପରେଖ ଉପରେ ଆଲୋଚନା କରିଥିଲେ।


# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ





ବାରିପଦା (ଭାସ୍କର ନ୍ୟୁଜ୍) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଅର୍ଥନୀତି ବିଭାଗ ଦ୍ୱାରା ଆୟୋଜିତ ଏକ ଦୁଇ ଦିବସୀୟ ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। 'ଭାରତର ସ୍ଥାୟୀ ବିକାଶର ପଥ' ଶୀର୍ଷକ ଏହି ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗ ଦେଇ ଅଧ୍ୟକ୍ଷତା କରିଥିଲେ। ନିଜ ବକ୍ତବ୍ୟରେ ପ୍ରଫେସର ତ୍ରିପାଠୀ ଭାରତର ସ୍ଥାୟୀ ବିକାଶ ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିବା ସହ ଧାରଣକ୍ଷମ ବିକାଶ ପାଇଁ ଉଚିତ୍ ମାର୍ଗରେ ସମ୍ବଳ ବିନିଯୋଗ ଏବଂ ଛାତ୍ରଛାତ୍ରୀମାନଙ୍କ ଗୋଷ୍ଠୀ ସହଭାଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। କେବଳ ସ୍ଥାୟୀ ବିକାଶ ଉପରେ ଆଲୋଚନା ସମାଧାନ ନୁହେଁ ବରଂ ସ୍ଥାୟୀ ବିକାଶ ହାସଲ କରିବା ପାଇଁ କିଛି ନୀତିଗତ ପଦକ୍ଷେପ ଜରୁରି ବୋଲି ସେ ମତପୋଷଣ କରିଥିଲେ। ଏହି ସମ୍ମିଳନୀରେ ନେପାଳର ମଧ୍ୟ-ପଶ୍ଚିମ ବିଶ୍ୱବିଦ୍ୟାଳୟର ପ୍ରଫେସର ଦୀପ ବାହାଦୁର ରାୱଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜ ବକ୍ତବ୍ୟରେ ପରିବେଶଗତ ସଂରକ୍ଷଣ ସହିତ ଆର୍ଥିକ ଅଭିବୃଦ୍ଧିକୁ ସନ୍ତୁଳିତ କରିବାରେ ଭାରତର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ବୈଶ୍ୱିକ ଆହ୍ୱାନର ମୁକାବିଲା ପାଇଁ ଆନ୍ତଃରାଷ୍ଟ୍ରୀୟ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କ୍ୟାମ୍ବ୍ରିଜ୍ ୟୁକେର ଆଙ୍ଗଲିଆ ରସ୍କିନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋଜ ଦୋରା ମୁଖ୍ୟବକ୍ତା ଭାବେ ଯୋଗଦେଇ ବୃତ୍ତାକାର ଅର୍ଥନୀତି ଓ ବିଭିନ୍ନ ଅର୍ଥନୀତି ମଡେଲଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଗ୍ଲୋବାଲ୍ ସାଉଥ୍‌ରେ ସ୍ଥାୟୀ ବିକାଶର ପ୍ରମୁଖ ବାହକ ଭାବରେ ଡିଜିଟାଲ୍ ନବସୃଜନ ଏବଂ ଯୋଗାଣ ଶୃଙ୍ଖଳା ସ୍ଥିରତା ପାଇଁ ସମର୍ଥନ କରିଥିଲେ। କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରର ପ୍ରଫେସର ବିଶ୍ୱଜିତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ଦୃଢ଼ ଶିଳ୍ପ-ଶିକ୍ଷା ସହଭାଗୀତା ପାଇଁ ଆହ୍ୱାନ କରିଥିଲେ। ସମ୍ମିଳନୀର ଆବାହକ ବିଭାଗୀୟ ମୁଖ୍ୟ ପ୍ରଫେସର କବିତା କୁମାରୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହ-ଆବାହକ ପ୍ରଫେସର ମିନତୀ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମିଳନୀର କାର୍ଯ୍ୟକାରୀ ସମ୍ପାଦକ ଡ. ପ୍ରତାପ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ବିଦେଶରୁ ୭ଜଣ ଓ ଭାରତରୁ ୯ଜଣ ନିମନ୍ତ୍ରିତ ବକ୍ତା ଓ ୨୧୦ ଜଣ ଗବେଷକ/ଗବେଷିକା ଯୋଗଦେଇ ବିଭିନ୍ନ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଆଲୋଚନା ଏବଂ ଗବେଷଣା ଉପସ୍ଥାପନା କରୁଛନ୍ତି। ଉଦ୍‌ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

# ରାଶିଫଳ


ରବିବାର, ୨୦ ଏପ୍ରିଲ ୨୦୨୫



**ମେଷ:** ଚାକିରି କରିଥିବା ବ୍ୟକ୍ତିମାନେ ଅଭିବୃଦ୍ଧି ପାଇଁ ସୁଯୋଗ ପାଇବେ ଏବଂ ଆୟ ବୃଦ୍ଧି ହେବ। ପାରିବାରିକ ପରିବେଶ ଭଲ ରହିବ ଏବଂ ପରିବାର ଖୁସିରେ ସେମାନଙ୍କ ସହିତ ସମୟ ବିତାଇବେ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ, ଯାହା ସମାଜରେ ସମ୍ମାନ ବୃଦ୍ଧି କରିବ। ଧର୍ମ ଉପରେ ବିଶ୍ୱାସ ବୃଦ୍ଧି ପାଇବ।




**ବୃଷ:** ବ୍ୟବସାୟର ସ୍ଥିତି ଗୁରୁତ୍ୱପୂର୍ଣ୍ଣ ହେବ। ସମସ୍ତ କାର୍ଯ୍ୟ କଠିନ ପରିଶ୍ରମ ଏବଂ ସାଙ୍ଗମାନଙ୍କ ପୂର୍ଣ୍ଣ ସମର୍ଥନ ସହିତ ସଫଳ ହେବ। ଅନାବଶ୍ୟକ ଖର୍ଚ୍ଚ ବଢ଼ିବା କାରଣରୁ ଚାପରେ ରହିପାରେ। ବିବାହିତ ଜୀବନ ଭଲ ହେବ। ଧର୍ମ ପ୍ରତି ଆଗ୍ରହ ବୃଦ୍ଧି ପାଇବ। ମାଙ୍ଗଳିକ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି।



**ମିଥୁନ:** ବ୍ୟବସାୟରେ ସାଙ୍ଗମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ। ଶ୍ରମିକ ଶ୍ରେଣୀରେ ଉତ୍ସାହ ରହିବ। ଜୀବନସାଥୀ ସହିତ ସମ୍ପର୍କ ଆନ୍ତରିକ ହେବ। କାର୍ଯ୍ୟରେ ଅଳ୍ପ ସମୟ ରହିପାରେ।




**କର୍କଟ:** ଧାର୍ମିକ ଏବଂ ସାମାଜିକ କାର୍ଯ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇବ। ପାରିବାରିକ ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ ଏବଂ ପରିବାର ସଦସ୍ୟ ମଧ୍ୟ ସମର୍ଥନ ପାଇବେ। ଆପଣ ନୂତନ କାର୍ଯ୍ୟ କରିବା ପାଇଁ ପ୍ରେରଣା ପାଇବେ ଏବଂ କାର୍ଯ୍ୟରେ ସଫଳ ହେବେ। ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳ ହେବେ।



**ସିଂହ:** ବ୍ୟବସାୟ ଭଲ କରିବ ଏବଂ ଚାକିରିରେ ଅଭିବୃଦ୍ଧି ହେବାର ସମ୍ଭାବନା ରହିବ। ସମ୍ପତ୍ତିରେ ବିନିଯୋଗ କରିବାକୁ ବିଚାର କରିବେ, ଯାହା ଲାଭଦାୟକ ହେବ। ପରିବାର ସହିତ ଏକ ଖୁସିର ଦିନ ବିତାଇବ। ଶରୀର ସୁସ୍ଥ ଓ ମ ଭଲ ରହିବ।




**କନ୍ୟା:** ପାରିବାରିକ ପରିବେଶ ଭଲ ରହିବ। ପୁରୁଣା ବନ୍ଧୁମାନଙ୍କୁ ସାକ୍ଷାତ କରାଯାଇପାରିବ, ଯାହା ଲାଭଦାୟକ ହେବ। ବ୍ୟବସାୟ ଭଲ କରିବ ଏବଂ ଏକ ଲାଭ ପରିସ୍ଥିତି ଆସିବ। ପିତୃପୁରୁଷ ସମ୍ପତ୍ତିରୁ ଉପକୃତ ହୋଇପାରିବେ।




**ତୁଳା:** ବ୍ୟବସାୟ ଲାଭଦାୟକ ହେବ ଏବଂ ଚାକିରିରେ ଅଗ୍ରଗତି ସହିତ ଅବସ୍ଥାନରେ ପରିବର୍ତ୍ତନ ଆସିବ। ଆୟର ବୃଦ୍ଧି ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ। ସାଙ୍ଗମାନେ କାର୍ଯ୍ୟରେ ସାହାଯ୍ୟ କରିବେ। ସାମାଜିକ କାର୍ଯ୍ୟରେ ଆଗ୍ରହ ବୃଦ୍ଧି ପାଇବ। ପରିବାରର ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ। ବିବାହିତ ଜୀବନ ମଧ୍ୟ ସୁଖୀ ହେବ।



**ବିଛା:** ଆପଣ ବ୍ୟବସାୟରେ ଆଶା ଏବଂ ସଫଳତା ପାଇବେ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ଦ୍ୱାରା ସମାଜର ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ। ପରିବାର ସହିତ ସମୟ ବିତାଇବେ। ଦାମ୍ପତ୍ୟ ଜୀବନରେ ସୁଖ ଆସିବ। ସମ୍ପତ୍ତି ଏବଂ ଷ୍ଟକ୍ ମାର୍କେଟରେ ବିନିଯୋଗ ଲାଭଦାୟକ ହୋଇପାରେ।




**ଧନୁ:** ଆପଣ କଠିନ ପରିଶ୍ରମର ଭଲ ଫଳାଫଳ ପାଇବେ। ବ୍ୟବସାୟରେ ଲାଭଜନକ କାରବାର ହେବ। ନୂତନ ବିନିଯୋଗ ସୁଯୋଗ ମିଳିବ। ପରିବାରର ପରିବେଶ ଖୁସି ହେବ। ଜୀବନ ସାଥୀ ସହିତ ଭଲ ସମନ୍ୱୟ ରହିବ। ଆଧ୍ୟାତ୍ମିକ ଏବଂ ଧାର୍ମିକ କାର୍ଯ୍ୟଗୁଡ଼ିକର ଧାରା ବୃଦ୍ଧି ପାଇବ ଏବଂ ଈଶ୍ୱରଙ୍କ ପ୍ରତି ଭକ୍ତି ମନରେ ଶାନ୍ତି ଆଣିବ।



**ମକର :** ଯୋଗାଯୋଗ ମାଧ୍ୟମରେ ପ୍ରଗତି ପାଇଁ ନୂତନ ସୁଯୋଗ ମିଳିବ, ଯାହା ଆପଣଙ୍କୁ ଶକ୍ତି ଏବଂ ଉତ୍ସାହରେ ପରିପୂର୍ଣ୍ଣ ରଖିବ। ପୈତୃକ ସମ୍ପତ୍ତିରୁ ଏକ ଲାଭ ମିଳିବ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ଯୋଜନା କରାଯିବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ। ବ୍ୟବସାୟ ସହିତ ଆପଣ କିଛି ବିଶେଷ କାର୍ଯ୍ୟ ମଧ୍ୟ କରିପାରିବେ।



**କୁମ୍ଭ:** ବେକାରମାନେ ଭଲ ନିଯୁକ୍ତି ସୁଯୋଗ ପାଇପାରିବେ। ସାମାଜିକ କାର୍ଯ୍ୟରେ ମନ କରାଯିବ ଏବଂ ସମାଜରେ ସମ୍ମାନ ବୃଦ୍ଧି ପାଇବ। ପାରିବାରିକ ଦାୟିତ୍ୱ ପୂରଣ କରିବେ। ପ୍ରଭାବଶାଳୀ ଲୋକଙ୍କୁ ଭେଟିବେ। ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ। ସାମାଜିକ କାର୍ଯ୍ୟକଳାପରେ ଜଡିତ ହୋଇପାରନ୍ତି।



**ମୀନ:** ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ। କ୍ରୋଧକୁ ନିୟନ୍ତ୍ରଣ କର ଏବଂ ଆପଣଙ୍କ ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ବିବାଦ ହୋଇପାରେ। ଅଟକି ରହିଥିବା ଯୋଜନାଗୁଡିକ ସଂପୂର୍ଣ୍ଣ ହୋଇପାରିବ। ନୂତନ ଚାକିରି ସୁଯୋଗ ପାଇବାର ସମ୍ଭାବନା ରହିବ। ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ (ଭାସ୍କର ନ୍ୟୁଜ୍): ବିଜେପି କାର୍ଯ୍ୟାଳୟ ଠାରେ ସାତଟି ମଣ୍ଡଳର ସମସ୍ତ ସକ୍ରିୟ ସଦସ୍ୟଙ୍କୁ ନେଇ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଏକ ବୈଠକ ହୋଇଯାଇଛି ।ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ରମେଶ ଚନ୍ଦ୍ର ସାହୁ, ରାୟଗଡା ପ୍ରଭାରୀ ଗୋବିନ୍ଦ ଚନ୍ଦ୍ର ଜୈନ, ବୈଠକରେ ସଭାପତିତ୍ୱ କରିଥିଲେ ଜିଲ୍ଲା ସଭାପତି କୁଞ୍ଜବିହାରି ଦାସ, ମଞ୍ଚ ପରିଚାଳନା ଅଶୋକ କୁମାର ପାଢୀ କରିଥିଲେ। ସମସ୍ତ ନେତୃବୃନ୍ଦ ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ ଯେ କେନ୍ଦ୍ର ତଥା ରାଜ୍ୟରେ ସରକାର ଗଢିବାର ଶ୍ରେୟ କେବଳ ବିଜେପି ର କାର୍ଯ୍ୟକର୍ତ୍ତା ଏବଂ ଦେଶର ଜନତାଙ୍କ କୁ ହିଁ ଦିଆଯାଉଛି । ତାଙ୍କରି ଅକ୍ଳାନ୍ତ ପରିଶ୍ରମରେ ଆଜି କେନ୍ଦ୍ର ଓ ରାଜ୍ୟରେ ସରକାର ହୋଇପାରିଛି । ପୁଣି ବର୍ତ୍ତମାନ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ନିଜ ନିଜ ସ୍ତରରେ ଦାୟିତ୍ୱ ବଢ଼ିଛି, ବୁଥ୍ ସ୍ତରରୁ ସଂଗଠନ କୁ ଆହୁରି କିପରି ମଜବୁତ କରାଯିବ। ଆଗାମୀ ଦିନରେ କାର୍ଯ୍ୟକର୍ତ୍ତା କିପରି ଆହୁରି ଉତ୍ସାହର ସହ ସଂଗଠନ ପାଇଁ କାର୍ଯ୍ୟ କରିବେ କହିଥିଲେ । ଅଠର କୋଟି ସଦସ୍ୟତା ଙ୍କୁ ନେଇ ବିଜେପି ବିଶ୍ୱର ସର୍ବ ବୃହତମ ରାଜନୈତିକ ଦଳ ରୁପେ ପରିଚୟ ସୃଷ୍ଟି କରିଛି ।ଦଳର ବିଚାରଧାରା ଏକାତ୍ମ ମାନବ ବାଦ ସମାଜରେ ସମସ୍ତେ ସମାନ ଅନ୍ତ୍ୟୋଦୟର ବିକାଶ ସମାଜରେ ପଛରେ ଥିବା ବ୍ୟକ୍ତିର କିପରି ବିକାଶ ହେବ, ସବ୍‌କା ସାଥ ସବ୍‌କା ବିକାଶ ସବ୍‌କା ପ୍ରୟାସ ସବ୍‌କା ବିଶ୍ୱାସ ଦଳରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସାମିଲ ହୋଇ ଦେଶ ରାଷ୍ଟ୍ର ହିତ ପାଇଁ କାମ କରିବା କହିଥିଲେ ।



# କାଳବୈଶାଖୀରେ ଉଡ଼ିଲା ଛପର



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଓ ନାରାୟଣପାଟଣା ବ୍ଲକରେ ଶୁକ୍ରବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି। ଫଳରେ ଅପରାହ୍ନ ଦୁଇଟାରୁ ତିନିଟା ପର୍ଯ୍ୟନ୍ତ କୁଆ ପଥର ବର୍ଷା ସହ ଜୋରରେ ପବନ ବହିଥିଲା। ପ୍ରବଳ ବର୍ଷା କାରଣରୁ ଲକ୍ଷ୍ମୀପୁର ବ୍ଲକ ସଦର ରେ ବିଦ୍ୟୁତ ସେବା ବ୍ୟାହତ ହୋଇଥିବା ବେଳେ ରାସ୍ତା ଉପରେ ଡ୍ରେନର ନର୍ଦ୍ଦମା ପାଣି ବୋହି ଅଳିଆ ଆବର୍ଜନା ସବୁ ରାସ୍ତାକୁ ମାଡି ଆସିଥିଲା ।ଡ୍ରେନ ପାଣି ପଶିଯିବା ଭୟରେ ବର୍ଷାରେ ଛତା ଧରି ଅନେକ ଘରେ ଘରେ ଡ୍ରେନରୁ ଅଳିଆ କାଢୁଥିବା ଦେଖିବାକୁ ମିଳିଥିଲା। ଲକ୍ଷ୍ମୀପୁରରେ ମୁତ୍ୟାଲୁମାଙ୍କ ଘଟ ଯାତ୍ରା ଉପଲକ୍ଷେ ମିନା ବଜାର ପଡ଼ିଥିବା ବେଳେ ବର୍ଷା ପବନରେ ଅନେକ ଦୋକାନ ଭାଙ୍ଗି ଭିତରେ ପାଣି ପଶି ବ୍ୟବସାୟୀ ଙ୍କ ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଥିବା ଦେଖିବାକୁ ମିଳିଥିଲା। ଏଥିସହ ଓଡ଼ିଆପେଣ୍ଠ ପଞ୍ଚାୟତ ଅନ୍ତର୍ଗତ ରାଜନ ପଣସଗୁଡା ଠାରେ କିଛି ଘର ଛପର ଉଡିଯାଇଥିଲା। ସେହିପରି ନାରାୟଣପାଟଣା ବ୍ଲକ୍ ର ତଳଗୁମାଣ୍ଡି ଓ ତେନ୍ତୁଳି ପଦର୍ ଗାଁରେ କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ବର୍ଷା ପବନର ପ୍ରକୋପରେ ଅନେକ ଘର କ୍ଷତିଗ୍ରସ୍ତ ହୋଇଥିବା ଜଣା ପଡ଼ିଛି ।ବନ୍ଧୁଗାଁ ବ୍ଲକର ଅନେକ ସ୍ଥାନରେ ଗଛଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବାବେଳେ ଡୁମା ଡ଼ଙ୍ଗର ପ୍ରାଥମିକ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ତିଆରି ହେଉଥିବା ରୋଷେଇ ଘର ଛାତ ଭୁଶୁଡି ପଡ଼ିଥିବା ବେଳେ ଖୋଲା ଆକାଶ ତଳେ ରୋଷେଇ ଚାଲିଥିବା ଦେଖିବାକୁ ମିଳିଛି।

# ସେତୁ ଯୋଜନା ନାଁରେ ହରିଲୁଟ୍

## ୪ ବର୍ଷରେ ୧୦କୋଟି ଲାଞ୍ଚ ନେଇ ଧରାପଡ଼ିଛନ୍ତି ଜିଲ୍ଲାର ଯନ୍ତ୍ରୀ ଓ ଅଧିକାରୀ




ମାଲକାନଗିର(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ବାଲିମେଳା ଜଳଭଣ୍ଡାର ଅପରପାର୍ଶ୍ୱରେ ଥିବା ସ୍ୱାଭିମାନ ଅଞ୍ଚଳ ଏବେ ବି ଅବହେଳିତ ହୋଇରହିଛି । ସେତୁ ଯୋଜନା ନାଁରେ ବିଭାଗୀୟ ଯନ୍ତ୍ରୀ, ଅଧିକାରୀମାନେ ସରକାରୀ ଅର୍ଥ ହରିଲୁଟ୍ କରିବାରେ ଲାଗିଛନ୍ତି। ଗତ ୬ ବର୍ଷ ମଧ୍ୟରେ ସ୍ୱାଭିମାନ ଅଞ୍ଚଳରେ ୧୩ଟି ବିଭାଗ ପକ୍ଷରୁ ୩୬୩ କୋଟି ଟଙ୍କାରେ ବିଭିନ୍ନ ଉନ୍ନୟନ କାମ ଚାଲିଛି। ବର୍ତ୍ତମାନ ସୁଦ୍ଧା ଯେଜନାର ୨୧୬ କୋଟି ଖର୍ଚ୍ଚ ହୋଇଥିବା ବେଳେ ଆଖିଦୃଶିଆ ଉନ୍ନତି ହୋଇନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅଞ୍ଚଳର ବିକାଶ ଧାରାକୁ ଆଗେଇ ନେବା ପାଇଁ ପ୍ରଥମେ ୧୦୦ କୋଟିର ଯୋଜନା ଘୋଷଣା କରି ସେତୁ ନିର୍ମାଣ କରିଥିଲେ । ୨୦୧୮-୧୯ରୁ ୨୦୨୩-୨୪ ମଧ୍ୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୩୨୩ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ଏହି ଯୋଜନାରୁ ବିଭିନ୍ନ ପ୍ରକଳ୍ପ ପାଇଁ ବର୍ତ୍ତମାନ ସୁଦ୍ଧା ୨୧୬ କାଟି ଟଙ୍କା ଖର୍ଚ୍ଚ ହୋଇ ସାରିଥିବା ବେଳେ ଏବେ ବି ସେଭଳି ଉନ୍ନତି ଘଟି ନାହିଁ । କେବଳ ମାଓ ସମସ୍ୟା ଦୂର ହୋଇ ପରିସ୍ଥିତି ବଦଳିଛି । ମାଓ ଭୟ କମିବା ପରେ ଉନ୍ନତି ହେବା ବଦଳରେ ଦୁର୍ନୀତି ବଢ଼ିବା ସହ ସେଭଳି ଅଧିକାରୀଙ୍କ ରାଜ୍ ବୃଦ୍ଧି ପାଇଛି। ଭିଜିଲାନ୍ସ ବିଭାଗ ସୂତ୍ରରୁ ପ୍ରକାଶ, ଗତ ୪ ବର୍ଷ ମଧ୍ୟରେ ଜିଲ୍ଲାର ବିଭିନ୍ନ ଅଧିକାରୀଙ୍କ ଘରୁ ୧୦ କୋଟିରୁ ଅଧିକ ଅର୍ଥ ସହ କୋଟି କୋଟି ଟଙ୍କାର ସମ୍ପତି ଠାବ ହୋଇଛି । ବିଶେଷ କରି ସ୍ୱାଭିମାନ ଅଞ୍ଚଳର ସେତୁ ଯେଜନାର ଉନ୍ନୟନ ଟଙ୍କାକୁ ଯନ୍ତ୍ରୀ ଓ ଅଧିକାରୀମାନେ ପିସି ଆକାରରେ ହଡ଼ପ୍ କରିଥିବା ଅଭିଯୋଗ ହୋଇଛି । ୨୦୨୧ ମାର୍ଚ୍ଚରେ ଗ୍ରାମ୍ୟ ଉନ୍ନୟନ ବିଭାଗର ତତ୍କାଳୀନ ନିର୍ବାହୀଯନ୍ତ୍ରୀ ଆଶିଷ ଦାସଙ୍କ ନିକଟରୁ ପ୍ରାୟ ୫ କୋଟି ୩୭ ଲକ୍ଷ ଟଙ୍କା ସହ ୨ କେଜି ୫୦୦ ଗ୍ରାମର ସୁନା ଓ ରୂପା ଅଳଙ୍କାର ଭିଜିଲାନ୍ସ ବିଭାଗ ଜବତ କରିଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨ କୋଟି ହେବ । ଅନେକ ଜମି, ଘର, ଆସବାବପତ୍ର ମଧ୍ୟ ଠାବ ହୋଇଥିଲା । ସମାନ ଭାବେ ଚଳିତବର୍ଷ ଜିଲ୍ଲା ଜଳଛାୟା ପ୍ରକଳ୍ପ ଅଧିକାରୀଙ୍କ ଘରୁ ୧ କୋଟିରୁ ଅଧିକ ଟଙ୍କା ସହ ବ୍ୟାଙ୍କ ଜମା, ୧ କେଜିରୁ ଅଧିକ ସୁନା, ସ୍ଥାବର ଅସ୍ଥାବର ସମ୍ପତ୍ତି ମିଶି ପ୍ରାୟ ୪ କୋଟି ଟଙ୍କା ଜବତ ହୋଇଛି। ନିକଟରେ ଚିତ୍ରକୋଣ୍ଡା ବ୍ଲକ ସହକାରୀ ଯନ୍ତ୍ରୀଙ୍କଠାରୁ ୧୩ ଲକ୍ଷ ଟଙ୍କା ଜବତ ହୋଇଥିଲା। ତାଙ୍କ ଭୁବନେଶ୍ୱର ବାସଭବନ ଓ ଅନ୍ୟାନ୍ୟ ସ୍ଥାନରୁ ୧୮ ଲକ୍ଷ ଟଙ୍କା ସହ ସୁନା ରୂପା ଓ ସ୍ଥାବର ଅସ୍ଥାବର ସମ୍ପତି ଠାବ ହୋଇଛି । ଠାବ ସମ୍ପରିର ମୂଲ୍ୟ ୧ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ମୁଖ୍ୟତଃ ନିର୍ମାଣ ବିଭାଗରେ ଏଭଳି ଦୁର୍ନୀତି ଅଧିକ ବଢ଼ିଛି। ପ୍ରଶାସନର ଲଗାମ ନ ଥିବାରୁ ବିଭାଗୀୟ ଅଧିକାରୀ ମାନେ ଲାଞ୍ଚ ନେଉଛନ୍ତି । ଏସମ୍ପର୍କରେ ସମାଜସେବୀ ଶରତ ବୁରୁଦା କହିଛନ୍ତି, ଜିଲ୍ଲାର କୌଣସି କାର୍ଯ୍ୟର ଫାଇଲ୍ ବିନା ପିସିରେ ଘୁଞ୍ଚୁ ନାହିଁ । ସର୍ବନିମ୍ନ ୧୫ ପ୍ରତିଶତ ପିସି ନଦେଲେ ବ୍ଲକ ଓ ନିର୍ମାଣ ବିଭାଗ ଠିକାଦାରଙ୍କ ବିଲ୍ କରୁନାହାନ୍ତି । ପିସି ମଧ୍ୟରୁ ୫ ପ୍ରତିଶତ ନିଜେ ଯନ୍ତ୍ରୀ ନେଉଥିବା ବେଳେ ୩ ପ୍ରତିଶତ ସହକାରୀ ଯନ୍ତ୍ରୀ, ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ୫ ପ୍ରତିଶତ ଏବଂ ରାଜନେତାଙ୍କ ଭଗରେ ପଡୁଛି ୨ ପ୍ରତିଶତ । ବ୍ୟୟ ଅଟକଳର ୫୦ରୁ ୬୦ ପ୍ରତିଶତ ଟଙ୍କାରେ କର୍ଯ୍ୟର ମାନ କେତେ ଦୂର ଠିକ୍ ରହିବ ବୋଲି ଶ୍ରୀ ବୁରୁଦା ପ୍ରଶ୍ନ କରିଛନ୍ତି।

# 'ଠେକୁଆର ଶିଙ୍ଘ' ନାଟକ ପାଇଁ ଆଓମା-ଗୁରୁକୁଳ ନାଟ୍ୟଦଳ ସମ୍ବର୍ଦ୍ଧିତ

ମାଲକାନଗିରି (ଭାସ୍କର ନ୍ୟୁଜ୍): ଠେକୁଆର ଶିଙ୍ଘ ନାଟକ ପ୍ରଦର୍ଶନ ପାଇଁ ଆଓମା ଗୁରୁକୁଳ ନାଟ୍ୟଦଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡିଶା ନାଟ୍ୟ ସଂଘ ପକ୍ଷରୁ କୋରାପୁଟ ଠାରେ ଦକ୍ଷିଣାଞ୍ଚଳ ନାଟକ ମହୋତ୍ସବ ଗତ ୭ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ସେହି ନାଟ୍ୟ ଉତ୍ସବରେ ମାଲକାନଗିରି ଆଓମା ଗୁରୁକୁଳର ଛାତ୍ରମାନେ ଠେକୁଆର ଶିଙ୍ଘ ଭିନ୍ନ ଶୈଳୀର ନାଟକ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ଏହି ନାଟକ ଟି ରଚନା ମାଡ଼ାବୁସି ଦିବାକର ବାବୁ କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ କେବାଲ୍ ରାଜୁ ପଓ୍ୱନ୍ ଓ ବିନାଶ କୁମାର ମିଶ୍ର। ସଂଗୀତ ନିର୍ଦ୍ଦେଶନା ଦେଇଥିଲେ ସଚିଦାନନ୍ଦ ପାଣିଗ୍ରାହୀ, ନାଟକର ଶୀର୍ଷକ ଥିଲା ଠେକୁଆର ଶିଙ୍ଘ। ଏହା ଓଡ଼ିଆ ଓ ଦେଶିଆ ଶୈଳୀରେ ଥିଲା, ନାଟକଟିର ବିଷୟବସ୍ତୁ ଲୋଭ, ଆସକ୍ତି, ମାନବିକତା, ସୀମା ବିବାଦ, ଦାନଶୀଳତା, ଓ ଜାଗୃତ ନାଗରିକତା, ସମ୍ବେଦନଶୀଳତା, ହୃଦୟସ୍ପର୍ଶୀ, ସ୍ୱର୍ଶକାତରତା। ଏହି ନାଟକରେ ଆଓମା ଗୁରୁକୁଳ ଅନ୍ତେବାସୀଙ୍କ ମଧ୍ୟରୁ ଆଦିବାସୀ ଛାତ୍ର ଚନ୍ଦ୍ରଶେଖର ପୂଜାରୀ, ରାମ ମାଡକାମି, ଚନ୍ଦ୍ର ମାଡକାମି,ସୂର୍ଯ୍ୟ ଭତ୍ରା, ଭକ୍ତିରଞ୍ଜନ ସାହୁ, ଅର୍ଜୁନ ଖରା, ବାଲରାଜୁ ପଓ୍ୱାବନ, ବଣ୍ଡା ଛାତ୍ର ଶୁକ୍ରା କ୍ରିଷନୀ, ନକୁଳ କ୍ରିଷନୀ ସୁନ୍ଦର ଭାବେ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଆଓମା ଗୁରୁକୁଳ ଠାରେ ଅଲ ଓଡ଼ିଶା ମାର୍ଶାଲ ଆର୍ଟ ଏକାଡେମୀ ସଭାପତି ରତ୍ନାକର ଦାଶ ଙ୍କ ଦ୍ୱାରା ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ସୁଶ୍ରୀ ପ୍ରମିଳା ମାଝୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସସ୍ମିତା ସ୍ୱାଇଁ ଯୋଗଦେଇ ଆଓମା ଗୁରୁକୁଳ ନାଟ୍ୟ ଦଳଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ସେମାନଙ୍କ ସଫଳତା କାମନା କରି ଉପଢୌକନ ଓ ଫୁଲତୋଡ଼ା ଦେଇ ସମ୍ମାନିତ କରିଥିଲେ। ଆଓମା ଗୁରୁକୁଳର ମୁଖ୍ୟ ପ୍ରତିଷ୍ଠାତା ବିନାଶ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅନ୍ତେବାସୀଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଗୁରୁକୁଳ ଅନ୍ତେବାସୀ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ ସହିତ ଉକ୍ତ ନାଟକର କିଛି ମୁଖ୍ୟ ଦୃଶ୍ୟ ପ୍ରଦର୍ଶନ କରିଥିଲେ।



# ସୋନିଆ ଓ ରାହୁଲଙ୍କ କୁଶ ପୁତ୍ତଳିକା ଦାହ



ବୌଦ୍ଧ(ଭାସ୍କର ନ୍ୟୁଜ୍): ଖବର ସରବରାହ ସଂସ୍ଥା ନ୍ୟାସନାଲ ହେରାଲ୍ଡସ ଦୁର୍ନୀତି ମାମଲାରେ ସୋନିଆ ଓ ରାହୁଲ ଗାନ୍ଧୀଙ୍କ ସମ୍ପୃକ୍ତିକୁ ନେଇ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ବୌଦ୍ଧ ଏନଏସି ଛକଠାରେ ପ୍ରତିବାଦ ପ୍ରଦର୍ଶନ କରାଯାଇଛି । ଯୁବମୋର୍ଚ୍ଚା ସଭାପତି ଅଟଳ କୁମାର ପ୍ରଧାନଙ୍କ ନେତୃତ୍ୱରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ପୁର୍ବତନ ସଭାପତି ବିପ୍ର ଚରଣ ମହାନ୍ତି, ମନୋରଂଜନ ଦାଶ, ରାଜ୍ କୁମାର ମେହେର, ଶ୍ୟାମ ସୁନ୍ଦର ପୁରୋହିତ, ତାପସ ପଟନାୟକ, ଗଜେନ୍ଦ୍ର ସାହୁ, ଯୁବ ମୋର୍ଚ୍ଚା ନେତା ସରୋଜ ପ୍ରଧାନ, ଘନଶ୍ୟାମ ବଷ୍ଠିଆ, ବାବୁଲା ପ୍ରଧାନ, ଯଯାତୀ ପ୍ରଧାନ ସୁବାସ ଦେହୁରୀ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ



ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ବିଜେପି କାର୍ଯ୍ୟାଳୟ ଠାରେ ସାତଟି ମଣ୍ଡଳର ସମସ୍ତ ସକ୍ରିୟ ସଦସ୍ୟଙ୍କୁ ନେଇ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏକ ବୈଠକ ହୋଇଥିଲା ।ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ରମେଶ ଚନ୍ଦ୍ର ସାହୁ, ରାୟଗଡା ପ୍ରଭାରୀ ଗୋବିନ୍ଦ ଚନ୍ଦ୍ର ଜୈନ, ବୈଠକରେ ସଭାପତିତ୍ୱ କରିଥିଲେ ଜିଲ୍ଲା ସଭାପତି କୁଞ୍ଜବିହାରି ଦାସ, ମଞ୍ଚ ପରିଚାଳନା ଅଶୋକ କୁମାର ପାଢୀ କରିଥିଲେ ।ସମସ୍ତ ନେତୃବୃନ୍ଦ ସଦସ୍ୟମାନଙ୍କୁ ଉତ୍ସାହିତ କରି କହିଥିଲେ ଯେ କେନ୍ଦ୍ର ତଥା ରାଜ୍ୟ ରେ ସରକାର ଗଢିବାର ଶ୍ରେୟ କେବଳ ବିଜେପିର କାର୍ଯ୍ୟକର୍ତ୍ତା ଏବଂ ଦେଶର ଜନତାଙ୍କୁ ହିଁ ଦିଆଯାଉଛି ତାଙ୍କରି ଅକ୍ଳାନ୍ତ ପରିଶ୍ରମରେ ଆଜି କେନ୍ଦ୍ର ଓ ରାଜ୍ୟରେ ସରକାର ହୋଇ ପାରିଛି । ପୁଣି ବର୍ତ୍ତମାନ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ନିଜ ନିଜ ସ୍ତରରେ ଦାୟିତ୍ୱ ବଢିଛି। ବୁଥ୍ ସ୍ତରରୁ ସଂଗଠନ କୁ ଆହୁରି କିପରି ମଜବୁତ କରାଯିବ ଆଗାମୀ ଦିନରେ କାର୍ଯ୍ୟକର୍ତ୍ତା କିପରି ଆହୁରି ଉତ୍ସାହର ସହ ସଂଗଠନ ପାଇଁ କାର୍ଯ୍ୟ କରିବେ କହିଥିଲେ ।ଅଠର କୋଟି ସଦସ୍ୟତା ଙ୍କୁ ନେଇ ବିଜେପି ବିଶ୍ୱର ସର୍ବ ବୃହତମ ରାଜନୈତିକ ଦଳ ରୁପେ ପରିଚୟ ସୃଷ୍ଟି କରିଛି ।ଦଳର ବିଚାରଧାରା ଏକାତ୍ମ ମାନବବାଦ ସମାଜରେ ସମସ୍ତେ ସମାନ ଅନ୍ତ୍ୟୋଦୟର ବିକାଶ ସମାଜରେ ପଛରେ ଥିବା ବ୍ୟକ୍ତିର କିପରି ବିକାଶ ହେବ, ସବକା ସାଥ ସବ୍‌କା ବିକାଶ ସବକା ପ୍ରୟାସ ସବକା ବିଶ୍ୱାସ ଦଳରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସାମିଲ ହୋଇ ଦେଶ ରାଷ୍ଟ୍ର ହିତ ପାଇଁ କାମ କରିବା କହିଥିଲେ ।ଦଳ ୨୦୩୬ ସୁଧା ସମୃଦ୍ଧ ଓଡିଶା ଓ ୨୦୪୭ ସୁଧା ବିକଶିତ ଭାରତ ଗଢିବାର ଲକ୍ଷ ରଖିଛି । 'ତ୍ୟାଗ ତପସ୍ୟା ଓର ବଳିଦାନ ଭାଜପା କା ଏହି ହୈ ପେହେଚାନ'। ବହୁ ତପସ୍ୱୀ ମହାତ୍ମା ଙ୍କ ବଳିଦାନରେ ପାର୍ଟି ଆଜି ଶାସନ କୁ ଆସିଛି, ଜନସଂଘରୁ ଭାରତୀୟ ଜନତା ପାର୍ଟି ପର୍ଯ୍ୟନ୍ତ ଯାତ୍ରା ଶାସନରେ ଆସିବା ଦଳର ଇତିହାସ ଓ ଚିନ୍ତାଧାରା ଉପରେ କାର୍ଯ୍ୟକର୍ତ୍ତାଙ୍କୁ ଜଣାଇଥିଲେ ।

# ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତି ପ୍ରସ୍ତର ସ୍ଥାପନ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଓ୍ୱାର୍ଡରେ ଆଜି ସ୍ଥାନୀୟ ବିଧାୟକ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପ ଗୁଡ଼ିକର ଭିତ୍ତି ପ୍ରସ୍ତର ସ୍ଥାପନ ଓ ଉଦ୍ଘାଟନ କରିଥିଲେ। ଏମସିଏଲ ପାରିପାର୍ଶିକ ପାଣ୍ଠିରୁ ୧୦.୬୮ କୋଟି ବ୍ୟୟ ଅଟକଳରେ ୨୨ଟି ପ୍ରାଥମିକ ବିଦ୍ୟାଳୟର ଉନ୍ନତିକରଣ, ବିଧାୟକ ଉନ୍ନୟନ ପାଣ୍ଠିରୁ ୪.୪୬ କୋଟି ବ୍ୟୟ ଅଟକଳରେ ୨୭ଟି ଉନ୍ନତି ମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ୫୯.୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସାଧାରଣ ଜନତା ପାଇଁ ନିର୍ମାଣ ହୋଇଥିବା ୩ଟି ଶୌଚାଳୟକୁ ମନ୍ତ୍ରୀ ଶ୍ରୀ ପୂଜାରୀ ଲୋକାର୍ପଣ କରିଥିଲେ। ସେହିପରି ଇବ ପିଟ ଠାରେ ୩୯.୮୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କର୍ଲଭର୍ଟ ନିର୍ମାଣ, ଲଜକୁରା ଠାରେ ୪୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗୌଶାଳା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ହିଲଟପ ଠାରେ ୧.୪୧ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ କବରସ୍ଥାନ ଓ ଶ୍ମଶାନକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ଭାରପ୍ରାପ୍ତ ନଗରପାଳ କୃଷ୍ଣ ଗୋପାଳ ସିତାନୀ, ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ପୌର ଯନ୍ତ୍ରୀ ସୁଭାଷ ଚନ୍ଦ୍ର ମିଶ୍ର ସମେତ ସମସ୍ତ କାଉନସିଲର, ପୌର କର୍ମଚାରୀ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଦୁଇ ଆହତ

ଉମରକୋଟ(ଭାସ୍କର ନ୍ୟୁଜ୍): ପିକ୍‌ଅପ ଓ ମୋଟରସାଇକେଲ ମଧ୍ୟରେ ଧକ୍କା ହେବାରୁ ବାଇକରେ ବସିଥିବା ଦୁଇଜଣ ଯୁବକ ରାସ୍ତା କଡକୁ ଛିଟିକି ପଡ଼ିଥିବା ଘଟଣା ସାମ୍ନାକୁ ଆସିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନରେ ଥିବା ବେହେଡା ହାଟପଦା ନିକଟରେ। ସୂଚନା ଅନୁଯାୟୀ ପିକ୍‌ଅପ୍ ଗାଡି ନଂ ଓଡି ୨୪ଜେ ୬୭୧୯ ଉମରକୋଟ ରୁ ରାଇଘର ଯାଉଥିବା ବେଳେ ଅନ୍ୟ ଏକ ବାଇକ ଯୋଗେ ରାଇଘର ବ୍ଲକ ର ରେଙ୍ଗାଭାଟି ଗ୍ରାମ ର କୃପାସିନ୍ଧୁ ଭତ୍ରା ଓ ରମାନନ୍ଦ ଭତ୍ରା ନାମକ ଦୁଇ ଯୁବକ ଉମରକୋଟ ରୁ ନିଜ କାମ ସାରି ଘରକୁ ଫେରୁଥିବା ସମୟରେ ବେହେଡା ହାଟପଦା ନିକଟରେ ପିକଅପ ଗାଡିଟି ହଠାତ ଏକ ମୋଡ଼ରେ ଗାଡି ବୁଲେଇବାରୁ ପଛ ପଟେ ଥିବା ବାଇକ ଚାଳକ ସହ ଧକ୍କା ହେବାରୁ ବାଇକରେ ଥିବା ଦୁଇ ଯୁବକ ରାସ୍ତା ରେ ଛିଟିକି ପଡି ଆହତ ହୋଇଥିଲେ। ଘଟଣାର ଖବର ପାଇ ଉମରକୋଟ ଥାନାରେ କାର୍ଯ୍ୟରତ ଥିବା ଏଏସଆଇ ପୁଷ୍ପଲତା ସୁନାନୀ ପହଞ୍ଚି ଗୁରୁତର ଥିବା ବାଇକ ଚାଳକଙ୍କୁ ଉମରକୋଟ ଉପଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଦୁହିଁଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିଲା।



# କାର୍ ସହ ୩୦୦ କିଲୋ ଗଞ୍ଜେଇ ଜବତ

କୋରାପୁଟ(ଭାସ୍କର ନ୍ୟୁଜ୍): ନନ୍ଦପୁର ପୋଲିସ ଏକ କାରରୁ ୩୦୦କିଲୋ ଗଞ୍ଜେଇ ଜବତ କରିଛି। ତେବେ କାର୍ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିବାରେ ସଫଳ ହୋଇଛି । ସୂଚନା ଅନୁଯାୟୀ, ଏକ କାର୍ ଯୋଗେ ପାଡୁଆ ଅଚଂଳରୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ନନ୍ଦପୁର ପୋଲିସ ଖବର ପାଇଥିଲା। ପରେ ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ନନ୍ଦପୁର ଥାନା ଏସଆଇ ଦୀପ୍ତିମୟୀ ଧାରୁଆ, ଏଏସଆଇ ଗୁପ୍ତେଶ୍ୱର ଗୌଡଙ୍କ ସହିତ ଏକ ଟିମ୍ ହିକିମପୁଟ ଛକ ନିକଟରେ ଯାନବାହନ ଯାଂଚ କରିଥିଲେ। ମଧ୍ୟାହ୍ନରେ ପାଡୁଆ ପଟୁ ଆସୁଥିବା ଏକ ଇନୋଭା କାର୍(ଏମଏଚ୧୨କେଜେ୩୯୨୫)କୁ ପୋଲିସ ଅଟକାଇଥିଲା। ତେବେ ପୋଲିସକୁ ଦେଖିବା ମାତ୍ରେ କାର୍ ଡ୍ରାଇଭର ଚମ୍ପଟ ମାରିଥିଲା ପରେ ପୋଲିସ କାର୍ ଯାଂଚ କରିବାରୁ ଭିତରେ ଗଞ୍ଜେଇ ଥିବା ଜଣାପଡିଥିଲା । ପୋଲିସ କାର୍ ଓ ଗଞ୍ଜେଇ ଜବତ କରି ଥାନାକୁ ନେଇଥିବାବେଳେ ଜବତ ଗଞ୍ଜେଇ ଓଜନ କରାଯିବାରୁ ଏହା ୩୦୦କିଲୋ ବୋଲି ଜଣାପଡିଥିଲା। ପୋଲିସ ଜବତ କାର୍ ମାଲିକଙ୍କ ଠିକଣା ଖୋଜିବା ସହିତ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି ।

## ।। ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଦୁଇଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ।।

# 'ସ୍ଥାୟୀ ବିକାଶ ପାଇଁ ଅତ୍ୟାଧୁନିକ ପଦାର୍ଥର ଆବଶ୍ୟକତା ରହିଛି'




ଗୁଣପୁର(ଭାସ୍କର ନ୍ୟୁଜ୍): ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଞ୍ଜିନିୟରିଂର ବେସିକ ସାଇନ୍ସ ଆଣ୍ଡ ହ୍ୟୁମାନିଟିସ ଏବଂ ସ୍କୁଲ ଅଫ ସାଇନସେସ୍ ପକ୍ଷରୁ 'ସ୍ଥାୟୀ ବିକାଶ ପାଇଁ ଅତ୍ୟାଧୁନିକ ପଦାର୍ଥର ଆବଶ୍ୟକାତା' ସଂପର୍କୀୟ ଦୁଇଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ଅଧୀନରେ ଥିବା ଜାତୀୟ ଅନୁସନ୍ଧାନ ଭିତ୍ତିପ୍ରସ୍ତର ଏବଂ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ବିଭାଗ ପକ୍ଷରୁ ପ୍ରଯୋଜିତ ଏହି ଉଦ୍ଘାଟନୀ ସମ୍ମିଳନୀର ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡଃ. ସତ୍ୟବାନ୍ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତ୍ୟାଧୁନିକ ପଦାର୍ଥର ଉତ୍ପତ୍ତି ଓ ଏହାର ବିଭିନ୍ନ କାର୍ଯ୍ୟକାରିତା ସମ୍ପର୍କରେ କହିବା ସହ ବର୍ତ୍ତମାନ ଯୁଗରେ ଏହାର ଅଧିକ ଗବେଷଣାର ଆବଶ୍ୟକତା ରହିଥିବା ବେଳେ ପରିବେଶ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ମତବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଞ୍ଜିନିୟରିଂର ଆଣ୍ଡ ଟେକ୍ନୋଲୋଜିର ଡିନ୍ ଡ ଜୁଲୁ ପଟ୍ଟନାୟକ ଯୋଗଦେଇ ବିଭାଗୀୟ ଅନୁସନ୍ଧାନ ଓ ଗବେଷଣା ବିଷୟରେ କହିଥିଲେ। ପରୀକ୍ଷା ନିୟନ୍ତ୍ରକ ଡ. ପି. ବିଜୟ କୁମାର ଯୋଗଦେଇ ଅଭିନବିକରଣ ଗବେଷଣାର ଏକ ଅଂଶ ବୋଲି କହିଥିଲେ। ସମ୍ମିଳନୀର ଆବାହକ ଡଃ ଜିତେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ସ୍କୁଲ ଅଫ ସାଇନସେସ୍ ର ଡଃ ବି ରବି ପ୍ରସାଦ ସମ୍ମିଳନୀର ପ୍ରାଧାନ୍ୟତା ବିଷୟରେ କହିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସମ୍ମିଳନୀ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ ଓ ଗବେଷଣାରତ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପୋଷ୍ଟର ଉପସ୍ଥାପନା କରାଯାଇଥିଲା। ଅଧ୍ୟାପିକା ପୂର୍ତ୍ତି ଫିଜା ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଘନିଷ୍ଠା ତୃପ୍ତି ଧନ୍ୟବାଦ ଅର୍ପଣ କରିଥଲେ। ଏହି ସମ୍ମିଳନୀରେ ଏନ୍‌ଆଇଟି ରାଉରକେଲା, ୟୁନିଭରସିଟି ଅଫ ହାଇଦ୍ରାବାଦ, ଉତ୍କଳ ବିଶ୍ୱବିଦ୍ୟାଳୟର, ସରଲାଣ୍ଡ ବିଶ୍ୱବିଦ୍ୟାଳୟ ଜର୍ମାନୀ,କେମରନ୍ ବିଶ୍ୱବିଦ୍ୟାଳୟ, ଡେଲହାଉସି ବିଶ୍ୱବିଦ୍ୟାଳୟ କାନଡା, ନାଇଜେରିଆ, ଇସ୍ରାଏଲ, ସାଉଥ କୋରିଆ, ୟୁଏସ୍ଏ ଆଦି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ପ୍ରଫେସରମାନେ ଯୋଗଦେଇ ଗବେଷଣା ଭିତ୍ତିକ ସନ୍ଦର୍ଭମାନ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି।

# ଜିଲ୍ଲାପାଳ ଭି.କୀର୍ତି ଭାସନଙ୍କୁ ମିଳିବ ପିଏମ ଏକ୍ସିଲେନସ୍ ଆଓ୍ୱାର୍ଡ



କୋରାପୁଟ(ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାରେ ଉଲ୍ଲେଖନୀୟ ଓ ସଫଳତା ରୂପାୟନ ପାଇଁ କୋରାପୁଟ ଜିଲ୍ଲାପାଳ ଭି କୀର୍ତି ଭାସନଙ୍କୁ ମିଳିବା ପ୍ରଧାନମନ୍ତ୍ରୀ ଏକ୍ସିଲେନସ-୨୦୨୫ ଆଓ୍ୱାର୍ଡ । 'ଜିଲ୍ଲା ଗୁଡିକର ସମଷ୍ଟିଗତ ବିକାଶ' ବର୍ଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ସ୍ୱୀକୃତି ମିଳିଛି। ପୁରସ୍କାର ପାଇଁ ଜିଲ୍ଲାପାଳଙ୍କ ନାମକୁ କେନ୍ଦ୍ର ସରକାର ଘୋଷଣା କରିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଏପ୍ରିଲ ୨୧ରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ହେବାକୁ ଥିବା ସିଭିଲ ସର୍ଭିସେସ୍ ଦିବସ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କୁ ଏହି ପୁରସ୍କାର ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । କୋରାପୁଟ ଜିଲ୍ଲାର ସାମଗ୍ରୀକ ବିକାଶ ପ୍ରତି ଜିଲ୍ଲାପାଳଙ୍କ ନିଷ୍ଠା ଓ କାର୍ଯ୍ୟ ପ୍ରତିବଦ୍ଧତାର ଏହା ପ୍ରମାଣ । ଜିଲ୍ଲାପାଳ ଭି କୀର୍ତି ଭାସନଙ୍କ ନେତୃତ୍ୱରେ କୋରାପୁଟ ଜିଲ୍ଲା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି । ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଭିତିଭୂମି ବିକାଶରେ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ପଦକ୍ଷେପକୁ କାର୍ଯ୍ୟକାରୀ କରିବାରେ ଜିଲ୍ଲାପାଳ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ୨୦୧୮ ବ୍ୟାଚର ଆଇଏଏସ ଅଧିକାରୀ ଶ୍ରୀ ଭାସନ ୨୦୨୪ ଜାନୁଆରି ୩୧ରେ କୋରାପୁଟ ଜିଲ୍ଲାପାଳ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ଜିଲ୍ଲାପାଳ ଭାବେ ପ୍ରଥମ ପୋଷ୍ଟିଂ ହୋଇଥିବାରୁ ଆଦିବାସୀ ଓ ପଛୁଆ ଅଞ୍ଚଳ ଭାବେ ପରିଚିତ କୋରାପୁଟ ଜିଲ୍ଲାର ସମାଗ୍ରୀକ ବିକାଶକୁ ଗୁରୁତ୍ୱ ଦେଇଥିଲେ । ଏହା ପୂର୍ବରୁ ସେ ଗାମର ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ଜିଲ୍ଲାପାଳ ଗ୍ରହଣ କରୁଥିବା ପୁରସ୍କାର କୋରାପୁଟ ଜିଲ୍ଲା ସମେତ ଓଡିଶା ପାଇଁ ଗର୍ବ ଆଣିଛି । ଫେବ୍ରୁଆରୀରେ କେନ୍ଦ୍ରରୁ ଆସିଥିବା ଦୁଇ ଜଣିଆ ଟିମ୍ ଜିଲ୍ଲାର ୧୪ବ୍ଲକ ବୁଲି ପିଏମ୍ ସୂର୍ଯ୍ୟ ଘର, ମୁଫ୍ତ ବିଜିଳି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ସହରାଚଂଳ ଆବାସ ଯୋଜନା, ହର ଘର ଜଳ ଯୋଜନା , ମିଶନ ଇନ୍ଦ୍ରଧନୁଷ, ପିଏମଜେଓ୍ୱାଇ , ପିଏମ ଏସଭିଏ ନିଧି, ପିଏମ ବିଶ୍ୱକର୍ମା , ସକ୍ଷମ, କିଶାନ କ୍ରେଡିଟ୍ କାର୍ଡ, ପୋଷଣ ୨.୦ ପ୍ରମୁଖ ୧୧ଟି କେନ୍ଦ୍ରୀୟ ଯୋଜନାର ହିତାଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ମାଲକାନଗିରି (ଭାସ୍କର ନ୍ୟୁଜ): ମାଓ ପ୍ରଭାବିତ ଅଞ୍ଚଳରେ ଲଗାତାର ସୁରକ୍ଷାକର୍ମୀଙ୍କ ଦ୍ୱାରା ଜୋରସୋରରେ ମାଓ ଦମନ ଅଭିଯାନ କରାଯାଉଥିବା ବେଳେ କିଛି ମାଓ ଏନକାଉଣ୍ଟର ଭୟରେ ବର୍ତ୍ତମାନ ପୁଲିସ ନିକଟରେ ଆତ୍ମସମର୍ପଣ କରିବାରେ ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ ଛତିଶଗଡର ସୁକମା ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଦୁଇ ମହିଳା ମାଓବାଦୀ ସମେତ ୧୧ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଏହି ମାଓବାଦୀ ମଧ୍ୟରେ ୦୮ଲକ୍ଷ ୫୦ହଜାର ଇନାମୀ ଦୁଇ ମହିଳା ମାଓବାଦୀ ରହିଥିବା ଜଣାପଡିଛି । ସମସ୍ତ ମାଓବାଦୀ ସରକାର ଦ୍ୱାରା ଚଳାଯାଉଥିବା ପୁନର୍ବାସ ଯୋଜନାରେ ପ୍ରଭାବିତ ହୋଇ ୧୧ଜଣ ମାଓବାଦୀ ମାଓ ସଂଗଠନ ଛାଡି ଆତ୍ମସମର୍ପଣ କରିଥିବା ସୁକମା ପୁଲିସ ଠାରୁ ସୂଚନା ମିଳିଛି । ଆତ୍ମସମର୍ପଣ କରିଥିବା ମାଓବାଦୀ ମଧ୍ୟରେ ମାଡ଼ବି ଲକ୍ଷ୍ମଣ,ଦୁଧି ଦୁଲା, କଲମୁ ହିଡ଼ମା,ରାଓ୍ୱା ବିଡ଼େ, ନୁପେ ପୋଜେ,ରାଓ୍ୱା ହିଡିୟା,ମାଡ଼କମ ଦେବା,ପୋଜା ବେଟି,କଲମୁ ଚ୍ଚିଙ୍ଗା, ରାଓ୍ୱା ଭିମା, କଲମୁ ବିଣ୍ଡି । ସମସ୍ତ ମାଓବାଦୀଙ୍କୁ ଆତ୍ମସମର୍ପଣ ନୀତି ଅନୁଯାୟୀ ୫୦-୫୦ହାଜର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରଯାଇଥିବା ବେଳେ ଅନ୍ୟ ସମସ୍ତ ସୁବିଧା ଆଗାମୀ କିଛି ଦିନ ମଧ୍ୟରେ ଯୋଗାଇ ଦିଆଯିବ ନେଇ ସୁକମା ପୁଲିସ ପକ୍ଷରୁ କୁହାଯାଇଛି ।



### ସମ୍ବଲପୁର ଆଇଆଇଏମ୍‌ର ସମାବର୍ତ୍ତନ ସମାରୋହରେ ପ୍ରମୋଦ ମିଶ୍ର

## ମୂଲ୍ୟବୋଧ, ବିବିଧତା, ପରିବର୍ତ୍ତନର ପରିଚାଳକ ହୁଅ

ସମ୍ବଲପୁର,୧୯।୪(ଭାସ୍କର ନ୍ୟୁଜ): ୫ ଟ୍ରିଲିୟନ ଅର୍ଥ ବ୍ୟବସ୍ଥା କେବଳ ଏକ ଜିଡିପି ସଂଖ୍ୟା ନୁହେଁ, ବରଂ ଏହାର ଅର୍ଥ ହେଉଛି ଲକ୍ଷ ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟ କବଳରୁ ମୁକ୍ତ କରିବା ସହ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବା, ଶକ୍ତି ସୁରକ୍ଷା ଏବଂ ଡିଜିଟାଲ ସଶକ୍ତିକରଣ ସୁନିଶ୍ଚିତ କରିବା ବୋଲି ଶନିବାର ସମ୍ବଲପୁର ଆଇଆଇଏମ୍‌ର ନବମ ବାର୍ଷିକ ସମାବର୍ତ୍ତନ ସମାରୋହରେ ଯୋଗଦେଇ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ.ମିଶ୍ର। ସେ କହିଛନ୍ତି, ବସୁଧୈବ କୁଟୁମ୍ବକମ୍ ସାରା ବିଶ୍ୱ ଏକ ପରିବାରର ଭାବନା ନେଇ କେବଳ ବ୍ୟବସାୟ ନୁହେଁ, ମୂଲ୍ୟବୋଧ, ବିବିଧତା ଓ ପରିବର୍ତ୍ତନର ପରିଚାଳନା ପାଇଁ ପରିଚାଳକ ହୁଅ। ଡକ୍ଟର ମିଶ୍ର କହିଥିଲେ ଯେ ଜଳବାୟୁ ଏବଂ ଦୀର୍ଘ ସ୍ଥାୟିତ୍ୱକୁ ଆଲୋଚନାର କେନ୍ଦ୍ରରେ ରଖାଯିବା ଉଚିତ୍। ଭବିଷ୍ୟତ ଉତ୍ତରାଧିକାର ସୂତ୍ରରେ ମିଳିବ ନାହିଁ, ବରଂ ଏଥିପାଇଁ ଆମକୁ ପ୍ରସ୍ତୁତି କରିବାକୁ ହେବ। ଆଭ୍ୟନ୍ତରୀଣ ପରିବର୍ତ୍ତନ ଏବଂ ବିଶ୍ୱ ପରିଦୃଶ୍ୟ ବଦଳିବା ସହିତ ଅନ୍ତର୍ଜାତୀୟ ସ୍ତରରେ ଭାରତର



ସ୍ଥିତି ସୁଦୃଢ ହେବା ସକାରାତ୍ମକ ପରିବେଶ ସୃଷ୍ଟି କରୁଛି। ସେ କହିଥିଲେ, ଆଭ୍ୟନ୍ତରୀଣ ଦୃଷ୍ଟିରୁ ଦେଖିଲେ ଗୋଟିଏ ପଟେ ବିକାଶଶୀଳ ଅର୍ଥ ବ୍ୟବସ୍ଥା, ଯୁବ ଜନସଂଖ୍ୟା, ବିସ୍ତାରିତ ଭିତ୍ତିଭୂମି ଓ ପ୍ରଯୁକ୍ତି ଆଧାରିତ ପ୍ରଗତି ଆମର ସାମର୍ଥ୍ୟ ହୋଇଥିବାବେଳେ ବିଶ୍ୱସ୍ତରରେ ଭାରତର ଭୂ-ରାଜନୈତିକ ପ୍ରଭାବ, ରଣନୀତିକ ଭାଗିଦାରୀ, ପ୍ରବାସୀ ଭାରତୀୟ, ବିଶ୍ୱ ପ୍ରଭାବ ଦୃଷ୍ଟିରୁ ଭାରତର ସଫ୍ଟ ପାୱାର ଅନ୍ତର୍ଜାତୀୟ ସ୍ତରରେ ଦେଶର ସ୍ଥିତିକୁ ସୁଦୃଢ କରିଛି। ସେ ଆହୁରି କହିଥିଲେ ଯେ ସମ୍ବଲପୁର ଆଇଆଇଏମ୍‌ର ଡିଜାଇନ ସମସାମୟିକ ସମ୍ବଲପୁରୀ କଳା ସହିତ ଅତ୍ୟାଧୁନିକ ଭିତ୍ତିଭୂମିରେ ନିର୍ମିତ ହୋଇଛି। ଆଇଆଇଏମ୍ ସମ୍ବଲପୁର ମ୍ୟାନେଜମେଣ୍ଟ ଶିକ୍ଷାରେ ଉତ୍କର୍ଷତା ହାସଲ କରିବାରେ ଖ୍ୟାତି ଅର୍ଜନ କରିଛି। ଏହାର ମୂଳ ଆଦର୍ଶ ହେଉଛି, ନବସୃଜନ, ବିଶ୍ୱସନୀୟତା ଏବଂ ସମାବେଶିତା। ଏହି ପ୍ରତିଷ୍ଠାନ ସରକାରଙ୍କ ଆଧୁନିକ ପଦକ୍ଷେପର ଏକ ପ୍ରମୁଖ ବାହକ ବୋଲି ଉଲ୍ଲେଖ କରି ଡକ୍ଟର ମିଶ୍ର କହିଥିଲେ ଯେ ବୈଷୟିକ ମ୍ୟାନେଜମେଣ୍ଟ ଶିକ୍ଷା କ୍ଷେତ୍ରରେ ଭାରତକୁ ଏକ ବିଶ୍ୱସ୍ତରୀୟ ନେତୃତ୍ୱ ପ୍ରଦାନ କରିବା ଏହାର ଲକ୍ଷ୍ୟ । ସେ କହିଥିଲେ, ଆଇଆଇଏମ୍ ସମ୍ବଲପୁରରେ କେବଳ ବିଶ୍ୱସ୍ତରୀୟ ଭିତ୍ତିଭୂମି ନାହିଁ ବରଂ ଏହା ଏପରି ଏକ ଅଞ୍ଚଳରେ ଅବସ୍ଥିତ ଯାହା ଆମ ଦେଶର ଇତିହାସ ଓ ଐତିହ୍ୟରେ ରହିଛି। ଏହି ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ସମଲେଶ୍ୱରୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଭୂମି। ସମସ୍ତ ପ୍ରତିକୂଳ ପରିସ୍ଥିତିରେ ସାହସୀ ଓ ସହନଶୀଳ ହେବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ।

### ଜେଇଇ ମେନ୍ ରେଜଲ୍ଟ ପ୍ରକାଶିତ

## ଟପ୍ପରଙ୍କ ମଧ୍ୟରେ ଓଡ଼ିଶାର ଓମ୍ ପ୍ରକାଶ

ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ): ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିଦ୍ୱାରା ପରିଚାଳିତ ୨୦୨୫ର ଜେଇଇ ମେନ୍ ସେସନ୍-୨ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। ୨୪ଜଣ ଛାତ୍ରଛାତ୍ରୀ ଶତପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୨ଜଣ ଛାତ୍ର ରହିଥିବାବେଳେ ୨ଜଣ ଛାତ୍ରୀ ରହିଛନ୍ତି। ତେବେ ଟପ୍ପରଙ୍କ ମଧ୍ୟରେ ଓଡ଼ିଶାର ଓମ୍ ପ୍ରକାଶ ବେହେରା ସ୍ଥାନ ପାଇଛନ୍ତି। ଓଡ଼ିଆ ସମେତ ୧୩ଟି ଭାଷାରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷାର୍ଥୀମାନେ ପରୀକ୍ଷାଫଳ ସିଧାସଳଖ ଏନଟିଏର ୱେବସାଇଟ୍‌ରେ ଦେଖିପାରିବେ। ଟପ୍ପର ହୋଇଥିବା ୨୪ଜଣଙ୍କ ମଧ୍ୟରୁ ସର୍ବାଧିକ ୭ଜଣ ରାଜସ୍ଥାନର ହୋଇଥିବାବେଳେ ମହାରାଷ୍ଟ୍ର ଓ ତେଲେଙ୍ଗାନାରୁ ୪ଜଣ ଲେଖାଏଁ, ଉତ୍ତରପ୍ରଦେଶରୁ ୩ଜଣ, ପଶ୍ଚିମବଙ୍ଗରୁ ୨ଜଣ ଏବଂ ଗୁଜରାଟ, ଦିଲ୍ଲୀ, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶରୁ ଜଣେ ଲେଖାଏଁ ରହିଛନ୍ତି। ତେବେ ଟପ୍ପରଙ୍କ ମଧ୍ୟରେ ଯେଉଁ ଦୁଇଜଣ ଛାତ୍ରୀ ରହିଛନ୍ତି ସେମାନେ ହେଲେ ପଶ୍ଚିମବଙ୍ଗର ଦେବଦତ୍ତ ମାଝୀ ଏବଂ ଆନ୍ଧ୍ରପ୍ରଦେଶର ସାଇମାନଗୋନା ଗୁଠିକୋଣ୍ଡା। ଦୁଇଟି ପର୍ଯ୍ୟାୟରେ ଜାନୁଆରୀରୁ ଏପ୍ରିଲ ପର୍ଯ୍ୟନ୍ତ ଏହି ପରୀକ୍ଷା ହୋଇଥିଲା। ଏହି ପରୀକ୍ଷାପାଇଁ ଦୁଇଟି ସେସନରେ ମୋଟ ୧୫,୩୯,୮୪୮ ଛାତ୍ରଛାତ୍ରୀ ରେଜିଷ୍ଟ୍ରେସନ କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ୧୪,୭୭,୧୦୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେହିପରି ଜାନୁଆରୀରେ ହୋଇଥିବା ସେସନରେ ୧୨,୫୮,୧୩୬ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ଏପ୍ରିଲରେ ୯,୯୨,୩୫୦ଜଣ ପରୀକ୍ଷା ଦେଇଥିଲେ। ତିନୋଟି ସହରରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

**AFFIDAVIT**

By virtue of an affidavit sworn before The Executive Magistrate,Chatrapur, Ganjam, dated 17.04.2025, I Sapana Kumari Behera, Address: village- Niladripur, PO- Karapada, PS- Ganjam, Dist- Ganjam, Odisha, PIN-761026, declare that I have changed my name from Swapan Behera to Sapana Kumari Behera. Henceforth, I shall be known as Sapana Kumari Behera for all purposes.

**Sd/- Sapana Kumari Behera**

**AFFIDAVIT**

By virtue of an affidavit No-1242 sworn before The Executive Magistrate, Khordha, dated 17.04.2025, I Satya Prakash Karan, S/o- Biswanath Karan, resident of village- Pichukuli, PS- Begunia, Dist- Khordha, declares that my correct name is Satya Prakash Karan which is mentioned in my Birth Certificate, but in Aadhar Card mentioned as Satyaprakash Karan. Satya Prakash Karan & Satyaprakash Karan is same and one person myself. This affidavit is to be produced as & when required.

Sd/- Satya Prakash Karan

### 'ବିକଶିତ ଓଡିଶା ୨୦୩୬ ପରିକଳ୍ପନା'ଉପରେ ଜାତୀୟ ସମ୍ମିଳନୀ




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ(ଆଇସିସି) ପକ୍ଷରୁ ' ବିକଶିତ ଓଡିଶା ୨୦୩୬ ପରିକଳ୍ପନା ' ବିଷୟ ବସ୍ତୁ ଉପରେ ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇସିସି ଅଧକ୍ଷ ରାଜୀବ ସାହୁ ଅଧକ୍ଷତା କରି କହିଥିଲେ ଯେ ବିକଶିତ ଓଡିଶା ଗଠନ ପାଇଁ ଆଇସିସି ବଦ୍ଧ ପରିକର। ଓଡିଶା ସରକାରଙ୍କ ସହାୟତାରେ ୨୦୩୬ ସୁଦ୍ଧା ବିକଶିତ ଓଡିଶା ଓ ୨୦୪୭ ସୁଦ୍ଧା ଓଡିଶାର ଅର୍ଥନୀତିକୁ ୧.୫ ଟ୍ରିଲିୟନରେ ପହଞ୍ଚାଇବାରେ ଆଇସିସି ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହା ସହ ଭାରତର ଅର୍ଥନୈତିକ ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ସାହୁ କହିଥିଲେ। ମୁଖ୍ୟଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଲେ ୨୦୩୬ ସୁଦ୍ଧା ଓଡିଶାର ସର୍ବାଙ୍ଗ ବିକାଶ ହେବ, ଏଥିରେ ଦ୍ୱିମତ ନାହିଁ। ଇନଫ୍ରାଷ୍ଟ୍ରକ୍‌ଚର, ଶିଳ୍ପ, କୃଷି ପରି ସବୁ ଦିଗରେ ସଫଳତା ପାଇବାକୁ ଯେଉଁ ପକ୍ରିୟା ଅଛି ତାହା ଆମେ ଆରମ୍ଭ କରିସାରିଛୁ। ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟଠୁ ଆରମ୍ଭ କରି ଉଚ୍ଚ ଶିକ୍ଷା ଓ ବୈଷୟିକ ଶିକ୍ଷାରେ କିପରି ଉତ୍କର୍ଷତା ଆସିବ ତାହା ଉପରେ ଆମେ ଯୋଜନା ପ୍ରସ୍ତୁତ କରୁଛୁ। ଭୁବନେଶ୍ୱର ସହ ଓଡିଶାର ପ୍ରମୁଖ ୧୧ଟି ସହରରେ ରିଙ୍ଗ୍ ରୋଡ୍ ସ୍ଥାପନ କରି ବିକାଶକୁ ଦ୍ରୁତତମ କରିବାକୁ ଆମର ପ୍ରଚେଷ୍ଟା ଜାରି ରହିଛି। ବିଶିଷ୍ଟ ଅତିଥି ସାଂସଦ ଭର୍ତ୍ତୃହରି ମହତାବ କହିଥିଲେ ଯେ ଓଡିଶା ସରକାର ବହୁତ କିଛି ବିକାଶ କରୁଛନ୍ତି। କଟକ ଚାରବାଟିଆ ଏୟାରବେସ୍ କିଭଳି ଏକ କାର୍ଗୋ ଡମ୍ପିଂ ହୋଇପାରିବ ତାହା ଉପରେ ସେ ପରାମର୍ଶ ଦେଇଥିଲେ। ଏହା ସହ ଓଡିଶାରେ ଅନେକ ଜିନିଷ ଲୁକ୍କାୟିତ ଅଛି। ତାକୁ ଆମେ ଟ୍ୟାକ୍ସ ଫୋର୍ସ ଗଠନ କରି କିଭଳି ଆଗକୁ ଆଣିପାରିବା ତାହା ଉପରେ ସେ ମତ ରଖିଥିଲେ। ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ସଚିବ ନାଗରାଜୁ ମାଦିରାଲା କହିଥିଲେ ଯେ ଓଡିଶାର ଅର୍ଥନୀତି ଉତ୍କୃଷ୍ଟ। ନୀତି ଆୟୋଗର ତଥ୍ୟ ଅନୁସାରେ ଓଡିଶା ବିକାଶ କରୁଛି। ଓଡିଶାରେ ବିକାଶର ସମ୍ଭାବନା ଅଛି। ଉନ୍ନୟନ କମିସନର ଅନୁ ଗର୍ଗ କହିଥିଲେ ଆସନ୍ତା ୫ ବର୍ଷ ମଧ୍ୟରେ ଜଳ ସେଚନ କ୍ଷେତ୍ରରେ ୧୫ ଲକ୍ଷ ହେକ୍ଟର ବଢାଇବାକୁ ଯୋଜନା ରଖାଯାଇଛି। ୩୦ ଲକ୍ଷ ପର୍ଯ୍ୟଟକ ସଂଖ୍ୟା ବଢାଇବାକୁ ଆଗ୍ରହ ରହିଛି। ଅର୍ବନାଇଜେସନ ଡେଭଲେପମେଣ୍ଟ ବା ଉନ୍ନତି ପାଇଁ ବିଭିନ୍ନ ଜିଲ୍ଲାଗୁଡିକୁ ନେଇ କ୍ଲଷ୍ଟର ପ୍ରସ୍ତୁତ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ଏହା ପାଇଁ ପୁରା ଓଡ଼ିଶାରେ ବିଭିନ୍ନ ପ୍ରୋଜେକ୍ଟ କରାଯାଉଛି। ବିକଶିତ ଓଡିଶା ପାଇଁ ଏହା ୪ଟି ବିନ୍ଦୁକୁ ଗୁରୁତ୍ୱ ଦିଆଯାଇଛି। ଶକ୍ତି ,ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟାର ପ୍ରମୁଖ ସଚିବ ବିଶାଲ ଦେବ କହିଥିଲେ ଯେ ଓଡିଶା ବର୍ତ୍ତମାନ ସବୁ କ୍ଷେତ୍ରରେ ଦୃତ ଅଗ୍ରଗତି କରୁଛି। ଆଗାମୀ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓ ବିକଶିତ ଓଡିଶା ଗଠନ ହୋଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। ଶେଷରେ ଆଇସିସି ଉପାଧକ୍ଷ ନୀଲାଞ୍ଜନା ମୁଖାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦେଶର ବିଭିନ୍ନ ପ୍ରମୁଖ ବ୍ୟାଙ୍କର ମୁଖ୍ୟ ଓ ବିଭିନ୍ନ ଶିଳ୍ପର ମୁଖ୍ୟମାନେ ଯୋଗଦେଇ ନିଜର ମତବ୍ୟକ୍ତ କରିଥିଲେ। ଓଡିଶା ଆଇସିସି ଆଞ୍ଚଳିକ ମୁଖ୍ୟ ଜେପି ପାଲ ଓ ଆଇସିସିର ଅନ୍ୟ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

GOVERNMENT OF ODISHA M-

OFFICE OF THE EXECUTIVE ENGINEER (C), DIRECTORATE OF FISHERIES, ODISHA, CUTTACK

E-MAIL: - eefedcuttack@gmail.com

Bid identification No. 714 / Dt. 16.04.2025//

| | | |
|---|---|---|
| 1. | No. of works | : 11 (ELEVEN) Number of Civil works. |
| 2. | Type of works | : Civil works. |
| 3. | Approximate Estimated Cost | : Rs. 38.57 Lakhs to Rs. 83.90 Lakhs |
| 4. | Class of Contractor | : 'B' |
| 5. | Period of Completion | : 06 [SIX] Calendar months. |
| 6. | Date of Sale & Receipt | : Dt. 22.04.2025 to 2.00 PM of Dt. 03.05.2025. (Working days only). |
| 7. | Date of Opening | : Dt. 05.05.2025 at 11:00 AM. |
| 8. | Name of Office inviting Bid | : Executive Engineer (C), Directorate of Fisheries, Odisha, Cuttack. |

Further details can be seen in the bidding documents & can be down loaded from the Government of Odisha website (http.//www.odisha.gov.in). Authority reserves the right to reject any or all the tenders without assigning any reasons thereof.

Sd/- Executive Engineer (C)
Directorate of Fisheries,
Odisha, Cuttack

OIPR 06030/11/0038/2526

OFFICE OF THE MUNICIPAL COUNCIL, KEONJHARGARH

EXPRESSION OF INTEREST C-136

No. 2698 /Dt. 16.04.2025

The Executive Officer, Keonjhar Municipality, Keonjhar on behalf of Keonjhargarh Municipality invites sealed proposal from interested consulting firms for **"Preparation of Detailed Project Report and Providing Consultancy Services for implementation of different Infrastructural Developmental Projects Under Keonjhargarh Municipality".** The EOI documents can be downloaded from the website https://keonjhar.odisha.gov.in/ from Dt.**19.04.2025** on payment of Rs. 5,000/- (Rupees Five Thousand only) (Non-refundable) through Demand Draft issued in favour of "Executive Officer, Keonjhar Municipality" payable at Keonjhar.

The complete application as per the instructions in the EOI document, should reach to the Office of Executive officer, Keonjhar Municipality by hand/ Speed Post/ Registered Post etc. on or before **30.04.2025** up to 1:00 P.M. The EOI applications will be opened on Dt. **01.05.2025** at 11:00 P.M in the presence of the bidder or their authorised representative. The authority reserves right to accept or cancel any or all quotations without assigning any reasons thereof.

Sd/- Executive Officer,
Keonjhargarh Municipality

OIPR 13115/11/0021/2526

## ବଲାଙ୍ଗୀର ଜିଲ୍ଲାକୁ ଦାଦନ ମୁକ୍ତ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ: ଧର୍ମେନ୍ଦ୍ର




ବଲାଙ୍ଗୀର/ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ସହ ମୋର ଆବେଗିକ ସଂପର୍କ ରହିଛି। ଏହି ଜିଲ୍ଲାରେ ଦାଦନ ସମସ୍ୟା ମୁଖ୍ୟ ସମସ୍ୟାଭାବେ ଉଭା ହୋଇଛି। ଦାଦନ ସମସ୍ୟା ଦୂର କରିବା ପାଇଁ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ବଲାଙ୍ଗୀର ଜିଲ୍ଲାକୁ ଦାଦନମୁକ୍ତ କରିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶନିବାର ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ ଓ ସ୍ଥାୟୀ କ୍ୟାମ୍ପସର ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ, ବଲାଙ୍ଗୀର ଜିଲ୍ଲାରେ ଲୋକଙ୍କୁ ମୌଳିକ ସୁବିଧା ସହ କୃଷି, ସ୍ୱାସ୍ଥ୍ୟସେବା, ଶକ୍ତି, ରେଳ ଏବଂ ଆନୁସଙ୍ଗିକ ଭିତ୍ତିଭୂମିର ବିକାଶ କରାଯିବ। ବଲାଙ୍ଗୀର ଜିଲ୍ଲାର ବିକାଶ ଘଟିଲେ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ଲକ୍ଷ୍ୟ ପୂରଣ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି ଲକ୍ଷ୍ୟ ପୂରଣ କରିବା ପାଇଁ ଆମେ ସମସ୍ତେ ବ୍ୟକ୍ତିଗତ ସ୍ତରରେ ଦାୟିତ୍ୱ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଶ୍ରୀ ପ୍ରଧାନ ଆହୁରି କହିଥିଲେ ଯେ ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ଓ ପାଟଣାଗଡ଼କୁ ଦୁଇଟି କେନ୍ଦ୍ରୀୟ ବିଦ୍ୟାଳୟ ଉପହାର ଭାବେ ଦେଇଥିବାରୁ ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଅର୍ପଣ କରୁଛି। ମୋଦୀ ସରକାରର କାର୍ଯ୍ୟକାଳ ଭିତରେ ବଲାଙ୍ଗୀର ଜିଲ୍ଲାରେ ୨୧ଟି ସ୍କୁଲକୁ ପିଏମ୍‌ଶ୍ରୀ ସ୍କୁଲରେ ବିକଶିତ କରାଯାଉଛି । ଏଥିପାଇଁ ପ୍ରତ୍ୟେକ ସ୍କୁଲକୁ ୨ କୋଟି ଟଙ୍କା ଲେଖାଏଁ ଅନୁଦାନର ବ୍ୟବସ୍ଥା କରାଯାଇଛି। ସେହିପରି ଜିଲ୍ଲାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ପିଏମ୍ ଉଷା ଯୋଜନାରେ ୨୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ନବଜାତ ଶିଶୁଙ୍କଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀରେ ପଢୁଥିବା ବଲାଙ୍ଗୀର ଜିଲ୍ଲାର ୫ଲକ୍ଷ ଛାତ୍ରଛାତ୍ରୀଙ୍କ ଶାରୀରିକ, ମାନସିକ ସ୍ୱାସ୍ଥ୍ୟ ଓ ବୌଦ୍ଧିକ ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର। ପ୍ରାୟ ୩୦ କୋଟି ଟଙ୍କା ବ୍ୟୟରେ ପାଟଣାଗଡ଼ ଉଲବାଠାରେ ନିର୍ମିତ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୯ମ ଥର...

୨୦୦୦ରୁ ୨୦୨୪ ଥିଲା ଓଡ଼ିଶା ବିକାଶର ସୁବର୍ଣ୍ଣଯୁଗ । ବିଜେଡି ସବୁବେଳେ ରାଜ୍ୟବାସୀଙ୍କ ସେବା କରିଆସିଛି। ଓଡ଼ିଶାର ହକ୍ ପାଇଁ ଆମର ସଂଗ୍ରାମ ଜାରି ରହିବ ବୋଲି ସେ ଦୃଢୋକ୍ତି ବାଢିଥିଲେ। ସେ କହିଥିଲେ, ବିଜେଡିର ସମସ୍ତ କର୍ମୀମାନଙ୍କ ଉପରେ ମୋର ପୁରା ଭରସା ରହିଛି। ସେମାନେ ମିଥ୍ୟା ପ୍ରଚାରର ଉଚିତ ଜବାବ ଦେବେ। ଓଡ଼ିଶା ଅନେକ ରାଜ୍ୟପାଇଁ ରୋଲ ମଡେଲ ସାଜିଛି, ଯାହାକି ଆମପାଇଁ ଗୌରବର କଥା। ରାଜ୍ୟର ସେବା କରିବା ପାଇଁ ଆଜି ବି ଆମ ଦଳ ଏକାଠି ରହିଛି ଓ ଆଗକୁ ବି ଏକାଠି ରହିବ ବୋଲି ସେ ଦୃଢୋକ୍ତି ବାଢିଥିଲେ। ଶନିବାର ପୂର୍ବାହ୍ନ ୧୧ଟାରେ ବିଜେଡି ରାଜ୍ୟ ପରିଷଦ ବୈଠକ ବସିଥିଲା। ଏଥିରେ ୩୫୫ଜଣ ରାଜ୍ୟ ପରିଷଦ ସଦସ୍ୟ ଯୋଗ ଦେଇଥିଲେ।

### କୁପୋଷଣ ମୁକ୍ତ...

ପାଳନ ସମୟରେ ଶିଶୁ ଜୀବନର ପ୍ରଥମ ଏକ ହଜାର ଦିନ ମଧ୍ୟରେ ପୋଷଣର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ପ୍ରୟାସ କରାଯାଉଛି । ଶୈଶବରେ ଉପଯୁକ୍ତ ପୋଷଣ ପାଇଲେ ଶିଶୁର ସ୍ୱାସ୍ଥ୍ୟ ଉନ୍ନତ ହେବା ସହିତ ତା'ର ସାମଗ୍ରିକ ବିକାଶ ସମ୍ଭବ ହୋଇପାରିବ। ପୋଷଣ ଉପରେ ଆମର ନୂଆ ସରକାର ଅଧିକ ଫୋକସ୍ ରଖି କାମ କରିବା ଆରମ୍ଭ କରିଛନ୍ତି। ୧୦୦ କୋଟି ଟଙ୍କା ଅନୁଦାନରେ 'ଓଡିଶା ପୁଷ୍ଟି ମିଶନ' ମଧ୍ୟ ପ୍ରତିଷ୍ଠା କରାଯିବ। ପୋଷଣ ଅଭିଯାନରେ ମହିଳା ଓ ଶିଶୁ ମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେବାପାଇଁ ଚଳିତ ବର୍ଷ ବଜେଟ୍‌ରେ ୨୮୪ କୋଟି ଟଙ୍କା ବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାରେ ଦୁଇଟି କନ୍ୟା ସନ୍ତାନ ପାଇଁ ସହାୟତା ରାଶିକୁ ୧୦ହଜାର ଟଙ୍କାରୁ ୧୨ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ସବୁ ପଦକ୍ଷେପ ଓଡିଶାର ପିଲାମାନଙ୍କର ପୋଷଣରେ ଉନ୍ନତି ଆଣିବ। ଯେହେତୁ ଏକ ସମୃଦ୍ଧ ଓଡିଶା ଗଠନ ଆମର ଲକ୍ଷ୍ୟ ତେଣୁ, ଆମ ଓଡିଶାକୁ ସୁ-ପୋଷିତ କରିବା ଆମର ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅଙ୍ଗନବାଡି କର୍ମୀ ଓ ସୁପରଭାଇଜର ମାନଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣ ମାନେ ପିଲାମାନଙ୍କ ପୋଷଣ ଦାୟିତ୍ୱ ସହିତ ସେମାନଙ୍କୁ ପ୍ରାରମ୍ଭିକ ମୌଳିକ ଶିକ୍ଷା ବି ଦେଉଛନ୍ତି। ଆପଣ ମାନେ ହେଉଛନ୍ତି ପିଲାଙ୍କ ପାଇଁ ଦ୍ୱିତୀୟ ମା' । ଆମ ଦେଶରୁ କୁପୋଷଣ ଦୂର କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ୨୦୧୮ ମସିହାରୁ ପିଏମ୍ ପୋଷଣ ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ଗର୍ଭବତୀ ଓ ପ୍ରସୂତି ମହିଳା, କିଶୋରୀ ଓ ୬ ବର୍ଷରୁ କମ୍ ବର୍ଷର ଶିଶୁ ମାନଙ୍କ ପୋଷଣ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ, ପୋଷଣ ପକ୍ଷ ସମୟରେ ଜନ ଆନ୍ଦୋଳନର ସମୂହ ସଚେତନତା କେବଳ ଏହି ବିଭାଗରେ ନୁହେଁ, ଏହାର ସଫଳ ରୂପାୟନ ପାଇଁ ସମସ୍ତ ସହଭାଗୀ ବିଭାଗ, ଯେପରିକି ପଞ୍ଚାୟତିରାଜ ଓ ପାନୀୟ ଜଳ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, କୃଷି ଓ କୃଷକ ସଶକ୍ତିକରଣ, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ମିଶନ ଶକ୍ତି ପ୍ରମୁଖ ବିଭାଗର ସହଯୋଗ ଓ ସମନ୍ୱୟ ଅଧିକ ହେବା ଜରୁରି। ସୂଚନାଯୋଗ୍ୟ ଯେ, ପିଲାମାନଙ୍କ ପୁଷ୍ଟିହୀନତା ଦୂର କରିବା ପାଇଁ ପୋଷଣ ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ଉଦ୍ୟମ ଜାରି ରହିଛି। ଏହି ଅଭିଯାନର ଅଂଶ ସ୍ୱରୂପ ପ୍ରତି ବର୍ଷ ମାର୍ଚ୍ଚ-ଏପ୍ରିଲ ମାସରେ ୧୫ ଦିନ ଧରି ପୋଷଣ ପକ୍ଷ ପାଳନ କରାଯାଏ । ଚଳିତ ବର୍ଷ ଅଙ୍ଗନବାଡିଠୁ ଆରମ୍ଭ କରି ଜାତୀୟସ୍ତର ପର୍ଯ୍ୟନ୍ତ ଏପ୍ରିଲ ୮ ରୁ ୨୨ ତାରିଖ ପର୍ଯ୍ୟନ୍ତ ପୋଷଣ ପକ୍ଷ ପାଳନ କରାଯାଉଛି। ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା କହିଥିଲେ ଯେ, ନିଜେ ନିଜର ପୋଷକତତ୍ତ୍ୱକୁ ଠିକ୍ ରଖିବା ସହିତ ସମାଜ ପାଖରେ ପହଞ୍ଚାଇ ପାରିଲେ ଏକ ସୁସ୍ଥ ଓ ବିକଶିତ ଓଡିଶା ଆମେ ଗଠନ କରି ପାରିବା। ସେ କହିଥିଲେ, ଓଡିଶା ଆଜି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ ସମ୍ପନ୍ନ ରାଜ୍ୟରେ ପରିଣତ ହୋଇଛି। ତୃଣମୂଳ ସ୍ତରରେ ଆମର ସମସ୍ତ କାର୍ଯ୍ୟ ଆତ୍ମୀୟତାର ସହ କରୁଥିବା ସମସ୍ତ ଅଙ୍ଗନବାଡି କେନ୍ଦ୍ରକୁ ସୁଦୃଢ ଓ ସକ୍ଷମ କରିବୁ। ଜିଲ୍ଲା ସ୍ତରରେ କାମ କରୁଥିବା କର୍ମୀ ମାନଙ୍କୁ ଆହ୍ୱାନ ଦେଇ ସେ କହିଲେ ଯେ, ଆପଣ ମାନେ ସରକାରଙ୍କ କାମ ଗ୍ରାମାଞ୍ଚଳରେ ସୁନ୍ଦର ଭାବେ ତୁଲାଉଛନ୍ତି। ଆପଣଙ୍କ ପାଖରେ ରହୁଥିବା ସମସ୍ୟାକୁ ସରକାରଙ୍କ ଦୃଷ୍ଟିକୁ ଆଣନ୍ତୁ, ସମାଧାନ କରାଯିବ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଥିଲେ ଯେ ସ୍ୱାସ୍ଥ୍ୟ ଓ ପୁଷ୍ଟିସାଧନ ସୂଚକାଙ୍କରେ ଉନ୍ନତି ନଆସିଲେ ଦାରିଦ୍ର୍ୟ ହ୍ରାସ ହେବନାହିଁ। ୨୦୩୬ ସମୃଦ୍ଧ ଓଡିଶା ଗଠନ ବେଳକୁ ଶୂନ ପ୍ରତିଶତ କୁପୋଷଣ ଆମର ଲକ୍ଷ୍ୟ ରହିଛି। ପୋଷଣ ପକ୍ଷ ପାଳନ ଅବସରରେ ଏ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁରୀ, କେନ୍ଦ୍ରାପଡା ଓ ଭଦ୍ରକଙ୍କୁ ମୁଖ୍ୟମନ୍ତ୍ରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରିଥିଲେ ଏବଂ କେନ୍ଦୁଝର ଓ ବଲାଙ୍ଗୀରର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏବଂ କୋରାପୁଟ ଓ ମାଲକାନଗିରିର ସିଡିପିଓ ସେମାନଙ୍କର ଅନୁଭୂତି ଓ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓଉଡଝ ନିର୍ଦ୍ଦେଶିକା ଶ୍ରୀମତୀ ମୋନୀଷା ବାନାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସ୍ତରରେ ଅଙ୍ଗନବାଡି କର୍ମୀ ଓ ଅଧିକାରୀ ମାନେ ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଡିହୋଇ ରହିଥିଲେ।

## ୪ ମହଲା କୋଠା ଭୁଶୁଡ଼ି ୧୧ ମୃତ

ନୂଆଦିଲ୍ଲୀ : ଶନିବାର ସକାଳେ ଦିଲ୍ଲୀର ମୁସ୍ତାଫାବାଦ ଅଞ୍ଚଳରେ ଏକ ବଡ଼ଧରଣର ଅଘଟଣ ଘଟିଛି। ଶନିବାର ଭୋର ସମୟରେ ଏହି ଅଞ୍ଚଳରେ ଥିବା ଏକ ଚାରିମହଲା କୋଠା ଭୁଶୁଡ଼ି ପଡ଼ିବାରୁ ୧୧ଜଣଙ୍କର ମୃତ୍ୟୁ ହୋଇଛି। ଭଗ୍ନାବଶେଷ ତଳୁ ୨୨ଜଣଙ୍କୁ ଉଦ୍ଧାର କରାଯାଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଅଗ୍ନିଶମବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଭଗ୍ନାବଶେଷ ତଳେ ବହୁଲୋକ ଫସିଥିବାର ଆଶଙ୍କା ପ୍ରକାଶ ପାଇଥିବାରୁ ସେମାନଙ୍କୁ ଠାବ ପାଇଁ ଉଦ୍ୟମ ଜାରି ରହିଛି। ତେବେ ଦୋଷୀ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଏମସିଡି ମେୟର ନିଗମ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋଠା ଭୁଶୁଡ଼ିବା ଘଟଣା ପରେ ସ୍ଥାନୀୟ ବିଧାୟକ ମୋହନସିଂ ବିଷ୍ଟ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିବା ସହ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେ କହିଛନ୍ତି, ଏହି ବେଆଇନ କୋଠା ପ୍ରସଙ୍ଗକୁ ନେଇ ସେ ବାରମ୍ବାର ଦିଲ୍ଲୀ ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଥିଲେ ଯେ ମୁଁ ନିର୍ବାଚନ ଜିତିବାଠାରୁ ମୋର ଏକମାତ୍ର ପ୍ରସଙ୍ଗ ହେଉଛି ବେଆଇନ କୋଠା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା । ଯଦି ଶହଶହ ଲୋକ ୨୫ କିମ୍ବା ୫୦ ଗଜ୍‌ର କୋଠାରେ ରହୁଛନ୍ତି, ତେବେ ଦୁର୍ଘଟଣା ଘଟିବା ସୁନିଶ୍ଚିତ। ମୁଁ ଏ ନେଇ ଦିଲ୍ଲୀର ଏଲଜି, କମିଶନର ଏବଂ ପୋଲିସ କମିଶନରଙ୍କ ସହ କଥା ହୋଇଥିଲେ ବି କୌଣସି ପଦକ୍ଷେପ ନିଆଯାଇ ନଥିଲା।

**AFFIDAVIT**

I, Jalaluddin Khan, S.o- Imam Khan resident of At-Baujanga, Post-Nalipur, Ps.- Balichandrapur, Dist.- Jajpur, Pin- 754205, Odisha declare by this affidavit No.- 1178 dt. 30/04/2025 that now ards I shall be known as Jalaluddian Khan, S/o- **Eman Khan** for all future purposes.

**AFFIDAVIT**

By virtue of an affidavit No-1475 sworn before The Executive Magistrate, Banpur, Dist- Khordha, dated 15.04.2025, I Akshaya Kumar Swain, S/o- Trinath Swain, resident of village- Nachhipur, Post- Panchugaon, PS- Banpur, Dist- Khordha, declares that my actual name is Akshaya Kumar Swain, which is mentioned in Aadhar & other relevant documents. But in Passport mentioned as Akhya Kumar Swain. Both Akshaya Kumar Swain & Akhya Kumar swain is same and one person myself. This affidavit is to be used as and when required for proof of my identity.

**Sd/- Akshaya Kumar Swain**

कार्यपालक अभियंता का कार्यालय
ग्रामीण विकास विशेष प्रमंडल, लातेहार

अल्पकालीन ई–निविदा आमंत्रण सूचना
संख्या – EE/RDSD/LATEHAR/1/2025-26

1.कार्य की विस्तृत विवरणी:

| क्र० सं० | ग्रुप सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 1 | GR_1 | लातेहार जिलान्तर्गत प्रखण्ड लातेहार के पंचायत परसही में अनुसूचित जाति आवासीय विद्यालय होटवाग लातेहार में बहुउद्देशीय भवन का निर्माण। | 29437779 | 588800 | 10000 | 12 माह |
| 2 | GR_2 | लातेहार जिलान्तर्गत प्रखण्ड चंदवा के पंचायत चंदवा पूर्वी में अनुसूचित जाति आवासीय विद्यालय हड़गड़वा चंदवा में बहुउद्देशीय भवन का निर्माण। | 29437779 | 588800 | 10000 | 12 माह |
| 3 | GR_3 | लातेहार जिलान्तर्गत प्रखण्ड बरवाडीह के पंचायत मंगरा में अनुसूचित जनजाति आवासीय विद्यालय हेन्देहास बरवाडीह में बहुउद्देशीय भवन का निर्माण। | 29437779 | 588800 | 10000 | 12 माह |

2. वेबसाइट में निविदा प्रकाशन की तिथि – 25.04.2025
3. ई–निविदा प्राप्ति की तिथि एवं समय – दिनांक 25.04.2025 से दिनांक 10.05.2025 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, लातेहार।
5. ई–निविदा खोलने की तिथि एवं समय –13.05.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, लातेहार।
7. ई–निविदा प्रकोष्ठ का दूरभाष सं० – 06565796434
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, लातेहार

PR 350645 (Rural Development)25-26*D

कार्यपालक अभियन्ता का कार्यालय,
ग्रामीण कार्य विभाग, कार्य प्रमण्डल, लातेहार

ई– निविदा आमंत्रण सूचना
(D.M.F.T. मद)

ई–निविदा संख्या :– 02/2025-26/EE/RWD/LATEHAR दिनांक : 19.04.2025

| क्र0 | आईडेंटी फिकेशन सं0/पैकेज सं0 | प्रखंड | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की तिथि |
|---|---|---|---|---|---|---|
| 1 | RWD/LATEHAR/04/2025-26 | लातेहार | लातेहार जिलान्तर्गत प्रखंड लातेहार के पंचायत भुसूर में Integrated Sport – cum-Knowledge Center में Vocational Training Center का निर्माण कार्य | 449.995 | रू0 चार करोड़ उनचास लाख निनान्वे हजार पॉच सौ रूपये मात्र। | 12 माह |
| 2 | RWD/LATEHAR/05/2025-26 | लातेहार | लातेहार जिलान्तर्गत प्रखंड लातेहार के पंचायत भुसूर में Integrated Sport – cum-Knowledge Center में छात्रों के लिए 100 बेड छात्रावास का निर्माण कार्य। | 437.619 | रू0 चार करोड सैंतीस लाख एक्सठ हजार नौ सौ रूपये मात्र। | 12 माह |

1.वेबसाईट में निविदा प्रकाशन की तिथि : 30.04.2025
2.ई–निविदा प्राप्ति की अंतिम तिथि एवं समय : 08.05.2025 अपराह्न 5:00 बजे तक।
3.निविदा खोलने की तिथि एवं समय : 10.05.2025 अपराह्न 03:30 बजे।
4.निविदा आमंत्रित करने वाले पदाधिकारी का नाम एवं पता, कार्यपालक अभियंता, ग्रामीण कार्य विभाग, कार्य प्रमंडल, लातेहार पिन – 829206।
5.ई–निविदा प्रकोष्ठ का दूरभाष सं0 – 06565245038
6.संवेदक पर जिलान्तर्गत किसी भी योजना का कार्य लंबित रहने पर उनकी निविदा पर विचार नही किया जायेगा।
7.एक संवेदक को एक वित्तीय वर्ष में इस मद का एक ही कार्य आवंटित किया जायेगा।

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियन्ता
ग्रामीण कार्य विभाग कार्य प्रमण्डल, लातेहार

PR 350640 (Rural Development)25-26*D

ଓଡ଼ିଶା ଭାସ୍କର
ODISHA BHASKAR

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ : ଦୀର୍ଘ ପାଞ୍ଚବର୍ଷର ବ୍ୟବଧାନ ପରେ ଚଳିତବର୍ଷ ପୁଣି କୈଳାସ ମାନସରୋବର ଯାତ୍ରା ଆରମ୍ଭ ହେବ ବୋଲି ବିଦେଶ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜଏସ୍ୱାଲ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ୨୦୨୦ ଜୁନରେ ଭାରତ-ଚୀନ୍ ମଧ୍ୟରେ ସୀମା ସଂଘର୍ଷ ଆରମ୍ଭ ହେବାପରେ ଏହି ଯାତ୍ରାକୁ ସ୍ଥଗିତ ରଖାଯାଇଥିଲା। ବର୍ତ୍ତମାନ ଚୀନ୍ ସହ ସମ୍ପର୍କରେ ଉନ୍ନତି ଘଟିଥିବାରୁ ମାନସରୋବର ଯାତ୍ରା ନେଇ ଭାରତ ସରକାର ଚୀନ୍ ପ୍ରତିପକ୍ଷଙ୍କ ସହ ଆଲୋଚନା କରିସାରିଛନ୍ତି। ଏ ସଂକ୍ରାନ୍ତରେ ଖୁବଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଏସ୍ୱାଲ କହିଛନ୍ତି। ତେବେ ଚଳିତବର୍ଷ ଲିପୁଲେଖ୍ ସମେତ ଡେମ୍‌ଚୋକ୍ ରାସ୍ତା ଦେଇ ଭାରତୀୟ ଶ୍ରଦ୍ଧାଳୁ ମାନସରୋବର ଯାତ୍ରା କରିବେ ବୋଲି ଆଶା କରାଯାଉଛି। ଅବଶ୍ୟ ଚୀନ ସରକାରଙ୍କ ସହ ଆଲୋଚନା ପରେ ଏହି ପ୍ରସଙ୍ଗରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

## ମୁଁ ଆଉ ଆଲୋପାଥିକ୍ ଔଷଧ ଏବଂ ଇନସୁଲିନ୍ ନେଉନାହିଁ: ଶାହା



ନୂଆଦିଲ୍ଲୀ: ବିଶ୍ୱ ଯକୃତ ଦିବସରେ ଆଇଏଲ୍‌ବିଏସ୍ (ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲିଭର ସାଇନସ୍‌ସ୍) ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, 'ମଇ ୨୦୨୦ ଠାରୁ ଆଜି ପର୍ଯ୍ୟନ୍ତ, ମୁଁ ମୋ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିଛି। ପର୍ଯ୍ୟାପ୍ତ ପରିମାଣର ନିଦ୍ରା, ପାଣି ଏବଂ ଖାଦ୍ୟ ଏବଂ ନିୟମିତ ବ୍ୟାୟାମ ମୋତେ ବହୁତ କିଛି ଦେଇଛି... ଆଜି ମୁଁ ଆପଣଙ୍କ ସମ୍ମୁଖରେ ଯେକୌଣସି ପ୍ରକାରର ଆଲୋପାଥିକ୍ ଔଷଧ ଏବଂ ଇନସୁଲିନ୍ ମୁକ୍ତ ଭାବରେ ଠିଆ ହୋଇଛି... ଦେଶର ଯୁବପିଢ଼ିଙ୍କୁ ଆହୁରି ୪୦-୫୦ ବର୍ଷ ବଞ୍ଚିବାକୁ ପଡିବ ଏବଂ ଦେଶର ପ୍ରଗତିରେ ଯୋଗଦାନ ଦେବାକୁ ପଡିବ। ମୁଁ ସେମାନଙ୍କୁ ଅନୁରୋଧ କରୁଛି ଯେ ସେମାନେ ନିଜ ଶରୀର ପାଇଁ ଦୁଇ ଘଣ୍ଟା ବ୍ୟାୟାମ ଏବଂ ମସ୍ତିଷ୍କ ପାଇଁ ଛଅ ଘଣ୍ଟା ଶୁଅନ୍ତୁ । ଏହା ଅତ୍ୟନ୍ତ ଉପଯୋଗୀ ହେବ। ଏହା ମୋର ନିଜସ୍ୱ ଅଭିଜ୍ଞତା... ମୁଁ ଆଜି ଏହି ଅଭିଜ୍ଞତା ବାଣ୍ଟିବାକୁ ଆସିଛି...' ଜୀବନଶୈଳୀ ଏବଂ ଖାଦ୍ୟ ଅଭ୍ୟାସରେ ପରିବର୍ତ୍ତନ ସହିତ ରାଜ୍ୟରେ, ବିଶେଷକରି ସହରାଞ୍ଚଳରେ ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ରୋଗ ଏକ ପ୍ରମୁଖ ଚିନ୍ତାର ବିଷୟ ପାଲଟିଛି। ଚଳିତ ବର୍ଷର ବିଶ୍ୱ ଯକୃତ ଦିବସର ବିଷୟବସ୍ତୁ, 'ଖାଦ୍ୟ ହିଁ ଔଷଧ', ଆମେ ଖାଉଥିବା ଜିନିଷର ଗୁରୁତ୍ୱ ଏବଂ ବିଭିନ୍ନ ଅଙ୍ଗକୁ ସୁସ୍ଥ ରଖିବାରେ ଏହାର ଭୂମିକା ଉପରେ ଗୁରୁତ୍ୱାରୋପ କରେ। କେନ୍ଦ୍ର ସରକାର ଗତ ବର୍ଷ ନନ୍-ଆଲକୋହଲିକ୍ ଫ୍ୟାଟି ଲିଭରକୁ ଏକ ପ୍ରମୁଖ ଅଣ-ସଂକ୍ରମିତ ରୋଗ ଭାବରେ ମାନ୍ୟତା ଦେଇଥିଲେ। ଏକ ବିବୃତ୍ତିରେ କୁହାଯାଇଛି, 'ଏହାକୁ ଏକ ନୀରବ ମହାମାରୀ ଭାବରେ ବିବେଚନା କରାଯାଇପାରିବ, ୧୦ ଜଣଙ୍କ ମଧ୍ୟରୁ ଜଣେ ରୁ ତିନି ଜଣ ଲୋକ ଫ୍ୟାଟି ଲିଭର କିମ୍ବା ସମ୍ପର୍କିତ ରୋଗରେ ପୀଡିତ ହେବେ। ସହରର ହେପାଟୋଲୋଜିଷ୍ଟ ଏବଂ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟମାନେ ମଧ୍ୟ ରାଜ୍ୟରେ ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ମାମଲା ବୃଦ୍ଧି ପାଇବାକୁ ଇଙ୍ଗିତ କରିଛନ୍ତି, ଯାହାର କାରଣ ବିଗିଡ଼ିଯାଇଥିବା ଜୀବନଶୈଳୀ ଏବଂ ଖରାପ ଖାଦ୍ୟ ଅଭ୍ୟାସ ବୋଲି କୁହାଯାଇଛି ।

## ନକ୍ସଲମୁକ୍ତ ପଞ୍ଚାୟତକୁ କୋଟିଏ ଟଙ୍କାର ସହାୟତା ଦେବେ ସରକାର



ରାୟପୁର: ଛତିଶଗଡ ସରକାର ନକ୍ସଲ ଅଭିଯାନରେ ନୂତନ ନିୟମ ପ୍ରଣୟନ କରିଛନ୍ତି। ଆତ୍ମସମର୍ପଣ କରୁଥିବା ନକ୍ସଲଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ସହ ଆବାସ ଗୃହ ଏବଂ ଆତ୍ମନିର୍ଭରଶୀଳ କରାଯିବ। ଏଥିସହ ଯେଉଁ ପଞ୍ଚାୟତ ନକ୍ସଲ ମୁକ୍ତ ହେବ ସେହି ପଞ୍ଚାୟତକୁ ସରକାର ଏକ କୋଟି ଟଂକାର ସହାୟତା କରିବେ। ଏହି କ୍ରମରେ ଛତିଶଗଡର ସୁକମା ଜିଲ୍ଲାର ବଡେସେଟି ଗ୍ରାମ ପଞ୍ଚାୟତ ପ୍ରଥମ କରି ନକ୍ସଲ ମୁକ୍ତ ହୋଇଛି। ଏହି ପଞ୍ଚାୟତର ୧୧ ଜଣ ନକ୍ସଲ ଶୁକ୍ରବର ଦିନ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ୧୧ ଜଣ ନକ୍ସଲ ଆତ୍ମସମର୍ପଣ ପରେ ପଞ୍ଚାୟତରେ ଆଉ ନକ୍ସଲ ନାହାନ୍ତି। କେନ୍ଦ୍ର ସରକାର ଦେଶକୁ ୨୦୨୬ ସୁଦ୍ଧା ନକ୍ସଲ ମୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥି ପାଇଁ ରାଜ୍ୟ ସରକାରଗୁଡ଼ିକର ସହାୟତା ମାଗିଛନ୍ତି। ପ୍ରଥମତଃ ନକ୍ସଲମାନଙ୍କୁ ସରକାରଙ୍କ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ଅନ୍ୟପଟରେ ନକ୍ସଲ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ବାହିନୀ କମ୍ବିଂ ଅପରେସନ୍ ଜାରି ରଖି ନକ୍ସଲ ଗତିବିଧି ଶେଷ କରିବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି। ଦିନକୁ ଦିନ ନକ୍ସଲ ଗତିବିଧି ହ୍ରାସ ପାଉଥିବା ବେଳେ ମାଓବାଦୀଙ୍କ ଦୁର୍ଗ ଭୁଶୁଡ଼ିବାରେ ଲାଗିଛି। ନକ୍ସଲମାନେ ମଧ୍ୟ ହୃଦୟଙ୍ଗମ କରିସାରିଛନ୍ତି ଯେ, ସରକାରଙ୍କ ବିକାଶଧାରାରେ ସାମିଲ ହେଲେ, ସେମାନେ ମଧ୍ୟ ବିପଦମୁକ୍ତ ରହିପାରିବେ। ଏହି ଆତ୍ମସମର୍ପଣ ସରକାରଙ୍କର ସମସ୍ତ ସହଯୋଗ କରିବା ନେଇ ପ୍ରତିଶ୍ରୁତି ପରେ ସଫଳ ହୋଇଛି। ନକ୍ସଲ ମୁଖ୍ୟସ୍ରୋତରେ ସାମିଲ ହୋଇ ନିଜ ଅଂଚଳର ବିକାଶଧାରାକୁ ଆଗକୁ ନେବାକୁ ଚାହୁଁଥିବା କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା କହିଛନ୍ତି ଯେ ବଡେସଟି ପଞ୍ଚାୟତ ଭଳି ସୁକମା ଜିଲ୍ଲାର ଅନ୍ୟ ନକ୍ସଲ ପ୍ରବଣ ପଞ୍ଚାୟତଗୁଡିକ ଏଭଳି ନକ୍ସଲ ମୁକ୍ତ ହେଲେ ସେହି ପଞ୍ଚାୟତମାନଙ୍କୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଆତ୍ମସମ୍ପ୍ରଣ କରିଥିବା ୧୧ ନକ୍ସଲମାନଙ୍କ ମଧ୍ୟରୁ ଚାରି ଜଣଙ୍କ ନାମରେ ୨ ଲକ୍ଷ ଲେଖାଏଁ ପୁରସ୍କାର ଘୋଷିତ ହୋଇଥିବା ବେଳେ ମୋଟ ୮ ଲକ୍ଷ ୫୦ ହଜାର ଟଂକାର ପୁରସ୍କାର ରହିଥିଲା।

## ବିଶ୍ୱର ସବୁଠାରୁ ବିପଦପୂର୍ଣ୍ଣ ଯୁଦ୍ଧ ବିମାନ କିଣିବ ଭାରତ

ନୂଆଦିଲ୍ଲୀ: ଚାଇନା ନିରନ୍ତର ଭାବରେ ତାର ବାୟୁସେନାକୁ ମଜଭୁତ କରୁଥିବା ବେଳେ ଭାରତୀୟ ବାୟୁସେନାରେ ଲଢୁଆ ବିମାନ ସଂଖ୍ୟା କ୍ରମାଗତ ଭାବରେ ହ୍ରାସ ପାଉଥିବାରୁ ବିଶେଷଜ୍ଞମାନେ



ଚିନ୍ତା ପ୍ରକାଶ କରୁଛନ୍ତି। ଭାରତ ସରକାର ଫ୍ରାନ୍ସରୁ ଆଉ ୪୦ଟି ରାଫେଲ ଯୁଦ୍ଧ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଏହି ଚୁକ୍ତି ସରକାରରୁ ସରକାର (ଏ୨ଏ) ଆଧାରରେ ହେବ। ରିପୋର୍ଟ ଅନୁଯାୟୀ, ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରୀ ୨୮ କିମ୍ବା ୨୯ ଏପ୍ରିଲରେ ଭାରତ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ସମୟରେ, ଭାରତୀୟ ନୌସେନା ପାଇଁ ରାଫେଲ ସାମୁଦ୍ରିକ ଯୁଦ୍ଧ ବିମାନ କ୍ରୟ ସମ୍ପର୍କରେ ଦୁଇ ଦେଶ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହେବ। ଏହି ରାଫାଲ ସାମୁଦ୍ରିକ ଯୁଦ୍ଧ ବିମାନଗୁଡ଼ିକୁ ଭାରତର ବିମାନ ବାହକ ଜାହାଜରେ ନିୟୋଜିତ କରାଯିବ। ଭାରତ ଶକ୍ତି ରିପୋର୍ଟ ଅନୁଯାୟୀ, ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ହୋଇଛି। ଏହି ବୈଠକରେ ଭାରତରେ ନିର୍ମିତ ହେଲିକପ୍ଟର ପାଇଁ ଫରାସୀ କମ୍ପାନୀ ସାଫ୍ରାନରୁ ଇଞ୍ଜିନ କ୍ରୟ ଏବଂ ଭାରତୀୟ ବାୟୁସେନା ପାଇଁ ଦ୍ୱିତୀୟ ବ୍ୟାଚ ରାଫାଲ ଲଢୁଆ ବିମାନ କ୍ରୟ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

## ଭାରତ ଆସିବେ ଏଲନ୍ ମସ୍କ

ୱାଶିଂଟନ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟେଲିଫୋନରେ କଥାବାର୍ତ୍ତା ପରେ, ଟେସଲା ସିଇଓ ଏବଂ ଆମେରିକୀୟ ଶିଳ୍ପପତି ଏଲନ ମସ୍କ ଚଳିତ ବର୍ଷ ଭାରତ ଗସ୍ତରେ ଆସିବା ବିଷୟ ଘୋଷଣା କରିଛନ୍ତି। ମୋଦୀଙ୍କ ସହ କଥା ହେବା ପରେ, ସେ ତାଙ୍କ ସୋସିଆଲ ମିଡିଆ ଏକ୍ସ ଆକାଉଣ୍ଟରେ ଲେଖିଛନ୍ତି ଯେ ସେ ଭାରତ ଆସିବାକୁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ସେ ତାଙ୍କ ପୋଷ୍ଟରେ ଲେଖିଛନ୍ତି, 'ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହେବା ଏକ ସମ୍ମାନର କଥା। ମୁଁ ଏହି ବର୍ଷ ଶେଷରେ ଭାରତ ଗସ୍ତ କରିବାକୁ ଅପେକ୍ଷା କରିଛି ! ମସ୍କ ତାଙ୍କ ପୋଷ୍ଟରେ ଲେଖିଛନ୍ତି, 'ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହେବା ଏକ ସମ୍ମାନର କଥା। ମୁଁ ଏହି ବର୍ଷ ଶେଷରେ ଭାରତ ଗସ୍ତ କରିବାକୁ ଅପେକ୍ଷା କରିଛି ! ମସ୍କ ତାଙ୍କ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ସେୟାର କରାଯାଇଥିବା ପୋଷ୍ଟକୁ ରିଟ୍ୱିଟ୍ ଏହା ଲେଖିଛନ୍ତି। ପୂର୍ବରୁ, ମସ୍କଙ୍କ ସହ କଥାବାର୍ତ୍ତା କରିବା ପରେ, ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଏକ୍ସ ଆକାଉଣ୍ଟରେ ଲେଖିଥିଲେ, 'ଏଲନ୍ ମସ୍କଙ୍କ ସହ କଥାବାର୍ତ୍ତା ସମୟରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଏଥିରେ ଚଳିତ ବର୍ଷ ଆରମ୍ଭରେ ୱାଶିଂଟନ୍ ଡିସିରେ ଆମର ବୈଠକ ସମୟରେ ଆଲୋଚନା ହୋଇଥିବା ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ ଥିଲା। ଆମେ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ କ୍ଷେତ୍ରରେ ସହଯୋଗର ଅପାର ସମ୍ଭାବନା ବିଷୟରେ ଆଲୋଚନା କରିଥିଲୁ। ଭାରତ ଏହି କ୍ଷେତ୍ରଗୁଡ଼ିକରେ ଆମେରିକା ସହିତ ଏହାର ସହଭାଗୀତାକୁ ଆହୁରି ବୃଦ୍ଧି କରିବାକୁ ପ୍ରତିବଦ୍ଧ,' ମୋଦୀ କହିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ପ୍ରଶାସନର ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ମଧ୍ୟରୁ ମସ୍କଙ୍କୁ ଜଣେ ବୋଲି ବିବେଚନା କରାଯାଏ। ମସ୍କ ସରକାରୀ ଖର୍ଚ୍ଚ ହ୍ରାସ ଏବଂ ସଂଘୀୟ କର୍ମଚାରୀ ସଂଖ୍ୟା ହ୍ରାସ କରିବା ପାଇଁ ଏକ ସରକାରୀ ଦକ୍ଷତା ପଦକ୍ଷେପର ନେତୃତ୍ୱ ନେଉଛନ୍ତି। ଅନ୍ୟପକ୍ଷରେ ଏହି ଆଲୋଚନା ଓ ମସ୍କଙ୍କ ପ୍ରସ୍ତାବିତ ଭାରତ ଗସ୍ତ ପରେ ଟେସଲାର ଭାରତ ଏଣ୍ଟ୍ରି ସମ୍ପର୍କରେ ଚର୍ଚ୍ଚା ଆରମ୍ଭ ହୋଇଛି ।

### ଉତ୍ତରାଖଣ୍ଡ ଚାମୋଲିରେ ବଡ ଅଘଟଣ

## ୩୦୦ ମିଟର ତଳକୁ କାର୍ ଖସି ୫ ମୃତ


ଉତ୍ତରାଖଣ୍ଡ: ଉତ୍ତରାଖଣ୍ଡର ଚମୋଲିରେ ଏକ ବଡ଼ ଦୁର୍ଘଟଣା । ଏହି ଦୁର୍ଘଟଣାରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଛି । ପୋଲିସ ଅଧିକାରୀଙ୍କ କହିବା କଥା ଚମୋଲି ଜିଲ୍ଲା ବିରହୀ-ନିଜମୁଲ୍ଲା ମାର୍ଗରେ ଗାଡିଟି ଗାଁ ପାଖରେ ଥିବା ୩୦୦ ଫୁଟ୍ ତଳ ଖାଇକୁ ଖସିପଡିଥିଲା । ଶୁକ୍ରବାର ସନ୍ଧ୍ୟାରେ ପ୍ରାୟ ୭ଟା ସମୟରେ, ଘଟିଛି ଏହି ଘଟଣା । ଦୁର୍ଘଟଣାର କାରଣ ଜାଣିବାକୁ ତଦନ୍ତ କରୁଛି ପୋଲିସ । ସେପଟେ ପୋଲିସ ଓ ଉଦ୍ଧାରକାରୀ ଦଳ ଦୁର୍ଘଟଣା ସ୍ଥଳରେ ପହଞ୍ଚିଥିଲେ । ତେବେ ପ୍ରବଳ ବର୍ଷା ଯୋଗୁଁ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ଅସୁବିଧା ହେଉଥିବା ରିପୋର୍ଟ ମିଳିଛି । ତଥାପି, ପୋଲିସ ଓ ପ୍ରଶାସନ ଦଳ ସମସ୍ତ ମୃତଦେହ ଉଦ୍ଧାର କରିଛନ୍ତି। ସୂଚନା ଥାଉକି, ବିରହି-ନିଜାମୁଲା ମୋଟର ରାସ୍ତାରେ ଗଦି ଗାଁ ନିକଟରେ କୋରେଲଧରରେ ଏକ ବିବାହ ଶୋଭାଯାତ୍ରା ଗାଡ଼ି ଖସିପଡ଼ିବାର ଏକ ମାମଲା ସାମ୍ନାକୁ ଆସିଛି । ଗାଡିଟି ଖାଲରେ ପଡ଼ିବା ପରେ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ବିବାହ ଘରେ ଗଣ୍ଡଗୋଳ ଲାଗି ରହିଥିଲା । ମୃତକଙ୍କ ବିଷୟରେ ସୂଚନା ଆସୁଛି ଯେ ସେମାନେ ସମସ୍ତେ ନିଜାମୁଲା ଅଞ୍ଚଳର ଏକ ବିବାହରୁ ଫେରୁଥିଲେ ଏବଂ ଦଶୋଲି ବିକାଶ ବ୍ଲକର ହରମଣି ଗାଁକୁ ଯାଉଥିଲେ।

## ସୁଶାସନ ମିଳିଲେ ସରକାର ଜନତାଙ୍କ ସରକାର ହୋଇଥାଏ: ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ଅଗୁବାଇଠାରେ ଜନସାଧାରଣଙ୍କୁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସୁଶାସନ ଉପରେ ଆଲୋକପାତ କରିଥିଲେ । ଶ୍ରୀ ସାଏ କହିଥିଲେ ସରକାରଙ୍କ ଲୋକକଲ୍ୟାଣକାରୀ ଯୋଜନା ଜନତାଙ୍କ ପାଇଁ ବ୍ୟାପକ ସଫଳତା ଆଣିଦେଇଛି । ଏହି ସମାବେଶରେ ସେ କହିଥିଲେ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଜନତାଙ୍କ ନିକଟରେ ସରକାରୀ ଯୋଜନାର ଲାଭ କିଭଳି ସିଧାସଳଖ ପହଞ୍ଚିପାରିବ ଏବଂ ସେମାନେ କିଭଳି ଶସକ୍ତ ହୋଇପାରିବେ । ସେ କହିଥିଲେ ଜନତାଙ୍କ ସରକାର ଜନତାଙ୍କ ସଭାରେ ନିଜକୁ ନିୟୋଜିତ କରିବା ଉଚିତ୍ । ସରକାର ନାଗରିକଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଆବେଦନ ପତ୍ର ଅଭିଯୋଗ ପତ୍ର ଗୁଡ଼ିକ ଗମ୍ଭୀରତାର ସହ ନେଇ ଏହାର ତ୍ୱରିତ ନିରାକରଣ କରିବା। ଜରୁରି । ଏହାଫଳରେ ସରକାରଙ୍କ ପ୍ରତି ଜନତାଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବ ବୋଲି ସେ କହିଥିଲେ । ଏହାପରେ ଶ୍ରୀ ସାଏ ମହାସମୁଦ ଜିଲ୍ଲାର ପୀଥୋରା ବିକାଶ ଖଣ୍ଡ ଉମଲିଡିହ ଗ୍ରାମକୁଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସମୀକ୍ଷା କରିଥିଲେ । ସେ ଉପସ୍ଥିତ ଥିବା ଅଧିକାରୀଙ୍କୁ କହିଥିଲେ ଯେ, ସରକାରଙ୍କ ପକ୍ଷରୁ ଯେଉଁ ନିର୍ଦ୍ଦେଶ ଦିଆଯାଉଛି ତାହାକୁ ତୁରନ୍ତ କାର୍ଯ୍ୟକାରୀ କର । ମୋ ସରକାର ସଦାସର୍ବଦା ଲୋକଙ୍କ ସେବାରେ ନିୟୋଜିତ ଓ ଲୋକଙ୍କ ପାଇଁ ମୋ ଦ୍ୱାରା ଚବିଶ ଘଣ୍ଟା ଖୋଲା ରହିଛି ବୋଲି ସେ କହିଥିଲେ ।

# ବାଣିଜ୍ୟ




ମୁମ୍ବାଇ: ଓପନ୍ ଏଆଇ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ତିଆରି କରିବ । ଏହା ଏକ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଉପରେ କାମ କରୁଥିବାର ସୂଚନା ରହିଛି। ଯାହାଫଳରେ ମେଟା ଓ ଏକ୍ସ ପରି ସୋସିଆଲ୍ ମିଡିଆକୁ ଏକ କଡ଼ା ପ୍ରତିଦ୍ୱନ୍ଦ୍ୱୀ ମିଳିବାକୁ ଯାଉଛି ବୋଲି ଚର୍ଚ୍ଚା ହେବା ଆରମ୍ଭ ହୋଇଗଲାଣି। ଯଦିଓ ଏ ସଂପର୍କରେ ବିଶେଷ କିଛି ସୂଚନା ନାହିଁ ତଥାପି ଏତକ ଜଣାପଡ଼ିଛି ଯେ କମ୍ପାନି ଏଆଇ କ୍ଷମତାକୁ ଉପଯୋଗ କରି ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ତିଆରିବାକୁ ଯାଉଛି। ବିଶ୍ୱାସ କରାଯାଉଛି କି ଏହି ପ୍ଲାଟ୍‌ଫର୍ମ ସିଧା ଏଲୋନ ମସ୍କଙ୍କ 'ଏକ୍ସ' ଏବଂ ମାର୍କ ଜୁକରବର୍ଗଙ୍କ ସବୁ ତକ ସୋସିଆଲ୍ ମିଡିଆ ସାଇଟ୍‌କୁ ଟକ୍କର ଦେବ। ଦ ଭର୍ଜର ରିପୋର୍ଟ ଅନୁସାରେ, ଓପନ୍ ଏଆଇ ଏବେ ଏହି ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଉପରେ କାମ କରିବା ଆରମ୍ଭ କରି ସାରିଲାଣି। ଓପନ୍ ଏଆଇର ସିଇଓ ସାମ୍ ଅଲ୍‌ଟମାନ୍ କିଛି ଲୋକଙ୍କଠାରୁ ଏହି ପ୍ରୋଟୋଟାଇପ୍ ଉପରେ ମତାମତ ମାଗିଛନ୍ତି। ତେବେ ଏହା କେବେ ଲଞ୍ଚ୍ ହେବାକୁ ଯାଉଛି ସେ ନେଇ କୌଣସି ସୂଚନା ହସ୍ତଗତ ହୋଇନାହିଁ।

## ଜେଇଇ-ମେନ୍‌ରେ ସବୁଠାରୁ ଆଗରେ ଆଲେନ୍ କୋଟାର ଛାତ୍ର




କୋଟା, (ଭାସ୍କର ନ୍ୟୁଜ୍): ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ଘୋଷଣା କରାଯାଇଥିବା ଜେଇଇ ମେନ୍ ୨୦୨୫ ଫଳାଫଳରେ ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟର ଛାତ୍ରଛାତ୍ରୀମାନେ ସେମାନଙ୍କର ଉତ୍କର୍ଷତା ପ୍ରମାଣିତ କରିଛନ୍ତି। ଏପର୍ଯ୍ୟନ୍ତ ଦେଖାଯାଇଥିବା ଫଳାଫଳରେ, ଆଲେନର ୩୧ ଜଣ ଛାତ୍ର ଶ୍ରେଷ୍ଠ ୧୦୦ ର୍ୟାଙ୍କରେ ସଫଳତା ହାସଲ କରିଛନ୍ତି। ଏମାନଙ୍କ ମଧ୍ୟରେ, ଆଲେନ୍ କୋଟା ଶ୍ରେଣୀଗୃହର ଛାତ୍ର ଓମପ୍ରକାଶ ବେହେରା ଯିଏ ୩୦୦/୩୦୦ ନମ୍ବର ପାଇଥିଲେ, ସେ ସର୍ବଭାରତୀୟ ର୍ୟାଙ୍କ-୧ ହାସଲ କରିଛନ୍ତି। ଏହି ଅବସରରେ ଆଲେନର ସିଇଓ ନୀତିନ କୁକ୍ରେଜା ଆଲେନର ଉତ୍କୃଷ୍ଟ ଫଳାଫଳ ଉପରେ ଖୁସି ପ୍ରକାଶ କରି କହିଛନ୍ତି। ସେ କହିଛନ୍ତି ଯେ, ଆଲେନ୍ ମେଡିକାଲ୍, ଇଞ୍ଜିନିୟରିଂ ଏବଂ ଜୁନିଅର ସ୍ତରର ପରୀକ୍ଷାରେ ଉତ୍କୃଷ୍ଟ ଶୈକ୍ଷିକ ଫଳାଫଳର ମହାନ ପରମ୍ପରା ବଜାୟ ରଖିଛନ୍ତି। କୋଟା ହେଉ କିମ୍ବା ଅନ୍ୟ ସହର କେନ୍ଦ୍ର ହେଉ କିମ୍ବା ଡିଜିଟାଲ୍ ପାଠ୍ୟକ୍ରମ, ଆଲେନ୍ ଫଳାଫଳ ସବୁଠାରୁ ଆଗରେ ରହିଛି। ଆଲେନ୍ ଦଳ ଉପରେ ପୂର୍ଣ୍ଣ ବିଶ୍ୱାସ ପ୍ରକାଶ କରି ସେ କହିଥିଲେ ଯେ

ALLEN CAREER INSTITUTE KOTA (RAJASTHAN) path to success

ଆଲେନର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଛାତ୍ରମାନଙ୍କ ସ୍ୱାର୍ଥକୁ ସର୍ବୋପରି ରଖିବା। ଏନ୍‌ଟିଏ ଦ୍ୱାରା ପ୍ରକାଶିତ ଫଳାଫଳରେ, ଆଲେନ୍ କୋଟାର ଓମ୍ ପ୍ରକାଶ ବେହେରା ମୋଟ ୧୦୦ ପ୍ରତିଶତ ସ୍କୋର ସହିତ ଅଲ୍ ଇଣ୍ଡିଆ ର୍ୟାଙ୍କ-୧, ସକ୍ଷମ ଜିନ୍ଦଲ ଏଆଇଆର୍-୧୦, ଅର୍ଣ୍ଣବ ସିଂହ ଏଆଇଆର୍-୧୧, ରଜିତ ଗୁପ୍ତା ଏଆଇଆର୍-୧୬, ମହମ୍ମଦ ଅନସ ଏଆଇଆର୍-୧୭, ଲକ୍ଷ୍ୟ ଶର୍ମା ଏଆଇଆର୍-୨୨ ପାଇଛନ୍ତି। ଆଲେନ୍ ଡିଜିଟାଲର ଅନଲାଇନ୍ ଲାଇଭ୍ କ୍ଲାସରୁମ୍ କୋର୍ସର ଛାତ୍ର ଆରିଟ୍ରନ୍ ରୟ ସର୍ବଭାରତୀୟ ର୍ୟାଙ୍କ-୫୧ ହାସଲ କରିଛନ୍ତି। ଏପର୍ଯ୍ୟନ୍ତ ଦେଖାଯାଇଥିବା ଫଳାଫଳରେ, ଶ୍ରେଷ୍ଠ ୧୦୦ ଜଣଙ୍କ ମଧ୍ୟରେ ୩୧ ଜଣ ଛାତ୍ର ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍‌ର। ୨୫ ଜଣ ଶ୍ରେଣୀଗୃହ ପାଠ୍ୟକ୍ରମରୁ ଏବଂ ୬ ଜଣ ଛାତ୍ର ଦୂରଶିକ୍ଷା ଏବଂ ଅନଲାଇନ୍ ପରୀକ୍ଷା ସିରିଜ୍ ମାଧ୍ୟମରେ ଆଲେନ୍ ସହିତ ଯୋଡ଼ି ହୋଇଛନ୍ତି। ଉଲ୍ଲେଖନୀୟ ଯେ ଗତବର୍ଷ ମଧ୍ୟ ଆଲେନ୍ କ୍ଲାସରୁମ୍ ଛାତ୍ର ନୀଳକୃଷ୍ଣ ଅଲ୍ ଇଣ୍ଡିଆ ର୍ୟାଙ୍କ-୧ ରେ ଥିଲେ। ଆଲେନ୍ ଅନଲାଇନ୍ ଟେଷ୍ଟ ସିରିଜର ଛାତ୍ର ଦେବଦତ୍ତ ମାଝୀ ମଧ୍ୟ ୩୦୦/୩୦୦ ମାର୍କ ରଖି ଅଲ୍ ଇଣ୍ଡିଆ ର୍ୟାଙ୍କ-୧ ହାସଲ କରିଛନ୍ତି।

## ଆର୍‌ଏସ୍‌ପି ପକ୍ଷରୁ ଅତ୍ୟାଧୁନିକ ଉନ୍ନତ ଇଲେକ୍ଟ୍ରୋକନ୍‌ଭଲ୍‌ସିଭ୍ ଥେରାପି ମେସିନ୍ ଉଦ୍‌ଘାଟିତ



ରାଉରକେଲା(ଭାସ୍କର ନ୍ୟୁଜ୍): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ)ରେ ଏକ ଅତ୍ୟାଧୁନିକ ଉନ୍ନତ ଇଲେକ୍ଟ୍ରୋକନଭଲସିଭ୍ ଥେରାପି (ଇସିଟି) ମେସିନ୍ ଅପ୍ରେଲ ୧୭ ତାରିଖରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସିଏମଓ ଇନ ଚାର୍ଜ ଡକ୍ଟର ଜୟନ୍ତ ଆଚାର୍ଯ୍ୟଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ଆଇଜିଏଚର ବରିଷ୍ଠ ମାନସିକ ରୋଗ ବିଶେଷଜ୍ଞ ଡକ୍ଟର ଦେବାଶିଷ ମହନ୍ତ ଏବଂ ଡକ୍ଟର ସଞ୍ଜୟ ଆଚାର୍ଯ୍ୟ, କ୍ଲିନିକାଲ୍ ମନସ୍ତତ୍ତ୍ୱବିଦ ସୁଶ୍ରୀ ସନ୍ଧ୍ୟାରାଣୀ ଦାଶ, ବହୁ ଅନ୍ୟ ଡାକ୍ତର ଏବଂ ପାରାମେଡିକାଲ୍ ଷ୍ଟାଫ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଆଇଜିଏଚର ମାନସିକ ରୋଗ ବିଭାଗ ଏହି ନୂତନ ଅତ୍ୟାଧୁନିକ ଇସିଟି ମେସିନ୍ ସ୍ଥାପନ ସହିତ ମାନସିକ ସ୍ୱାସ୍ଥ୍ୟ ସେବାକୁ ବୃଦ୍ଧି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଏହି ଉନ୍ନତ, କମ୍ପ୍ୟୁଟର ସଫ୍ଟୱେ-ସହାୟତାପ୍ରାପ୍ତ ଇସିଟି ଡିଭାଇସ୍ ଗୁରୁତର ମାନସିକ ବିକାରର ଚିକିତ୍ସାରେ ଏକ ପ୍ରମୁଖ ଉନ୍ନତତର ପ୍ରଯୁକ୍ତିବିଦ୍ୟା ସମର୍ଥିତ ପ୍ରୟୋଗ ଅଟେ। ପରିବର୍ତ୍ତିତ ଇସିଟି ମେସିନ୍ ସ୍କିଜୋଫ୍ରେନିଆ, ବାଇପୋଲାର ଡିସଅର୍ଡର, ଗମ୍ଭୀର ଅବସାଦ ଏବଂ କାଟାଟୋନିଆ ଭଳି ଅବସ୍ଥା ପାଇଁ ସୁରକ୍ଷିତ, ଯନ୍ତ୍ରଣାହୀନ ଏବଂ ଅତ୍ୟନ୍ତ ପ୍ରଭାବଶାଳୀ ଚିକିତ୍ସା ପ୍ରଦାନ କରିବା ପାଇଁ ସଜ୍ଜିତ। ବିଶ୍ୱ ସ୍ତରରେ ଗମ୍ଭୀର ମାନସିକ ରୋଗ ପାଇଁ ଏକ ସୁବର୍ଣ୍ଣ ମାନକ ଭାବରେ ସ୍ୱୀକୃତିପ୍ରାପ୍ତ, ଇସିଟି ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାରେ ଏକ ଅତ୍ୟାବଶ୍ୟକୀୟ ଉପକରଣ ହୋଇ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଆଇଜିଏଚର ମାନସିକ ରୋଗ ବିଭାଗ ହେଉଛି ପଶ୍ଚିମ ଓଡ଼ିଶାର ଏକମାତ୍ର କେନ୍ଦ୍ର ଯାହା ଏହି ଉନ୍ନତ ସୁବିଧା ପ୍ରଦାନ କରୁଛି। ଏହି ପ୍ରଯୁକ୍ତିବିଦ୍ୟାର ପ୍ରଚଳନ ନା କେବଳ ଆରଏସପି କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ବରଂ ପଶ୍ଚିମ ଓଡ଼ିଶାର ବୃହତ ଜନସଂଖ୍ୟାକୁ ମଧ୍ୟ ଲାଭ ପହଞ୍ଚାଇବ ।

## ୟୁପିଆଇ ପେମେଣ୍ଟ କଲେ ଲାଗିବ ଟ୍ୟାକ୍ସ

ନୂଆଦିଲ୍ଲୀ: ଗତ କିଛି ଦିନ ଧରି ସୋସିଆଲ ମିଡିଆରେ କିଛି ପୋଷ୍ଟ ଭାଇରାଲ ହେଉଛି ଯେଉଁଥିରେ ଦାବି କରିଛନ୍ତି ଯେ ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର ଟଚଓ କାରବାର ଉପରେ ଜିଏସ୍‌ଟି ଲାଗୁ କରିବା ବିଷୟରେ




କରାଯାଉଛି ଯେ ଏବେ ୟୁପିଆଇ ମାଧ୍ୟମରେ ୨୦୦୦ ଟଙ୍କାରୁ ଅଧିକ ପେମେଣ୍ଟ ଉପରେ ଟିକସ ଲାଗୁ ହେବ। ଏନେଇ ଅର୍ଥ ମନ୍ତ୍ରଣାଳୟ ମଧ୍ୟ ସୂଚନା ଜାରି କରିଛି। ସରକାର ସ୍ପଷ୍ଟ କରିଛନ୍ତି ଯେ ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର ଟଚଓ କାରବାର ଉପରେ ଜିଏସ୍‌ଟି ଲାଗୁ କରିବା ବିଷୟରେ ବିଚାର କରୁନାହାଁନ୍ତି। ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର ଟଚଓ କାରବାର ଉପରେ ସରକାର ସାମଗ୍ରୀ ଏବଂ ସେବା କର ଲାଗୁ କରିବାକୁ ବିଚାର କରୁଥିବା ରିପୋର୍ଟକୁ ସ୍ପଷ୍ଟ କରି ଅର୍ଥ ମନ୍ତ୍ରଣାଳୟ କହିଛି ଯେ ଏହା ସମ୍ପୂର୍ଣ୍ଣ ମିଥ୍ୟା, ଭିତ୍ତିହୀନ। ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ବର୍ତ୍ତମାନ ସରକାରଙ୍କ ସମ୍ମୁଖରେ ଏପରି କୌଣସି ପ୍ରସ୍ତାବ ନାହିଁ। ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ ଭଳି କିଛି ଶୁଳ୍କ ଉପରେ ଏଝଞ୍ଚ ଲାଗୁ ହୁଏ। ୟୁପିଆଇ କାରବାର ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଯେଉଁଥିପାଇଁ ଭାରତର ଟଚଓ ଏବେ ବିଶ୍ୱର ଅନେକ ଦେଶରେ ପେମେଣ୍ଟ ପାଇଁ ବ୍ୟବହୃତ ହେଉଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଏହା ୨୧.୩ ଲକ୍ଷ କୋଟି ଟଙ୍କା ଥିଲା, ଯାହା ମାର୍ଚ୍ଚ ୨୦୨୫ ସୁଦ୍ଧା ୨୬୦.୫୬ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଲୋକମାନେ ଏବେ ନଗଦ ବଦଳରେ ଟଚଓ ମାଧ୍ୟମରେ ପେମେଣ୍ଟ କରିବାକୁ ପସନ୍ଦ କରୁଛନ୍ତି।

## ଭିଡା ଭି୨ ଇଲେକ୍ଟ୍ରିକ୍ ସ୍କୁଟର ସିରିଜ୍‌ର ମୂଲ୍ୟରେ ହ୍ରାସ

ନୂଆଦିଲ୍ଲୀ: ଦେଶରେ ଦିନକୁ ଦିନ ଇଲେକ୍ଟ୍ରିକ ସ୍କୁଟରଗୁଡିକର ଚାହିଦା ବଢ଼ିବାରେ ଲାଗିଛି । ଆଗାମୀ ସମୟରେ ଇଲେକ୍ଟ୍ରିକ୍ ସ୍କୁଟରଗୁଡ଼ିକ ଆହୁରି ଶସ୍ତା ହେବାକୁ ଯାଉଛି। ହିରୋ ମୋଟକର୍ପ ଏହାର ଭିଡା ଭି୨ ଇଲେକ୍ଟ୍ରିକ୍ ସ୍କୁଟର ସିରିଜର ମୂଲ୍ୟରେ ବହୁତ ହ୍ରାସ କରିଛି, ଯାହା ପରେ ଏହି ସ୍କୁଟରଗୁଡ଼ିକ ବହୁତ ସୁଲଭ ହୋଇଯାଇଛି। ହିରୋ ଏହି ମାସରେ ତାର ଗ୍ରାହକମାନଙ୍କୁ କିଛି ବହୁତ ଭଲ ଅଫର ଦେଇଛି ଯାହାର ସେମାନେ ସୁଯୋଗ ନେଇପାରିବେ। କେଉଁ ମଡେଲ କେତେ



ଶସ୍ତା ହୋଇଛି ଆସନ୍ତୁ ଜାଣିବା। ଭିଡା ଭି୨ ଲାଇଟର ମୂଲ୍ୟ ୧୧୦୦୦ ଟଙ୍କା ହ୍ରାସ ପାଇଛି, ଯାହା ପରେ ଏହାର ଏକ୍ସ-ଶୋରୁମ୍ ମୂଲ୍ୟ ୭୪୦୦୦ ଟଙ୍କା ହୋଇଛି, ଯେତେବେଳେ ଭିଡା ଭି୨ ପ୍ଲସର ମୂଲ୍ୟ ୧୫୦୦୦ ଟଙ୍କା ହ୍ରାସ ପାଇଛି ଏବଂ ବର୍ତ୍ତମାନ ଏହାର ମୂଲ୍ୟ ୮୨୮୦୦ ଟଙ୍କା ହୋଇଛି। ଭିଡା ଭି୨ ଲାଇଟରେ ୨.୨ କିଲୋୱାଟ ବ୍ୟାଟେରୀ ପ୍ୟାକ୍ ଅଛି, ଯାହା ଥରେ ଚାର୍ଜ କଲେ ୯୪ କିଲୋମିଟର ରେଞ୍ଜ ପ୍ରଦାନ କରେ। ଏହା ବ୍ୟତୀତ, ଭି୨ ପ୍ଲସରେ ୩.୯ କିଲୋୱାଟ ବ୍ୟାଟେରୀ ପ୍ୟାକ୍ ଦିଆଯାଇଛି ଯାହା ୧୪୩ କିଲୋମିଟର ରେଞ୍ଜ ଦେଇଥାଏ। ଭିଡାର ଇଲେକ୍ଟ୍ରିକ୍ ସ୍କୁଟରଗୁଡ଼ିକ ଭଲ, ସେଗୁଡ଼ିକ ଉଚ୍ଚ ଗୁଣବତ୍ତା ବିଶିଷ୍ଟ। ଏଗୁଡ଼ିକ ଦୈନନ୍ଦିନ ବ୍ୟବହାର ପାଇଁ ଭଲ ମଡେଲ ପ୍ରମାଣିତ ହୋଇପାରିବ।

## ଟିଭିଏସ୍ ଆପାଚି ଆର୍‌ଆର୍ ୩୧୦ ଲଞ୍ଚ




ନୂଆଦିଲ୍ଲୀ: ଟିଭିଏସ୍ ମୋଟର କମ୍ପାନୀ ଅପଡେଟେଡ୍ ୨୦୨୫ ଆପାଚି ଆରଆର ୩୧୦ ଲଞ୍ଚ କରିଛି। ଟିଭିଏସ୍ ମୋଟରର ଏହି ବାଇକର ଅନେକ ବୈଶିଷ୍ଟ୍ୟ ରହିଛି। ଏହା ଓବିଡ-୨ବି ମାନଦଣ୍ଡ ପୂରଣ କରେ। କମ୍ପାନୀ କହିଛି ଯେ ଏହା ତିନୋଟି ବିଲ୍ଟ-ଟୁ-ଅର୍ଡର କଷ୍ଟମାଇଜେସନ ବିକଳ୍ପରେ ଉପଲବ୍ଧ ହେବ। ଏହା ୪ଟି ରାଇଡିଂ ମୋଡ୍-ଟ୍ରାକ, ସ୍ପୋର୍ଟ, ଅର୍ବାନ ଏବଂ ରେନ ସହିତ ଆସିବ। ବାଇକ୍‌ର ସର୍ବାଧିକ ଗତି ଘଣ୍ଟା ପ୍ରତି ୨୧୫.୯ କିଲୋମିଟର। ଅପରପକ୍ଷେ ଟୟୋଟା ଫର୍ଚୁନରର ସର୍ବାଧିକ ଗତି ଘଣ୍ଟା ପ୍ରତି ୧୭୫ କିଲୋମିଟରରୁ ୧୯୦ କିଲୋମିଟର ପର୍ଯ୍ୟନ୍ତ ରହିଥାଏ। ଟିଭିଏସ୍ ଆପାଚି ଆର୍‌ଆର୍ ୩୧୦ ହେଉଛି ଏକ ସ୍ପୋର୍ଟସ ବାଇକ୍ ଯାହା ୬ ପ୍ରକାର ଏବଂ ୩ ରଙ୍ଗରେ ଉପଲବ୍ଧ। ଟିଭିଏସ୍ ଆପାଚି ଆର୍‌ଆର୍ ୩୧୦ ରେ ୩୧୨.୨ମମ ବିଏସ୍ ୬ ଇଞ୍ଜିନ ଅଛି ଯାହା ୩୭.୪୮ ଭଷକ୍ତ୍ର ପାୱାର ଏବଂ ୨୯ ଘଞ୍ଚ ଟର୍କ ଉତ୍ପାଦନ କରେ। ଆଗ ଏବଂ ପଛ ଉଭୟରେ ଡିସ୍କ ବ୍ରେକ ସହିତ, ଟିଭିଏସ୍ ଆପାଚି ଆର୍‌ଆର୍ ୩୧୦ ଆଣ୍ଟି-ଲକିଂ ବ୍ରେକିଂ ସିଷ୍ଟମ ସହିତ ଆସିଥାଏ। ଏହି ଆପାଚି ଆର୍‌ଆର୍ ୩୧୦ ବାଇକ୍‌ର ଓଜନ ୧୭୪ କିଲୋଗ୍ରାମ ଏବଂ ଏହାର ଇନ୍ଧନ ଟାଙ୍କି କ୍ଷମତା ୧୧ ଲିଟର। ଏହି ବାଇକ୍‌ର ମୂଲ୍ୟ କ୍ୱିକ୍‌ସିଫ୍ଟର ବିନା ବେସ ରେଡ ଭାରିଆଣ୍ଟର ମୂଲ୍ୟ ୨,୭୭,୯୯୯ ଟଙ୍କା (ଏକ୍ସ-ସୋରୁମ, ଭାରତ)ରୁ ଆରମ୍ଭ ହେଉଛି। କ୍ୱିକ୍‌ସିଫ୍ଟର ସହିତ ଲାଲ ଭାରିଆଣ୍ଟର ମୂଲ୍ୟ ୨,୯୪,୯୯୯ ଟଙ୍କା, ଯେତେବେଳେ ବମ୍ବର ଗ୍ରେ ଭାରିଆଣ୍ଟର ମୂଲ୍ୟ ୨,୯୯,୯୯୯ ଟଙ୍କା। ସମସ୍ତ ମୂଲ୍ୟ ଏକ୍ସ-ଶୋରୁମ୍‌ର ଅଟେ।

ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ନୂଆଦିଲ୍ଲୀ: ବିସିସିଆଇର ନୂତନ ସେଂଟ୍ରାଲ କଂଟ୍ରାକ୍ଟ କେବେ ଜାରୀ ହେବ ସେ ନେଇ ବିଭିନ୍ନ ଖବରମାନ ପ୍ରକାଶ ପାଉଛି । ଏବେ ଭାରତରେ ଆଇପିଏଲର ୧୮ତମ ସଂସ୍କରଣ ଚାଲିଛି । କେତେକ ଖେଳାଳିଙ୍କ ପ୍ରଦର୍ଶନ ସମସ୍ତଙ୍କୁ ପ୍ରଭାବିତ କରୁଛି । ଏକ ରିପୋର୍ଟ ଅନୁସାରେ ବିସିସିଆଇ ଅଭିଷେକ ଶର୍ମା, ହର୍ଷିତ ରାଣା ଓ ନୀତିଶ କୁମାର ରେଡ୍ଡୀଙ୍କୁ ସେଂଟ୍ରାଲ କଂଟ୍ରାକ୍ଟରେ ସାମିଲ କରିବା ପାଇଁ ବିଚାର କରୁଛି । ଗତ ବର୍ଷ ଏହି ୩ ଜଣ ଖେଳାଳି ଭିନ୍ନ ଭିନ୍ନ ଫର୍ମାଟରେ ଭାରତ ପକ୍ଷରୁ ପଦାର୍ପଣ କରିଥିଲେ । ସେମାନଙ୍କ ପ୍ରଦର୍ଶନ ପ୍ରଶଂସନୀୟ ରହିଥିଲା। ୨୦୨୪-୨୫ କଂଟ୍ରାକ୍ଟରେ ସେମାନଙ୍କୁ ସ୍ଥାନ ମିଳିବା ଏକପ୍ରକାର ନିଶ୍ଚିତ ମନେ କରାଯାଉଛି। ଗ୍ରୁପ ସିରେ ଏମାନଙ୍କୁ ବିସିସିଆଇ ସାମିଲ କରିପାରେ। ଏହି କଂଟ୍ରାକ୍ଟରେ ରହୁଥିବା ଖେଳାଳିମାନଙ୍କୁ ବର୍ଷକୁ ୧ କୋଟି ଟଙ୍କା ମିଳିଥାଏ। ବିସିସିଆଇ ନିୟମ ଅନୁସାରେ ସେଂଟ୍ରାଲ କଂଟ୍ରାକ୍ଟରେ ସ୍ଥାନ ପାଇବା ପାଇଁ ଜଣେ ଖେଳାଳିଙ୍କୁ ଅତି କମରେ ୩ଟି ଟେଷ୍ଟ ୮ ଦିନିକିଆ ଓ ୧୦ଟି ଟି୨୦ ଆନ୍ତର୍ଜାତୀୟ ମ୍ୟାଚ ଖେଳିବା ଜରୁରୀ । ଅଭିଷେକ ୧୨ଟି ଟି୨୦ ଏବଂ ନୀତିଶ ୫ ଟେଷ୍ଟ ଓ ୪ଟି ଟି୨୦ ଖେଳି ଏଥିପାଇଁ ଯୋଗ୍ୟତା ହାସଲ କରିଛନ୍ତି । ତେବେ ହର୍ଷିତ ଏ ପର୍ଯ୍ୟନ୍ତ ୨ଟି ଟେଷ୍ଟ, ୫ ଦିନିକିଆ ଓ ଗୋଟିଏ ଟି୨୦ ମ୍ୟାଚ ଖେଳିଥିଲେ ମଧ୍ୟ ଯୋଗ୍ୟତା ହାସଲ କରିପାରି ନାହାନ୍ତି । ବିସିସିଆଇର ଜନୈକ ଅଧିକାରୀଙ୍କ କହିବା ଅନୁସାରେ ସେ ୮ଟି ଆନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଛନ୍ତି । ସେପ୍ଟେମ୍ବର ମଧ୍ୟରେ ସେ ଆଉ କିଛି ମ୍ୟାଚ ଖେଳି ଏଥିପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ । ତେବେ ସେଂଟ୍ରାଲ କଂଟ୍ରାକ୍ଟ କେବେ ଘୋଷଣା କରାଯିବ ବିସିସିଆଇ ପକ୍ଷରୁ ସ୍ପଷ୍ଟ ଭାବେ କିଛି କୁହାଯାଇ ନାହିଁ ।

**୩୫ ତମ ମ୍ୟାଚ୍ | ରାଜସ୍ଥାନ ରୟାଲ୍ସ ବନାମ ଲକ୍ଷ୍ନୌ ସୁପରଜାୟାଣ୍ଟସ୍**

## ରାଜସ୍ଥାନକୁ ୨ ରନ୍‌ରେ ହରାଇଲା ଲକ୍ଷ୍ନୌ



ଜୟପୁର: ଜୟପୁରର ସୱାଇ ମାନସିଂ ଷ୍ଟାଡିୟମଠାରେ ଖେଳାଯାଇଥିବା ଆଇପିଏଲ ୨୦୨୫ର ୩୬ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୨ ରନରେ ପରାସ୍ତ କରିଛି ଲକ୍ଷ୍ନୌ ସୁପରଜାୟାଣ୍ଟସ୍ । ୧୮୧ ରନର ପିଛା କରିବାକୁ ଯାଇ ରାଜସ୍ଥାନ ୧୭୮ ରନ ହିଁ କରିପାରିଥିଲା । ଦଳ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୭୪ ରନ କରିଥିବାବେଳେ ବୈଭବ ସୂର୍ଯ୍ୟବଂଶୀ ୩୪ ରନ ଓ ରିଆନ ପରାଗ ୩୯ ରନ କରିଥିଲେ । ଲକ୍ଷ୍ନୌ ପକ୍ଷରୁ ଅଭେସ ଖାଁ ୩ଟି ୱିକେଟ ନେଇଥିଲେ । ଏହି ମ୍ୟାଚରେ ଲକ୍ଷ୍ନୌ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ପ୍ରଥମେ ବ୍ୟାଟିଂ କରି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୮୦ ରନ କରିଥିଲା । ଦଳ ପକ୍ଷରୁ ମିଚେଲ ମାର୍ଶ ଓ ଆଇଡେନ ମାର୍କରାମ ବ୍ୟାଟିଂ ଓପନ କରିଥିଲେ । ମାତ୍ର ମାର୍ଶ ମାତ୍ର ୪ ରନ କରି ଆଉଟ ହୋଇଥିଲେ । ତେବେ ଅନ୍ୟପଟେ ମାର୍କରାମ ଲଢୁଆ ବ୍ୟାଟିଂ କରି ୬୬ ରନ କରିଥିଲେ । ତେବେ ଋଷଭ ପନ୍ତ ମାତ୍ର ୩ ରନ ଓ ନିକୋଲାସ ପୁରନ ୧୧ ରନ କରିଥିଲେ । ତେବେ ଆୟୁଷ ବାଦୋନି ୫୦ ରନ ଓ ଅବଦୁଲ ସମଦ ୩୦ ରନ କରିଥିଲେ । ରାଜସ୍ଥାନ ପକ୍ଷରୁ ହସରଙ୍ଗା ୨ଟି ୱିକେଟ ନେଇଥିବାବେଳେ ଜୋଫ୍ରା ଆର୍ଚର, ସଂଦୀପ ଶର୍ମା ଓ ତୁଷାର ଦେଶପାଣ୍ଡେ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।


**ଆଇପିଏଲ୍ : ବଟଲର, ରଦରଫୋର୍ଡଙ୍କ ଲଢୁଆ ବ୍ୟାଟିଂ**

## ଦିଲ୍ଲୀକୁ ୭ ୱିକେଟରେ ପରାସ୍ତ କଲା ଗୁଜରାଟ୍



ଅହମ୍ମଦାବାଦ: ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମଠାରେ ଚାଲିଥିବା ଆଇପିଏଲ ୨୦୨୫ର ଏକ ମ୍ୟାଚରେ ଗୁଜରାଟ ଟାଇଟାନ୍ସଠାରୁ ୭ ୱିକେଟରେ ପରାସ୍ତ ହୋଇଛି ଦିଲ୍ଲୀ କ୍ୟାପିଟାଲ୍ସ। ଦିଲ୍ଲୀ ପକ୍ଷରୁ ଗୁଜରାଟ ଆଗରେ ୨୦୪ ରନର ଲକ୍ଷ୍ୟ ରଖାଯାଇଥିବା ବେଳେ ଗୁଜରାଟ ୧୯.୨ ଓଭରରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଜସ ବଟଲର ୯୭ ରନ କରିଥିବା ବେଳେ ସେରଫେନ ରଦରଫୋର୍ଡ ୪୩ ରନ କରିଥିଲେ । ସେହିପରି ସାଇ ସୁଦର୍ଶନ ୩୬ ରନ କରିଥିଲେ । ଏହି ମ୍ୟାଚରେ ଗୁଜରାଟ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୦୩ ରନ କରିଥିଲା । ଦିଲ୍ଲୀ ପକ୍ଷରୁ ପ୍ରାୟ ସମସ୍ତ ଆଗଧାଡ଼ିର ବ୍ୟାଟ୍ସମ୍ୟାନମାନେ ଭଲ ସ୍କୋର କରିଥିବାରୁ ଦଳଗତଭାବେ ଏକ ବଡ଼ ସ୍କୋର ଛିଡ଼ା କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ଅକ୍ଷର ପଟେଲ ୩୯ ରନ କରିଥିବାବେଳେ ଆଶୁତୋଷ ଶର୍ମା ୩୭ ରନ କରିଥିଲେ । କରୁଣ ନାୟାର ଓ ଟ୍ରିଷ୍ଟାନ ଷ୍ଟବ୍ସ ୩୧ ରନ ଲେଖାଏଁ କରିଥିଲେ । କେଏଲ ରାହୁଲ ୨୮ ରନ କରିଥିବାବେଳେ ଅଭିଷେକ ପୋରେଲ୍ ୧୮ ରନ କରିଥିଲେ। ଗୁଜରାଟ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୪ଟି ୱିକେଟ ନେଇଥିବା ବେଳେ ମହମ୍ମଦ ସିରାଜ, ଅର୍ସଦ ଖାଁ, ଇଶାନ୍ତ ଶର୍ମା ଓ ସାଇ କିଶୋର ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

## ଇତିହାସ ରଚିଲେ ରଜତ ପଟିଦାର: ସଚିନ୍‌ଙ୍କୁ ପଛରେ ପକାଇଲେ



ବେଙ୍ଗାଲୁରୁ: ଚଳିତ ସିଜନରେ ଘରୋଇ ପିଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର (ଆରସିବି)ର ଖରାପ ପ୍ରଦର୍ଶନ ଅବ୍ୟାହତ ରହିଛି। ଆଇପିଏଲ୍‌ର ଜନ୍ମ ଦିନରେ ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ୫ ଉଇକେଟରେ ଆରସିବିକୁ ପରାସ୍ତ କରିଛି। ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଆରସିବି ଟିମ୍ ଡାଭିଡଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ନିର୍ଦ୍ଧାରିତ ୧୪ ଓଭରରେ ୯ ଉଇକେଟ ହରାଇ ୯୫ ରନ କରିଥିଲା। ଜବାବରେ ପଞ୍ଜାବ ୧୨.୧ ଓଭରରେ ୫ ଉଇକେଟ ହରାଇ ୯୮ ରନ ସଂଗ୍ରହ କରି ନେଇଥିଲା। ପଞ୍ଜାବ କିଙ୍ଗସ ବିପକ୍ଷରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଅଧିନାୟକ ରଜତ ପଟିଦାର ୧୮ ବଲ୍‌?ରେ ୧ ଛକା ଏବଂ ୧ ଚୌକା ସହାୟତାରେ ୨୩ ରନ କରିଥିଲେ। ସେ ଆଇପିଏଲ୍‌ରେ ତାଙ୍କର ୧୦୦୦ ରନ ପୂରଣ କରି ରେକର୍ଡ ତାଲିକାରେ ମହାନ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ଦେଇଛନ୍ତି। ତାଙ୍କ ଦଳ ଏହି ମ୍ୟାଚ ୫ ଉଇକେଟରେ ହାରିଗଲା। ପ୍ରଥମେ ବ୍ୟାଟିଂ କରି, ଆରସିବିର ବ୍ୟାଟିଂ ବିଫଳ ହୋଇଥିଲା। ବିରାଟ କୋହଲିଙ୍କଠାରୁ ଆରମ୍ଭ କରି ଲିଆମ ଲିଭିଂଷ୍ଟୋନ ପର୍ଯ୍ୟନ୍ତ, ଶ୍ରେଷ୍ଠ ବ୍ୟାଟସମ୍ୟାନମାନେ ଶସ୍ତାରେ ଆଉଟ ହୋଇଥିଲେ। ଟିମ୍ ଡେଭିଡଙ୍କ ୫୦ ରନର ଇନିଂସ ହିଁ ଆରସିବିକୁ ଏକ ସମ୍ମାନଜନକ ସ୍କୋର (୯୫)ରେ ପହଞ୍ଚିବାରେ ସାହାଯ୍ୟ କରିଥିଲା। ରଜତ ପଟିଦାର ୨୩ ରନ କରି ତାଙ୍କ ଆଇପିଏଲ କ୍ୟାରିୟରର ୧୦୦୦ ରନ ପୂରଣ କରିଥିଲେ। ବର୍ଷା ପ୍ରଭାବିତ ଏହି ମ୍ୟାଚ ବିଳମ୍ବରେ ଆରମ୍ଭ ହୋଇଥିଲା ଏବଂ ମ୍ୟାଚ ୧୪-୧୪ ଓଭରର ଥିଲା। ଆରସିବି ଅଧିନାୟକ ରଜତ ପଟିଦାର ଆଇପିଏଲରେ ସବୁଠାରୁ କମ ଇନିଂସରେ ୧୦୦୦ ରନ କରିବାରେ ଦ୍ୱିତୀୟ ବ୍ୟାଟସମ୍ୟାନ ହୋଇଛନ୍ତି, ସେ ସଚିନ ତେନ୍ଦୁଲକର ଏବଂ ଋତୁରାଜ ଗାୟକୱାଡଙ୍କୁ ପଛରେ ପକାଇ ଦେଇଛନ୍ତି। ରଜତ ତାଙ୍କର ୩୦ତମ ଆଇପିଏଲ୍ ଇନିଂସ ଖେଳୁଥିବା ବେଳେ ସଚିନ ଏବଂ ଗାୟକୱାଡ ଓଚଖର ୩୧ତମ ଇନିଂସରେ ୧୦୦୦ରନ ପୂରଣ କରିଥିଲେ। ସେ ତାଲିକାରେ ଦ୍ୱିତୀୟ ସ୍ଥାନରେ ଆସିଛନ୍ତି, ସବୁଠାରୁ କମ ଇନିଂସରେ ୧୦୦୦ ରନ କରିବାର ରେକର୍ଡ ସାଇ ସୁଦର୍ଶନଙ୍କ ନାମରେ ଅଛି। ସେ ୨୫ ଇନିଂସରେ ଏହି ସଂଖ୍ୟା ଛୁଇଁଥିଲେ। ରଜତ ପଟିଦାରଙ୍କ ଆଇପିଏଲରେ ସେ ୩୪ ମ୍ୟାଚ ଖେଳି ୩୦ ଇନିଂସରେ ୧୦୦୮ରନ କରିଛନ୍ତି। ଟର୍ନାମେଣ୍ଟରେ ତାଙ୍କର ସର୍ବାଧିକ ସ୍କୋର ହେଉଛି ୧୧୨ ରନ। ଏହା ଆଇପିଏଲରେ ତାଙ୍କର ଏକମାତ୍ର ଶତକ। ଏହା ବ୍ୟତୀତ ସେ ୯ଟି ଅର୍ଦ୍ଧଶତକୀୟ ଇନିଂସ ଖେଳିଛନ୍ତି। ସେ ଟୁର୍ନାମେଣ୍ଟରେ ୬୯ ଚୌକା ଏବଂ ୬୪ ଛକା ମାରିଛନ୍ତି। ସେ ଆଇପିଏଲରେ ସବୁଠାରୁ କମ ବଲରେ ୧୦୦୦ ରନ କରିଥିବା ବ୍ୟାଟସମ୍ୟାନଙ୍କ ତାଲିକାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ବୀରେନ୍ଦ୍ର ସେହ୍ୱାଗ (୬୦୪) ଏବଂ ୟୁସୁଫ ପଠାନ (୬୧୭) ପଛରେ ୬୨୬ ବଲରେ ଏହି ମାଇଲଖୁଣ୍ଟ ଛୁଇଁଥିଲେ।

## ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର

ବାରିପଦା(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଓ ଜିଲ୍ଲାପ୍ରଶାସନ ମୟୁରଭଞ୍ଜଙ୍କ ତତ୍ତ୍ୱାବଧାନରେ ଆସନ୍ତା ତା: ୨୧ରୁ ମଇ ୧ତାରିଖ ପର୍ଯ୍ୟନ୍ତ ସକାଳ ୬.୩୦ ରୁ ୮.୩୦ ଘଟିକା ଓ ସନ୍ଧ୍ୟା ୪.୩୦ରୁ ୬.୩୦ ଘଟିକା ପର୍ଯ୍ୟନ୍ତ ବାରିପଦା ଷ୍ଟାଡ଼ିୟମ ପଡିଆ ଠାରେ ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ହେବାକୁ ସ୍ଥିରୀକୃତ ହୋଇଛି । ଫୁଟବଲକୁ ରୁଚିରଖୁଥିବା ୮ ବର୍ଷ ରୁ ୧୬ ବର୍ଷର ବାଳକ ଓ ବାଳିକା ମାନେ ଏଥିରେ ଅଂଶଗ୍ରହଣ କରିବା ନିମନ୍ତେ ନିଜର ନାମ ପଞ୍ଜିକରଣ କରିବାପାଇଁ ଭାରପ୍ରାପ୍ତ ପ୍ରଶିକ୍ଷକ, କ୍ରିଡାଛାତ୍ରାବାସ ବାରିପଦାଙ୍କ ସହ ଯୋଗାଯୋଗ କରିପାରିବେ । ଉକ୍ତ ଫୁଟବଲ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଖେଳାଳି ମାନଙ୍କୁ କ୍ରୀଡ଼ଛତ୍ରବାସ ବାରିପଦାର ଫୁଟବଲ ପ୍ରଶିକ୍ଷକ ମାନେ ପ୍ରଶିକ୍ଷଣ ପ୍ରଦାନ କରିବେ ।

## ଆଇପିଏଲ୍ ମ୍ୟାଚ୍‌ରେ ମୁହାଁମୁହିଁ ହେଲେ ୨ ଶର୍ମା



ନୂଆଦିଲ୍ଲୀ: କ୍ରିକେଟ ମ୍ୟାଚ୍‌ରେ ଖେଳାଳିମାନଙ୍କ ମଧ୍ୟରେ କଥା କଟାକଟି ହେବା ସାଧାରଣ କଥା। ଆଇପିଏଲ ଭଳି ଟୁର୍ଣ୍ଣାମେଣ୍ଟରେ ଏଭଳି ଘଟଣା ଅନେକ ଥର ଘଟିଛି। ଅହମ୍ମଦାବାଦରେ ଖେଳାଯାଇଥିବା ଗୁଜରାଟ ଟାଇଟାନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ଦୁଇ ଶର୍ମା ପରସ୍ପର ସହିତ ମୁହାଁମୁହିଁ ହୋଇଥିଲେ। ସେମାନେ ହେଲେ ଇଶାନ୍ତ ଶର୍ମା ଏବଂ ଆଶୁତୋଷ ଶର୍ମା। ଶନିବାର ଏପ୍ରିଲ ୧୯ ତାରିଖରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଉଭୟ ମୁହାଁମୁହିଁ ହୋଇଥିଲେ। ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମେ ବ୍ୟାଟିଂ କରିଥିଲା। ଏହାର ବ୍ୟାଟ୍ସମ୍ୟାନମାନେ ଚମତ୍କାର ପ୍ରଦର୍ଶନ କରି ଦଳକୁ ଏକ ଭଲ ସ୍କୋରରେ ପହଞ୍ଚାଇଥିଲେ। ଆଶୁତୋଷ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ, ଯିଏ ଶେଷ ଓଭରରେ ଏକ ବିସ୍ଫୋରକ ଇନିଂସ ଖେଳିଥିଲେ। କିନ୍ତୁ ଏହି ସମୟରେ ଇଶାନ୍ତ ଶର୍ମାଙ୍କ ଗୋଟିଏ ବଲ୍‌ରେ କିଛି ଏଭଳି ଘଟିଥିଲା, ଯାହାକୁ ନେଇ ଗୁଜରାଟ ଟାଇଟାନ୍ସର ଦ୍ରୁତ ବୋଲର ରାଗି ଯାଇଥିଲେ। ଘଟଣାଟି ଦିଲ୍ଲୀ ଇନିଂସର ୧୯ତମ ଓଭରରେ ଘଟିଥିଲା। ଏହି ଓଭରର ଚତୁର୍ଥ ବଲ୍‌ରେ ଇଶାନ୍ତ ବ୍ୟାଟ୍ସମ୍ୟାନ ଡୋଭୋଭାନ ଫେରିରାଙ୍କୁ ଆଉଟ୍ କରିଥିଲେ। ତା'ପରେ ଓଭରର ଶେଷ ବଲରେ ଆଶୁତୋଷ ଶର୍ମାଙ୍କ ବିରୋଧରେ କ୍ୟାଚ୍ ପାଇଁ ଅପିଲ କରାଯାଇଥିଲା କିନ୍ତୁ ଅମ୍ପାୟାର ଏହାକୁ ନଟ୍ ଆଉଟ୍ ଘୋଷଣା କରିଥିଲେ। ଗୁଜରାଟ ସମସ୍ତ ରିଭ୍ୟୁ ଶେଷ ହୋଇଥିବାରୁ ଏଥିରେ ଡିଆରଏସ୍ ନେଇପାରି ନ ଥିଲା। ଏପରି ପରିସ୍ଥିତିରେ ଇଶାନ୍ତ ନିଜ ଭାବନାକୁ ନିୟନ୍ତ୍ରଣ କରିପାରି ନ ଥିଲେ। ସିଧା ଆଶୁତୋଷଙ୍କ ନିକଟକୁ ଯାଇ ତାଙ୍କ ଆଡ଼କୁ ଆଙ୍ଗୁଠି ଦେଖାଇ ରାଗରେ କିଛି କହିଥିଲେ। ଏତେ ସବୁ ପରେ ବି ଆଶୁତୋଷ ନ ରାଗି ବରିଷ୍ଠ ଖେଳାଳିଙ୍କୁ ସମ୍ମାନ ଦେଇ ଶାନ୍ତ ରହିଥିଲେ। ସେ କେବଳ ଇଶାନ୍ତଙ୍କୁ ଦେଖାଇଥିଲେ ଯେ ବଲ୍‌ଟି ତାଙ୍କ ବ୍ୟାଟରେ ବାଜି ନାହିଁ ବରଂ ତାଙ୍କ କାନ୍ଧରେ ବାଜିଛି ଏବଂ ଉଇକେଟକିପରଙ୍କ ପାଖକୁ ଯାଇଛି। ଆଶ୍ୱସ୍ତିର କଥା ଏହି ଯେ ଏହି ମାମଲା ଅଧିକ ସମୟ ପର୍ଯ୍ୟନ୍ତ ଲମ୍ବି ନ ଥିଲା ଏବଂ ଇଶାନ୍ତ ତୁରନ୍ତ ବାହାରକୁ ଚାଲିଯାଇଥିଲେ। ଏହା ପରେ, ରିପ୍ଲେରେ ମଧ୍ୟ ସ୍ପଷ୍ଟ ହୋଇଗଲା ଯେ ଆଶୁତୋଷ ସତ କହୁଥିଲେ ଏବଂ ବଲ ତାଙ୍କ କାନ୍ଧରେ ବାଜିଥିଲା। ଆଶୁତୋଷ ୨୦ତମ ଓଭରର ୫ମ ବଲରେ ଆଉଟ ହୋଇଥିଲେ, କିନ୍ତୁ ସେତେବେଳକୁ ସେ ୧୯ ବଲରେ ୩୭ ରନ ସଂଗ୍ରହ କରି ଦଳକୁ ୨୦୦ ରନ ପାଖାପାଖି ନେଇଯାଇଥିଲେ।

## ୨୦୦ ଛକା ମାରିବା କ୍ଲବ୍‌ରେ କେଏଲ୍ ରାହୁଲ୍



ନୂଆଦିଲ୍ଲୀ: ଦିଲ୍ଲୀ କ୍ୟାପିଟାଲ୍ସ ପ୍ଲେୟର କେଏଲ ରାହୁଲ । ଚଳିତ ସିଜିନ୍‌ରେ ରହିଛନ୍ତି ଦମ୍‌ଦାର ଫର୍ମରେ । ସେ କରୁଛନ୍ତି ଚମତ୍କାର ପ୍ରଦର୍ଶନ । ଏବେ ରାହୁଲ କରିଛନ୍ତି ବଡ ରେକର୍ଡ । ସେ ଭାଙ୍ଗିଛନ୍ତି ଆଇପିଏଲ୍‌ର ଛକାର ରେକର୍ଡ । ରାହୁଲ ଗୁଜରାଟ ବିପକ୍ଷରେ ବ୍ୟାଟିଂ କରୁଥିବା ସମୟରେ ୧୪ ବଲରେ ଖେଳିଥିଲେ ୨୮ ରନର ଇନିଂସ । ଏହି ସମୟ ମଧ୍ୟରେ ସେ ୪ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଆଉ ଏହି ଗୋଟିଏ ଛକା ମାରି ଭାଙ୍ଗିଛନ୍ତି ଛକା ମାରିବାର ରେକର୍ଡ । ରାହୁଲ ଆଇପିଏଲରେ ପୂରଣ କରିଛନ୍ତି ୨୦୦ ଛକା । ସେ ଏପର୍ଯ୍ୟନ୍ତ ଆଇପିଏଲରେ ୧୩୮ଟି ମ୍ୟାଚ୍ ଖେଳି ସାରିଛନ୍ତି । ଏହି ସମୟ ମଧ୍ୟରେ ସେ ୨୦୦ଟି ଛକା ମାରିଛନ୍ତି । ରାହୁଲ ମଧ୍ୟ ୪୨୨ଟି ଚୌକା ମାରିଛନ୍ତି। ଆଇପିଏଲରେ ସର୍ବାଧିକ ଛକା ମାରିବା ମାମଲାରେ ରାହୁଲ ଅନେକ କିମ୍ବଦନ୍ତୀଙ୍କୁ ପଛରେ ପକାଇଛନ୍ତି । ଶେନ୍‌ୱାଟସନ ଏବଂ ଜସ୍ ବଟଲରଙ୍କ ପରି ଅନେକ ଖେଳାଳି ପଛରେ ପଡିଛନ୍ତି । ରାହୁଲ ୨୦୨୫ ଆଇପିଏଲରେ ଏପର୍ଯ୍ୟନ୍ତ ୬ଟି ମ୍ୟାଚ୍ ଖେଳିଛନ୍ତି । ଏହି ସମୟ ମଧ୍ୟରେ ସେ ୨୬୬ ରନ୍ କରିଛନ୍ତି । ରାହୁଲ ସିଜିନରେ ୨ଟି ଅର୍ଦ୍ଧଶତକ ମଧ୍ୟ ଲଗାଇ ସାରିଛନ୍ତି ।

## ରାଜସ୍ଥାନ ରୟାଲ୍ସରେ ଫାଟ ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ଲଗାଇଲେ ରାହୁଲ ଦ୍ରାବିଡ଼୍



ନୂଆଦିଲ୍ଲୀ: ଆଇପିଏଲ୍ ୨୦୨୫ରେ ରାଜସ୍ଥାନ ରୟାଲ୍ସ ସେପରି କିଛି ଜଲୱା ଦେଖାଇ ପାରିନାହିଁ । ନା ବ୍ୟାଟିଂ ନା ବୋଲିଂ; କେଉଁଥିରେ ବି କମାଲ କରିପାରିନି ଦଳ । ସେପଟେ କୋଚ୍ ଓ କ୍ୟାପଟେନଙ୍କ ମଧ୍ୟରେ ସବୁ ଠିକ୍ ଚାଲିନଥିବା ନେଇ ଚର୍ଚ୍ଚା ବି ବଢ଼ିବାରେ ଲାଗିଛି । ଏନେଇ ମୁହଁ ଖୋଲିଛନ୍ତି କୋଚ୍ ରାହୁଲ ଦ୍ରାବିଡ଼ । ପଏଣ୍ଟ ଟେବୁଲ୍‌ରେ ବି ଅଷ୍ଟମ ସ୍ଥାନରେ ରହିଛି ରାଜସ୍ଥାନ। ମୋଟ୍ ୭ଟି ମ୍ୟାଚ୍‌ରୁ ୨ଟି ମ୍ୟାଚ୍ ଜିତିଥିବା ବେଳେ ୫ଟି ମ୍ୟାଚ୍‌ରେ ପରାଜୟ ଘଟିଛି । ଆଜି ସଂଧ୍ୟାରେ ଲକ୍ଷ୍ନୌ ସୁପରଜାଏଣ୍ଟ୍ସକୁ ଭେଟିବ ରାଜସ୍ଥାନ ରୟାଲ୍ସ । ଜୟପୁର ସୱାଇ ମାନସିଂହ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍ ପୂର୍ବରୁ କୋଚ୍ ରାହୁଲ ଦ୍ରାବିଡ୍ ପ୍ରେସ କନଫରେନ୍ସରେ ଦଳରେ ଫାଟ କଥାକୁ ଭିତ୍ତିହୀନ ବୋଲି କହିଛନ୍ତି । ଦଳରେ କୌଣସି ପ୍ରକାର ବିବାଦ ନଥିବା ନେଇ ସେ ସ୍ପଷ୍ଟ କରିଛନ୍ତି । ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ କ୍ୟାପଟେନ ସଞ୍ଜୁ ସାମସନ୍ ଓ କୋଚ୍ ମଧ୍ୟରେ ବିବାଦ ଥିବା ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଥିଲା । ସୁପର ଓଭର ବେଳେ ସଞ୍ଜୁ ଦଳର ହଡଲ୍‌ରୁ ଦୂରରେ ରହିଥିବାର ଦେଖିବାକୁ ମିଳିଥିଲା । ଯାହାର ଭିଡିଓ ମଧ୍ୟ ବେଶ୍ ଭାଇରାଲ ହେବାରେ ଲାଗିଛି । ସେ ସୁପର ଓଭରରେ ବ୍ୟାଟିଂ କିମ୍ବା ଫିଲ୍ଡିଂ କରିବାକୁ ବି ଆସିନଥିଲେ । ଏହି ପ୍ରସଙ୍ଗରେ କୋଚ୍ ରାହୁଲ ଦ୍ରାବିଡ୍ ପ୍ରେସ କନଫରେନ୍ସରେ କହିଛନ୍ତି, ସଞ୍ଜୁଙ୍କ ପେଟରେ ଯନ୍ତ୍ରଣା ଅନୁଭବ ହେଉଥିଲା । ସେଥିପାଇଁ ତାଙ୍କୁ ଚିକିତ୍ସା ପାଇଁ ପଠାଯାଇଥିଲା । ରିପୋର୍ଟ ଆସିବା ପରେ ଆଗକୁ ନିଷ୍ପତ୍ତି ନିଆଯିବ । ଯଦି ସଞ୍ଜୁ ଫିଟ୍ ନଥାନ୍ତି ତେବେ ଦଳ ପୁଣି ଥରେ ରିୟାନ ପରାଗଙ୍କୁ କ୍ୟାପଟେନ କରିପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ସେପଟେ ଦଳର ସର୍ବକନିଷ୍ଠ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କ ଡେବ୍ୟୁକୁ ବି ଫ୍ୟାନ୍ସ ଅପେକ୍ଷା କରି ବସିଛନ୍ତି ।

## ଡେବ୍ୟୁ କରି ଇତିହାସ ରଚିଲେ ବୈଭବ



ଜୟପୁର: ୧୯ ଏପ୍ରିଲ ୨୦୨୫ ଅର୍ଥାତ ଆଜିର ଦିନରେ ଆଇପିଏଲ ଇତିହାସରେ ଏକ ନିଆରା ରେକର୍ଡ ନିଜ ନାମରେ କରିଛନ୍ତି ଜଣେ ଯୁବ ଖେଳାଳି। ୩୬ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସର ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କୁ ଡେବ୍ୟୁ କରିବାର ସୁଯୋଗ ମିଳିଛି। ଏଥିସହିତ ସେ ଆଇପିଏଲ୍‌ରେ ଡେବ୍ୟୁ କରିଥିବା ସବୁଠାରୁ କମ ବୟସ୍କ ଖେଳାଳି ପାଲଟିଛନ୍ତି। ବାମହାତୀ ବ୍ୟାଟ୍ସମ୍ୟାନ ବୈଭବ ମାତ୍ର ୧୪ ବର୍ଷ ବୟସରେ ଏହି ଐତିହାସିକ ସଫଳତା ହାସଲ କରିଛନ୍ତି। ଲକ୍ଷ୍ନୌ ସୁପରଜାଏଣ୍ଟସ ବିପକ୍ଷ ମ୍ୟାଚ୍‌ରେ ବୈଭବଙ୍କୁ ଡେବ୍ୟୁ କରିବାର ସୁଯୋଗ ମିଳିଛି। ଜୟପୁରର ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ ପରେ ସଞ୍ଜୁ ସାମସନଙ୍କ ସ୍ଥାନରେ ରିୟାନ ପରାଗ ଆସିଥିଲେ। ରିଆନ ଟସ ଜିତି ନ ଥିଲେ, କିନ୍ତୁ ଦଳରେ ପରିବର୍ତ୍ତନ ଘୋଷଣା କରିବା ମାତ୍ରେ ଷ୍ଟାଡିୟମରେ କୋଳାହଳ ବଢ଼ିଯାଇଥିଲା। ବୈଭବ ସୂର୍ଯ୍ୟବଂଶୀ ଏହି ମ୍ୟାଚରୁ ତାଙ୍କର ଡେବ୍ୟୁ କରିବେ ବୋଲି ସେ କହିଥିଲେ। ଏହାପରେ ବୈଭବଙ୍କ ନାମ ଆଇପିଏଲ୍‌ରେ ଡେବ୍ୟୁ କରିଥିବା ସବୁଠାରୁ କମ ବୟସ୍କ ଖେଳାଳି ଭାବରେ ସବୁଦିନ ପାଇଁ ରେକର୍ଡ ହୋଇଗଲା।

## ଡାଇମଣ୍ଡ ଲିଗ୍‌ରେ ଭାଗ ନେବେ ଅବିନାଶ ସାବ୍‌ଲେ




ନୂଆଦିଲ୍ଲୀ: ଜାତୀୟ ରେକର୍ଡଧାରୀ ୩୦୦୦ ମିଟର ଷ୍ଟିପଲଚେଜର ଅବିନାଶ ସାବ୍‌ଲେ ଏପ୍ରିଲ ୨୬ରେ ଚାଇନାର ଜିଆମେନ୍‌ଠାରେ ହେବାକୁଥିବା ସିଜନ ଓପନିଂ ଡାଇମଣ୍ଡ ଲିଗ୍ ମିଟିଂରେ ଅଂଶଗ୍ରହଣ କରିବେ। ଏଥିରେ ବିଶ୍ୱର ଆଗଧାଡ଼ି ଆଥ୍‌ଲେଟମାନେ ଭାଗ ନେବେ। ସେମାନଙ୍କ ମଧ୍ୟରେ ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନ ମରକ୍କୋର ସୋଫିଆନେ ଏଲ୍ ବାକାଲି ରହିଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ଓ ୱାର୍ଲଡ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା କେନିଆର ଆବ୍ରାହମ କିବିଓଟ୍ ମଧ୍ୟ ଏଥିରେ ଭାଗନେବେ। ଏହି ଷ୍ଟିପଲଚେଜର ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାବ୍‌?ଲେଙ୍କୁ ହରାଇ ସ୍ୱର୍ଣ୍ଣ ଜିତିଥିଲେ। ଗତବର୍ଷ ସେପ୍ଟେମ୍ବରରେ ଡାଇମଣ୍ଡ ଲିଗ୍ ଫାଇନାଲ ପରେ ସାବ୍‌?ଲେ ପ୍ରଥମ ଥର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଗତଥର ସେ ୮ ମିନିଟ ଓ ୧୭.୦୯ ସେକେଣ୍ଡ ଟାଇମିଂରେ ୯ମ ସ୍ଥାନରେ ରହିଥିଲେ। ୮:୦୯.୯୧ ଟାଇମିଂ ସହ ଜାତୀୟ ରେକର୍ଡ କରିଥିବା ୩୦ ବର୍ଷୀୟ ସାବ୍‌?ଲେ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ୮:୧୪.୧୮ ଟାଇମିଂ ସହ ୧୧ଶ ସ୍ଥାନରେ ରହିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସ ଟାଇମିଂକୁ ଭିତ୍ତିକରି ସାବ୍‌?ଲେ ସେପ୍ଟେମ୍ବରରେ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ସେ ଏପ୍ରିଲ ୨୧ରୁ ୨୪ ପର୍ଯ୍ୟନ୍ତ କୋଚିରେ ହେବାକୁଥିବା ଫେଡେରେଶନ କପ୍ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଭାଗ ନେଇପାରିବେ ନାହିଁ, ଯାହାକି ଆସନ୍ତା ମାସରେ କୋରିଆରେ ହେବାକୁଥିବା ଏସିଆନ ଚାମ୍ପିୟନଶିପ୍ ପାଇଁ ଫାଇନାଲ ସିଲେକ୍ସନ ଇଭେଣ୍ଟ। ସୂଚନାଯୋଗ୍ୟ, ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌?ଆଇ) ଏସିଆନ ଚାମ୍ପିୟନଶିପ୍‌ରେ ଭାଗ ନେବାଲାଗି ମନୋନୀତ ହେବାକୁ ଚାହୁଁଥିବା ଆଥ୍‌ଲେଟମାନଙ୍କ ଲାଗି ଫେଡେରେଶନ କପ୍‌ରେ ଅଂଶଗ୍ରହଣ ବାଧ୍ୟତାମୂଳକ କରିଛି। ତେବେ ଯେଉଁମାନେ ଅନୁମତି ନେଇ ବିଦେଶରେ ଟ୍ରେନିଂ ନେଉଥିବେ କିମ୍ବା କୌଣସି ପ୍ରତିଯୋଗିତାରେ ଭାଗ ନେଉଥିବେ ସେମାନଙ୍କ ଲାଗି ଏହି ନିୟମ କୋହଳ କରାଯାଇଛି।

**ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ବାଳକ ଓ ବାଳିକା ସବ୍-ଜୁନିୟର ଚାମ୍ପିଅନ୍‌ସିପ୍‌ର ଦ୍ୱିତୀୟ ଦିନ**

## ସମସ୍ତ ଶୀର୍ଷ ର୍ୟାଙ୍କ ଖେଳାଳି କ୍ୱାର୍ଟର ଫାଇନାଲ୍‌କୁ ଉତ୍ତୀର୍ଣ୍ଣ




ବାରିପଦା(ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଡେଭଲପମେଣ୍ଟ କମିଟି, ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଓ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ସହଯୋଗରେ, ବାରିପଦାସ୍ଥିତ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେଉଥିବା ୟୋନେକ୍ସ ସନରାଇଜ ଅଲ୍ ଓଡ଼ିଶା ରାଜ୍ୟ ବାଳକ ବାଳିକା ସବ୍-ଜୁନିୟର ଏବଂ ଜୁନିଅର ରାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନର ସକାଳେ (୧୯ଏପ୍ରିଲ ୨୦୨୫) ଅତିଥି ଭାବରେ ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଓ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଯୋଗଦେଇ ଥିଲେ। ଓଡ଼ିଶା ରାଜ୍ୟ ପୂର୍ବତନ କ୍ରିଡା ମନ୍ତ୍ରୀ ଓ ବ୍ୟାଡମିଣ୍ଟନ ପ୍ରସଂଶାକ ଭାବରେ ମହାରାଜାଙ୍କ ସମ୍ମାନଜନକ ଉପସ୍ଥିତି ସକାଳର ଏହି କାର୍ଯ୍ୟକ୍ରମକୁ ସୁନ୍ଦର କରିବା ସହ ଅଂଶଗ୍ରହଣକାରୀ ଖେଳାଳି ଏବଂ ଅଧିକାରୀମାନଙ୍କ ପାଇଁ ପ୍ରେରଣାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଥିଲା। ବ୍ୟାଡମିଣ୍ଟନର ଅଭିବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ତଥା ଖେଳ ପ୍ରୋତ୍ସାହକଙ୍କ ସମର୍ଥନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ତାଙ୍କ ଅଭିଭାଷଣରେ କହିଥିଲେ। ଏହି ଅବସରରେ ସର୍ବଭାରତୀୟ ବ୍ୟାଡମିଣ୍ଟନ ରେଙ୍କିଙ୍ଗରେ ୪ (ଚତୁର୍ଥ) ଓ ଆନ୍ତର୍ଜାତୀୟ ରେଙ୍କିଙ୍ଗରେ ୧୦୨(ଏକ ଶହ ଦୁଇ) ହାସଲ କରିଥିବା ଖେଳାଳି ବାରିପଦାର ସୁପୁତ୍ର ଆୟୁଷ ପଟ୍ଟନାୟକଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଆଜି ଦ୍ୱିତୀୟ ଦିନରେ ଶେଷ ଖବର ସୁଦ୍ଧା କ୍ୱାଟର ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇ ଥିବା ଖେଳାଳି ମାନେ ହେଲେ ବାଳକ ବିଭାଗ ସିଙ୍ଗସର ସବ୍-ଜୁନିୟର ବର୍ଗରେ କଟକ ଜିଲ୍ଲାର ହର୍ଷିତ ପ୍ରିୟଦର୍ଶୀ ବେହେରା (୧ ନଂ ରେଙ୍କ) ଓ ସମ୍ବଲପୁର ଜିଲ୍ଲାର ଅନିବାସ ସାହୁ ଓ ବାଳିକା ବିଭାଗ ସିଙ୍ଗସର ସବ୍-ଜୁନିୟର ବର୍ଗରେ କଟକ ଜିଲ୍ଲାର ସ୍ୱାତୀ ନାୟକ (୧ ନଂ ରେଙ୍କ) ଓ ଭୁବନେଶ୍ୱରର ଆଦିତୀ ସାଇଁ (୩ ନଂ ରେଙ୍କ), ବାଳକ ବିଭାଗ ସବ୍-ଜୁନିୟର ଡବସର ବର୍ଗରେ ସୁନ୍ଦରଗଡ ଜିଲ୍ଲାର ଅନୁଭବ ବଦାଏକ ଓ କଟକ ଜିଲ୍ଲାର ଅରଦେବ ମହାନ୍ତି ମିଳିତ ଭାବରେ। ସେହିପରି ବାଳକ ବିଭାଗ ସିଙ୍ଗସର ଜୁନିୟର ବର୍ଗରେ ବାଲେଶ୍ୱର ଜିଲ୍ଲାର ମୟଙ୍କ ଭାରଦ୍ୱାଜ (୧ ନଂ ରେଙ୍କ) ଓ ଭୁବନେଶ୍ୱରର ବିପିନ ରାଉତ ଓ ବାଳିକା ବିଭାଗ ସିଙ୍ଗସର ଜୁନିୟର ବର୍ଗରେ ସୁନ୍ଦରଗଡ ଜିଲ୍ଲାର ଗୀତାଶ୍ରୀ ଦେ (୧ ନଂ ରେଙ୍କ), ବାଳକ ଜୁନିୟର ବିଭାଗ ଡବସର ବର୍ଗରେ ମୟୂରଭଞ୍ଜର ଶ୍ରେୟାସ ଜେନା ଓ ଢେଙ୍କାନାଳ ଜିଲ୍ଲାର ଶୁଭକେତନ ମଲ୍ଲିକ, ମିକ୍ସ ଡବସର ଜୁନିୟର ବିଭାଗ ବର୍ଗରେ କଟକ ଜିଲ୍ଲାର ଅଗସ୍ତ୍ୟା ନାୟକ ଓ ଖୋର୍ଦ୍ଧା ଜିଲ୍ଲାର ଅଦ୍ୟା ପାଢୀ ମିଳିତ ଭାବରେ କ୍ୱାଟର ଫାଇନାଲକୁ ଉତ୍ତିର୍ଣ୍ଣ ହୋଇ ଥିବା କଥା କିଶୋର କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି ।



## ମାଟିର ଚେତନା

✶ କାଳୀ ଦାସ

ମାଟି ପଞ୍ଚଭୂତଙ୍କ ସମନ୍ୱୟ
ରସ ଗନ୍ଧ ତେଜ ଓ ସ୍ପର୍ଶ କୁ ଧରି ସେ ରଖିଛି।
ଧରିତ୍ରୀ ହୋଇ ସହନଶୀଳତା ପାଇଛି।
ତା କୋଳରେ ବଢ଼ିଛି,
ତା ବୁକୁରେ ପାଦଦେଇ
ଚାଲିତ ଶିଖିଛି,
ଦେଇଛି ସେ ଜୀବ ଜଗତ କୁ
ବଞ୍ଚିବା ପାଇଁ ସାଧନ।
ବୃକ୍ଷଲତା ଠାରୁ କୀଟ ପତଙ୍ଗ ଯାଏଁ
ସମସ୍ତଙ୍କୁ ସାଉଁଟି ଧରିଛି,
ମନେହୁଏ ମାଟି ମମତାର
ଏକ ଅଶେଷ ସମୁଦ୍ର।
ତ୍ୟାଗର ଜୀବନ୍ତ ପ୍ରତିମା।
ତା ସ୍ପର୍ଶରେ ଜୀବନ୍ତ
ଶତ ସବୁଜିମା।
ଜୀବନ ର ଶେଷ ପର୍ଯ୍ୟାୟରେ
ତା କୋଳରେ ଶାନ୍ତି ରେ ଶୋଇଯିବା
ତା' ସହିତ ମାଟି ହୋଇଯିବା।
ତେଣୁ ତାକୁ ପବିତ୍ର ରଖିବା
ତାକୁ ସମ୍ମାନଏତ କରି
ନିଜେ ସମ୍ମାନ ପାଇବା।

***ବ୍ରହ୍ମପୁର, ଖୋଡ଼ାସିଂଗି, କଳିଙ୍ଗନଗର***
***ଗଞ୍ଜାମ,ମୋ- ୭୨୦୫୧୦୦୮୩୯***

# କମିଶନ



**ସୁଦର୍ଶନ ମହାପାତ୍ର**

ଅଫିସରୁ ଫେରି ଫ୍ରେସ ହେବା ପୂର୍ବରୁ ଶୁଣିଲି କଲିଂବେଲର ଶବ୍ଦ। କିଏ ହୋଇପାରେ ଏ ସମୟରେ ! ପତ୍ନୀ ମୋ ପାଇଁ ଚା' ବସେଇବାକୁ ରୋଷେଇ ଘରକୁ ଯାଇଥିଲେ ତ ମୁଁ ଯାଇ କବାଟ ଖୋଲିଲି।

-' ଆଜ୍ଞା ଅଷ୍ଟପ୍ରହରୀ ଚାନ୍ଦା ପାଞ୍ଚ ଶହ ଟଙ୍କା ଦିଅନ୍ତୁ।' ସମ୍ମିଳିତ ଦୁଇ ତିନି ଜଣଙ୍କ ସ୍ୱର..।

-' ଅଷ୍ଟପ୍ରହରୀ ଚାନ୍ଦା ତ କେବେ ଆଦାୟ ହୁଏନା।'

- ' ଆଦାୟ ହୁଏନା ତ ଏଥର ହେଉଛି। ଦଶ ବର୍ଷ ପୂର୍ତ୍ତି ଉପଲକ୍ଷେ ଆମ ୟୁନିଟ-ପାଞ୍ଚ କଲୋନୀରେ ଏଥର ହେଉଥିବା ଅଷ୍ଟପ୍ରହରୀକୁ ଖୁବ୍ ନାମୀଦାମୀ ସଂକୀର୍ତ୍ତନ ମଣ୍ଡଳୀ ଆସିବେ। ସେଥିପାଇଁ ପାଖ କଲୋନୀମାନଙ୍କରୁ ଚାନ୍ଦା ଆଦାୟ ହେବ ବୋଲି ଆମ କମିଟିରେ ସ୍ଥିର ହୋଇଛି।' କହିଲେ ଜଣେ ଭଲ କୁହାଳିଆ ଲାଗୁଥିବା ଲୋକ।

ଭଦ୍ରବ୍ୟକ୍ତିଙ୍କର ପୋଷାକ ପରିଚ୍ଛେଦରୁ ସେ ରାଜନୀତିରେ ରୁଚି ରଖୁଥିବା ଲୋକ ବୋଲି ମୁଁ ଅନୁମାନ କଲି।

-' ସେପଟ କଲୋନୀକୁ ଏପଟ ଲୋକେ କାହିଁକି ଚାନ୍ଦା ଦେବେ ? ତୁମର ଯେତେ ଜାକଜମକରେ ଅଷ୍ଟପ୍ରହରୀ କରିବା କଥା କର। ହେଲେ ନିଜ ପଇସାରେ କର। ମୁଁ ଦେବି ନାହିଁ।' ଟାଣ ଦେଖାଇ କହିଲି।

-' ଦବ ନାହିଁ? କେମିତି ଦବ ନାହିଁ ଦେଖିବା ! ଅଲବତ୍ ଦେବ।' ପଛ ପଟରୁ କେହି ଡେଙ୍ଗା ଗଳାରେ କହିବାର ଶୁଭିଲା। ମୁଁ ତା ଆଡକୁ ଚାହିଁଲା ବେଳକୁ ସେ ପ୍ରସ୍ତୁତ ଥିବା ଭଳି ସାର୍ଟ ଆଡେଇ ତା ବେକ ମୂଳେ ଥିବା କଟାଦାଗ ପ୍ରଦର୍ଶିତ କଲା।

ଆଉ ଉଚ୍ଚବାଚ ନକରି 'ଚାନ୍ଦା ରେଡ଼ି କରି ରଖିଥିବେ' କହି ସେଦିନ ଫେରିଗଲେ ସେମାନେ।

ପରଦିନ ଥିଲା ରବିବାର। ମୁଁ ଘରେ ଥିଲି। ସକାଳ ପ୍ରାୟ ଦଶଟା ବେଳକୁ ଗୋଟିଏ ଅଜଣା ନମ୍ବରରୁ ଫୋନ୍ ଆସିଲା।

-' ଆଜ୍ଞା, ଆଜି ଅଫିସ ଯାଇନଥିବେ ନିଶ୍ଚୟ। ପିଲାଙ୍କୁ ପଠଉଛି। ଚାନ୍ଦାଟା ଦେଇଦେବେ। ସେମାନଙ୍କ ସହିତ ଯୁକ୍ତିତର୍କ କରିବେନି।

ଆପଣ ଶିକ୍ଷିତ ଲୋକ ହୋଇ କିଛି ବୁଝିପାରୁନାହାନ୍ତି ? ଶୁଣନ୍ତୁ। ଆପଣଙ୍କ କଲୋନୀରେ ସମସ୍ତେ ଚାନ୍ଦା ଦେଉଛନ୍ତି; ଆପଣ ବି ଦେଇଦେବେ।'

ଆମକଲୋନୀର ସେକ୍ରେଟାରୀଙ୍କୁ ଏ ବିଷୟରେ ଜଣାଇଲି।

-' ପ୍ରବୀର ବାବୁ, ଠାକୁରଙ୍କ କାମରେ ସ୍ୱଇଛାରେ ଯାହା ଦେବା କଥା ଦିଅନ୍ତୁ। ସେମାନେ କ'ଣ ଆପଣଙ୍କୁ ବାଧ କରୁଛନ୍ତି ଏତିକି ଟଙ୍କା ଦିଅନ୍ତୁ ବୋଲି ? ଆମେ ଏଥିରେ କ'ଣ କରିବୁ ? ତାଙ୍କ କମିଟି ମିଟିଂରେ ମୋତେ ବି ଡାକିଥିଲେ। ଶ୍ରଦ୍ଧାର ସହ ଲୋକ ଯାହା ଦେବେ ସେମାନେ ଗ୍ରହଣ କରିବେ ବୋଲି କଥା ହୋଇଛି। ମୁଁ ତ ନିଜେ ଯାଇ ତାଙ୍କ କମିଟି ଅଫିସରେ ହଜାରେ ଟଙ୍କା ଚାନ୍ଦା ଦେଇ ରସିଦ କାଟି ଆସିଲି।' କହିଲେ ସେକ୍ରେଟାରୀ।

ଆହୁରି କେତେ ସବୁ କଥା କହିଲେ ସେକ୍ରେଟାରୀ । ମୁଁ ତାଙ୍କ କଥାରୁ ସେଇ ରାଜନୀତିର ବାସ୍ନା ହିଁ ବାରିଲି।

ସେଦିନ ସନ୍ଧ୍ୟା ଭ୍ରମଣରେ ଯାଇ ଫେରିବା ବେଳକୁ ତାଙ୍କୁ କେହି ଜଣେ ଫଲୋ କରୁଥିଲା ବୋଲି ମନେହେଲା ବୋଲି କହିଲେ ବାପା। ବାପାଙ୍କୁ କେହି ଯଦି ଆଘାତ ଦିଏ କିମ୍ବା ହଇରାଣ କରେ ବୋଲି ଭାବି ମୁଁ ଆତଙ୍କିତ ହୋଇ ପଡିଲି।

ମୋର ଜଣେ ପୋଲିସ ଇନ୍ସପେକ୍ଟର ଚିହ୍ନା ଥିଲେ ତ ତାଙ୍କୁ ସବୁ କଥା କହିଲି।

-' ଦେଖନ୍ତୁ, ଆଜିକାଲିକା ପିଲା। ସେମାନଙ୍କ ମତିଗତି କ'ଣ ଠିକ୍ ଅଛି ? ଅଷ୍ଟପ୍ରହରୀ ନାଁ ରେ ବିଭିନ୍ନ ଦଳକୁ ଆଣି ରେକର୍ଡ ଡ୍ୟାନ୍ସ ଦେଖୁଛନ୍ତି। ସତେ ଯେମିତି ଯାତ୍ରା ଦଳ ! ନନସେନସ୍ ଗୁଣ୍ଡାକ। କ'ଣ ଆଉ କରିବା? ଖଜୁରୀ ଗଛର ମୂଳରୁ ପାହାଚ ଭଳି ସମାଜରେ କୁସଂସ୍କାର ଭରି ଗଲାଣି। କଥା କଥାକେ ଡରଉଛନ୍ତି। ଆମର ଝିଅ ବୋହୂ ପଦାକୁ ବାହାରିବେ ନା ନାହିଁ? ଏପରିକି ବୃଦ୍ଧ ବାପାଙ୍କୁ ବାଡେଇ ଜଖମ କରିବାର ମାନସିକତା ମଧ୍ୟ ସେମାନଙ୍କର। ଦୁଇ ଚାରିଟାଙ୍କୁ ଧରି ଆଣିଲେ ଆଉ ଦୁଇ ଚାରିଟା ଆସି କବାଟ ବାଡେଇବେ। ଚାନ୍ଦା ମାଗିବେ। ହଁ କି ନାହିଁ କୁହନ୍ତୁ... !'

ଏସବୁ କଥା କହି ପୋଲିସ ଇନ୍ସପେକ୍ଟର ପରୋକ୍ଷରେ ମୋତେ ଡରଉଥିଲେ ବା ନିଜର ଅପାରଗତା ବିଷୟରେ ସୂଚିତ କରୁଥିଲେ ବୋଲି ମୁଁ ଭାବିନେଲି। ଝିଅ ଆଉ ବାପାଙ୍କ କଥା ଭାବି ମୁଁ ମନ ପରିବର୍ତ୍ତନ କରିବାକୁ ଶ୍ରେୟସ୍କର ମନେକଲି।

ସଂଧ୍ୟାବେଳକୁ ସତକୁ ସତ ଆସି ପହଁଚିଲେ ଦୁଇ ଜଣ ଯୁବକ। କଳାରଙ୍ଗର ମୋଟାସୋଟା ଚେହେରା। ସତେ ଯେମିତି ଯମଦୂତ ଦୁହେଁ।ଜଣଙ୍କ ହାତରେ ରସିଦ୍ ବହି। ଆଉଜଣେ ମୋବାଇଲ ଆଡଉ ଆଡଉ ମୋ ଆଡକୁ ତୀର୍ଯ୍ୟକ ଚାହିଁଲା।

-' ରସିଦ କାଟନ୍ତୁ ?' ଆଗତୁରା ଟଙ୍କା ବଢେଇ କହିଲି ନିଜ ଆଡୁ।

-' ବାଟକୁ ଆସିଗଲେ ତ ଆଜ୍ଞା। ଭଲରେ ଭଲରେ ଚାନ୍ଦା ଟା ଦେଇ ଦେଇଥିଲେ କାମ ସରିଥାନ୍ତା। ଟେନସନ ନେଇ ନଥାନ୍ତେ। ଆପଣ ଶାନ୍ତିରେ ରହିଥାନ୍ତେ, ଆମେ ବି। ଆପଣ ମାନେ ଚାକିରି ବାକିରି କରି କରି ଖୁସିରେ ରହିବେ, ଆଉ ଆମେମାନେ କେମିତି ବଞ୍ଚିଛୁ, ଚିନ୍ତା କରୁନାହାନ୍ତି ଥରେ। ଏଇ ଚାନ୍ଦାରୁ କିଛି କମିଶନ ବାବଦରେ ଆମେ କିଛି ପାଇବୁ ଯାହା..।'

ପ୍ରଥମର କଥା ସରିଲା ତ ହସି ହସି କଥା ଆରମ୍ଭ କଲା ଦ୍ୱିତୀୟ ଜଣକ।

-' ଆପଣମାନଙ୍କ ଏଇ କିଛି ଚାନ୍ଦାରେ ଯଦି କିଛି ଧର୍ମ ଅର୍ଜନ କରୁଛନ୍ତି, କ୍ଷତି କ'ଣ ?ଆପଣ ଆମ ବିଷୟରେ ପୋଲିସ ବାବୁଙ୍କୁ ଜଣାଇଥିଲେ ତ ? ଲାଭ ହେଲା କ'ଣ? ସେ ଆମର କ'ଣ କରିବେ? ସେ ପରା ଆମ ଚାନ୍ଦା ଆଦାୟରୁ କମିଶନ ନେବାକୁ ଚାହିଁ ବସିଛନ୍ତି। ଏ ଯୁଗ ହେଲା ଚାନ୍ଦା ଭେଦା ଆଉ କମିଶନ ର ଯୁଗ । ନହେଲେ ତ ଏ ରାଜ୍ୟ ରାମରାଜ୍ୟ ହୋଇ ଯାଆନ୍ତା। 'ତା'ପରେ ଶୁଭିଲା ଦୁହିଁଙ୍କର ହିଁ ହିଁ ସ୍ୱର।

ରସିଦ କଟା ସରିଥିଲା। ସେମାନଙ୍କ ଠାରୁ ବିରତି ନେବାକୁ ମୋ ଆଡୁ ନମସ୍କାର କଲି ତ ସେମାନେ ପ୍ରତି ନମସ୍କାର ଜଣାଇଲେ।

-' ସାର୍ ଆମର ଆଉ କେବେ ଚାନ୍ଦା ଦେବାକୁ ଅମଙ୍ଗ ହେବେନି।' ଫେରିଲା ବେଳକୁ କଟା ଘା'ରେ ଚୂନ ଦେଲା ଭଳି ସେମାନଙ୍କ ମଧ୍ୟରୁ କହିଲା ଜଣେ...!!!

***କୁଞ୍ଜବିହାରୀ ଲେନ. କଟକ***
***ମୋ-୯୪୩୮୧୭୫୫୪୨***

## କବିତା ଗୁଚ୍ଛ

### ପିଲାଦିନ



✶ **ରତ୍ନକାନ୍ତି ମିଶ୍ର**

ମାଟି ଘର ଯହିଁ ଝଟକୁଥିଲା ସେ
ସମ୍ପର୍କର ସୁନା ଝୋଟି
ସଞ୍ଜ ଉପଗତେ ବୁଢୀ ମା' କୋଳଟା
ଆପେ ହୋଇଯାଏ ବାଣ୍ଟି ।।

ସୂରୁଜ ଉଇଁଲେ ଚୁଲିରେ ଦିଶଇ
ଘଷି ଫଡା ରଡ଼ ନିଆଁ
ତେଜପତର ର ବାସ୍ନାରେ ଚହଟେ
ମାଟି ହାଣ୍ଡି ନାଲି ଚାହା ।।

ରାତି ପାହିଗଲେ ବୋଉ ସାଥେ ହୁଏ
କୁଆ ବଣିଙ୍କର ଭେଟ
ଖୁଦ ମୁଠେ ବୁଣି ଦାଣ୍ଡ ଦୁଆରରେ
ବୋଉ ଆଙ୍କେ ଖୁସି ଚିତ୍ର ।।

ନଈକୂଳ ପାଖ ବରଗଛ ମୂଳେ
ବିଜେ ମାଆ ଠାକୁରାଣୀ
ଗାଧୁଆ ସରିଲେ ବୋଉ ମଥାପାତେ
ସେ ପରା ରିଷ୍ଟ ଭଞ୍ଜନୀ ।।

ବଢ଼ି ପାଣି କେବେ ଆସ୍ଥାନ ଜମାଏ
ଗାଁ ଦାଣ୍ଡେ ବନ୍ଧ ଡେଇଁ
କଦଳୀ ଭେଳାରେ କାତ ଧରି ଠିଆ
ନାଉରିଟିଏ ମୁଁ ହୋଇ ।।

ଶ୍ରଦ୍ଧାରେ କେ କହେ ବୁଢା ଦରଘା ତ
କିଏ କହେ ବାବା ପୀର
ବିପଦ ପଡିଲେ ବୋଉ ଯାଚିଦିଏ
ଭୋଗ କେବେ ଟଙ୍କାକର ।।

ସ୍ମୃତିରେ ଆଗତ ପିଲାଦିନ କଥା
ଅନାହୂତ ମନେପଡେ
କେତେ ଅଙ୍ଗେଲିଭା ଅଭୁଲା ଘଟଣା
ଭାବନାରେ ଖିଅ ଯୋଡେ ।।

***ଆଳି, କେନ୍ଦ୍ରାପଡା***

## ଚପଳଛନ୍ଦା ଗୋ

✶ **ପ୍ରଶାନ୍ତ କୁମାର ଦାଶ**

ପକ୍ଷୀର ଗୀତରେ ମେଲାଣି ନେଲାଣି
ଗାଢ ଅନ୍ଧକାର ରାତି
ନିଦମାଉସୀର କୋଳରେ ଶୋଇଚି
କୋହ ଭରିଯାଏ ଛାତି ।।

ଦିଟୋପା ଲୁହରେ ବଢି ଚାଲିଛି ମୋ
ଯାତନା ଯନ୍ତ୍ରଣା ଦୁଃଖ
ତୁମେ ଗଲାଦିନୁ ମିଳୁନାହିଁ ମତେ
ଅଳିକ ସରାଗ ସୁଖ ।।

ସବୁଜ ଶୋଭାରେ ଚହଟି ଉଠଇ
ପ୍ରକୃତି ସୁଷମା କେତେ
ଆଖିଲୁହ ଖସି ପଡେ ପାପୁଲିରେ
ବେଦନାପାଏ ମୁଁ ଯେତେ ।।


ପବନଦୋଳିରେ ଝୁଲେ ଜହ୍ନରାତି
ସରସୀରେ ଫୁଟେ କଇଁ
ତୁମ ପ୍ରେମ ପ୍ରୀତି ମିଠା ମିଠା ଗୀତି
ଯାଉନି ପରାଣ ଛୁଇଁ ।।

ନାଚିଉଠୁ ମନ ତୁମ କ୍ୱରୀରେ
ଫୁଲଟିଏ ଦେଲେ ଖୋସି
ଜହ୍ନର ଜୋଛନା ଏଇ ମାଟିକୋଳେ
ଅବିଳମ୍ବେ ଯାଉ ଖସି ।।

ଚପଳଛନ୍ଦାଗୋ ଆସ ଥାପି ତୁମ
ଲକ୍ଷ୍ମୀପାଦ ମାଟିପରେ
ଶୁଭିଲେ ତୁମର ପାଉଁଜିର ସୁର
ତୁମକୁ ଏ ମନ ଝୁରେ ।।

***କୁଞ୍ଜର, ସଙ୍ଗଳାଇ***
***ପିପିଲି , ପୁରୀ***
***ମୋ-୯୬୬୮୮୨୨୧୯୦***

## ତୁମ ବିନା ପ୍ରଭୁ



● **ଗୀତାଞ୍ଜଳି ଅଗସ୍ତି**

ପ୍ରତି ପ୍ରଭାତରୁ ତୁମ ନାମ ଧରି
ଦିବସ ଆରମ୍ଭ କରେ
ହୃଦୟ ବଲ୍ଲଭ ମୋ ହୃଦୟ ଭାବ
ତୁମ ବିନା କିଏ ବୁଝି ପାରେ ।

ତୁମ ପ୍ରେମେ ପଡ଼ି ସଦା ହୁଏ ଝୁରି
ସକାଳ ରୁ ରାତି ବିରହରେ
ବୁଝି ନପାରେ କାହିଁକି ମୁଁ ଝୁରେ
ପାଗଳଙ୍କ ପରି ବୁଡି ମରେ ।

ତୋ କଳାକୁ ନିତି ନିର୍ଜୀବ ବସ୍ତୁଟି
ଚାହିଁ ଥାଏ ଚାତକ ରେ
କେବେ ଆସିବ ଗୁଣ୍ଡିଚା ଯାତ?
କଳା ବାମନ ଦେଖିବି ରଥରେ ।

ତୋ ଦେହ କଳା ମୋ ଦେହେ ବୋଳି
ଭଜିବି ତୋ ନାମ ବଡ଼ ଦାଣ୍ଡରେ
ଶୟନେ ସ୍ୱପନେ ନିତି ଜାଗରଣେ
ତୋ ପ୍ରେମେ ମୁଁ ବୁଡି ମରେ ରେ ।

ଆଖି ଖୋଲିଲେ ତୁ ରେ କାଳିଆ
ଆଖି ବୁଜିଲେ ବି ତୁହି ରେ
ପାଗଳ ପରାୟ ଖୋଜୁ ଅଛି ପରା
ତୋ ଦେହେ ଲୀନ ହେବି ମୁହିଁ ରେ
ଏ ଜୀବନ ପରା ତୁମ ଦାନ ପ୍ରଭୁ
କାହିଁକି କରିବି ଲୋଭ
ଯେତେ ଦିନ ମାୟା ସଂସାର ବଞ୍ଚିଛି
ତୁମ ସାଥେ ଭାବ ଥିବ।

***ଏରଡା, ଭଦ୍ରକ***

## ଦୁଃଖକୁ ରଖିଛି ସାଇତି

✶ **ନୀଳମଣି ଚାନ୍ଦ**

ତୁମେ ଦେଇଥିବା ଦୁଃଖ ତ ସବୁ
ରହିଛି ସାଇତା ହୋଇ
ସମୟ ଜୁଆର ଆସିଲା, ଛୁଇଁଲା
ହେଲେ ପାରିଲାନି ଧୋଇ।

ବିନା କାରଣରେ ହୋଇଗଲି ମୁହିଁ
ଦୁଃଖର ପ୍ରାପକଟିଏ
ଦୁନିଆ ଦେଖିଲା କେତେଯେ ହସିଲା
ହେଲେ ଦେଖିଲେନି କିଏ
କିଏ ଭୁଲ୍ ,କିଏ ଠିକ୍ ମୁଁ ଭାବୁଛି
ଆଜି ଏ ବିଜନେ ଥାଇ ।

ପ୍ରୀତି ବଦଳରେ ନେଲ ପ୍ରତିଶୋଧ
ଅନ୍ତର ମୋ'ର କହେ
ଚନ୍ଦ୍ରମା କଳଙ୍କ ପରି ପିନ୍ଧିଅଛି
ସେପରି ତିଳକ ଶହେ
ଦରାଣ୍ଡି ହୁଏନି ସେ ଦୁଃଖ ଥାକକୁ
ସେମିତି ଦେଇଛି ଥୋଇ।

***ଭୁବନେଶ୍ୱର,ମୋ:୯୫୮୩୨୦୨୩୫୭***

## ବିଦାୟ ବସନ୍ତ

✶ **ସୁହଂସ ଭୋଇ**

ବିନୟେ ଧରଣୀ ଦେଲାଣି ମେଲାଣି
ବସନ୍ତର ହାତ ଧରି
ଗ୍ରୀଷ୍ମଋତୁ ଖରା ମାଟି ଛୁଇଁଲାଣି
ମଧୁକାଳ ଗଲା ସରି ଓଓ

ଦେଖ ମନମାରି ବସିଛି ସରସୀ
ବିରସେ ଯାଉଛି ଶୁଖି
ନାରଙ୍ଗୀ ପଳାଶ ଦିଶୁଛି ଉଦାସ
ତୃଣ ତରୁଲତା ଦୁଃଖୀ
ଦିନଟି ବିଷମ ଲାଗୁଛି ଉଷୁମ
ସମୀର ବୋହୁନି ଥିରି ଓଓ

ଏଣିକି ରାଜୁତି କରିବ ନିଦାଘ
ବାହୁନି ହେଉଛି ପକ୍ଷୀ
ବଢିଯିବ ତାତି ରହିବ କେମିତି
ମନେ ଭାବେ ନିରିମାଖି
କୋଇଲି ବିଚାରୀ ଗଲାଣି ସେ ଫେରି
ଫଗୁଣକୁ ଅନୁସରି ଓଓ

ସଅଳ ଆସିବୁ ପ୍ରିୟ ମଧୁମାସ
ଦେଇ ଯାଅ ପ୍ରତିଶ୍ରୁତି
ସ୍ମୃତି ନୀରେ ଭିଜି ନିତି ଖୋଜୁଥିବି
କାନେ କହେ ବସୁମତୀ
ଗ୍ରୀଷ୍ମ ରୌଦ୍ରତାପେ ଦିବାକର କୋପେ
ଛାତି ତାର ଯାଏ ଚିରି ଓଓ

***ପହଣ୍ଡି ବିଜେପୁର,ବରଗଡ***
***ମୋ- ୯୪୩୭୫୨୨୪୫୫***

## ବାଃ ରେ ମଣିଷ ବାଃ



✡ **ଦୀପକ କୁମାର ନାୟକ**

ଦେଖିବାକୁ ଆଉ ମିଳୁନାହିଁ ଯମା
ନୀତି ଆଉ ନୈତିକତା
ଯେଉଁଠି ଦେଖିଲେ ସବୁଠି କେବଳ
ଅଛି ସେ ଚାଟୁକାରିତା ।।

ଦେଖିବାକୁ ଆଉ ମିଳୁ ନାହିଁ ଏଠି
ଯମାରୁ ମାନବିକତା
ଯେଉଁଠି ଦେଖିଲେ ସବୁଆଡେ ଖାଲି
ଅଛି କେବଳ ଧୃଷ୍ଟତା ।।

ପୂର୍ବପରି ଆଉ କେଉଁଠାରେ ନାହିଁ
ଆମର ସେ ଅଖଣ୍ଡତା
ଯେଉଁଆଡେ ଗଲେ ଯେଉଁଠି ଦେଖିଲେ
ଖାଲି ସେ ଅରାଜକତା ।।

ଦେଖିବାକୁ ଏବେ ସ୍ୱପ୍ନ ହୋଇଲାଣି
ଆମର ସେ ଶାଳୀନତା
ଯେଉଁଠି ଦେଖିଲେ ସବୁଆଡେ ଖାଲି
ନଗ୍ନତା ଆଉ ନଗ୍ନତା ।।

ଧିରେଧିରେ ଲୋପ ହେଲାଣି ସଂସାରୁ
ସଙ୍କୋଚତା ଓ ସାଧୁତା
ଯେଉଁଠି ଦେଖିଲେ ଯେଉଁଠୁ ଶୁଣିଲେ
ସବୁଆଡେ ଚଞ୍ଚକତା
ସବୁଆଡେ ଚଞ୍ଚକତା ।।

***ଦୀପକ କୁମାର ନାୟକ***
***ଗଣ୍ଡାନାଳୀ,ହିନ୍ଦୋଳ, ଢେଙ୍କାନାଳ***
***ମୋ -୮୬୩୭୨୬୧୮୨୮***

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
**ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କରଞ୍ଜିଆ, (ଭାସ୍କର ନ୍ୟୁଜ): ଶୁକ୍ରବାର ଅପରାହ୍ନ ସମୟରେ ଶୁକୁଳି ଏବଂ ରରୁଆ ବ୍ଲକରେ ଅନେକ ସ୍ଥାନରେ ପ୍ରବଳ ବର୍ଷା ସହିତ କୁଆପଥର ମାଡ଼ ଦେଖିବାକୁ ମିଳିଥିଲା। ଏହିପରି ଠାକୁରମୁଣ୍ଡା ବ୍ଲକରେ ଚାଲିଥିବା ଉଡା ଯାତ୍ରାରେ ଅନେକ ସ୍ଥଳ ଭାଙ୍ଗିବା ସହିତ ଅପେରା ଷ୍ଟେଜ ପଡିଯାଇଛି। ବିଶେଷ କରି ରରୁଆ ବ୍ଲକରେ ତା'ର ପ୍ରଭାବ ଅଧିକ ଦେଖିବାକୁ ମିଳିଛି। ରରୁଆ ବ୍ଲକରେ ଅଙ୍ଗାରପଦା ଏବଂ ରରୁଆ ପଞ୍ଚାୟତରେ ୧୦୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଥିବାର ରରୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରେମାନନ୍ଦ ବେହେରା ସୂଚନା ଦେଇଛନ୍ତି। କାଳବୈଶାଖୀ ଝଡ ରରୁଆ ବିଡ଼ିଓଙ୍କ ଘରକୁ ମଧ୍ୟ ଛାଡିଲା ନାହିଁ। ସେହିପରି ଶୁକୁଳି ବ୍ଲକରେ ପ୍ରବଳ ବର୍ଷା ସାଙ୍ଗକୁ କୁଆପଥର ମାଡରେ ବ୍ୟାପକ ପନିପରିବା ଚାଷ ନଷ୍ଟ ସହ କାଳ ବୈଶାଖୀରରେ ୩୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିଛି। ଶୁକୁଳି ବ୍ଲକ୍ ନାଉପନା ପ୍ରାଥମିକ ବିଦ୍ୟାଳୟର ଘର ଆଜବେଷ୍ଟସ ସମ୍ପୂର୍ଣ୍ଣ ଭାବେ ଉଡ଼ି ଯାଇଥିବା ବେଳେ ଗାଁ'ର ଅନେକ ଲୋକଙ୍କ ଘରର ଆଜବେଷ୍ଟସ ଉଡିଯାଉଥିବା ଦେଖିବାକୁ ମିଳିଛି। ରରୁଆ ବ୍ଲକରେ ବିଭିନ୍ନ ସ୍ଥାନରେ କାଳ ବୈଶାଖୀରେ କ୍ଷୟକ୍ଷତି ହେଇଥିବା ବ୍ୟକ୍ତିଙ୍କୁ ଭେଟିଛନ୍ତି ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ।



# ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତାଲିମ ବାବଦ ଅର୍ଥ ପ୍ରଦାନରେ ବିଳମ୍ବ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ତାଲିମ ବାବଦ ଅର୍ଥ ପ୍ରଦାନରେ ଅହେତୁକ ବିଳମ୍ବ କରାଯାଉଥିବା ଘଟଣା ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ତାଲିମ ବାବଦ ପ୍ରାପ୍ୟ ତୁରନ୍ତ ପ୍ରଦାନ ନିମନ୍ତେ ଶିକ୍ଷକ ସଂଘ ଅଣ୍ଟା ଭିଡିଛି। ଗତ ୨୦୧୭ ମସିହାରୁ ଗତ ୨୦୨୪ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବ୍ଲକ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ଅଧିନରେ ଅନୁଷ୍ଠିତ ବିଭିନ୍ନ ତାଲିମ କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିଲେ। ମାତ୍ର ବ୍ଲକ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟ ତରଫରୁ ଚଞ୍ଚକତା କରାଯାଇ ଏପର୍ଯ୍ୟନ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଲକ୍ଷାଧିକ ଟଙ୍କା ତାଲିମ ବାବଦ ଅର୍ଥ ପ୍ରଦାନ କରାଯାଇ ନଥିବାର ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଅଭିଯୋଗ ହୋଇଛି। ଏ ସମ୍ବନ୍ଧରେ ସଂଘ ତରଫରୁ ସର୍ବୋପରି ଶିକ୍ଷକ ଶିକ୍ଷୟିତ୍ରୀମାନେ ଜିଲ୍ଲା ଶିକ୍ଷାଧିକାରୀ ଓ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ଯାହାର ଫଳ ସ୍ୱରୂପ ଦୀର୍ଘ ୧ ବର୍ଷ ପରେ ଗତ ୨୦୨୪ ମସିହା ଅଗଷ୍ଟ ୧୨ତାରିଖ ଦିନ ସରକାରଙ୍କ ତରଫରୁ ଏକ କମିଟି ଦ୍ୱାରା ଏହାର ତଦନ୍ତ କରାଯାଇଥିଲା। ତଦନ୍ତ ଅଧିକାରୀଙ୍କ ପତ୍ର ସଂଖ୍ୟା ୭୫ ତା୨୧/୯/୨୦୨୪ରିଖ ଅନୁଯାଇ ଆବଶ୍ୟକୀୟ ନଥିପତ୍ର ତା ୨୫/୯/୨୦୨୪ରିଖ ସୁଧା ପେଠ କରିବାକୁ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଥିଲା। ମାତ୍ର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶ୍ରୀମତୀ ପାର୍ବତୀ ନନ୍ଦ ଏସମ୍ପର୍କରେ ସଂଘର ସଭାପତି ସାରଦା ଆଚାର୍ଯ୍ୟଙ୍କୁ ତାଙ୍କର ପତ୍ର ମାଧ୍ୟମରେ ଗତ ୨୦୨୪ ମସିହା ସେପ୍ଟମ୍ବର ୨୩ ତାରିଖରେ ପଠାଇଥିଲେ। ଗୋଟିଏ ଦିନ ମଧ୍ୟରେ ଉକ୍ତ ବାବଦରେ ଶିକ୍ଷକ ଶିକ୍ଷିକାମାନଙ୍କର ବ୍ୟକ୍ତିଗତ ଆପତି ଫର୍ଦ୍ଦ ପେଠ କରିବା ସମ୍ଭବ ହୋଇ ନପାରିବା ଆଶଙ୍କାରେ ସଭାପତି ଆଚାର୍ଯ୍ୟ ଗତ ୨୦୨୪ ମସିହା ଅକ୍ଟୋବର ୩୧ ତାରିଖ ଦିନ ସମୟ ଅବଧି ବଢାଇବା ନିମନ୍ତେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ତଦନ୍ତ ଅଧିକାରୀଙ୍କୁ ଜଣାଇଥିଲେ। ଗତ ତା ୩୧/୧୦/୨୦୨୪ରିଖରେ ଶିକ୍ଷକଶିକ୍ଷିକା ମାନଙ୍କର ଆପତି ଫର୍ଦ୍ଦ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଦାଖଲ କରାଯାଇ ଥିଲା। ମାତ୍ର ଅଦ୍ୟାବଧି ଶିକ୍ଷକ ଶିକ୍ଷିକାମାନେ ସେମାନଙ୍କର ତାଲିମ ବାବଦ ଲକ୍ଷାଧିକ ଟଙ୍କା ଏପର୍ଯ୍ୟନ୍ତ ପାଇପାରିନାହାନ୍ତି। ଫଳରେ ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଏଥିନେଇ ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ତାଲିମ ବାବଦ ଅର୍ଥ ତୁରନ୍ତ ପ୍ରଦାନ ନିମନ୍ତେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ହରିପୁର ରୋଡ କଟକ-ଏ ନିଶ୍ଚିନ୍ତକୋଇଲି ବ୍ଲକ ଶାଖାର ସଭାପତି ସାରଦା ପ୍ରସନ୍ନ ଆଚାର୍ଯ୍ୟ, ସାନ୍ତନୁ କୁମାର କର, ଅମିତା ସେଠୀ, ଗୁଲାମ ମେହେନ୍ଦି ହସନ, ଦିଲିପ କୁମାର ସାମଲ, ଦେବବ୍ରତ ସାମନ୍ତରାୟ, ପବିତ୍ର କୁମାର ଲେଙ୍କା, କିଶୋରଚନ୍ଦ୍ର ନାଥ, ଗଗନ ବିହାରୀ ଚାନ୍ଦ, ଗତିକୃଷ୍ଣ ରାଉତ ପ୍ରମୁଖ ମାନ୍ୟବର ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଗଣ ଶିକ୍ଷା ମନ୍ତ୍ରୀ, ବିଦ୍ୟାଳୟ ଗଣ ଶିକ୍ଷା ସଚିବ, ବିଦ୍ୟାଳୟ ଓ ଗଣ ଶିକ୍ଷା ନିର୍ଦ୍ଦେଶକ, ଓଡ଼ିଶା ମାଧ୍ୟମିକ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ନିର୍ଦ୍ଦେଶକ, କଟକ ଜିଲ୍ଲାପାଳ, ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଦାବି ଜଣାଇଛନ୍ତି। ବିଭାଗୀୟ ସ୍ତରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଗଲେ ଆଗାମୀ ଦିନରେ ସଂଘ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚରମ ଚେତାବନୀ ଦିଆଯାଇଛି।

# ଓଡ଼ିଶା କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ବିକ୍ଷୋଭ




ତିହିଡ଼ି, (ଭାସ୍କର ନ୍ୟୁଜ୍): ଓଡ଼ିଶା କ୍ଷେତ ମଜଦୁର ୟୁନିୟନ ତିହିଡ଼ି ବ୍ଲକ କମିଟି ପକ୍ଷରୁ ଶନିବାର କ୍ଷେତମଜଦୁର ଓ ଗ୍ରାମୀଣ ଶ୍ରମିକମାନଙ୍କ ଜୀବନ ଜୀବିକା ସୁରକ୍ଷା ଦାବିରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ସିପିଏମ ଆଞ୍ଚଳିକ କମିଟି ସମ୍ପାଦକ ବିଷ୍ଣୁ ଦାଶଙ୍କ ସଭାପତିତ୍ୱରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଷେତମଜଦୁର ୟୁନିୟନ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢ଼ୀ, ବରିଷ୍ଠ ଶ୍ରମିକନେତା ନାରାୟଣ ଦାଶ, ମଳୟ ଭୋଇ, ସତ୍ୟବ୍ରତ କୁଣ୍ଡ, ନିର୍ମଳ ଦଳାଇ, ଭାଗବତ ସେନାପତି, ବାଦଲ ଦାସ, ଶ୍ରୀଧର ଜେନା, ଜ୍ୟୋତିର୍ମୟ ମଳିକ, ବିଜୟ ଦାସ, ଫକୀର ମହାଳିକ, ମହିଳା ଶ୍ରମିକ କନକଲତା ଦାସ ପ୍ରମୁଖ ଯୋଗ ଦେଇ କ୍ଷେତ ମଜଦୁର ଓ ଗ୍ରାମିଣ ଶ୍ରମିକମାନଙ୍କୁ କାମ, ନାଯ୍ୟ ମଜୁରୀ, ଖାଦ୍ୟ, ବାସଗୃହ ଓ ସାମାଜିକ ନିରାପତ୍ତା, ନାଗରିକର ସାମ୍ବିଧାନିକ ଅଧିକାର ଇତ୍ୟାଦି ଦାବି ପୂରଣ କରିବା ସହିତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାର ଓଡ଼ିଶାର ମନରେଗା ଶ୍ରମିକମାନଙ୍କ ମଜୁରି ୨୭୨ଟଙ୍କା ଧାର୍ଯ୍ୟ କରିବା ଶ୍ରମିକ ମାନଙ୍କୁ ଉପହାସ ସହିତ ସମାନ ବୋଲି କହିଥିବା ବେଳେ ଦୈନିକ ମଜୁରୀ ୬୦୦ ଟଙ୍କା କରାଯିବା ଆବଶ୍ୟକ। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ରାଶନକାର୍ଡ଼ ଯୋଗାଇ ଦେବା, ଭୂମିହୀନ ପରିବାରକୁ ଘରଡିହ ଓ ବାସଗୃହ ଯୋଗାଇ ଦେବା, ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା, ମାସିକ ୩ହଜାର ଟଙ୍କା କରିବା, ୩୦୦ୟୁନିଟ୍ ମାଗଣା ବିଜୁଳି ପ୍ରଦାନ କରିବା, ଭାଗଚାଷୀଙ୍କ ପାଇଁ ଆଇନଗତ ବ୍ୟବସ୍ଥା କରିବା, ସମସ୍ତ ଚାଷୀଙ୍କ ଋଣ ଛାଡ଼ କରିବା, ଜଙ୍ଗଲ ଅଧିକାର ଆଇ ଅନୁଯାୟୀ ଜଙ୍ଗଲ ଅଧିକାର ଆଦିବାସୀ ମାନଙ୍କୁ ଯୋଗାଇ ଦେବା, ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣ କରିବା, ସ୍କିମ୍ ପ୍ରଥା ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ଦେବା, ବେକାର ଯୁବକ ଯୁବତୀମାନଙ୍କୁ ବର୍ଷକୁ ୨କୋଟି ନିଯୁକ୍ତି ଦେବା ଇତ୍ୟାଦି ଦାବି କରିଥିଲେ। ଏହି ଦାବି ପୂରଣ କରା ନଗଲେ ଆସନ୍ତା ମଇ ୨୦ ତାରିଖରେ ଶ୍ରମିକ କ୍ଷେତମଜଦୁରମାନେ ଶ୍ରମିକ ଧର୍ମଘଟ କରିବାକୁ ଡାକରା ଦେଇଥିଲେ।

## କରଞ୍ଜିଆ ତହସିଲଦାର ଭାବେ ଦିବାକର ମାଝୀଙ୍କ ଯୋଗଦାନ



କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆ ତହସିଲଦାର ବିଦ୍ୟାଧର ପତିଙ୍କ ବଦଳି ପରେ ତହସିଲଦାର ଦାୟିତ୍ୱ ତୁଲାଇଥିଲେ ସହକାରୀ ଜିଲ୍ଲାପାଳ ବେଦବ୍ୟାସ ଭୋଇ। ସେ ପ୍ରାୟ ତିନିମାସ ଦାୟିତ୍ୱରେ ରହିବା ପରେ କରଞ୍ଜିଆରେ ତହସିଲଦାର ଭାବେ କାର୍ଯ୍ୟରେ ଯୋଗଦେଲେ ଦିବାକର ମାଝୀ। ସେ କାର୍ଯ୍ୟରେ ଯୋଗଦେଇ ଦାୟିତ୍ୱରେ ଥିବା ତହସିଲଦାର ବେଦବ୍ୟାସ ଭୋଇଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଦାୟିତ୍ୱ ଗ୍ରହଣ ପରେ ପରେ ତହସିଲ ଅଧୀନରେ ଥିବା ସମସ୍ତ ଆରଆଇ ଓ କାର୍ଯ୍ୟାଳୟ କର୍ମଚାରୀ ମାନେ ଆସି ଶୁଭେଚ୍ଛା ଜଣାଇଥିଲେ। ମାଝୀ କରଞ୍ଜିଆରେ ତହସିଲଦାର ଭାବେ ପୂର୍ବରୁ କାର୍ଯ୍ୟ କରି ସମସ୍ତଙ୍କ ପ୍ରିୟ ହେଇଥିଲେ। ୨୦୨୪ ସାଧାରଣ ନିର୍ବାଚନ ବେଳେ ତାଙ୍କୁ ଅନ୍ୟତ୍ର ବଦଳି ହୋଇଥଲା। ତେବେ ପୁରୁଣା ଜାଗାରେ କାମ କରିବାକୁ ଅସୁବିଧା ହେବନାହିଁ ବୋଲି ସୂଚନା ଦେଉଛନ୍ତି ମାଝୀ।

# ତାଣ୍ଡବ ରଚିଲା କାଳବୈଶାଖୀ



ପରଜଙ୍ଗ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ ଅଞ୍ଚଳରେ ଶୁକ୍ରବାର ରାତିରେ କାଳବୈଶାଖୀ ପ୍ରଭାବ ଅନୁଭୂତ ହୋଇଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ରାତି ପ୍ରାୟ ନଅଟା ବେଳକୁ ହଠାତ୍ କାଳ ବୈଶାଖୀର ରୂପ ଧାରଣ କରି ପ୍ରଥମେ ପବନର ବେଗ ଓ ପରେ ବର୍ଷା ସାଙ୍ଗକୁ କୁଆପଥର ବୃଷ୍ଟି ଏହା ସାଙ୍ଗକୁ ସମଗ୍ର ଅଞ୍ଚଳ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇପଡିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହାର ପ୍ରଭାବରେ ପରଜଙ୍ଗ ପଞ୍ଚାୟତ ଅଧିନସ୍ଥ ଜହ୍ନାପଡ଼ା ଗ୍ରାମରେ ଅଧିକ ପ୍ରଭାବିତ ହୋଇଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଗ୍ରାମର ବସନ୍ତ ନାୟକଙ୍କ ଆଜବେଷ୍ଟ୍ ଛପର ଘର ଭାଙ୍ଗିଯିବାରୁ ଏହାରି ତଳେ ୫ ଟି ବାଇକ ଗାଡ଼ି ଉପରେ ପଡିବା, ମାଧବ ନାୟକଙ୍କର ଗାଈ ଗୁହାଳ ଘର ଭାଙ୍ଗି ଯିବାରୁ ଗାଈଗୋରୁ ଅକ୍ଳକେ ବର୍ତ୍ତି ଯାଇଥିବା, ଚିନ୍ତାମଣି ନାୟକଙ୍କର ଆଜବେଷ୍ଟ ଘର ଭାଙ୍ଗି ଯିବାରୁ ଏହାରି ତଳେ ରହିଥିବା ଘରର ଆସବାବ ପତ୍ର ଗୁଡ଼ିକ ନଷ୍ଟ ହୋଇଥିବା, ବିପିନି ସାହୁଙ୍କର କୁକୁଡ଼ା ଫାର୍ମରୁ ସମ୍ପୂର୍ଣ୍ଣ ଆଜବେଷ୍ଟ ଉଡ଼ାଇ ନେବା, ଅକ୍ଷୟ ନାୟକ, ସର୍ବେଶ୍ୱର ସାହୁ, ନରୋତ୍ତମ ବିଶ୍ୱାଳ, ଅମିତ୍ ନାୟକ, ଶୁଭଲକ୍ଷ୍ମୀ ନାୟକ, ଶ୍ରୀକାନ୍ତ ନାୟକ, ଅବନ୍ତି ନାୟକ, ବିଜୟ ନାୟକ, ସୁନିଆ ନାୟକ, ଅମୂଲ୍ୟ ସାହୁ, ଅଭୟ ସାହୁ ସମେତ ଗ୍ରାମର ଅନ୍ୟ କେତେକ ପରିବାରଙ୍କର କାହାର ଆଜବେଷ୍ଟ ଉଡ଼ାଇ ନେଇଛି ତ ଆଉ କାହାର ଚାଳଛପର ଘର ଉଡ଼ାଇ ନେଇଥିବା ଦୃଶ୍ୟ ଦେଖିବାକୁ ମିଳିଛି। ପବନର ଏପରି କରାଳ ରୂପରେ ବସବାସ କରୁଥିବା ପରିବାର ଲୋକେ ଭୟଭୀତ ହୋଇ ରାତିସାରା ଉଜାଗର ହେବାକୁ ପଡିଥିବା ବେଳେ ଗାଈଗୋରୁମାନେ ଖୋଲା ଆକାଶ ତଳେ ଆଶ୍ରୟ ନେବାକୁ ପଡ଼ିଥିଲା। ଏହା ସହିତ ଗଛ ଡାଳ ଭାଙ୍ଗି ଲୋକଙ୍କ ଯାତାୟାତ ରାସ୍ତାରେ ପଡିବା, କାହା ଘର ଉପରେ ପଡିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ସେହିପରି ବ୍ଲକର ଡମୋଳ ପଞ୍ଚାୟତ ଗଉଡକାଟେଣି ଗ୍ରାମର ୨ଭାଇ ସତ୍ୟାନନ୍ଦ ପରିଡା ଓ ନିତ୍ୟାନନ୍ଦ ପରିଡାଙ୍କ ଆଜବେଷ୍ଟ୍ ଛପର ଗୁହାଳ ଉପରେ ଏକ ବର ଗଛର ଡାଳ ପଡ଼ିବାରୁ ଘର ଭିତରେ ରହିଥିବା ୨୦ରୁ ଉର୍ଦ୍ଧ୍ୱ ଗୋରୁ ଗାଈ ଅକ୍ଳକେ ବର୍ତ୍ତି ଯାଇଛନ୍ତି। ଗାଈଗୋରୁମାନଙ୍କ ଚିତ୍କାର ଶୁଣି ପରିବାର ଓ ସାହି ପଡୋଶୀ ଲୋକମାନେ ମିଶି ଗୋରୁଗାଈମାନଙ୍କୁ ଉଦ୍ଧାର କରିଥିଲେ। ଏହା ସହିତ ନିତ୍ୟାନନ୍ଦ ପରିଡାଙ୍କ ଛାତ ଉପରେ ରହିଥିବା ସିଡି ଘରର ଆଜବେଷ୍ଟ୍ ସମ୍ପୂର୍ଣ୍ଣ ଉଡ଼ାଇ ନେଇଥିବା ବେଳେ ଏଥିରୁ ପରିବାର ଲୋକେ ଅକ୍ଳକେ ବର୍ତ୍ତି ଯାଇଛନ୍ତି। କାଳବୈଶାଖୀରେ ଜନଜୀବନ ସୁରକ୍ଷା ଥିବାବେଳେ, ଅନ୍ୟାନ କ୍ଷୟକ୍ଷତି ଘଟିଥିବା ପରିବାରକୁ ତୁରନ୍ତ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଓ ବିଭିନ୍ନ ମହଲରେ ଦାବୀ ରଖିଛନ୍ତି।

# ସ୍ୱପ୍ନେଶ୍ୱର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ଧର୍ମଶାଳା, (ଭାସ୍କର ନ୍ୟୁଜ୍): ଧର୍ମଶାଳା ବ୍ଲକ ମହିଶରା ପଞ୍ଚାୟତ ବାଟିଜୋଡ଼ା ସ୍ଥିତ ସ୍ୱପ୍ନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶୁକ୍ରବାର ଦିନ ଉଦ୍‌ଘାଟିତ ହୋଇ ଆଜି ୨ୟ ଦିନରେ ପଦାର୍ପଣ କରିଛି। ଆଜିର ଉତ୍ସବରେ ପଣ୍ଡିତ ଡ଼. ବିରେନ୍ଦ୍ର କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ମନସ୍ତତ୍ତ୍ୱକୁ ବୁଝି ଯଦି ଶିକ୍ଷକ ଶିକ୍ଷାଦାନ କରନ୍ତେ ତେବେ ଛାତ୍ରୀଛାତ୍ରମାନେ ଉତ୍ତମ ଜ୍ଞାନ




ଆହୋରଣ କରି ଶିକ୍ଷା ଅନୁଷ୍ଠାନର ଟେକ ରଖିଥାନ୍ତେ। ପିଲାମାନେ ଉତ୍ତମ ଶିକ୍ଷାଗ୍ରହଣ କରି ଭଲମଣିଷ ହେବାକୁ ସେ ପରାପର୍ଶ ଦେଇଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଉପଦେଷ୍ଟା ତଥା ବରିଷ୍ଠ ଖବରଦାତା ବିଶ୍ୱନାଥ ସାମଲ ଏହି ଉତ୍ସବରେ ଅଧକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଧର୍ମଶାଳା ମଣ୍ଡଳ ଉନ୍ନୟନ ଅଧିକାରୀ ଜ୍ୟୋତ୍ରିମୟ କର ଯୋଗ ଦେଇ କହିଲେ ଯେ, ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରୀଛାତ୍ରଙ୍କୁ ଉତ୍ତମ ମଣିଷ ଗଢ଼ିବାକୁ ଶିକ୍ଷକମାନଙ୍କୁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଧର୍ମଶାଳା ସାହିତ୍ୟ ସମାଜର ସଭାପତି କାହ୍ନୁ ଚରଣ ଦାଶ, ଅବସର ପ୍ରାପ୍ତ ପ୍ରାଧ୍ୟାପକ ରଘୁନାଥ ପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ଆଶାତରୁ ନାୟକ, ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ସଭ୍ୟ ଡ଼. ଭାଗ୍ୟଧର ସେଠୀ ଅତିଥିଙ୍କୁ ସ୍ୱାଗତ ଜଣାଇବା ସହ ପରିଚୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ସଂସଦ ଅଭ୍ୟର୍ଥନା କମିଟି ସଭ୍ୟ ତ୍ରିଲୋଚନ ପାଢ଼ୀ ଓ ଅଶୋକ ସାମଲ ଅତିଥି ମାନଙ୍କୁ ଉପଢ୍ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ଅଲେଖ ପ୍ରସାଦ ନାୟକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ଶିକ୍ଷୟତ୍ରୀ, ଶିକ୍ଷକ ଓ ପ୍ରତିଷ୍ଠାତା ସଭ୍ୟ ଓ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସିନେତାରକା ପୁପିନ୍ଦର ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ପୁରାତନ ଛାତ୍ର ରାଜେନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। ସଂଧ୍ୟାରେ ସୁନାମଧନ୍ୟ କଣ୍ଠ ଶିଳ୍ପୀ ଅସିମା ପଣ୍ଡା ଓ ସାଥି ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଆସନ୍ତା କାଲି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହେବ ବୋଲି ପୁରାତନ ଛାତ୍ର ସଂସଦ ସଭାପତି ମନୋରଞ୍ଜନ ସେଠୀ ସୂଚନା ଦେଇଛନ୍ତି।

## ମୃତ କର୍ମଚାରୀଙ୍କ ପରିବାରଙ୍କୁ ସମବେଦନା ଜଣାଇଲା ଓଷ୍ଟା ସଂଘ

ବେତନଟୀ, (ଭାସ୍କର ନ୍ୟୁଜ): ବେତନଟୀ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ମେର୍ଦା ହାଇସ୍କୁଲର ପିଅନ ସ୍ୱର୍ଗତ ତିମିର କୁମାର ଓଝା ମୃତ୍ୟୁବରଣ କରିଥିଲେ। ତାଙ୍କର ପୈତୃକ ଗୃହ ବେତନଟୀ (ସୁଖିଲାହାର) ଠାରେ ତାଙ୍କର ତାଙ୍କର କ୍ରିୟା କର୍ମ ପରିବାର ବର୍ଗଙ୍କ ପକ୍ଷରୁ ସମ୍ପାଦିତ ହୋଇଯାଇଛି। ଓଷ୍ଟା ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ପ୍ରତନିଧି ମଣ୍ଡଳୀ ମୃତକଙ୍କ ଘରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ସହାୟତା ରାଶି ପ୍ରଦାନ କରିଥିଲେ। ସେହିଭଳି ମେର୍ଦା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମାଳତୀ ହେମ୍ବ୍ରମଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ମଧ୍ୟ ତାଙ୍କ ପରିବାରର ବର୍ଗଙ୍କୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଷ୍ଟାର ବ୍ଲକ୍ ସଂପାଦକ ସୂର୍ଯ୍ୟାନନ୍ଦ ନାୟକ, ଉପ ସଭାପତି ପ୍ରକାଶ କେଶରୀ ପ୍ରଧାନ ପ୍ରମୁଖଙ୍କ ସହ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଖେଳଣା ଆଧାରିତ ଶିକ୍ଷା ପ୍ରଣାଳୀ ଆରମ୍ଭ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲାସ୍ତରୀୟ ୩ ଦିନିଆ ଖେଳଣା ଆଧାରିତ ଶିକ୍ଷା ପ୍ରଣାଳୀ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ପ୍ରତିଷ୍ଠାନର ଅଧକ୍ଷା ମମତା କୁମାରୀ ଝଡ଼ିଆଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ଖେଳଣା ମାଧ୍ୟମରେ ବିଭିନ୍ନ ସ୍ତରର ଆଧାରିତ ପର୍ଯ୍ୟାୟ, ପ୍ରସ୍ତୁତି ପର୍ଯ୍ୟାୟ, ମଧ୍ୟମ ପର୍ଯ୍ୟାୟ ଶିଶୁମାନଙ୍କୁ କେମିତି ପଢ଼ାଇବା ସହ ଶିଶୁଙ୍କ ସାମଗ୍ରିକ ବିକାଶ ହେବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମାଲକାନଗିରି ଜିଲାର ୭ ଟି ବ୍ଲକ୍‌ରୁ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୪୨ ଜଣ ଅନୁଭୂତି ସମ୍ପନ୍ନ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ଅନୁଷ୍ଠାନରେ ଯୋଗଦାନ କରିଥିଲେ। ଏହି ଉପଲକ୍ଷେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ଚିତ୍ରକୋଣ୍ଡାରେ ବିଭିନ୍ନ ପ୍ରକାର ଖେଳଣା ପ୍ରସ୍ତୁତି ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଛାୟା କଣ୍ଢେଇ, ମୁଖା, ମାଟି କଣ୍ଢେଇ, ହସ୍ତ କଣ୍ଢେଇ ବନେଇଛନ୍ତି। ବରିଷ୍ଠ ଶିକ୍ଷକ ତ ?ଥା ପ୍ରଶିକ୍ଷକ ଗୋପୀନାଥ ସେଠ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶିକ୍ଷିକା ଶ୍ରାବଣୀ ବେହେରା, ଚାରୁ ଚପଳା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷକ ଦିନବନ୍ଧୁ ହାଲୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀମାନେ ନିଜର ଆଲୋଚନାକୁ ଉପସ୍ଥାପନା କରିଥିଲେ।

# ସାମ୍ନାକୁ ଆସିଲା ଆଇଟିଡିଏର ମନମାନୀ

ଖଇରପୁଟ, (ଭାସ୍କର ନ୍ୟୁଜ): ବିଗତ କିଛି ଦିନ ତଳେ ଆଇଟିଡିଏର ବିଭିନ୍ନ ଉନ୍ନୟନ ମୂଳକ କାମ ଓ ବହୁ ଠିକାଦାର ଟେଣ୍ଡର ପ୍ରକ୍ରିୟାକୁ ନେଇ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ଖବର ଥମିବା ନା ନେଉ ନଥିବା ବେଳେ ପୁଣି ଏକ ଅଭିଯୋଗ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ତଥା ଆଇଟିଡିଏ ବିରୋଧରେ ଆସିଛି। ୨ ଅପ୍ରେଲରେ ଏକ ଟେଣ୍ଡର ଆହ୍ୱାନ କରିଥିଲା ଆଇଟିଡିଏ ସଂସ୍ଥା। ଯେଉଁଥିରେ କି ପାଖାପାଖି ୩ କୋଟିର ତାଙ୍କ ବ୍ୟୟବରାଦ ହୋଇଥିଲା। ଆସନ୍ତାକାଲି ଏହି ଟେଣ୍ଡର କଲର ଶେଷ ତାରିଖ। ଏପଟେ ବହୁ ଆଦିବାସୀ ଠିକାଦାର ଯେତେବେଳେ ଏହି ଟେଣ୍ଡର ସୂଚୀକୁ ଦେଖି ଅବାକ୍ ହୋଇଯାଇ ଥିଲେ। କାରଣ ବହୁ ପ୍ରକାରର ସାମଗ୍ରୀ ଏହି ଟେଣ୍ଡର ପେପର ସହ ଯୋଡ଼ି ରହିବା ଆବଶ୍ୟକ ବୋଲି ଉଲ୍ଲେଖ ରହିଛି। ଗୋଟିଏ ୯-୨୦ଲକ୍ଷ ଟଙ୍କା କାମ ପାଇଁ ୨ଟି ପାଣି ଟାଙ୍କି, ଦୁଇଟି ଜେନେରେଟର, ଭାଇବ୍ରେଟର, ଗୋଟିଏ ହାଇୱା, ଟ୍ରାକ୍ଟର ଓ ଟ୍ରାକ୍ଟରର ସମସ୍ତ ପେପର ଠିକ୍ ରହିବା ଓ ଶେଷରେ ଦୁଇଦୁଇଟି ମିକ୍ସର ମେସିନ ଆଦି ରହିବା ଆବଶ୍ୟକ। ଯଦି ଉକ୍ତ ଠିକାଦାର ପାଖେ ଏସବୁ ଥିବ ତେବେ ସେ ହିଁ ଏହି ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇପାରିବ। ତେବେ ଏଠି ପ୍ରଶ୍ନ ଉଠୁଛି ଆଦିବାସୀ ବହୁଳ ଅଞ୍ଚଳରେ ଛୋଟିଆ ଛୋଟିଆ ନିର୍ମାଣ କାମରେ ଏତେ ପ୍ରକାରର ସାମଗ୍ରୀ କ'ଣ ଗୋଟିଏ ଗରିବ ଆଦିବାସୀ ଠିକାଦାର ପାଖେ ରହିପାରିବ। ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରିବ କି କେବଳ ହାତଗଣତି କିଛି ଠିକାଦାରଙ୍କୁ ସନ୍ତୁଷ୍ଟ କରାଇବା ପାଇଁ ଆଇଟିଡିଏ ସଂସ୍ଥାର ଏହା ହେଉଛି ଏକ ବଡ଼ ଯୋଜନା। ଏ ବାବଦରେ ଆମେ ପିଏ ଆଇଟିଡିଏ ହଳଧର ଶବରଙ୍କୁ ପଚାରିବାରୁ ସେ ଏ ନେଇ ତର୍ଜମା କରିବେ ବୋଲି ଉତ୍ତର ରଖିଥିଲେ। ଏଠି ପ୍ରଶ୍ନ ଉଠୁଛି ଜଣେ ଯଦି ନୂଆରେ ଏହି ଛୋଟିଆ କାମ ପାଇଁ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବ ତେବେ ସେ କ'ଣ ଏସବୁ ପାଇଁ ତାକୁ କ'ଣ ବାଦ୍ ଦିଆଯିବ। ଏନେଇ ଏ ଟେଣ୍ଡରକୁ ବାତିଲ କରାଯାଇ ନୂତନ ଟେଣ୍ଡର ସହ ଏକ ଟେଣ୍ଡରକୁ ସହଜ ପ୍ରକ୍ରିୟାରେ କରିବା ପାଇଁ ଠିକାଦାର ମାନେ ଆଇଟିଡିଏ ସଂସ୍ଥାକୁ ଅନୁରୋଧ କରିଛନ୍ତି।

## ଅବକାରୀ ବିଭାଗର ଚଢ଼ାଉ, ୨ ଗିରଫ

ଟାଙ୍ଗୀ, (ଭାସ୍କର ନ୍ୟୁଜ): ଦିନକୁଦିନ ବଢ଼ି ଚାଲିଛି ଚୋରା ମଦ, ଭାଙ୍ଗ ଭଳି ନିଶା କାରବାର। ନିଶା କାରବାରରେ ଜଡ଼ିତ ରହୁଛନ୍ତି ଅନେକ ଯୁବ ପିଢ଼ିମାନେ। ଟାଙ୍ଗୀ ଅବକାରୀ ଥାନା ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ନିକଟସ୍ଥ କାଳୁପଡା-ଜରିପଡା ଓ ସୋରଣ-ମାନସିଂହପୁର ଗ୍ରାମରେ ଚଢ଼ାଉ କରିଥିଲା ଅବକାରୀ ବିଭାଗ ପୋଲିସ। ଜରିପଡା ଗ୍ରାମର ଦଧିବାମନପୁର ସାହିରୁ ଭାଙ୍ଗ ବ୍ୟବସାୟୀ ବସନ୍ତ ସ୍ୱାଇଁ ଙ୍କୁ ଗିରଫ କରିଛି ଓ ତାଙ୍କ ଠାରୁ ଚୋରା ୧୦ କେଜି ଭାଙ୍ଗ ଜବତ ହୋଇଛି। ଠିକ୍ ସେହିପରି ସୋରଣ-ମାନସିଂହପୁର ଗ୍ରାମର ଗୋପବନ୍ଧୁ ସାହିରେ ଚଢ଼ାଉ କରି ଚୋରା ମଦ କାରବାର ଘଟଣାରେ ମାଗୁଣି ବେହେରାଙ୍କୁ ଗିରଫ କରିଛି ଅବକାରୀ ପୋଲିସ।

## ସୁରକ୍ଷା ସମ୍ପର୍କ ସଚେତନତା ସଭା

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): ପାୱାର ପଏଣ୍ଟ ଇଞ୍ଜିନିଅରିଂ ସଂସ୍ଥା ପକ୍ଷରୁ ତିନିମୁହାଣି ନିକଟ ସ୍ଥିତ ହୋଟେଲ ବିନାୟକ ପ୍ୟାଲେସ ପରିସରରେ କେନ୍ଦ୍ରାପଡା ବିଦ୍ୟୁତ ଡିଭିଜନର ଟିପିସିଓଡିଏଲ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କ ନିମନ୍ତେ ଏକ ସୁରକ୍ଷା ସମ୍ପର୍କ ସଚେତନତା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ପାୱାର ପଏଣ୍ଟ ଇଞ୍ଜିନିଅରିଂ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ସମୀର କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ମୁଖ୍ୟଅତିଥି ଭାବେ ଟିପିସିଓଡିଏଲର ମୁଖ୍ୟ ସୁରକ୍ଷା ଅଧିକାରୀ ରାଜେଶ ପ୍ରହଲ୍ଲାଦ ଶର୍ମା, ଟିପିସିଓଡିଏଲର କଣ୍ଟ୍ରାକ୍ଟ ସେଲ ଗ୍ରୁପର ମୁଖ୍ୟ ବିପିନ ଚୌହାନ, କ୍ଷେତ୍ରମୁଖ୍ୟ ମହେନ୍ଦ୍ର ତ୍ରିପାଠୀ, ଟିପିସିଓଡିଏଲର ପାରାଦୀପ ସର୍କଲ ମୁଖ୍ୟ ଇଂ ଶିବ ପ୍ରସାଦ ସ୍ୱାଇଁ, ଟିପିସିଓଡିଏଲ କେନ୍ଦ୍ରାପଡା ଡିଭିଜନର ସହକାରୀ ସାଧାରଣ ପରିଚାଳକ ଇଂ ପ୍ରତାପ ସ୍ୱାଇଁ, ଟିପିସିଓଡିଲ ୩୩କେଭି ଅପରେସନାଲ ମେଣ୍ଟେନାନ୍ସ ମୁଖ୍ୟ ନରେଶ କାପୁର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟିପିସିଓଡିଏଲରେ କାର୍ଯ୍ୟରତ ଲାଇନମ୍ୟାନ, ହେଲପର ଓ ଅନ୍ୟ କ୍ଷେତ୍ର କର୍ମଚାରୀମାନଙ୍କ ସୁରକ୍ଷା ସମ୍ପର୍କରେ ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନା କରିଥିଲେ। ଏଥିସହିତ ବିଦ୍ୟୁତ କର୍ମଚାରୀଙ୍କ ସୁରକ୍ଷା ସମ୍ପର୍କିତ ଏକ କ୍ଷୁଦ୍ର ଚଳଚିତ୍ର ମଧ୍ୟ ସଭାରେ ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ କହିଥିଲେ ଯେ ପ୍ରଥମେ ବିଦ୍ୟୁତ କର୍ମଚାରୀ ମାନେ ନିଜର ସୁରକ୍ଷା ପ୍ରତି ଉଚିତ ଧ୍ୟାନ ଦେବା ସହ ବିଦ୍ୟୁତ ନିରୋଧକ ସମସ୍ତ ସରଞ୍ଜାମ ବ୍ୟବହାର କରିବା ଉଚିତ। ଏହା ବ୍ୟତୀତ ସେମାନେ କାର୍ଯ୍ୟକୁ ଯିବା ପୂର୍ବରୁ ସୁରକ୍ଷା ହେଲମେଟ ଓ ଗ୍ଲୋଭସ ସମେତ ଅନ୍ୟାନ୍ୟ ସମସ୍ତ ଆବଶ୍ୟକ ଉପକରଣ ପରିଧାନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କେତେକ କ୍ଷେତ୍ର କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟଦକ୍ଷତା ପାଇଁ ପୁରସ୍କୃତ କରାଯାଇଥିଲା।

# ପ୍ରଧାନ ଶିକ୍ଷକଙ୍କ ଆଭିମୁଖ୍ୟ କରଣ କାର୍ଯକ୍ରମ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଲକ୍ଷ୍ମୀପୁର ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ୍‌ରେ ଥିବା ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟତ୍ରୀ ଓ ବିଷୟ ଭିତ୍ତିକ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନେଇ ଏକ ଆଭିମୁଖ୍ୟ କରଣ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ଡ.ପ୍ରଶାନ୍ତ କୁମାର ମହାନ୍ତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ଆକାଂକ୍ଷୀ ବ୍ଲକ୍ ଭାବେ ଶିକ୍ଷା କ୍ଷେତ୍ରରେ କିପରି ବିଶେଷ ପାରଦର୍ଶିତା ହାସଲ କରିବ, ସେଥି ନିମନ୍ତେ ବିଭିନ୍ନ ପଦକ୍ଷେପ ଉପରେ ସବିଶେଷ ଆଲୋଚନା ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ଡ. ମହାନ୍ତି ବ୍ଲକ୍ ରେ ସମସ୍ତ ବିଦ୍ୟାଳୟରେ ଉପସ୍ଥାନ ସତ ପ୍ରତିଶତ କରିବା ଉପରେ ଜୋର୍ ଦେବା ସହ ଆସନ୍ତା ବର୍ଷ ମେଟ୍ରିକ ପରୀକ୍ଷାରେ କିପରି ଅଧିକ ଗୁଣାତ୍ମକ ଫଳ ମିଳିବ ତାହା ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ ଶୈକ୍ଷିକ କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇ ଥିଲେ। ବିଦ୍ୟାଳୟରେ ଶୈକ୍ଷିକ କାର୍ଯ୍ୟକ୍ରମର ବିକାଶ ପାଇଁ କୋରାପୁଟ ଜିଲ୍ଲାପାଳଙ୍କ ମାର୍ଗ ଦର୍ଶନ ସହ ଜିଲ୍ଲା ଶିକ୍ଷାଧିକାରୀଙ୍କ ବିଭିନ୍ନ ପ୍ରସ୍ତାବ ଆଗତ ଖୁବ୍ ସ୍ୱାଗତ ଯୋଗ୍ୟ ଥିଲା। ଏଥିସହ ବ୍ଲକର ପ୍ରଧାନ ଶିକ୍ଷକମାନଙ୍କ ଦ୍ୱାରା ଉପସ୍ଥାପିତ କାର୍ଯ୍ୟ ପନ୍ଥା, ଛାତ୍ରଛାତ୍ରୀଙ୍କ ପାଇଁ ଗଣିତ, ବିଜ୍ଞାନ, ଇଂରାଜୀ ଓ ସାମାଜିକ ବିଜ୍ଞାନ ଉପରେ ଅଧିକ ଗୁରୁତ୍ୱ ଦେବା ସହ ସମସ୍ତ ବିଷୟରେ କିପରି ଦକ୍ଷତା ଅର୍ଜନ କରିବେ ତାହା ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଅନନ୍ତ କୁମାର ଦଳପତି ପିପିଟି ମାଧ୍ୟମରେ ସମସ୍ତ କାର୍ଯ୍ୟାବଳୀ ଉପସ୍ଥାପନ କରିବା ସହ ବିଷୟ ଭିତ୍ତିକ ଶିକ୍ଷକ ମାନଙ୍କୁ ନେଇ ଗ୍ରୁପ ଜରିଆରେ କାର୍ଯ୍ୟକ୍ରମ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ନୂତନ ଶିକ୍ଷାନୀତି ର ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ଛାତ୍ରଛାତ୍ରୀଙ୍କ ପାଠ୍ୟକ୍ରମ ସହଜ ଓ ବୋଧଗାମ୍ୟ ପାଇଁ ବିଦ୍ୟାଳୟରେ ବିଜ୍ଞାନାଗାର, ଲାଇବ୍ରେରୀ, ଖାନ୍ ଏକାଡେମୀ ମାଧ୍ୟମରେ ପାଠପଢ଼ାକୁ ଅଧିକ ଜୋର୍ ଦେଇଥିଲେ। ୨୦୨୫-୨୬ ଶିକ୍ଷା ବର୍ଷରେ ଆକାଂକ୍ଷି ବ୍ଲକ ଲକ୍ଷ୍ମୀପୁର ନିଶ୍ଚିତ ଶିକ୍ଷା କ୍ଷେତ୍ରରେ ବିଶେଷ ପାରଦର୍ଶିତା ଲାଭ କରିବ ଓ ତା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟ ପନ୍ଥା ଅବଲମ୍ବନ କରିବା ପାଇଁ ପ୍ରଧାନ ଶିକ୍ଷକ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଜିଲ୍ଲା ଶିକ୍ଷାଧିକାରୀଙ୍କୁ କଥା ଦେଇଥିଲେ। ଉକ୍ତ କାର୍ଯ୍ୟ କ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୂତି ଭୂଷଣ ଟାକ୍ରୀ ଓ ମଦନ ମୁଦୁଲି, ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳ ଉପସ୍ଥିତ ଥିବା ବେଳେ ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅପରାହ୍ନ ଦୁଇଟାରୁ ଆରମ୍ଭ ହୋଇ ପାଞ୍ଚଟାରେ ଶେଷ ହୋଇଥିଲା।

# ୩୩ ତମ ବର୍ଣ୍ଣାଳୀ ଉତ୍ସବ ଆୟୋଜିତ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ନିକଟ ଅତୀତରେ ନୀଳାଦ୍ରି ବିହାର ସ୍ଥିତ ଏକ ଅଗ୍ରଣୀ ଅନୁଷ୍ଠାନ ମନମାନିନିର ୩୩ତମ ବର୍ଣ୍ଣାଳୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ନାଟ୍ୟକାର ବିଭୂତି ଭୂଷଣ ନାଟ୍ୟ ସମ୍ମାନ, ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ କରାଯାଇଥିଲା। ଏହା ଦୁଇଟି ପର୍ଯ୍ୟାୟରେ ପାଳିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ନାଟ୍ୟକାର ବିଭୂତି ଭୂଷଣ ମହାନ୍ତି ନାଟ୍ୟ ସ୍ମୃତି ସୃଜନ ସମ୍ମାନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି ରୂପେ, ପଦ୍ମଶ୍ରୀ ଅଶୋକ ମହାପାତ୍ର, ଅଶୋକ ମିଶ୍ର (ଅବସରପ୍ରାପ୍ତ), ମିହିର ମେହେର (ମଞ୍ଚ ନିର୍ଦ୍ଦେଶକ), ସଂଗୀତା ଗୋସାଇ, ଦେବସ୍ମିତା ସାହୁ (ଉତ୍କଳିକା ସଭାପତି), ଡ. ଭାଗ୍ୟଲିପି ମଲ୍ଲ, ପ୍ରଯକ୍ତ ପ୍ରଶାସକ ସହଦେବ ଜୟସିଂହ, ସୁରେନ୍ଦ୍ର ନାଥ ଛୋଟରାୟ, କାଞ୍ଚି ନାରାୟଣ ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଥମ ପର୍ଯ୍ୟାୟରେ ନୃତ୍ୟସ୍ମୃତି ସମ୍ମାନରେ ସଚ୍ଚି ମହାନ୍ତି (ଜୀବନବ୍ୟାପୀ ସାଧନା ପାଇଁ), ମାନସ ରଞ୍ଜନ ମହାପାତ୍ର (କବି), ହାରେନ ସାହୁ (ମଞ୍ଚ ନିର୍ଦ୍ଦେଶକ), ମିହିର ସ୍ୱାଇଁ (ଅଭିନୟ), ଅଜୟ ମହାପାତ୍ର (ପ୍ଲେ ଲେଖକ), ଡ. ମୃତ୍ୟୁଞ୍ଜୟ ରଥ(ଉଦ୍‌ଘୋଷକ), ଅଶୋକ ପଟ୍ଟନାୟକ (କବି), ସୌମ୍ୟରଞ୍ଜନ ପଟ୍ଟନାୟକ (ଚିତ୍ରଶିଳ୍ପୀ), ସୁରଭି ଭଞ୍ଜ (ଗୀତିକାର), ଶଧର ପତି (ଭାସ୍କର୍ଯ୍ୟ ଶିଳ୍ପୀ), ବାସନ୍ତୀ ଦାସ (ବହୁମୁଖୀ), ବିଜୟ ଜେନା (ମଶାଣି ମଣିଷ), ମହେଶ୍ୱର ପ୍ରଧାନ, ମାନିଆ ରଥ (ସମାଜ ସେବା), ନିର୍ମଳା ବାଳା ଦେବୀ (କବି), ଅଜିତ ମହାରଣା (ଜନସେବା), କୁସୁମ ତ୍ରିପାଠୀ (ଅଭିନେତ୍ରୀ)ଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଅତିଥି ରୂପେ ପ୍ରସନ୍ନ କୁମାର ପାଟଶାଣୀ (ସୁନାମ ଧନ୍ୟ କବି ଓ ପୂର୍ବତନ ସାଂସଦ), ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ (ଭାସ୍କର୍ଯ୍ୟ ଶିଳ୍ପୀ), ଡ. ସଂଘମିତ୍ରା ମିଶ୍ର (ସୁନାମଧନ୍ୟ ଡ୍ରାମା ଗବେଷକ), ଅନନ୍ତ ନାରାୟଣ ଜେନା ବିଧାୟକ, ମଧ୍ୟ), ମନ୍ମଥ ରାଉତରାୟ (ବିଜେଡି ନେତା), ଭୁଡନୁ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷା ତଥା ବିଶିଷ୍ଟ କବୟିତ୍ରୀ ଡ. ବନ୍ଦନା ହରିଚନ୍ଦନ, ଅଶୀୟା ବେଗୁମ୍ (କର୍ପୋରେଟର) ଯୋଗଦାନ କରିଥିଲେ। ଏହି ପର୍ଯ୍ୟାୟରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ହେଲେ, ବର୍ଣ୍ଣାଳୀ ସମ୍ମାନ ଜୀବନବ୍ୟାପୀ ସାଧନା ପାଇଁ ପାଇଲେ ପଦ୍ମଶ୍ରୀ ବିନୋଦ ମହାରଣା (ପଟ୍ଟଚିତ୍ରଶିଳ୍ପୀ), ଶଙ୍କର ବସୁ ମଲ୍ଲିକ (ଅଭିନେତା), ସଦାନନ୍ଦ ତ୍ରିପାଠୀ (ଗାଳ୍ପିକ), ଲକ୍ଷ୍ମୀକାନ୍ତ ପାଳିତ (ସଂଗୀତ), ସୁରଜ ମିଶ୍ର (ସିନେମା ନିର୍ଦ୍ଦେଶକ), ସୁହାଗ ନଳିନୀ ଦାସ (ଓଡ଼ିଶୀ), ରଜନୀ ରଞ୍ଜନ ଦାସ (ଗୀତିକାର), ଯୋଗେନ୍ଦ୍ର ମହାରଣା (ହସ୍ତଶିଳ୍ପୀ), ମିହିର ସାହୁ (ସାହିତ୍ୟ ସମାଲୋଚକ), ବବି ଇସ୍‌ଲଶମ (ଆଧୁନିକ ନୃତ୍ୟ), ଦୁର୍ଗେଶ (ସାମ୍ବାଦିକ), ସୁସ୍ମିତା (ଯୁବ ଚିତ୍ରଶିଳ୍ପୀ), ମମତା ସାମନ୍ତରାୟ (ଚିତ୍ର ଶିଳ୍ପୀ), ମାନସୀ ଶତପଥୀ (ସମାଜ ସେବୀ) ସମ୍ମାନିତ ହୋଇଥିଲେ।

# ଯୁବକଙ୍କୁ ଛୁରା ମାଡ଼ ଘଟଣା, ୨ ଅଭିଯୁକ୍ତ ଗିରଫ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନା ଅଧିନସ୍ଥ ସୁନ୍ଦରପୁର ଗାଁ'ରେ ଯୁବକଙ୍କୁ ଛୁରା ମାଡ଼ ଘଟଣାରେ ଟାଙ୍ଗୀ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ଛୁରା ମାଡ଼ ଘଟଣାରେ ଆହତ ହୋଇଥିଲେ ସୁନ୍ଦରପୁର ଗାଁ'ର ହେମନ୍ତ ମଣ୍ଡଳ। ସାମାନ୍ୟ କଥାକୁ ନେଇ ପରସ୍ପର ମଧ୍ୟରେ ହୋଇଥିଲା ବିବାଦ। ଏଥିରେ ଉତ୍ତେଜିତ ହୋଇ ସେହି ଗାଁ'ର ୨ ଜଣ ଯୁବକ ଶୁକ୍ରବାର ବିଳମ୍ବିତ ରାତ୍ରରେ ହଠାତ୍ ଛୁରାମାଡ଼ କରି ଚମ୍ପଟ ମାରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆହତ ହେମନ୍ତ ମଣ୍ଡଳଙ୍କୁ ପ୍ରଥମେ ଟାଙ୍ଗୀ ମେଡିକାଲରେ ଚିକିତ୍ସା କରାଯିବା ପରେ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା। ଟାଙ୍ଗୀ ଥାନା ନିରୀକ୍ଷକ ରବୀନ୍ଦ୍ର କୁମାର ଭୁଜବଳ ପ୍ରାଥମିକ ତଦନ୍ତ କରିବା ପରେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଆଉ ଶେଷରେ ଅଭିଯୁକ୍ତ ଦୁହିଁଙ୍କୁ ଗିରଫ କରିବାରେ ସଫଳ ହୋଇଛି ଟାଙ୍ଗୀ ପୋଲିସ। ଗିରଫ ଅଭିଯୁକ୍ତ ଦୁହେଁ ହେଉଛନ୍ତି ସୁନ୍ଦରପୁର ଗାଁର ସୁଶାନ୍ତ ସାହୁ ଓ ପୂର୍ଣ୍ଣଚନ୍ଦ୍ର ସାହୁ ବୋଲି ଜଣାପଡିଛି। ଅନ୍ୟପଟରେ ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।



ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଭାରତୀୟ ଜନତା ପାର୍ଟି ଜଗତସିଂହପୁର ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ଆଦିକବି ଶାରଳା ଦାସ ସଂସ୍କୃତି ଭବନ ପରିସରରେ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତାବ୍ଦୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ନୃସିଂହ ସାହୁ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଶିକ୍ଷ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଜନ୍ମ ଶତାବ୍ଦୀ ସମାରୋହକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହା ପରେ ମଂଚାସସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ମୁଖ୍ୟ ବକ୍ତା ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ସମ୍ମାନିତ ଅତିଥି ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ଆଇନଜୀବି ରାଜ କିଶୋର ବେହେରା,ଜିଲ୍ଲା ବିଜେପି ଉପସଭାପତି ସୌଭାଗ୍ୟ ମହାନ୍ତି, ସଞ୍ଜୟ କୁମାର ମହାନ୍ତି, ସତ୍ୟ ସାରଥୀ ମହାନ୍ତି, ଜଗତସିଂହପୁର ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ପ୍ରମୁଖ ଯୋଗଦେଇ ଅଟଳ ବିହାରୀ ବାଜପେୟୀଙ୍କ ନୀତି ଆଦର୍ଶ ରେ ଦେଶ ବାସୀ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ ।



# ମନରେଗା କାମରେ ମହାଦୁର୍ନୀତିର ଗନ୍ଧ

## ବିନା ଫଳକ ଓ ମେସିନ୍‌ରେ କାମକରି ଅର୍ଥ ଉଠାଯାଇଥିବା ଅଭିଯୋଗ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଶିମିଳିବାଞ୍ଚା ପଞ୍ଚାୟତ ଅନ୍ତର୍ଗତ ଏମପିଭି ୪୯ ଗ୍ରାମ ଠାରୁ କାପନପଲ୍ଲୀ ଗ୍ରାମ ପର୍ଯ୍ୟନ୍ତ ନିର୍ମାଣାଧିନ ରାସ୍ତା କାମରେ ଦୁର୍ନୀତିର ଗନ୍ଧ ବାରି ହେଉଛି । ମନରେଗା ଯୋଜନାରେ ନିର୍ମାଣାଧିନ ଏହି ରାସ୍ତା କାମରେ ନାମ ଫଳକ ଲେଖାଯାଇ ନଥିବାବେଳେ ଉଭୟ ପାର୍ଶ୍ୱରୁ ମେସିନ୍ ଯୋଗେ ମାଟି ଉଠାଇ ଲୋକଙ୍କ ଆକାଉଣ୍ଟ ଜରିଆରେ ଟଙ୍କା ଉଠା ଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି । ସୂଚନା ମୁତାବକ ୨୦୨୪-୨୫ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ କାପନପଲ୍ଲୀ ଗ୍ରାମ ଠାରୁ ଏମଭି ୪୯ ଗ୍ରାମକୁ ସଂଯୋଗ ପାଇଁ ପ୍ରାୟ ଆଠ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟ ବରାଦରେ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ ପକ୍ଷରୁ ନିର୍ଦ୍ଧାରଣ କରାଗଲା । ଏଥିପାଇଁ କାର୍ଯ୍ୟର କୋଡ୍ ୨୪୩୧୦୧୪୦୦୯/ଅରସି/ ୧୦୬୦୩୪୭୧ ମଧ୍ୟ ଅନୁମୋଦିତ କରାଗଲା । ତେବେ ଏହି ରାସ୍ତା ନିର୍ମାଣ ନାମରେ ମେସିନ୍ ଯୋଗେ ରାସ୍ତାର ଉଭୟ ପାର୍ଶ୍ୱରେ କିଛି ମିଟର ଦୂର ପର୍ଯ୍ୟନ୍ତ ମାଟି ଉଠାଯାଇ ଅଣକୁଶଳୀ ଶ୍ରମିକ ବାବଦକୁ ପ୍ରାୟ ୨ ଲକ୍ଷ ୩୭ ହଜାର ଟଙ୍କା ଉଠା ଯାଇଥିବା ଗ୍ରାମବାସୀ କହିଛନ୍ତି । ଏହି ଦୁଇ ଗ୍ରାମକୁ ସଂଯୋଗୀକରଣ ପାଇଁ ନିର୍ମାଣାଧିନ ରାସ୍ତାର ଉଭୟ ପାର୍ଶ୍ୱକୁ ସଫା କରି କିଛି ଦୂର ମାଟି ପକାଇ ପ୍ରଶାସନିକ ଅଧିକାରୀଙ୍କ ସହଯୋଗ ବିନା କିଭଳି ଲକ୍ଷାଧିକ ଟଙ୍କା ଉଠାଣ ହେଲା ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗ୍ରାମାଞ୍ଚଳରେ ରାସ୍ତାଘାଟ ସଂଯୋଗୀକରଣ ଲାଗି ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଉଥିବା ବେଳେ ତୃଣମୂଳ ସ୍ତରରେ ଅଧିକାରୀଙ୍କ ଉଦାସୀନତା ଲାଗି କାର୍ଯ୍ୟର ମାନ ଓ ଦୁର୍ନୀତିର ଛାପ ଦେଖିବାକୁ ମିଳୁଛି । ଅନ୍ୟପଟେ ଗ୍ରାମାଞ୍ଚଳରେ କାମଧନ୍ଦା ନପାଇ ଦୈନିକ ଶହଶହ ଲୋକ ଦାଦନ ଖଟିବାକୁ ପଡୋଶୀ ଆନ୍ଧ୍ର, ଛତିଶଗଡ଼ ସମେତ ବିଭିନ୍ନ ରାଜ୍ୟକୁ ଯାଉଥିବା ଦେଖିବାକୁ ମିଳୁଥିବା ବେଳେ ଗ୍ରାମାଞ୍ଚଳରେ ଲୋକଙ୍କୁ ଶହେ ଦିନର ମଜୁରୀ ଗ୍ୟାରେଣ୍ଟି ଦେଉଥିବା ମନରେଗା ଯୋଜନା ବାଟବଣା ହୋଇଥିବା ଭଳି ମନେ ହେଉଛି । ଅନ୍ୟପଟେ ଏ ବାବଦରେ ଗ୍ରାମ୍ୟ ରୋଜଗାର ସେବିକାଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ । ଏପରି ସ୍ଥିତିରେ ଏହି ପ୍ରକଳ୍ପର କାର୍ଯ୍ୟ ପ୍ରକ୍ରିୟା ବାବଦରେ ଉଚ୍ଚସ୍ତରୀୟ ତଦନ୍ତ କଲେ ଏକ ବଡ ଧରଣର ଦୁର୍ନୀତିର ପର୍ଦ୍ଦାଫାସ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ, ୧୭ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ




କଣାସରେ ଦୁଇଶହ ଶିକ୍ଷକ ପଦବୀ ଖାଲି



କଣାସ(ଭାସ୍କର ନ୍ୟୁଜ୍): କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାର ପ୍ରଗତି ପାଇଁ ବିଭିନ୍ନ ଯୋଜନା କରି ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ଖାଦ୍ୟ ଯୋଗାଇବା,ଡ୍ରେସ ଦେବା,ବହିପତ୍ର ଯୋଗାଇବା ,ଖେଳ ଉପକରଣ ଯୋଗାଇବା ପ୍ରଭୃତି କାର୍ଯ୍ୟ କରିଥିବାବେଳେ ସୁଦୂର କୋରାପୁଟ ଓ କଳାହାଣ୍ଡୀ ଜିଲ୍ଲା ନୁହେଁ ଓଡିଶାର ଶିକ୍ଷା ଜିଲ୍ଲା ଭାବେ ପରିଚିତ ପୁରୀ ଜିଲ୍ଲାର କଣାସ ବ୍ଲକରେ ଶିକ୍ଷା ବ୍ୟବସ୍ଥା ଏପରି ବାଧା ପ୍ରାପ୍ତ ହୋଇଛି ଯେ ଛାତ୍ରଛାତ୍ରୀ ଅଭିଭାବକମାନେ ପିଲାମାନଙ୍କୁ ସରକାରୀ ବିଦ୍ୟାଳୟକୁ ନଛାଡି ମାସକୁ ହଜାର ହଜାର ଟଙ୍କା ଖର୍ଚ୍ଚ କରି ବେସରକାରୀ ବିଦ୍ୟାଳୟମାନଙ୍କରେ ପଢାଉଥିବାରୁ ପ୍ରତ୍ୟେକ ବର୍ଷ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା କମିବାରେ ଲାଗିଛି । ଖବର ନେବାରେ ଜଣାପଡିଛି କଣାସ ବ୍ଲକରେ ସରାକାରୀ ପ୍ରାଥମିକ ବିଦ୍ୟାଳୟ ୧୦୩ଟି,ସରକାରୀ ଅପର ପ୍ରାଇମେରୀ ୫୩ଟି,ଗୋଟିଏ ଆଦର୍ଶ ବିଦ୍ୟାଳୟ ଥିବାବେଳେ ବ୍ଲକଗ୍ରାଣ୍ଟ ୧୧ଟି ରହିଅଛି । ବିଶେଷକରି ୨୦୦ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲିଥିବାବେଳେ ୯୨ଟି ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଛି । ୧୭ଟି ବିଦ୍ୟାଳୟରେ ଜଣେ ଜଣେ ଲେଖାଏଁ ଶିକ୍ଷକ ରହିଥିବାବେଳେ ବିଜିପୁର ପଞ୍ଚାୟତର ଝାରଡା ରାଧାକୃଷ୍ଣପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୯ ଶ୍ରେଣୀ ପାଇଁ ଜଣେ ମାତ୍ର ଶିକ୍ଷୟିତ୍ରୀ ରହିଛନ୍ତି । ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ସଂଖ୍ୟା ୧୧୦ ଜଣ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ଶିଶୁ ବାଟିକା ପାଇଁ ଆଉ ଗୋଟିଏ ଶ୍ରେଣୀ ଖୋଲାଯାଇଛି । ଗ୍ରାମବାସୀମାନେ ବାରମ୍ବାର ଶିକ୍ଷକ ନିଯୁକ୍ତି ପାଇଁ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି କରଆସୁଛନ୍ତି । ଅନ୍ୟ ୧୬ଟି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ଜଣେ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି । ସେ କେବଳ ପାଠ ପଢାଇବା ଦୂରେ ଥାଉ ଛାତ୍ରଛାତ୍ରୀମାନଙ୍କୁ ଜଗି ବସିଛନ୍ତି । ବର୍ତ୍ତମାନ ଛାତ୍ରଛାତ୍ରୀ ସଂଖ୍ୟା ୧୩ ହଜାର ଥିବାବେଳେ ୨୦୧୫ ମସିହାରେ ଛାତ୍ରଛାତ୍ରୀ ସଂଖ୍ୟା ୨୦ ହଜାର ୭୩୦ ଜଣ ଅଧ୍ୟୟନ କରୁଥିବା ରିପୋର୍ଟରୁ ଜଣା ପଡିଛି । ବେସରକାରୀ ବିଦ୍ୟାଳୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବିବେକାନନ୍ଦ ବିଦ୍ୟା ନିକେତନ, ଇଂରାଜୀ ମିଡିୟମ ସ୍କୁଲ ମାନଙ୍କରେ ଛାତ୍ରଛାତ୍ରୀ ସଂଖ୍ୟା ବଢିବାରେ ଲାଗିଛି। ଦୀର୍ଘ ଦିନ ହେଲା କଣାସ ବ୍ଲକ ଶିକ୍ଷା ଅଧିକାରୀ ପଦବୀ ଖାଲିଥିବାବେଳେ ଅତିରିକ୍ତ ଶିକ୍ଷା ଅଧିଲାରୀ ନାରାୟଣ ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି ଦୁଇ ଶହରୁ ଉର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲ ପଡିଥିବାବେଳେ ୯୨ ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଛି ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀଙ୍କୁ ବାରମ୍ବାର ଶିକ୍ଷକ ପଦବୀ ପୂରଣ ପାଇଁ ଜଣାଇଛି ।

# ନୂତନ ରାସନ କାର୍ଡ ପାଇଁ ଇ- କେୱାଇସି ଯାଞ୍ଚ

ରାୟଗଡ(ଭାସ୍କର ନ୍ୟୁଜ୍): ରାୟଗଡ ଜିଲ୍ଲାରେ ନୂତନ ରାସନ କାର୍ଡ଼ ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କ ସୂଚନା ନିମନ୍ତେ ଜିଲ୍ଲା ଯୋଗାଣ ବିଭାଗ ତରଫରୁ ଜଣେଇଦିଆଯାଉଛି ଯେ, କ୍ଷେତ୍ର ତର୍ଜମା ପରେ, ଯୋଗ୍ୟ ବ୍ୟକ୍ତିଙ୍କ ପାଇଁ ବର୍ତ୍ତମାନ ନୂତନ ରାସନ କାର୍ଡ଼ ପ୍ରସ୍ତୁତ କରାଯାଉଛି । ନୂତନ ରାସନ କାର୍ଡ଼ ପ୍ରସ୍ତୁତ କରିବା ସମୟରେ, ପରିବାରର ସମସ୍ତ ସଦସ୍ୟଙ୍କ ଇ-କେୱାଇସି ଯାଞ୍ଚ ନିହାତି ଜରୁରୀ ଅଟେ । ଏଣୁ ସମସ୍ତ ଆବେଦନକାରୀଙ୍କୁ ଅନୁରୋଧ, ନିଜ ବ୍ଲକ ବା ପୌରାଞ୍ଚଳରେ ଥିବା ଯୋଗାଣ ନିରୀକ୍ଷକଙ୍କ ସଙ୍ଗେ ଯୋଗାଯୋଗ କରି, ନିଜ ଇ-କେୱାଇସି ଯାଞ୍ଚ କରିବା ପାଇଁ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଜଣାଇଛନ୍ତି ।

# କାଳବୈଶାଖୀ ପ୍ରଭାବରେ ଝଡ଼ ତୋଫାନ

## ଜମ୍ବୁଦ୍ୱୀପ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ବାତିଲ, ଫେରିଗଲେ ଆଇନ୍ ମନ୍ତ୍ରୀ



କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ୍): କାଳବୈଶାଖି ପ୍ରଭାବରେ ଶୁକ୍ରବାର ସନ୍ଧ୍ୟାରେ ମହାକାଳପଡ଼ାରେ ପ୍ରବଳ ଝଡ଼ ତୋଫାନ ହୋଇଛି । ଏହାଦ୍ୱାରା ଟେଣ୍ଟ ଭାଙ୍ଗି ଯାଇଥିଲା । ଟେଣ୍ଟ ଭିତରେ ମହୋତ୍ସବ ଦେଖିବା ପାଇଁ ରହିଥିବା ହଜାର ହଜାର ଦର୍ଶକ ଆତଙ୍କିତ ହୋଇପଡିଥିଲେ । ଟେଣ୍ଟ ଭିତରୁ ବାହାରି ଯିବା ପାଇଁ ଲୋକେ ଉଦ୍ୟମ କରୁଥିବା ବେଳେ ଠେଲାପେଲାରେ ୨ ଜଣ ଆହତ ହୋଇଥିଲେ । ଅତିଥି ଭାବେ ଯୋଗ ଦେବାକୁ ଆସିଥିବା ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୂର୍ତ୍ତବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ, ସାନଖେମୁଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଫେରି ଯାଇଥିଲେ । ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ଆସିଥିବା କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ତାଙ୍କ ସାଥୀମାନେ ମଧ୍ୟ କାର୍ଯ୍ୟକ୍ରମ ବାତିଲ ହେବାରୁ ଫେରି ଯାଇଥିଲେ । ଝଡ଼ତୋଫାନ କମିବା ପରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଘଟଣା ସ୍ଥଳକୁ ଆସି ସ୍ଥିତି ପରଖିଥିଲେ । ଆହତମାନଙ୍କ ସମ୍ପର୍କରେ ପଚାରି ବୁଝିଥିଲେ । ସେହିପରି କ୍ଷତିଗ୍ରସ୍ତ ହୋଇଥିବା ଦୋକାନୀମାନଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କ କ୍ଷୟକ୍ଷତି ଭରଣ କରାଯିବ ବୋଲି ବିଧାୟକ ଡ. ନାୟକ ପ୍ରତିଶ୍ରୁତି ଦେଇଥିଲେ । ସୂଚନା ଥାଉକି ଜମ୍ବୁଦ୍ୱୀପ ମହୋତ୍ସବର ଚତୁର୍ଥ ସନ୍ଧ୍ୟାକୁ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଥିଲା । ମଞ୍ଚକୁ ଆସିବା ପାଇଁ ଅପେକ୍ଷା କରିଥିଲେ ଅତିଥି ୨ ମନ୍ତ୍ରୀ ଓ ଦୁଇ ବିଧାୟକ । କିନ୍ତୁ ସମସ୍ତ ଆଶା ଓ ଉଦ୍ଦୀପନାକୁ କାଳବୈଶାଖି କ୍ଷଣକରେ ଧୂଳିସାତ କରିଦେଇଥିଲା । ଏହି ସମୟରେ ଟେଣ୍ଟ ଭିତରେ ଥିବା ହଜାର ହଜାର ଦର୍ଶକ ଜୀବନ ବିକଳରେ ମା ରାମଚଣ୍ଡୀଙ୍କୁ ପ୍ରାର୍ଥନା କରିଥିଲେ । ସମସ୍ତେ ଟେଣ୍ଟରୁ ବାହାରି ମା'ଙ୍କ ମନ୍ଦିର ପରିସରକୁ ଚାଲିଯାଇଥିଲେ । ଝଡ଼ ତୋଫାନ ଥମିବା ପରେ ବିଧାୟକ ଡ. ନାୟକ ଉତ୍ସବ ସ୍ଥଳକୁ ଆସି ସ୍ଥିତି ପରଖିଥିଲେ । ସଭା ସ୍ଥଳରେ ଆଣ୍ଠୁଏ ପାଣି ଜମିଛି । ଫଳରେ ଉତ୍ସବ ଓ ମେଳା ବନ୍ଦ ରହିଛି । ସଭା ସ୍ଥଳରେ ଥିବା ଏଲସିଡି, ପ୍ରୋଜେକ୍ଟର, ଲ୍ୟାପଟପ କ୍ଷତିଗ୍ରସ୍ତ ହୋଇଛି ।

# ପ୍ରଭୁ ଗୋରଖନାଥଙ୍କ ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ



ରଘୁନାଥପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରକେରା ସ୍ଥିତ ପ୍ରସିଦ୍ଧ ବିଭୂତିକ୍ଷେତ୍ର ପ୍ରଭୁ ଗୋରଖନାଥଙ୍କ ପ୍ରତିବର୍ଷ ଭଳି ଚଳିତ ବର୍ଷ ପବିତ୍ର ଅକ୍ଷୟ ତୃତୀୟା ରେ ବିଶ୍ୱଶାନ୍ତି ମହାଯଜ୍ଞର ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପେକ୍ଷୀରେ ପ୍ରଭୁଙ୍କ ପୀଠ ପରିସରରେ ଶନିବାର ପ୍ରଶାସନ, ପୀଠପୂଜକ, ପରିଚାଳନା କମିଟି ଓ ସ୍ଥାନୀୟ ବାସୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ମହାଯଜ୍ଞ ଚଳିତ ମାସ ୩୦ ତାରିଖ ଠାରୁ ଆରମ୍ଭ ହୋଇ ମଇ ମାସ ୭ ତାରିଖରେ ଏହାର ପୂର୍ଣ୍ଣଆହୂତି ଶେଷ ହେବ ।ଏହି ପ୍ରସ୍ତୁତି ବୈଠକରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ରଘୁନାଥପୁର ପୁର ଅତିରିକ୍ତ ତହସିଲଦାର ତପନ କୁମାର ପରିଡା, ତିର୍ତ୍ତୋଲ ଆଇଆଇସି ପ୍ରଦିପ୍ତ କୁମାର ସେଠୀ,ତିର୍ତ୍ତୋଲ ଅଗ୍ନିଶମ ଅଧିକାରୀ ସୁବାଷଚନ୍ଦ୍ର ଭୋଳ, ଜଇପୁର ମେଡିକାଲର ଡାକ୍ତର ବିଶ୍ୱକେଶନ ଖୁଣ୍ଟିଆ,ତିର୍ତ୍ତୋଲ ଟାଟାପାୱାର ଯନ୍ତ୍ରୀ ବନଜ ନାୟକ, ପିଠ ନିର୍ବାହୀ ଅଧିକାରୀ ସୌଜ୍ୟରଂଜନ ପରିଜା,ପୀଠକୁ ସଦାସର୍ବଦା ସହଯୋଗ ପ୍ରଦାନ କରିଆସୁଥିବା ସ୍ଥାନୀୟ ବ୍ୟକ୍ତି ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ହିସାବ ରକ୍ଷକ ସରୋଜ ସାହାଣୀ ଉପସ୍ଥିତ ରହି ଅନୁଷ୍ଠିତ ହେବାକୁ ଯାଉଥିବା ପ୍ରଭୁଙ୍କ ଯଜ୍ଞ କିପରି ଶାନ୍ତି ଶୃଙ୍ଖଳାରେ ଶେଷ ହେବ ସେ ସମ୍ପର୍କ ରେ ଉପସ୍ଥିତ ଥିବା ପୂଜକ, ଗ୍ରାମବାସୀ,ପରିଚାଳନା କମିଟି ଓ ସ୍ୱେଚ୍ଛାସେବୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଏଥିରେ ଯଜ୍ଞର ପୂଜା ବିଧି, ପ୍ରସାଦ ବ୍ୟବସ୍ଥା, ଆଇନଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ,ପରିମଳ ଓ ପାନୀୟ ଜଳ, ଇଲେକ୍ଟ୍ରି,ସ୍ୱାସ୍ଥ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମିନାବଜାର ଭଳି ବିଷୟଉପରେ ଆଲୋଚନା ହୋଇଥିଲା ।ଏଥିରେ ପୀଠର ପରିଚାଳନା କମିଟି ର ସଦସ୍ୟ ପ୍ରମୋଦ କୁମାର ମହାନ୍ତି, ରମେଶ ଚନ୍ଦ୍ର ମହାନ୍ତି, ବିଜୟ କୁମାର ସ୍ୱାଇଁ, ପୂଜକ ଦିଲିପ କୁମାର ପଣ୍ଡା,ଗୋଲକ ବିହାରୀ ଦାଶ, ଜ୍ଞାନ ରଂଜନ ପଣ୍ଡା, ରମେଶ ଚନ୍ଦ୍ର ପଣ୍ଡା, ଆଲୋକ ପଣ୍ଡା, ବଳରାମ ଦାଶ, ସୁଦର୍ଶନ ଦାଶ,ଓ ଗ୍ରାମ ବାସୀ ପ୍ରମୁଖ ଉପସ୍ଥିତ ଥିଲେ ।ଭକ୍ତମାନଙ୍କ ପାଇଁ ପ୍ରସାଦ ବଣ୍ଟନରେ ସ୍ଥାନୀୟ ଗୋରେଖ ବାହିନୀ ଯୁବକମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ଏହାର ତଦାରଖ କରିବେ ସ୍ଥାନୀୟ ବାସିନ୍ଦା ଦିଲିପ ସ୍ୱାଇଁ ଓ ପୂଜକ ଦିଲିପ ପଣ୍ଡା ।ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମିନାବଜାର ଦାୟିତ୍ୱ ସ୍ଥାନୀୟ ଯୁବକ ମାନଙ୍କ ଉପରେ ନ୍ୟସ୍ତ କରାଯାଇଛି ।

# ହନୁମାନଜିଉଙ୍କ ଚତୁର୍ଥ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ

ରଘୁନାଥପୁର(ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତର ବଡବାଗ ଠାରେ ବେଲ ବିହାରୀ ମଠ ପରିସରରେ ବୁଧବାର ଓ ଗୁରୁବାର ଦୁଇଦିନ ଧରି ହନୁମାନଜୀଉଙ୍କ ଚତୁର୍ଥ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ମଙ୍ଗଳବାର ଗ୍ରାମର ମହିଳାମାନେ କଳସ ଯାତ୍ରାରେ ୧୦୮ କଳସ ଆଣି ବା ପରେ ଘଟସ୍ଥାପନ,ସୁଭାଧିବାଷ ଓ ଅଗ୍ନିସ୍ଥାପନ କରାଯାଇ ହନୁମାନ ଚାଳିଶା ଓ ଭଜନ କୀର୍ତ୍ତନ ପରିବେଷଣ ସହ ଗୁରୁବାର ପୂର୍ଣ୍ଣ ଆହୂତି କରାଯାଇଥିଲା ।୨ଦିନ ଧରି ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ବଡବାଗ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ଯୁବକମାନଙ୍କ ଦ୍ୱାରା ଆୟୋଜିତ ଏହି ଦୁଇଦିନ ବ୍ୟାପି ଯଜ୍ଞରେ ଆଖପାଖ ଅଞ୍ଚଳର ଆବାଳବୃଦ୍ଧ ବନିତାଙ୍କ ସହ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ ସହ ପ୍ରଭୁ କୃପା ଲାଭ କରିଥିଲେ ।

# ଭାଙ୍ଗିଲା ଗମ୍ପାକୋଣ୍ଡା କେନାଲ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ବଡ଼ିଗେଟା ପଞ୍ଚାୟତ ବନ୍ଧଗୁଡା ଗାଁ ନିକଟ ମୁଖ୍ୟ କେନାଲଟି ଭାଙ୍ଗିଯାଇଛି । କେନାଲ୍ ପାଣି ତଳ ମୁଣ୍ଡରେ ମାଡ଼ିଯିବାରୁ ନିକଟରେ ଥିବା ଅନେକ ଚାଷ ଜମିର ଫସଲ ନଷ୍ଟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ନିମ୍ନମାନର କାମ ଯୋଗୁଁ ପାଣି ଛଡ଼ାଯିବା ପରେ କେନାଲ୍ ଭାଙ୍ଗିଯାଇଥିବା ଗ୍ରାମବାସୀ କହିଛନ୍ତି । ଚାଷୀମାନେ ଏସମ୍ପର୍କରେ ଏମଭି-୭୯ ଜଳସେଚନ ବିଭାଗକୁ ଜଣାଇବା ପରେ ବିଭାଗୀୟ ଏସଡିଓ ଓ ଅନ୍ୟ କର୍ମଚାରୀ ପହଞ୍ଚି ପାଣି ବନ୍ଦ କରିଥିଲେ । ପରେ କେନାଲ ମରାମତି କାମ ଆରମ୍ଭ ହୋଇଥିବା ଜଣାପଡ଼ିଛି ।



# ୨୨ରେ ମିଳିତ କ୍ରିୟାନୁଷ୍ଠାନ କମିଟିର ପ୍ରତିବାଦ ସଭା

କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ କେବଳ ଭାଷଣ ପ୍ରସଙ୍ଗରେ ପ୍ରତିଶ୍ରୁତି ଦେଲେ ଚଳିବ ନାହିଁ ଏ ନେଇ ଲିଖିତ ପ୍ରତିଶ୍ରୁତି ଦିଅନ୍ତୁ ବୋଲି କେନ୍ଦ୍ରାପଡ଼ା ଜିଲ୍ଲା ମେଡିକାଲ କଲେଜ ଓ ହସପିଟାଲ କ୍ରିୟାନୁଷ୍ଠାନ କମିଟି ଦାବି କରିଛି । କମିଟି ପକ୍ଷରୁ ଏକ ବୈଠକ ସ୍ଥାନୀୟ ପବ୍ଲିକ ରିଡିଂ ରୁମରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କମିଟି ସଦସ୍ୟ ଅଜୟ ସାମଲ କହିଲେ କେନ୍ଦ୍ରାପଡା ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ମେଡିକାଲ କଲେଜ ପ୍ରତିଷ୍ଠା ସମ୍ପର୍କରେ ରାଜ୍ୟ ସରକାରଙ୍କ ତିନିଜଣ ମନ୍ତ୍ରୀ ମୁହଁ ଖୋଲିଛନ୍ତି । ଜମ୍ବୁଦ୍ୱୀପ ମହୋତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି ସବୁ ଜିଲ୍ଲାରେ ନିଶ୍ଚୟ ମେଡିକାଲ କଲେଜ ହେବ ଓ ସରକାର ତାଙ୍କ ପ୍ରତିଶ୍ରୁତି ପାଳନ କରିବେ । ପରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି କେନ୍ଦ୍ରାପଡ଼ାରେ ନିଶ୍ଚୟ ମେଡିକାଲ କଲେଜ ହେବ । ସେହିପରି ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ମଧ୍ୟ କହିଛନ୍ତି କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ହେବ । କିନ୍ତୁ କେବଳ କଥାରେ ନୁହେଁ ମନ୍ତ୍ରୀମାନେ ଲିଖିତ ପ୍ରତିଶ୍ରୁତି ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି । କ୍ରିୟାନୁଷ୍ଠାନ କମିଟି କହିଛି ଏହି ଆଶ୍ୱାସନାର ଯଥାର୍ଥତା କଣ ? ନିକଟରେ ମୁଖ୍ୟମନ୍ତ୍ରୀ ଚାରୋଟି ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ସମ୍ପର୍କରେ ଘୋଷଣା କଲେ । ପୂର୍ବ ବଜେଟରେ ମଧ୍ୟ ଏବାବଦରେ ଅର୍ଥ ବିନିଯୋଗର ବ୍ୟବସ୍ଥା ହୋଇଛି । ସେଥିରେ କେନ୍ଦ୍ରାପଡା ଜିଲ୍ଲା ପାଇଁ ନାହିଁ । ମନ୍ତ୍ରୀମାନେ ସଭାରେ ଭାଷଣ ଦେବା ଓ ବକ୍ତବ୍ୟକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଫରକ ଥାଏ । ଅତୀତରେ ଏହାର ବହୁ ପ୍ରମାଣ ରହିଛି । ମନ୍ତ୍ରୀମାନେ ଅନେକ ଶୁଭ ଦେଇକି ବି ବର୍ଷବର୍ଷ ଧରି କାମ ହୋଇନି । ତେଣୁ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ଲିଖିତ ପ୍ରତିଶୃତି ଦିଅନ୍ତୁ ବୋଲି କ୍ରିୟାନୁଷ୍ଠାନ କମିଟି ଦାବି କରିଛି ।ଶୁକ୍ରବାର କମିଟିର ବୈଠକରେ କୁହାଯାଇଛି ଆସନ୍ତା ଶୀତ ଅଧିବେଶନରେ ସରକାର ମେଡିକାଲ କଲେଜ ପାଇଁ ଘୋଷଣା କରନ୍ତୁ । ଏହି ଦାବିକୁ ଆହୁରି ଜୋରଦାର କରିବା ପାଇଁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୨ତାରିଖରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣଧାରଣା ଦିଆଯିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ । ପରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ପ୍ରତିନିଧି ଦଳ ଭେଟି ଆଲୋଚନା କରିବାକୁ ନିଷ୍ପତ୍ତି କରାଯାଇଛି । ଏହି ବୈଠକରେ ସମ୍ପାଦକ ରାମଣୀରଞ୍ଜନ ରାଉତରାୟ, ପ୍ରଫୁଲ୍ଲ ଦାସ, ଗୟାଧର ଧଳ, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସ, ସୂର୍ଯ୍ୟକାନ୍ତ ପରିଡା, ମୁକ୍ତାର ଖାଁ,ଫକୀର ଖଟୁଆ, ନରୋତ୍ତମ ପାର୍ଥସାରଥୀ, ରାଜକୁମାର ବିଶ୍ୱାଳ, ଆଦିକନ୍ଦ ରାଉଳ, ବୈଷ୍ଣବ ଚରଣ ସ୍ୱାଇଁ, ଡ଼ ଉପେନ୍ଦ୍ର ପ୍ରଧାନ,ଡ଼ ଦିଲ୍ଲିପ କୁମାର ମିଶ୍ର, ଦାଶରଥି ସାହୁ, ଶ୍ରୀଧର ମହାନ୍ତି, କୁଳମଣି ଦାସ, ନୃସିଂହ ଚରଣ ତ୍ରିପାଠୀ, ବିଧୁଭୂଷଣ ମହାପାତ୍ର, ପ୍ରମୋଦ କୁମାର ରାଉତ,ସୁରେଶ ପଟ୍ଟନାୟକ, ରମେଶ ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଦାବିକୁ ଆହୁରି ଶାଣିତ କରିବା ପାଇଁ ଏହି ଗଣ ଧାରଣାରେ ଦଳ ମତ ନିର୍ବିଶେଷରେ ଜିଲ୍ଲାର ସବୁ ସ୍ତରର ଜନଗଣ ସାମିଲ ହେବାକୁ ନିବେଦନ କରାଯାଇଛି ।




# ବିଜେପି ପକ୍ଷରୁ ସକ୍ରିୟ ସଦସ୍ୟ କର୍ମଶାଳା



ଛତ୍ରପୁର (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଙ୍ଗ ରୁମ ଠାରେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେପିର ସକ୍ରିୟ ସଦସ୍ୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି କର୍ମଶାଳାରେ ଆସ୍କା ସାଂସଦ ଅନୀତା ଶୁଭଦର୍ଶନୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବରିଷ୍ଠ ବିଜେପି ନେତା ପଦ୍ମଚରଣ ସାହୁ, ପ୍ରଦୀପ ପାଢ଼ୀ, ପ୍ରଶାନ୍ତ ନାୟକ, ବସନ୍ତ ବେହେରା ପ୍ରମୁଖ ମଞ୍ଚାସୀନ ହୋଇ ସକ୍ରିୟ ସଦସ୍ୟ ମାନେ କିପରି ତୃଣମୂଳ ସ୍ତରରୁ ଦଳର ସଂଗଠନକୁ ଦୃଢୀଭୂତ କରିବେ ସେନେଇ ମାର୍ଗ ଦର୍ଶନ କରିଥିଲେ । ବିଶେଷ କରି ଦଳର ସାଙ୍ଗଠନିକ ନିର୍ବାଚନ ସମାପ୍ତ ପରେ ଏହି ସମ୍ମିଳନୀ ହୋଇଥିବାରୁ ସଦସ୍ୟମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଥିଲା । ନିର୍ବାଚନ ମଣ୍ଡଳୀର ସମସ୍ତ ଅଞ୍ଚଳରୁ ୩୦୦ ରୁ ଉର୍ଦ୍ଧ୍ୱ ସକ୍ରିୟ ସଦସ୍ୟ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ । ଏବେ ଅନେକ ନୂତନ କର୍ମକର୍ତ୍ତା ଦଳରେ ସାମିଲ ହୋଇଥିବାରୁ ସେମାନଙ୍କୁ ମାର୍ଗଦର୍ଶନ କରାଇବା ଆବଶ୍ୟକ ବୋଲି ବକ୍ତା ମାନେ କହିଥିଲେ । ବରିଷ୍ଠ ବିଜେପି ନେତା ପ୍ରଦୀପ ପାଢ଼ୀ ନର୍ବାଚନୀ ସଫଳତା ଏବଂ ସଂଗଠନାତ୍ମକ ବିସ୍ତାର ଉପରେ ଆଲୋଚନା କରିଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜକ ଭାବେ ଦାୟିତ୍ୱ ତୁଲାଇଥିବା ବରିଷ୍ଠ ନେତା ପ୍ରଶାନ୍ତ ନାୟକ ଭାରତୀୟ ରାଜନୀତିରେ ବିଜେପି ଦ୍ୱାରା ଆସିଥିବା ପରିବର୍ତ୍ତନ ଉପରେ ଆଲୋକପାତ କରି ବିଜେପି ଶାସନରେ ଦେଶରେ ବୈପ୍ଳବିକ ପରିବର୍ତ୍ତନ ଘଟିଛି ବୋଲି ପ୍ରକାଶ କରିଥିଲେ । ସେହିପରି କାର୍ଯ୍ୟକ୍ରମର ସହ ସଂଯୋଜକ ପଦ୍ମଚରଣ ସାହୁ ପ୍ରଧାନମନ୍ତ୍ରୀ ରୂପେ ମାନନୀୟ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ବିକଶିତ ଭାରତ ଦିଗରେ ୧୧ ବର୍ଷର ଯାତ୍ରା ଉପରେ ଆଲୋଚନା କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ଭାରତ ଆର୍ଥିକ କ୍ଷେତ୍ରରେ, ବୋର୍ଡର ସୁରକ୍ଷାରେ, ବିକାଶ କ୍ଷେତ୍ରରେ, ବିଭିନ୍ନ ଯୋଜନା ଆଦିରେ ଭାରତ ଅଗ୍ରଣୀ ହେବା ସହିତ ବିଶ୍ୱଗୁରୁ ହେବାକୁ ଯାଉଛି ବୋଲି ମତ ପ୍ରକାଶ କରିଥିଲେ । ସେହିପରି ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଉପସ୍ଥିତ ରହି ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓବିସି ମୋର୍ଚ୍ଚା କୋଷାଧ୍ୟକ୍ଷ ସନ୍ତୋଷ ମହାପାତ୍ରଙ୍କ ସମେତ ସମସ୍ତ ମଣ୍ଡଳର ମଣ୍ଡଳ ସଭାପତି ଉପସ୍ଥିତ ଥିଲେ ।

# ଭାଜପାର ସକ୍ରିୟ ସଦସ୍ୟତା ସମ୍ମିଳନୀ



ଚାନ୍ଦବାଲି (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବିଜୁ ସ୍ମୃତି ଭବନଠାରେ ଶୁକ୍ରବାର ଅପରାହ୍ନରେ ଭାଜପାର ବିଧାନସଭାସ୍ତରୀୟ ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପାଣିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସଭାପତି ତଥା ଚାନ୍ଦବାଲି ବିଧାନସଭା ନେତା ମନମୋହନ ସାମଲ ଯୋଗ ଦେଇ କହିଥିଲେ ମୁଁ ହାରିଛି ମୋ ଦୋଷରୁ ମୁଁ ରାଜ୍ୟ ସାରା ବୁଲିଲି କିନ୍ତୁ ମୋ ନିର୍ବାଚନ ମଣ୍ଡଳୀରେ ସମୟ ଦେଇପାରିଲିନି ବୋଲି ହାରିଲି କିନ୍ତୁ ତୁମକୁ ମୁଁ ଦୋଷ ଦେଉନି ତଥାପି ଆମେ ସଂଗଠନ କରିବା , ଆଉ କିଛି ଦିନ ପରେ ଚାନ୍ଦବାଲିର ସବୁ ଗାଁ ରେ ମୁଁ ବୁଲିବି ସଂଗଠନ କରିବି । ଭାଜପା ସରକାର ଓଡିଶାରେ ହେବା ରାଜ୍ୟରେ ପରେ ମା ମାନଙ୍କୁ ସୁଭଦ୍ରା ଯୋଜନାରେ ଦୁଇ କିସ୍ତିରେ ଦଶ ହଜାର ଟଙ୍କା ପ୍ରଦାନ, ଚାଷୀମାନଙ୍କୁ ଧାନର ମୂଲ୍ୟ ୩୧୦୦ ଟଙ୍କା ପ୍ରଦାନ କରି ଉପଯୁକ୍ତ ସମ୍ମାନ ଦେଇଛନ୍ତି ରାଜ୍ୟ ସରକାର । ଓଡିଶା ରେ ଭାଜପା ଆହୁରି ତିରିଶ ବର୍ଷ ଶାସନ କରିବ ଏଥିରେ ସନ୍ଦେହ ନାହିଁ । ଏଥିରେ ଚାନ୍ଦବାଲି ବିଧାନସଭା କ୍ଷେତ୍ରରୁ ଏକହଜାର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର କୁମାର ରାଉଳ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ରାଉଳ, ଆରଡ଼ି ମଣ୍ଡଳ ସଭାପତି ସନ୍ଦୀପ ନାୟକ,ଏନଏସସି ସଭାପତି ବିକାଶ କୁମାର ବେହେରା, ଧାମରା ମଣ୍ଡଳ ସଭାପତି ତ୍ରିଦୀବେଶ ପ୍ରଧାନ, ଗଜଲକ୍ଷ୍ମୀ ମଣ୍ଡଳ ସଭାପତି ଚନ୍ଦନ ବଳ,କିଶ୍ୱର ନାୟକ,ଦେବେନ୍ଦ୍ର ନାୟକ, ମା କାଳୀ ମଣ୍ଡଳ ସଭାପତି ପ୍ରବୀର ରାଉତ,ଲଙ୍କେଶ୍ୱରୀ ମଣ୍ଡଳ ସଭାପତି ଅଜୟ ମହାନ୍ତି,ଅଜୟ ନାୟକ,ସଂଗ୍ରାମ ମହାନ୍ତି, ମିତ୍ରଭାନୁ ଦାସ,ରାଜାରାମ ମହାକୁଡ଼,ସ୍ତମ୍ଭକାର ଅଭୟ ଦିବେଦୀ ପ୍ରମୁଖ ମଞ୍ଚାସିନ ଥିବା ବେଳେ ସରପଞ୍ଚ ଭାରତୀ ବିଶ୍ୱାଳ, ସୁଶାନ୍ତ ପୁହାଣ, ଅଭୟ ବଳ, ମୀନକେତନ ବିଶ୍ୱାଳ, ଅଭୟ ବଳ,ଯୁବ ନେତା ଅଞ୍ଜନ ଦାସ, ସୁଶାନ୍ତ ମହାନ୍ତି, ବିଜୟ କୁମାର ବେହେରା, ଅଭିମନ୍ୟୁ ଦାସ, ବିଟୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଜାତୀୟ ସମ୍ମିଳନୀରେ ଡା. ପ୍ରିୟଙ୍କା ମହାନ୍ତିଙ୍କୁ ମିଳିଲା ଶ୍ରେଷ୍ଠ ମୌଖିକ ଉପସ୍ଥାପନା ପୁରସ୍କାର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡିର ଝିଅ ତଥା କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (କିମ୍ସ), ଭୁବନେଶ୍ୱରର ଦ୍ୱିତୀୟ ବର୍ଷର ସ୍ନାତକୋତ୍ତର ଛାତ୍ରୀ ଡା. ପ୍ରିୟଙ୍କା ମହାନ୍ତି ଶ୍ରୀନଗର ସ୍ଥିତ ଶେର-ଏ-କଶ୍ମୀର ଇଣ୍ଟରନେସନାଲ୍ କନଭେନସନ୍ ସେଣ୍ଟରଠାରେ ୧୧ରୁ ୧୩ ଏପ୍ରିଲ ୨୦୨୫ ମଧ୍ୟରେ ଅନୁଷ୍ଠିତ ଭାରତୀୟ ପ୍ରତିଷେଧକ ଓ ସାମାଜିକ ଚିକିତ୍ସା ସଂଘର ୫୨ତମ ଜାତୀୟ ବାର୍ଷିକ ସମ୍ମିଳନୀରେ ଶ୍ରେଷ୍ଠ ମୌଖିକ ଉପସ୍ଥାପନା ପୁରସ୍କାର ଜିତି ନିଜ ଜନ୍ମଭୂମିର ଗୌରବ ବୃଦ୍ଧି କରିଛନ୍ତି। ଭବାନୀପାଟଣା ସ୍ଥିତ ମା'




ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଡ. ପଲ୍ଲୀଶ୍ରୀ ପଟ୍ଟନାୟକ ଓ କଟକସ୍ଥିତ ଭୁବନାନନ୍ଦ ଓଡ଼ିଶା ସ୍କୁଲ୍ ଅଫ୍ ଇଞ୍ଜିନିୟରିଂର ଅଧ୍ୟକ୍ଷ ଡ. ହୃଷୀକେଶ ମହାନ୍ତିଙ୍କ ଝିଅ ପ୍ରିୟଙ୍କାଙ୍କ ଏହି ସଫଳତାକୁ ନେଇ କଳାହାଣ୍ଡି ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ଶ୍ରୀନଗର ସରକାରୀ ମେଡିକାଲ କଲେଜ ଦ୍ୱାରା ଭାରତୀୟ ପ୍ରତିଷେଧକ ଓ ସାମାଜିକ ଚିକିତ୍ସା ସଂଘ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀର ବିଷୟବସ୍ତୁ ଥିଲା "ସ୍ୱାସ୍ଥ୍ୟସେବାରେ ବ୍ୟାପକ ଯତ୍ନ ପାଇଁ ସମନ୍ୱିତ ଦୃଷ୍ଟିକୋଣ"। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୬୦୦ ଜଣ ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଯୋଗଦାନ କରିଥିଲେ। କିମ୍ସର ଗୋଷ୍ଠୀ ଚିକିତ୍ସା ବିଭାଗର ପ୍ରତିନିଧିତ୍ୱ କରି ପ୍ରିୟଙ୍କା ତାଙ୍କର ଉପସ୍ଥାପନା "ଭୁବନେଶ୍ୱର, ଓଡ଼ିଶାର ଏକ ସହରୀ ଟୀକାକରଣ କ୍ଲିନିକରେ ପାଞ୍ଚ ବର୍ଷରୁ କମ୍ ବୟସ୍କ ଶିଶୁଙ୍କ ଟୀକାକରଣ ନେଇ ସେବାକାରୀଙ୍କ ସନ୍ତୁଷ୍ଟି – ଫିସବୋନ୍ ନକ୍ସା ମାଧ୍ୟମରେ ମୂଳ କାରଣ ବିଶ୍ଳେଷଣ" ବିଷୟରେ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଡା. ଇପ୍ସିତା ଦେବତା, ଡା. ପ୍ରେମ ସାଗର ପଣ୍ଡା ଓ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସୋନାଲି କରଙ୍କ ମାର୍ଗଦର୍ଶନରେ ମୁକ୍ତ ମୌଖିକ ବିଷୟ ବିଭାଗରେ ଉକ୍ତ ସନ୍ଦର୍ଭରେ ଡ. ପ୍ରିୟଙ୍କା ଗବେଷଣା କରୁଥିଲେ।

## ବ୍ଲକସ୍ତରୀୟ ଆଞ୍ଚଳିକ ବୈରାଗୀ ସମାଜର ସାଧାରଣ ସଭା

କୋକସରା, (ଭାସ୍କର ନ୍ୟୁଜ୍): କୋକସରା ବ୍ଲକ ବଡ଼ପୋଡ଼ାଗୁଡା ଠାରେ ଶୁକ୍ରବାର ବୈରାଗୀ ସମାଜର ବ୍ଲକ ସ୍ତରୀୟ ସଧାରଣ ସଭା ଓ ସାଂଗଠାନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅବସର ପ୍ରାପ୍ତ ପୋଷ୍ଟ ମାଷ୍ଟର ଅଭିମନ୍ୟୁ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ବୈରାଗୀ ସମାଜର ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ ସମ୍ମାନିତ ଅତିଥି ଭାବେ, କ୍ଷୀରସିନ୍ଧୁ ଦାସ, ଦୁର୍ଲ୍ଲଭ ଦାସ, ରୁଦ୍ର ପ୍ରସାଦ ଦାସ, ମୁରଲୀ ଧର ଦାସ, ମନୋଜ କୁମାର ଦାସ,ରାଜେନ୍ଦ୍ର ଦାସ, ରବିନାରାୟଣ ଦାସ, ଜନାର୍ଦ୍ଦନ ଦାସ, ଶଙ୍କର ଦାସ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଅତିଥିମାନେ ମଞ୍ଚାସୀନ ହେଲାପରେ ଶ୍ରୀ ଶ୍ରୀ ବାଲାଜୀ ମହାପ୍ରଭୁ, ଶ୍ରୀଗଣେଶ, ହନୁମାନ ଆଦି ଦେବତାଙ୍କ ପୂଜାର୍ଚ୍ଚନା କରି ସଭାକାର୍ଯ୍ୟ ଆରମ୍ଭ



କରାଯାଇଥିଲା । ପରେ ବୈରାଗୀ ସମାଜର ଉନ୍ନୟନମୂଳକ ପଦକ୍ଷେପ ଏବଂ ସାଂଗଠନିକ କାର୍ଯ୍ୟକ୍ରମ ଉପରେ ବିଚାର ଆଲୋଚନା କରିଥିଲେ। ସଭାରେ ବୈରାଗୀ ସମାଜର ପ୍ରତ୍ୟେକ ଆଞ୍ଚଳିକ ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ବଡ଼ପୋଡ଼ାଗୁଡା ଆଞ୍ଚଳିକ ବୈରାଗୀ ସମାଜର ସଭାପତି ମଳୟ ରଞ୍ଜନ ଦାସ, ସମ୍ପାଦକ ବିମଳ କ୍ରିଷ୍ଣା ଦାସ,ସନ୍ତୋଷ ଦାସ, କୃଷ୍ଣ ଚନ୍ଦ୍ର ଦାସ, କିଶୋର ଦାସ, ହରିହର ଦାସ,ବିଶେଶ୍ୱର ଦାସ, ଜଗଦିଶ ଚନ୍ଦ୍ର ଦାସ, ସତମନ ଦାସ, ଲକ୍ଷ୍ମଣ ଦାସ, ଶ୍ରୀକର ଦାସ, ତରୁଣ ଦାସ,ମନ୍ମଥ ଦାସ ସମେତ ବୈରାଗୀ ସମାଜର ଅନେକ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ୬ରେ ରେଲରୋକ୍ କରିବ ଯାତ୍ରୀ ସୁରକ୍ଷା କମିଟି

ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲା ରୁପ୍ରାରୋଡ୍ ରେଳଯାତ୍ରା ସୁରକ୍ଷା କମିଟି ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଆସନ୍ତା ତା-୬.୫.୨୫ରେ ରୁପ୍ରାରୋଡ୍‌ରେ ରେଲରୋକ ଆନ୍ଦୋଳନ କରାଯିବ ବୋଲି ଶୁକ୍ରବାର ସନ୍ଧ୍ୟାରେ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ମୁତାବକ ରୁପ୍ରାରୋଡ୍ ରେଲଷ୍ଟେସନରେ ରହିଆସିଥିବା ଟ୍ରେନ୍‌ଗୁଡ଼ିକ ଲକ୍‌ଡାଉନ୍ ସମୟରେ ଯାହାକି ୩୦ ଏପ୍ରିଲ ୨୦୨୦ରୁ ବନ୍ଦ ହୋଇ ଯାଇଥିବା ବେଳେ ଜୁଲାଇ ୨୦୨୦ ରେ ପୁଣି ସମସ୍ତ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିବା ବେଳେ ଆଜକୁ ପ୍ରାୟ ୪ ବର୍ଷ ହେବ ରୁପ୍ରାରୋଡ୍ ଷ୍ଟେସନରେ ରହିଆସିଥିବା ଟ୍ରେନଗୁଡ଼ିକ ଆଉ ରହିଲାନାହିଁ। ଯାହା ଫଳରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ଅସୁବିଧା ଦୂର କରିବା ପାଇଁ ସମଗ୍ର ଅଞ୍ଚଳବାସୀ ବିଭାଗୀୟ ଅଧିକାରୀମାନଙ୍କୁ ତଥା ରେଳମନ୍ତ୍ରୀ ଓ ନେତାଙ୍କୁ ବାରମ୍ବାର ଅଭିଯୋଗ କରିଛନ୍ତି। ହେଲେ କୌଣସି ସୁଫଳ ନ ମିଳିବାରୁ ରୁପ୍ରାରୋଡ୍ ରେଳ ଯାତ୍ରୀ ସୁରକ୍ଷା କମିଟି ସ୍ଥାନୀୟ ଦେବସର ମନ୍ଦିରରେ ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ରାଲି କରି ସଭାପତି ସୁଭାଷ ଅଗ୍ରୱାଲ ଓ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଷ୍ଟେଶନମାଷ୍ଟରଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

### ବିଭାଗୀୟ ଅଧିକାରୀଙ୍କ ଗସ୍ତ ପରେ ଆଶା ଉଜ୍ଜୀବିତ

## ଧର୍ମଗଡ଼ରେ ହେବ ରେଲଷ୍ଟେସନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଜୁନାଗଡ଼ ରୋଡ-ନବରଙ୍ଗପୁର ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପରେ ଧର୍ମଗଡ଼ ରୋଡ ଷ୍ଟେସନ ସହରରୁ ଅଳ୍ପଦୂରରେ ସ୍ଥାପନ ନେଇ ଦାବି ହୋଇଆସୁଥିବାବେଳେ ରେଳ ବିଭାଗର ଏକ ସ୍ୱତନ୍ତ୍ର ଟିମ ଧର୍ମଗଡ଼ ପରିଦର୍ଶନ କରିବା ପରେ ଏହି ଆଶା ଉଜ୍ଜୀବିତ ହୋଇଛି। ଏହି ପ୍ରକଳ୍ପ ଦାୟିତ୍ୱରେ ଥିବା ଡେପୁଟି ଚିଫ ଇଞ୍ଜିନିୟର ସି. ମାନିକେଶ୍ୱର ରାଓ, ରେଳ କନସଲଟାଣ୍ଟ ମନୋଜ ମହାନ୍ତି ଓ ଅନ୍ୟ ବିଭାଗୀୟ ଅଧିକାରୀ ଧର୍ମଗଡ଼ରେ ପହଞ୍ଚିଥିଲେ। ବିଧାୟକ ସୁଧୀର ପଟ୍ଟଯୋଶୀଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ବୁଦ୍ଧିଜୀବୀ, ଓକିଲ ସଂଘ କର୍ମକର୍ତ୍ତା, ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼୍, ପୂର୍ବତନ ସଭାପତି ଧନଞ୍ଜୟ ପାତ୍ର, ଦେବେନ୍ଦ୍ର ମହାନ୍ତି ଓ ଅନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପ୍ରସ୍ତାବିତ ଧର୍ମଗଡ଼ ରେଲଷ୍ଟେସନ ସହରରୁ ପାଞ୍ଚ କିଲୋମିଟର ଦୂରରେ ନିର୍ମାଣ ହେବାକୁ ସ୍ଥିର କରାଯାଇଥିବା ମ୍ୟାପ୍ ଦେଖାଇ ବୁଝାଇବା ସହ କ୍ଷେତ୍ର ପରିଦର୍ଶନ କରିଥିଲେ। ଖୁବ୍ ଶୀଘ୍ର ଏହି ଅଞ୍ଚଳରେ ସର୍ଭେ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗର ବରିଷ୍ଠ ଅଧିକାରୀ ଶ୍ରୀ ରାଓ ପ୍ରକାଶ କରିଥିଲେ।

## ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଶିକ୍ଷକ ଭବନ ଭବାନୀପାଟଣା ଠାରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର 'ସାମ୍ବିଧାନିକ ସମ୍ମିଳନୀ' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସଂଗଠକ, ରାଜ୍ୟ ପ୍ରାଥମିକ ଶିକ୍ଷକସଂଘ ତଥା ଜିଲ୍ଲା ଶିକ୍ଷକସଂଘର ସମ୍ପାଦକ ଧିରେନ୍ କୁମାର ପଟ୍ଟନାୟକ, ଜିଲ୍ଲା ସଭାପତି, ବୀରେନ ବାଗ, ସମ୍ମାନିତ ଅତିଥି ଜିଲ୍ଲା କୋର୍ କମିଟି ସଦସ୍ୟ ଯୋଗେଶ୍ୱର ମିଶ୍ର, ତପନ ବେହେରା, ସରୋଜ କୁମାର ପଣ୍ଡା ଶ୍ରୀନିବାସ ଆଚାର୍ଯ୍ୟ, ଜିଲ୍ଲା ଯୁଗ୍ମସଂପାଦକ ଉପେନ୍ଦ୍ର ପ୍ରଧାନ, ଜିଲ୍ଲା କୋଷାଧ୍ୟକ୍ଷ, ଶିବ ପ୍ରସାଦ ଦାଶ, ନର୍ଲା ବ୍ଲକ ସମ୍ପାଦକ- ବର୍ଣ୍ଣି ଶର୍ମା, ଥୁଆମୂଳ ରାମପୁର ବ୍ଲକ ସଭାପତି ଯଥା ଯୁବ ନେତା ଅଜିତ୍ ନାୟକ, ଜୁନାଗଡ ବ୍ଲକ ସଭାପତି ଲଳିତ ନେଗୀ, ସଂପାଦକ ଶାନ୍ତନୁ ମାଝୀ, ଜୟପାଟଣା ବ୍ଲକ ସଭାପତି ପ୍ରମୋଦ ଠାକୁର, ସଂପାଦକ ଲଳିତ ନାଏକ, ଲାଞ୍ଜିଗଡ ବ୍ଲକ ସଭାପତି ପ୍ରମୋଦ ମହାନ୍ତି, ସଦର ବ୍ଲକ ଉପଦେଷ୍ଟା କଳ୍ପେଶ୍ୱର ପୁରୋହିତ ସଦର ବ୍ଲକ ସଭାପତି ସୁଦନ ପ୍ରଧାନ,, ସଦର ବ୍ଲକ ସଂପାଦକ ପ୍ରଦ୍ୟୁମ୍ନ କୁମାର ହୋତା, ପୂର୍ବତନ ଉପ ସଭାନେତ୍ରୀ ସଂଯୁକ୍ତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଦର ବ୍ଲକ ସଂପାଦକ ଶ୍ରୀ ହୋତା ଏବଂ ଏହା ପରେ ଶ୍ରୀ ପ୍ରଧାନ ନିଜର ଅଭିଭାଷଣ ରଖିଥିଲେ।ମଞ୍ଚାସୀନ ଅତିଥିମାନେ ନିଜର ଅଭିଭାଷଣରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସଂଘ ତଥା ଜିଲ୍ଲା ସଂଘ ସଂପାଦକ ଧିରେନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ ଓ ପରେ ଶ୍ରୀ ପଟ୍ଟନାୟକ ବକ୍ତବ୍ୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିଭିନ୍ନ ଦାବି ଯଥା ଗ୍ରେଡ ପେ' ବୃଦ୍ଧି, ଗ୍ରଡେସନ, ଶିକ୍ଷକ ବଦଳି ଭଳି ସମସ୍ୟାର ସମାଧାନ ପାଇଁ ଜୋରଦାର ପ୍ରଚେଷ୍ଟା ଜାରି ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଂଘର କର୍ମକର୍ତ୍ତାମାନଙ୍କ କାର୍ଯ୍ୟକାଳ ଅବଧି ପୂରଣ ହୋଇଯାଇଥିବା ହେତୁ ନୂତନ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ କରିବାକୁ ଇଚ୍ଛୁକ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନଙ୍କୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଆମନ୍ତ୍ରଣ କରିଥିଲେ। ଉପସ୍ଥିତ ୨୦୦ ରୁ ଉର୍ଦ୍ଧ୍ୱ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଶ୍ରୀ ହୋତା ଏବଂ ଶ୍ରୀ ପ୍ରଧାନଙ୍କ କାର୍ଯ୍ୟରେ ବିଶ୍ୱାସ,ଆଶା ପ୍ରକଟ କରିବାରୁ ସେ ଦୁଇଜଣ ପୁନଃବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ନିର୍ବାଚିତ ହୋଇଥିବା ସଦସ୍ୟ ହେଲେ ବ୍ଲକ ସଭାପତି, ମଧୁସୁଦନ ପ୍ରଧାନ ସଂପାଦକ ପ୍ରଦ୍ୟୁମ୍ନ କୁମାର୍ ହୋତା, ଉପସଭାପତି ବେଣୁଧର ବିଶ୍ୱାଳ, ବକ୍ଷସୁମତୀ ସାହୁ, ମୃତ୍ୟୁଞ୍ଜୟ ପ୍ରଧାନ,ସୁପ୍ରଭା ପଟ୍ଟନାୟକ ଯୁଗ୍ମ ସମ୍ପାଦକ ଶଙ୍କର ବିଶି, ପିତାମ୍ବର ସାହୁ, ସାଧୁ ଚରଣ ମାଝୀ, ମନୋଜ ପାତ୍ର, ପୂର୍ଣ୍ଣିମା ଭୋଇ,କୋଷାଧ୍ୟକ୍ଷ କୁଞ୍ଜ ବିହାରୀ ମିଶ୍ର ବ୍ଲକ ସଂଯୋଜକ ଦୁଷ୍ମନ୍ତ ସାହୁ। ନିର୍ବାଚିତ ଶିକ୍ଷକ ପ୍ରତିନିଧି ମାନେ ସବୁବେଳେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମାନଙ୍କ ବିଭିନ୍ନ ସମସ୍ୟା ବୁଝିବେ ବୋଲି ସଂପାଦକ ଶ୍ରୀ ହୋତା ପ୍ରତିଶ୍ରୁତି ଦେବା ସହ ତାଙ୍କ ଉପରେ ପୁନଃର୍ବାର ଭରସା କରିଥିବାରୁ ଓ କାର୍ଯ୍ୟକ୍ରମକୁ ସଫଳ କରି ଥିବାରୁ ଉପସ୍ଥିତ ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଧନ୍ୟବାଦ୍ ଜଣାଇଥିଲେ।

## ୩ ମନ୍ଦିରର ରତ୍ନମୁଦ ଉତ୍ସବ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ଆଦି ପୀଠ ଶକ୍ତି ପୀଠ ମହାମାଇ ମା' ମାଣିକେଶ୍ୱରୀ ବିଜେ ଥୁଆମୂଳ ରାମପୁର, ପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ଦେବ ଦେବ ମହାଦେବ ଶ୍ରୀ ରାମେଶ୍ୱରଙ୍କ ନିର୍ମାଣଧୀନ ଭବ୍ୟ ମନ୍ଦିରର ରତ୍ନାଭରଣ (ରତ୍ନ ମୁଦ) ଉତ୍ସବ ଆଗାମୀ ୨୮ ଏପ୍ରିଲ ୨୦୨୫ ଠାରୁ ୩୦ ଏପ୍ରିଲ ୨୦୨୫ ପବିତ୍ର ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ଆୟୋଜନ ହେବ। ଏହି ଉତ୍ସବରେ ଅଷ୍ଟପ୍ରହରୀ ନାମଯଜ୍ଞ, ହୋମ ଯଜ୍ଞ, ଚଣ୍ଡୀ ପାଠ ତଥା ବିଭିନ୍ନ କାର୍ଯ୍ୟକ୍ରମରେ ୪ ଗୋଟି ମନ୍ଦିରର ପୂଜା କମିଟି ଯଥା ମା' ମାଣିଶ୍ୱରୀ ମନ୍ଦିର ନିର୍ମାଣ କମିଟି, ବାବା ମହାଦେବ ମନ୍ଦିର ପୂଜା କମିଟି, ପ୍ରଭୁ ଜଗନ୍ନାଥ ମନ୍ଦିର ପୂଜା କମିଟି ଓ ରତ୍ନମୁଦ ଉତ୍ସବ କମିଟିର ସଦସ୍ୟଙ୍କ ସମେତ ସମଗ୍ର ଅଞ୍ଚଳର ମା' ମାଣିକେଶ୍ୱରୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନରେ ଏକପ୍ରକାର ଚଳଚଞ୍ଚଳ ପ୍ରକାଶ ପାଇଥିବା ଦେଖାଦେଇଛି। ଏହି ରତ୍ନମୁଦ ଉତ୍ସବ ପାଇଁ ଯାହାକୁ ଯେଉଁ ଦାୟିତ୍ୱ ଦିଆଯାଇଛି ସେ ଅନୁସାରେ ସେମାନେ ନିଜ ନିଜ ଦାୟିତ୍ୱରେ ଲାଗି ଗଲେଣି। ମାତ୍ର ଅଳ୍ପ କିଛି ଦିନ ଅପେକ୍ଷାର ଅନ୍ତ ହେବା ପରେ ଏପ୍ରିଲ ୩୦ ତାରିଖ ବୁଧବାର ଦିନ ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ୪ ଗୋଟି ମନ୍ଦିରର ରତ୍ନମୁଦ ଉତ୍ସବ କମିଟିର କର୍ମକର୍ତ୍ତା ମାତୃ କୃପା ଓ ପ୍ରଭୁ କୃପା ଲାଭ କରିବା ନିମନ୍ତେ ସମସ୍ତ ମାଣିକେଶ୍ୱରୀ ପ୍ରେମୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ୩ ଗୋଟି ମନ୍ଦିରର ରତ୍ନମୁଦ ଉତ୍ସବ ପାଇଁ ନିମନ୍ତ୍ରଣ କରିବା ସହ ବିଭିନ୍ନ ଦେବା ଦେବୀ ପୀଠ ଯଥା ଥୁଆମୂଳ ମା'ମାଣିକେଶ୍ୱରୀଙ୍କ ମୂଳ ପୀଠ, ଭବାନୀପାଟଣା ମା' ମାଣିକେଶ୍ୱରୀ ମନ୍ଦିର, ଶିବ ମନ୍ଦିର, ଜଗନ୍ନାଥ ମନ୍ଦିର, ଜୁନାଗଡ଼ ମା'ଲଙ୍କେଶରୀ ମନ୍ଦିର, ଧର୍ମଗଡ଼ ମା' ଭଣ୍ଡାର ଘରଣୀ ମନ୍ଦିର, ଆମପାଣି ବାବା ବୁଢ଼ାରଜା ମନ୍ଦିର, ତାଳଗୁଡ଼ ମା' ଡୁକୁରୀ ମନ୍ଦିର, ବର୍ଛି ମା' ଇର୍ଲପଟେନ ମନ୍ଦିର ସମେତ ମୁଖ୍ୟ ପୂଜକ, ଯଜମାନ, ବିଭିନ୍ନ ଦଳର ବିଧାୟକ, ସାଂସଦ, ଜିଲ୍ଲାପାଳ, ଉପଜିଲ୍ଲାପାଳ, ଏଡିଏମ, ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଏବଂ ପୁରପଲ୍ଲୀ ଠାରୁ ଆରମ୍ଭ କରି ଜିଲ୍ଲାପାଳ,ସହରର ଭଦ୍ରବ୍ୟକ୍ତି ମାନଙ୍କୁ ସାଦର ନିମନ୍ତ୍ରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ସମଗ୍ର ଗଡ଼ଜାତ ଅଞ୍ଚଳର ଜନସାଧାରଣଙ୍କୁ ବିନମ୍ର ନିବେଦନ ସହ ଉତ୍ସବରେ ଯୋଗଦାନ କରି ଥୁଆମୂଳ ରାମପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ଉତ୍ସାହିତ କରିବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଉଛି।

## ନର୍ଲାରୋଡ ଷ୍ଟେସନରେ ପାନୀୟ ଜଳ ସମସ୍ୟା

ନର୍ଲା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅଧିନସ୍ଥ ନର୍ଲାରୋଡ଼ ରେଳ ଷ୍ଟେସନରେ ପାନୀୟ ଜଳ ସମସ୍ୟା ରହିଛି। ଗତ ଦୁଇ ବର୍ଷ ତଳେ ନର୍ଲାରୋଡ଼ ରେଳ ଷ୍ଟେସନ ଉନ୍ନତୀକରଣ ପରେ ଷ୍ଟେସନକୁ ଅତ୍ୟାଧୁନିକ ଶୈଳୀରେ ନବୀକରଣ କରାଯାଇ କମ୍ପ୍ୟୁଟରୀକରଣ ହୋଇଛି। ଅଟୋମେଟିକ ମେସିନ ମାଧ୍ୟମରେ ଷ୍ଟେସନ ପରିଚାଳିତ ହେଉଛି। ବାହାରୁ ଦେଖିଲେ ନର୍ଲାରୋଡ଼ ରେଳ ଷ୍ଟେସନ ଚକଚକିଆ ଦିଶୁଛି। ହେଲେ ଏବେ ବି ନର୍ଲାରୋଡ ରେଳ ଷ୍ଟେସନରେ ଅନେକ ଗୁଡ଼ିଏ ସମସ୍ୟା ରହିଛି। ମୁଖ୍ୟତଃ ପାନୀୟ ଜଳର ସମସ୍ୟା ରହିଛି । ନର୍ଲାରୋଡ ରେଳ ଷ୍ଟେସନରେ ୪ଟି ପ୍ଲାଟଫର୍ମ ରହିଛି। ନଂ ୧ ପ୍ଲାଟଫର୍ମରେ ପାନୀୟ ଜଳର ୪ଟି ଷ୍ଟାଣ୍ଡପୋଷ୍ଟ ରହିଥିବାବେଳେ ନଂ ୨ ଓ ନଂ ୩ରେ ଚାରିଟି ସେହିଭଳି ନଂ ୪ ପ୍ଲାଟଫର୍ମରେ ଚାରିଟି ଏଭଳି ମୋଟ ୧୨ ଟି ଷ୍ଟିଲର ଷ୍ଟାଣ୍ଡପୋଷ୍ଟ ରହିଛି । ସେଥିମଧ୍ୟରୁ ୨ ଟି ପୋଷ୍ଟ ଢଳି ପଡ଼ିଥିବାବେଳେ ବାକି ପୋଷ୍ଟ ଗୁଡ଼ିକରେ କାହାର ଟ୍ୟାପ ଭାଙ୍ଗି ଗଲାଣି କେଉଁଠି ବିଲକୁଲ ବି ପାଣି ବାହାରୁ ନାହିଁ। ଓଭର ହେଡ ପାଣିଟାଙ୍କି ରହିଛି ସତକଥା ହେଲା ପୋଷ୍ଟଗୁଡ଼ିକ ଭାଙ୍ଗି ଯାଇଥିବାରୁ ପୋଷ୍ଟ ଭିତରେ ପାଣି ବୋହିଯାଇ ଡ୍ରେନ ବାଟଦେଇ ନିଷ୍କାସିତ ହୋଇଯାଉଛି। ଅବଶ୍ୟ ନଂ ୧ ପ୍ଲାଟଫର୍ମରେ ଗୋଟିଏ ଫ୍ରିଜର ସଂଯୋଗୀକରଣ ହୋଇ



ରହିଛି, ହେଲେ ଏହାର ମଧ୍ୟ ଗତି ବିଗିଡି ଯାଇଛି। ଯାତ୍ରୀଙ୍କ ଭରସା ପାଲଟିଛି ନଳକୂଅ। ସେଥିରେ ମଧ୍ୟ ଠିକ ଭାବେ ପାଣି ବାହାରୁନାହିଁ। ପାସେଞ୍ଜର ଓ ଏକ୍ସପ୍ରେସ ଟ୍ରେନଗୁଡ଼ିକ ରହିଲେ ପାଣି ଟିକକ ପାଇଁ ଯାତ୍ରୀମାନେ ଏ ପୋଷ୍ଟରୁ ସେ ପୋଷ୍ଟକୁ ଦୌଡି ଦୌଡି ପାଣି ନପାଇ ନିରାଶ ହେଉଥିବା ଦେଖିବାକୁ ମିଳୁଛି । ସେହିଭଳ ନୂଆ ଭାବେ ହୋଇଥିବା ଚତୁର୍ଥ ପ୍ଲାଟଫର୍ମରେ ଟାଇଲ କାମ ହୋଇଥିବାବେଳେ ଓ ତୃତୀୟ ଟାଇଲ କାମ ପ୍ରଥମ, ଦ୍ୱିତୀୟ ରଫ୍ ହୋଇ ପ୍ଲାଟଫମରେ ହୋଇନଥିବାରୁ ପଡ଼ିରହିବା ସହିତ ଧୂଳି ଧୂସରିତ ହେଉଥିବା ଦେଖିବାକୁ ମିଳୁଛି। ଯାତ୍ରୀ ଓ ଜନସାଧାରଣଙ୍କ ପାଇଁ ପ୍ରଥମ ପ୍ଲାଟଫର୍ମରେ ରହିଥିବା ଦୁଇଟି ଶୌଚାଳୟ ମଧ୍ୟରୁ ଗୋଟିଏ ଅକାମୀ ହୋଇ ପଡ଼ିଥିବାବେଳେ ଆରଟି ତାଲା ବନ୍ଦ ହୋଇ ରହୁଛି। ନର୍ଲାରୋଡ ରେଳ ଷ୍ଟେସନରେ ପାନୀୟ ଜଳ ଓ ଶୌଚାଳୟ ଭଳି ଅନେକ ମୌଳିକ ସମସ୍ୟା ରହିଥିବାବେଳେ ଏଥିପ୍ରତି କୌଣସି ଅଧିକାରୀଙ୍କ ଧ୍ୟାନ ନାହିଁ। ଏଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି ।

## ଭବାନୀପାଟଣାରେ ଜୁନିୟର ଓସିଏ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ସ୍ଥାନୀୟ ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ଶୁକ୍ରବାର ଦିନ ଓଡିଶା କ୍ରିକେଟ ଏସୋସିଏସନ୍ ପ୍ରାୟୋଜିତ ଜିଲ୍ଲାସ୍ତରୀୟ ଜୁନିୟର ଆନ୍ତଃ କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଅଛି। ଏହି ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରା ଉପସ୍ଥିତ ଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡିଶା କ୍ରିକେଟ ଏସୋସିଏସନ୍ ର ଉପସଭାପତି ଜଗମୋହନ ପଟ୍ଟନାୟକ, ଜିଲ୍ଲା କ୍ରୀଡାସଂସ୍ଥାର ଉପସଭାପତି ରାମ କୁମାର ଜୈନ୍ ଓ ଅର୍ଜ୍ଜୁନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କାଳି ପ୍ରସାଦ ପଟ୍ଟନାୟକ ଓ ଚକ୍ରଧର ସେଠୀ,କ୍ରିକେଟ ସମ୍ପାଦକ ସର୍ଦ୍ଦାର ସନ୍ଥୁ ସିଂ, ଫୁଟବଲ ସମ୍ପାଦକ ମହମ୍ମଦ ଅବଦୁଲ କାଦର, କୋଷାଧ୍ୟକ୍ଷ ସର୍ଦ୍ଦାର ନିର୍ମଳ ସିଂ, ଧୀରେନ୍ଦ୍ର ପଟ୍ଟନାୟକ, ରବି ପ୍ରସାଦ କାନୁନଗୋ, ସୁବାଷ ଚନ୍ଦ୍ର ପଣ୍ଡା, ବିପିନ ଚନ୍ଦ୍ର ମିଶ୍ର, ଅଜୟ ପଟ୍ଟନାୟକ, ଶମ୍ଭୁପ୍ରସାଦ ରାଉତ, ପଙ୍କଜ କୁମାର ପଟ୍ଟନାୟକ, ପୁରନ୍ଦର ଭୋଇ,




କୁଳମଣି ସାହୁ, ଭବାନୀ ଶଙ୍କର ପଟ୍ଟନାୟକ, ଜିତେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସୁରେଶ ରାଉତ ଉପସ୍ଥିତ ଥିଲେ। ଖେଳରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ପୋଲିସ ବିଭାଗ କର୍ମଚାରୀ ମଧ୍ୟ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଉଦଘାଟନୀ ଖେଳଟି ରାମନଗର ଏଥେଲେଟିକ୍ ଏସୋସିଏସନ୍ ବନାମ ନବଦୁର୍ଗା କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରାମନଗର ଦଳ ବ୍ୟାଟିଂ କରି ୩୩.୩ ଓଭରରେ ସମସ୍ତ ୱିକେଟ ହରାଇ ୧୫୪ ରନ୍ କରିଥିଲେ ଓ ଜବାବରେ ନବଦୁର୍ଗା ଦଳ ୨୫.୨ ଓଭରରେ ୪ ୱିକେଟ ହରାଇ ୧୫୫ ରନ୍ କରି ୬ ୱିକେଟରେ ବିଜୟୀ ହୋଇଥିଲେ। ଅମ୍ପାୟର ଭାବେ ବିପ୍ଳବ ସିଂ ଓ ତଜନ କୁମାର ଦୁର୍ଗା ଖେଳ ପରିଚାଳନା କରିଥିଲାବେଳେ ଡିଜିଟାଲ ସ୍କୋରର ଭାବେ ସାକ୍ଷୀ ଗୋପାଳ ପଣ୍ଡା ଓ ଅନ୍ୟତମ ମ୍ୟାନୁଆଲ ସ୍କୋରର ଭାବେ ଜଗଦୀପ୍ ସିଂ କାର୍ଯ୍ୟ ତୁଲାଇ ଥିଲେ। ଏହି ଖେଳରେ ୯ ଟି କ୍ରିକେଟ ଦଳ ଅଂଶ ଗ୍ରହଣ କରିଛନ୍ତି ଓ ଏହା ଏ ଓ ବି ଦୁଇଟି ଗ୍ରୁପରେ ଭାଗ କରାଯାଇଛି। 'ଏ' ଗ୍ରୁପରେ ୫ ଟି ଦଳ ଥିବା ବେଳେ 'ବି' ଗ୍ରୁପରେ ୪ଟି ଦଳ ରହିଛନ୍ତି।ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତିଦିନ ପ୍ରଥମ ଇନିଂସ ଖେଳ ସକାଳ ଘ ୭.୩୦ ରୁ ଆରମ୍ଭ ହେବ ଓ ଦ୍ୱିତୀୟ ଇନିଂସ ଖେଳ ଅପରାହ୍ନ ଘ.୩ ଣ୍ଟା ସମୟରେ ଆରମ୍ଭ ହେବ ତଥା ଏହାର ଫାଇନାଲ ଖେଳ ଆସନ୍ତା ମଇ ମାସ ୪ ତାରିଖ ଦିନ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡାସଂସ୍ଥା ସୂତ୍ରରୁ ସୂଚନା ମିଳିଛି।

## ରାଶିଫଳ


ରବିବାର, ୨୦ ଏପ୍ରିଲ ୨୦୨୫



**ମେଷ:** ଚାକିରି କରିଥିବା ବ୍ୟକ୍ତିମାନେ ଅଭିବୃଦ୍ଧି ପାଇଁ ସୁଯୋଗ ପାଇବେ ଏବଂ ଆୟ ବୃଦ୍ଧି ହେବ । ପାରିବାରିକ ପରିବେଶ ଭଲ ରହିବ ଏବଂ ପରିବାର ଖୁସିରେ ସେମାନଙ୍କ ସହିତ ସମୟ ବିତାଇବେ। ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ,, ଯାହା ସମାଜରେ ସମ୍ମାନ ବୃଦ୍ଧି କରିବ । ଧର୍ମ ଉପରେ ବିଶ୍ୱାସ ବୃଦ୍ଧି ପାଇବ।




**ବୃଷ:** ବ୍ୟବସାୟର ସ୍ଥିତି ଗୁରୁତ୍ୱପୂର୍ଣ୍ଣ ହେବ । ସମସ୍ତ କାର୍ଯ୍ୟ କଠିନ ପରିଶ୍ରମ ଏବଂ ସାଙ୍ଗମାନଙ୍କ ପୂର୍ଣ୍ଣ ସମର୍ଥନ ସହିତ ସଫଳ ହେବ। ଅନାବଶ୍ୟକ ଖର୍ଚ୍ଚ ବଢ଼ିବା କାରଣରୁ ଚାପରେ ରହିପାରେ। ବିବାହିତ ଜୀବନ ଭଲ ହେବ । ଧର୍ମ ପ୍ରତି ଆଗ୍ରହ ବୃଦ୍ଧି ପାଇବ। ମାଙ୍ଗଳିକ କାର୍ଯ୍ୟକ୍ରମରେ ଯୋଗ ଦେଇପାରନ୍ତି।



**ମିଥୁନ:** ବ୍ୟବସାୟରେ ସାଙ୍ଗମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ । ଶ୍ରମିକ ଶ୍ରେଣୀରେ ଉତ୍ସାହ ରହିବ । ଜୀବନସାଥୀ ସହିତ ସମ୍ପର୍କ ଆନ୍ତରିକ ହେବ । କାର୍ଯ୍ୟରେ ଅଳ୍ପ ସମୟ ରହିପାରେ ।




**କର୍କଟ:** ଧାର୍ମିକ ଏବଂ ସାମାଜିକ କାର୍ଯ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଇବ । ପାରିବାରିକ ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ ଏବଂ ପରିବାର ସଦସ୍ୟ ମଧ୍ୟ ସମର୍ଥନ ପାଇବେ। ଆପଣ ନୂତନ କାର୍ଯ୍ୟ କରିବା ପାଇଁ ପ୍ରେରଣା ପାଇବେ ଏବଂ କାର୍ଯ୍ୟରେ ସଫଳ ହେବେ । ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳ ହେବେ ।



**ସିଂହ:** ବ୍ୟବସାୟ ଭଲ କରିବ ଏବଂ ଚାକିରିରେ ଅଭିବୃଦ୍ଧି ହେବାର ସମ୍ଭାବନା ରହିବ । ସମ୍ପତ୍ତିରେ ବିନିଯୋଗ କରିବାକୁ ବିଚାର କରିବେ, ଯାହା ଲାଭଦାୟକ ହେବ । ପରିବାର ସହିତ ଏକ ଖୁସିର ଦିନ ବିତାଇବ। ଶରୀର ସୁସ୍ଥ ଓ ମ ଭଲ ରହିବ।




**କନ୍ୟା:** ପାରିବାରିକ ପରିବେଶ ଭଲ ରହିବ । ପୁରୁଣା ବନ୍ଧୁମାନଙ୍କୁ ସାକ୍ଷାତ କରାଯାଇପାରିବ, ଯାହା ଲାଭଦାୟକ ହେବ । ବ୍ୟବସାୟ ଭଲ କରିବ ଏବଂ ଏକ ଲାଭ ପରିସ୍ଥିତି ଆସିବ । ପିତୃପୁରୁଷ ସମ୍ପତ୍ତିରୁ ଉପକୃତ ହୋଇପାରିବେ ।



**ତୁଳା:** ବ୍ୟବସାୟ ଲାଭଦାୟକ ହେବ ଏବଂ ଚାକିରିରେ ଅଗ୍ରଗତି ସହିତ ଅବସ୍ଥାନରେ ପରିବର୍ତ୍ତନ ଆସିବ । ଆୟର ବୃଦ୍ଧି ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ । ସାଙ୍ଗମାନେ କାର୍ଯ୍ୟରେ ସାହାଯ୍ୟ କରିବେ । ସାମାଜିକ କାର୍ଯ୍ୟରେ ଆଗ୍ରହ ବୃଦ୍ଧି ପାଇବ । ପରିବାରର ପରିବେଶ ଆପଣଙ୍କ ପାଇଁ ଅନୁକୂଳ ହେବ । ବିବାହିତ ଜୀବନ ମଧ୍ୟ ସୁଖୀ ହେବ ।



**ବିଛା:** ଆପଣ ବ୍ୟବସାୟରେ ଆଶା ଏବଂ ସଫଳତା ପାଇବେ । ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବା ଦ୍ୱାରା ସମାଜର ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ । ପରିବାର ସହିତ ସମୟ ବିତାଇବେ । ଦାମ୍ପତ୍ୟ ଜୀବନରେ ସୁଖ ଆସିବ । ସମ୍ପତ୍ତି ଏବଂ ଷ୍ଟକ୍ ମାର୍କେଟରେ ବିନିଯୋଗ ଲାଭଦାୟକ ହୋଇପାରେ ।




**ଧନୁ:** ଆପଣ କଠିନ ପରିଶ୍ରମର ଭଲ ଫଳାଫଳ ପାଇବେ । ବ୍ୟବସାୟରେ ଲାଭଜନକ କାରବାର ହେବ । ନୂତନ ବିନିଯୋଗ ସୁଯୋଗ ମିଳିବ । ପରିବାରର ପରିବେଶ ଖୁସି ହେବ। ଜୀବନ ସାଥୀ ସହିତ ଭଲ ସମନ୍ୱୟ ରହିବ। ଆଧ୍ୟାତ୍ମିକ ଏବଂ ଧାର୍ମିକ କାର୍ଯ୍ୟଗୁଡ଼ିକର ଧାରା ବୃଦ୍ଧି ପାଇବ ଏବଂ ଈଶ୍ୱରଙ୍କ ପ୍ରତି ଭକ୍ତି ମନରେ ଶାନ୍ତି ଆଣିବ ।



**ମକର :** ଯୋଗାଯୋଗ ମାଧ୍ୟମରେ ପ୍ରଗତି ପାଇଁ ନୂତନ ସୁଯୋଗ ମିଳିବ , ଯାହା ଆପଣଙ୍କୁ ଶକ୍ତି ଏବଂ ଉତ୍ସାହରେ ପରିପୂର୍ଣ୍ଣ ରଖିବ। ପୈତୃକ ସମ୍ପତ୍ତିରୁ ଏକ ଲାଭ ମିଳିବ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ଯୋଜନା କରାଯିବ । ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ । ବ୍ୟବସାୟ ସହିତ ଆପଣ କିଛି ବିଶେଷ କାର୍ଯ୍ୟ ମଧ୍ୟ କରିପାରିବେ ।



**କୁମ୍ଭ:** ବେକାରମାନେ ଭଲ ନିଯୁକ୍ତି ସୁଯୋଗ ପାଇପାରିବେ। ସାମାଜିକ କାର୍ଯ୍ୟରେ ମନ କରାଯିବ ଏବଂ ସମାଜରେ ସମ୍ମାନ ବୃଦ୍ଧି ପାଇବ । ପାରିବାରିକ ଦାୟିତ୍ୱ ପୂରଣ କରିବେ । ପ୍ରଭାବଶାଳୀ ଲୋକଙ୍କୁ ଭେଟିବେ । ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ । ସାମାଜିକ କାର୍ଯ୍ୟକଳାପରେ ଜଡିତ ହୋଇପାରନ୍ତି ।



**ମୀନ:** ପରିବାରରେ ଆନନ୍ଦ ଏବଂ ସୁଖର ପରିବେଶ ରହିବ। କ୍ରୋଧକୁ ନିୟନ୍ତ୍ରଣ କର ଏବଂ ଆପଣଙ୍କ ବକ୍ତବ୍ୟକୁ ନିୟନ୍ତ୍ରଣ କରନ୍ତୁ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହିତ ବିବାଦ ହୋଇପାରେ । ଅଟକି ରହିଥିବା ଯୋଜନାଗୁଡିକ ସଂପୂର୍ଣ୍ଣ ହୋଇପାରିବ । ନୂତନ ଚାକିରି ସୁଯୋଗ ପାଇବାର ସମ୍ଭାବନା ରହିବ । ଜୀବନ ସାଥୀ ପୂର୍ଣ୍ଣ ସମର୍ଥନ ପାଇବେ।




ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯